ଉତ୍କଳ ପ୍ରସଙ୍ଗ





ଫେବ୍ରୁଆରୀ
୧୯୭୬

ସାଂସ୍କୃତିକ ପ୍ରଦର୍ଶନୀରେ ଓଡ଼ିଶା ମଣ୍ଡପ ପରିଦର୍ଶନପରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶ୍ରୀ ସିଦ୍ଧାର୍ଥ ଶଙ୍କର ରାୟ ଓ ତାଙ୍କ ସହଧର୍ମିଣୀ ଲୋକସଭା ସଦସ୍ୟା ମାୟା ରାୟଙ୍କ ଉଚ୍ଛ୍ୱସିତ ପ୍ରଶଂସା ।

A very interesting Pavilion — arranged extremely well

Siddhartha Ray
4/2/76.

A most imaginative aesthetic & dynamic rendering of Orissa's ancient & beautiful cultural heritage bringing it up to date with the modern progress of the State. I was delighted & thrilled!!!

Maya Ray. M.P.
4.2.76.

ତୃତୀୟ ସର୍ବ ଭାରତୀୟ ସାଂସ୍କୃତିକ ପ୍ରଦର୍ଶନୀର ଓଡ଼ିଶା ମଣ୍ଡପରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ଶତପଥୀଙ୍କ ସହଗରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶ୍ରୀ ସିଦ୍ଧାର୍ଥ ଶଙ୍କର ରାୟ ଓ ତାଙ୍କର ସହଧର୍ମିଣୀ ଶ୍ରୀମତୀ ମାୟା ରାୟ ।

ଉତ୍କଳ ପ୍ରସଙ୍ଗ

୧୯୭୬ ଫେବୃଆରୀ : ମାଘ ୧୮୯୭ ଶକାବ୍ଦ

୩୨ଶ ଭାଗ : ସପ୍ତମ ସଂଖ୍ୟା

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ୍ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର (ଲୋକ ସମ୍ପର୍କ) ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବନାହିଁ ।

* * *

ମୁଖ୍ୟ ସମ୍ପାଦକ:

ଶ୍ରୀ ଅଯୋଧ୍ୟା ନାରାୟଣ ତିୱାରୀ

ଆଇ. ଏ. ଏସ୍.,

ଲୋକ ସମ୍ପର୍କ ନିର୍ଦ୍ଦେଶକ

ସମ୍ପାଦକ:

ମହାପାତ୍ର ନୀଳମଣି ସାହୁ

ସହକାରୀ ସମ୍ପାଦକ:

ଶ୍ରୀ ବ୍ରଜମୋହନ ପଟ୍ଟନାୟକ

ଶ୍ରୀ କିଶୋର ଚନ୍ଦ୍ର ବେହେରା

ପ୍ରଚ୍ଛଦପଟ:

ଶ୍ରୀ ରାମଚନ୍ଦ୍ର ରାଉତ

ମୁଦ୍ରଣ:

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ବାର୍ଷିକ ଦେୟ—ଟ ୧୦.୦୦ ପ୍ରତିଖଣ୍ଡ—ଟ ୧.୦୦

ସୂଚୀପତ୍ର

ପ୍ରସଙ୍ଗ କ୍ରମେ :

ସଂସ୍କୃତିର ନୂତନ ବିସ୍ତାର ଓ ଆଭିମୁଖ୍ୟ .. ୧

ସମାଜପାଇଁ ଜୀବନପାଇଁ :

ମଧୁ-ସ୍ମୃତି .. ୭

ଶତାବ୍ଦୀର ସୁଯୋଗ .. ୧୩

ବିଦ୍ୟାଳୟ ବାହାରେ ଶିକ୍ଷା .. ୧୭

ପ୍ରାଥମିକ ବିଦ୍ୟାଳୟର ନୂତନ ସମୟ ନିର୍ଘଣ୍ଟ ଓ ଏହାର ଉପକାରିତା .. ୨୩

ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଶ୍ରୀ ପଦ୍ମନାଭ ଦାଶ .. ୨୫

ଗ୍ରାମ୍ୟ ଅର୍ଥନୀତିରେ ପୋଲଟ୍ରିର ଅବଦାନ .. ୨୭

ମହିଳା ମହଲ :

ଅର୍ଥନୈତିକ ସଂକଟ-ନାରୀ ଓ ଗ୍ରାମ୍ୟ ଅର୍ଥନୀତି .. ୨୯

ଯୁବ ଜଗତ :

ଶିକ୍ଷିତ ବେକାର ଯୁବସମାଜ-ସମସ୍ୟା ଓ ସମାଧାନ .. ୩୩

ସାହିତ୍ୟ ଓ ସଂସ୍କୃତି :

ଅର୍ଦ୍ଧ ଶତାବ୍ଦୀର ଏକ ସକାଳ ସାଂସ୍କୃତିକ ସ୍ୱାଗତ .. ୩୭

ଧ୍ୱଂସମୁଖୀ (ଗଳ୍ପ) .. ୪୧

ଗୋଟିଏ କବିତା-ଏକ ପ୍ରୟୋଗ .. ୪୭

କିଶୋର ଜଗତ :

ଚିକିତ୍ସକଙ୍କର ଉପଦେଶ .. ୫୧

ଖେଳ ପଡ଼ିଆରୁ :

ଓଡ଼ିଶାରେ ହକିଖେଳର ଭବିଷ୍ୟତ .. ୫୩

ଆଜିର ଓଡ଼ିଶା :

ଓଡ଼ିଶାରେ ଖଣିଜ ଭିତ୍ତିକ ଶିଳ୍ପର ବିକାଶ .. ୫୪

ଆମ ପ୍ରଦେଶରେ ଜାଗରଣି .. ୫୮

କୁଷ୍ଠ ବିରୁଦ୍ଧରେ ସଂଗ୍ରାମ .. ୬୦

ପଲ୍ଲୀବନ୍ଧ ଆର୍ଥିକ ବିକାଶ ନିମନ୍ତେ ପଦକ୍ଷେପ .. ୬୩

ହରିଦିଆ ହରିଜନର ଘର .. ୬୪

ଘଟଣା ପ୍ରବାହ .. ୬୭

ପ୍ରସଙ୍ଗ କ୍ରମେ

ଶ୍ରୀମତୀ ଶତପଥୀଙ୍କ ସ୍ୱାଗତ ସମ୍ଭାଷଣରେ

ସଂସ୍କୃତିର ନୂତନ ବିଚାର ଓ ଆଭିମୁଖ୍ୟ

ଗତ ୨୮-୨-୭୬ ତାରିଖ ଦିନ ଭୁବନେଶ୍ୱରଠାରେ ଯେଉଁ ବିରାଟ ପୂର୍ବଭାରତ ସାଂସ୍କୃତିକ ସମ୍ମିଳନୀ ବସିଲା, ସେଥିରେ ସ୍ୱାଗତ ସମ୍ଭାଷଣ ଜଣାଇ ଆମର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ସଂସ୍କୃତି ଉପରେ ଏକ ନୂତନ ବିଚାରଧାରା ଉପସ୍ଥାପନ କଲେ । କେବଳ ଉପସ୍ଥାପନ କଲେ ନାହିଁ—ରାଜ୍ୟର ବିଚାରବନ୍ତ କବି, ଲେଖକ, ଶିଳ୍ପୀ, ଅଧ୍ୟାପକ ବୈଜ୍ଞାନିକ ଓ ସୁଧୀ ଜନସାଧାରଣଙ୍କୁ ଏ ସମ୍ବନ୍ଧେ ସଚେତନ ହେବାକୁ ଓ ଏହି ଆଭିମୁଖ୍ୟରେ ଗତି କରିବାକୁ ମଧ୍ୟ ପରାମର୍ଶ ଦେଲେ । ସମଗ୍ର ପୃଥିବୀରେ ଓ ତତ୍ ସଙ୍ଗେ ସଙ୍ଗେ ବିଶେଷତଃ ଆମ ଦେଶ ଭାରତ ବର୍ଷରେ ଯେଉଁ ନୂତନ ସାମାଜିକ, ଅର୍ଥନୈତିକ, ନୈତିକ ଓ ଆଧ୍ୟାତ୍ମିକ ଚିନ୍ତାଧାରା ଏବଂ ସେଗୁଡ଼ିକର ପ୍ରୟୋଗ କ୍ଷେତ୍ରରେ ଯେଉଁ ନୂତନ କର୍ମଧାରା ସୃଷ୍ଟି ହୋଇଛି ସେ କ୍ଷେତ୍ରରେ ଆମର ସାଂସ୍କୃତିକ ଚେତନାକୁ ତାର ସୁଦୃଢ଼ ପରଂପରା ଉପରେ ପ୍ରତିଷ୍ଠିତ ରଖି ମଧ୍ୟ, ତାର ସ୍ୱରୂପ ଓ ସ୍ୱଗୁଣକୁ କେଉଁ ପ୍ରକାରେ ରୂପାନ୍ତରିତ କରି ଯୁଗୋପଯୋଗୀ ଓ ଆମର ଆଦର୍ଶ ଉପଯୋଗୀ କରିହେବ—ସେହି ବିଚାରବିମର୍ଶ ପାଇଁ ଶ୍ରୀମତୀ ଶତପଥୀଙ୍କ ସ୍ୱାଗତ ସମ୍ଭାଷଣରେ କେତେକ ଗୁରୁତ୍ୱପୂର୍ଣ୍ଣ ଇଙ୍ଗିତ ରହିଛି—ଯାହାକି ଆମ ସମସ୍ତଙ୍କର ପ୍ରଣିଧାନ ଯୋଗ୍ୟ ।

ପ୍ରଥମେ ପୂର୍ବଭାରତର ବିଭିନ୍ନ ରାଜ୍ୟରୁ ନିମନ୍ତ୍ରିତ ହୋଇ ଆସିଥିବା ସମବେତ ସାଂସ୍କୃତିକ ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇ ଶ୍ରୀମତୀ ଶତପଥୀ କହିଲେ ଯେ ଏହି ସାଂସ୍କୃତିକ ପ୍ରତିନିଧିବୃନ୍ଦ, ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବହୁକାଳରୁ ବସବାସ କରୁଥିବା ଲୋକଙ୍କର ଏକ ବିଶେଷ ଧରଣର ଜୀବନଚର୍ଯ୍ୟାର ସୁସ୍ଥ ଶିଳ୍ପ-ସମ୍ମତ ରୂପକୁ ପ୍ରକାଶ କରିବା ଲାଗି ଏଠାରେ ଠୁଳ ହୋଇଛନ୍ତି । ପ୍ରତ୍ୟେକ ଅଂଚଳର ଅଧିବାସୀ ଜଣ ସେମାନଙ୍କ ହୃଦୟର ଆନନ୍ଦ ବେଦନାମୟ ଅନୁଭୂତିକୁ ପ୍ରକାଶ କରିବା ଲାଗି ବିଭିନ୍ନ କଳା ମାଧ୍ୟମରେ (ନୃତ୍ୟ, ସଙ୍ଗୀତ, ସାହିତ୍ୟାଦି) ଗୋଟିଏ ସାଂସ୍କୃତିକ ପରଂପରା ସୃଷ୍ଟି କରିଆସିଛି । ଏସବୁ ନ ରହିଥିଲେ ସେମାନଙ୍କ ଜୀବନ ହୋଇଥାନ୍ତା ସମ୍ପୂର୍ଣ୍ଣ-ରଙ୍ଗ-ରସ-ପରିପାଟୀବିହୀନ ଏକ ଅନୁନ୍ନତ ଭାବରତା ମାତ୍ର । ପୁଣି ବିଭିନ୍ନ ଅଂଚଳର ଏହି ସାଂସ୍କୃତିକ ପ୍ରତିନିଧିମାନଙ୍କର ସମ୍ମେଳନରେ ଗୋଟିଏ ବଡ଼ ଲାଭ ହୁଏ—ତା' ହେଉଛି—ପରସ୍ପରର ସଂସ୍କୃତିର ସାନ୍ନିଧ୍ୟ ସାନ୍ନିକଟରେ ପରସ୍ପର ଏ କ୍ଷେତ୍ରରେ ନୂଆଭାବେ ଅନୁଭବ କରିବାପାଇଁ, ଚିନ୍ତାକରିବା ପାଇଁ ଓ ଆତ୍ମ ପ୍ରକାଶ କରିବାପାଇଁ ଏକ ଚମତ୍କାର ପ୍ରେରଣା ଲାଭ କରନ୍ତି । ଏ କଥା ନିଶ୍ଚିତ ଯେ ଗୋଟିଏ ସଂସ୍କୃତି ପକ୍ଷରେ ଆଉ ଗୋଟିଏ ସଂସ୍କୃତି ଠାରୁ ଦୂରେଇ ରହିବା ବା ନିଜ ଚାରିପଟେ ଦୁର୍ଭେଦ୍ୟ ଦୁର୍ଗ ବନ୍ଧାଇ ସେଠାରେ ଆଉ କାହାକୁ ପ୍ରବେଶ କରାଇ ନ ଦେବା—ସେହି ସଂସ୍କୃତି ପକ୍ଷରେ ଅତି ମାରାତ୍ମକ ବ୍ୟାପାର ଏହି ସବୁ ସାଂସ୍କୃତିକ ସମ୍ମେଳନ ଯୋଗାଏ ବିରାଟ ଉପକାର ସାଧିତ କରେ— ତା' ହେଉଛି ପ୍ରାତ୍ୟହିକ ଜୀବନ ସଂଗ୍ରାମର ସ୍ଥୂଳର ନିଷ୍ଠୁର ଦଂଶନର ସ୍ପର୍ଶ ଭିତରୁ ଏହା ଆମକୁ ମୁକ୍ତି ଦେଇ ଆମର ଦୈନିକ ଜୀବନର ଗର୍ଭରେ ଯେଉଁ ସୌନ୍ଦର୍ଯ୍ୟ ଓ ଆନନ୍ଦ-ସ୍ରୋତ ବହିଛି ତାହା ସଙ୍ଗେ ଆମର ଚେତନାକୁ ଯୁକ୍ତ କରିଦିଏ । ଏହି ସୌନ୍ଦର୍ଯ୍ୟ ଓ ଆନନ୍ଦସ୍ରୋତରେ ପହଞ୍ଚିବା ପାଇଁ ମଣିଷର ମନ ଯେଉଁସବୁ ବିଭିନ୍ନ କଳାତ୍ମକ ପଥ ଆବିଷ୍କାର କରିଛି ବୈଚିତ୍ର୍ୟକୁ ମଧ୍ୟ ବୁଝିବା ଦ୍ୱାରା ଆମର ମାନସିକତାର ଆୟତନ ଯଥେଷ୍ଟ ଭାବେ ବଢ଼ିଯାଏ ।

ସତକଥା ! ଏ ପୃଥିବୀରେ କେତେ ଦେଶ ! କେତେ ରାଜ୍ୟ ! କେତେ ବିଚିତ୍ର ସେସବୁ ଦେଶର ଅଧିବାସୀଗଣ ! କେତେ ବିଚିତ୍ର ଆଉ ଅନନ୍ତ ଏହି ସବୁ ମନୁଷ୍ୟମାନଙ୍କର ଅନୁଭୂତି, ଚିନ୍ତା-ଆଉ ବୈଚିତ୍ର୍ୟକୁ ପ୍ରକାଶ କରିବାପାଇଁ କେତେ ବିଚିତ୍ର ଧାରା ସେମାନେ ବ୍ୟକ୍ତିଗତ ଭାବେ ଓ ସାମୂହିକ ଭାବେ ସୃଷ୍ଟି କରିଛନ୍ତି । କେତେ ବିଚିତ୍ର ଧରଣର ନୃତ୍ୟ, କେତେ ବିଚିତ୍ର ସୁରର ସଙ୍ଗୀତ । କେତେ ବିଚିତ୍ର ରଙ୍ଗ ଓ ରେଖାର ବିନ୍ୟାସ—କେତେ ଅଭିନବ ଶୈଳୀରେ ପ୍ରକାଶିତ କେତେ ପ୍ରକାର ଅନୁଭୂତିମୟ ବିଚିତ୍ର ହୃଦୟର କାହାଣୀରେ ପରିପୂର୍ଣ୍ଣ, କେତେ ଦେଶର, କେତେ ଭାଷାରେ ସୁଲିଖିତ ଗଳ୍ପ ଉପନ୍ୟାସ, ନାଟକ ଆଉ କବିତା ! ଗୋଟିଏ ରାଜ୍ୟର ଦର୍ଶକ ବା ପାଠକ ଯେତେବେଳେ ଏହି ମାନବୀୟ ସକଳ ପ୍ରବୃତ୍ତିର ଏହି ସବୁ ବୈଚିତ୍ର୍ୟର ସଂସ୍ପର୍ଶରେ ଆସେ ସେତେବେଳେ ତାର ହୃଦୟ କେତେ ଉନ୍ମେଷିତ, ପ୍ରସାରିତ ଆଉ ପ୍ରଫୁଲ୍ଲିତ ହୋଇ ନ ଯାଏ !

ତା' ପରେ ନନ୍ଦିନୀ ଦେବୀ ଭାରତୀୟ ସଂସ୍କୃତିର ସ୍ୱରୂପ ଓ ଗୌରବମୟ ପରଂପରା ଉପରେ କହିଲେ । —ସେ କହିଲେ—ଭାରତୀୟ ସଂସ୍କୃତି ମାନେ କ'ଣ ? ତା' ହେଉଛି—ବହୁ ବଳିଷ୍ଠ ଆଞ୍ଚଳିକ ସଂସ୍କୃତିର ସମାହାର ବା ସମନ୍ୱୟ ଭିତରେ ସୁଗଠିତ ଏକ ବିଶାଳ ବୈଚିତ୍ର୍ୟପୂର୍ଣ୍ଣ ସଂସ୍କୃତି । ଭାରତର ପ୍ରତିଟି ଅଞ୍ଚଳ ତା' ନିଜର ଭାବରେ ଗୋଟିଏ ଗୋଟିଏ ସାଂସ୍କୃତିକ ପରଂପରା ସୃଷ୍ଟି କରିଛି । ଯେତେବେଳେ ଯେଉଁ ସମୟରେ ଭାରତବର୍ଷରେ ଗୋଟିଏ ସାଂସ୍କୃତିକ ଚିନ୍ତାଧାରା ବା ଭାବଧାରାର ପ୍ରବାହ ବିପୁଳ ବେଗରେ ବହିବାକୁ ଆରମ୍ଭ କରିଛି—ସେତେବେଳେ ଏହାର ବିଶାଳ ଶରୀରର ପ୍ରତିଟି ଅଂଶ ଏହି ପ୍ରବାହକୁ ଗ୍ରହଣ କରି ନେଇ-ଛନ୍ତି ଏବଂ ତା'ର କଳାତ୍ମକ ପରିପ୍ରକାଶ କରିଛନ୍ତି ସଂପୂର୍ଣ୍ଣ ନିଜସ୍ୱ ରୀତିରେ । ଉଦାହରଣ ସ୍ୱରୂପ—ବୈଷ୍ଣବୀୟ ପ୍ରେମଭକ୍ତିର ଧାରା ସମଗ୍ର ଭାରତବର୍ଷରେ ପରିପ୍ଲାବିତ ହୋଇଛି—ମାତ୍ର ପୂର୍ବା-ଞ୍ଚଳର ମଣିପୁର ନୃତ୍ୟ ଏବଂ ଓଡ଼ିଶାର ଦେବଦାସୀ ନୃତ୍ୟରେ ଏହି ଭାବଧାରା ପ୍ରକାଶ ପାଇଛି ସଂପୂର୍ଣ୍ଣ ଭାବେ ନିଜସ୍ୱ ରୀତି ଓ ଶୈଳୀ ଭିତରେ-ନିଜସ୍ୱ ଆଙ୍ଗିକ ଓ ସଂଗଠନ ଭିତରେ । ସେହିପରି ପଶ୍ଚିମ ଭାରତର ମୀରା ଭଜନ ଓ ପଶ୍ଚିମ ବଙ୍ଗର କୀର୍ତ୍ତନ ପଦାବଳୀ, କିମ୍ବା ପଶ୍ଚିମ ବଙ୍ଗଳାର ବାଉଲ ସଙ୍ଗୀତ ସାଙ୍ଗକୁ ଓଡ଼ିଶାର ଶାରୀର ଭେଦ ଭଜନାବଳୀ—ଭୋଜପୁରୀ କୃଷ୍ଣ ଲୀଳା ଗାନ ବା ଉତ୍ତରପ୍ରଦେଶର ହୋଲି ସଙ୍ଗୀତ । ସେହିପରି ଯୌବିକ ଅନୁଭୂତି ଗୁଡ଼ିକ ମଧ୍ୟ ବିଭିନ୍ନ ରାଜ୍ୟରେ ବିଭିନ୍ନ ବୈଚିତ୍ର୍ୟ ନେଇ ଆତ୍ମ ପ୍ରକାଶ କରିଛି । ଓଡ଼ିଶାର ସମ୍ବଲପୁରୀ ସଙ୍ଗୀତ ଓ ନୃତ୍ୟ ସଙ୍ଗେ ଆସାମର 'ବିହୁ' ନୃତ୍ୟକୁ ମିଳାଇ ଦେଖିଲେ ଆମର ମାନବୀୟ ପ୍ରେମ, ପ୍ରଣୟାଦିର ଉଚ୍ଛଳ-ଜୀବନୀ-ଶକ୍ତି-ପରିପୂର୍ଣ୍ଣ ପ୍ରକାଶ ବୈଚିତ୍ର୍ୟ ସୁନ୍ଦର ଭାବେ ବାରି ହୋଇଯିବ । ଏହି ସବୁ ବିଚିତ୍ର ଆଞ୍ଚଳିକ ସଂସ୍କୃତିର ବିଚିତ୍ର ଅଭିବ୍ୟକ୍ତି ଗୁଡ଼ିକ ମିଶି ଭାରତୀୟ ସଂସ୍କୃତି ଗଠିତ ହୋଇଛି ଯୁଗ ଯୁଗ ଧରି । ଭାରତର କୃଷକମାନେ ସୁଖ ଅନଳ କରିବାରି ଭାରତୀୟ ଗ୍ରୀଷ୍ମ, ଶୈତ୍ୟ, ବୃଷ୍ଟି ଓ ମୃତ୍ତିକା ଭିତରୁ ଆପଣାର ପରିଶ୍ରମ ଫଳ ସ୍ୱରୂପ ଯାହା ଅମଦାନୀ କରିଆସିଛି—ତାକୁ ନେଇ ଆପଣାର ଶ୍ରୀମନ୍ତ ଅନୁଭୂତି ଗୁଡ଼ିକୁ ପ୍ରକାଶ କରିଛନ୍ତି ବିଭିନ୍ନ ନୃତ୍ୟ ଓ ସଙ୍ଗୀତ ଭିତରେ—ତାହା ଆଦିବାସୀମାନଙ୍କ ପୂଜା ପରବ ବା ଚଇତି ପରବର ନୃତ୍ୟ ସଙ୍ଗୀତ ଭିତରେ ଗୋଟିଏ ପ୍ରକାରେ ଆତ୍ମ ପ୍ରକାଶ କରିଛି-ତାହା ହେଉଛି—ପ୍ରକୃତି ଦେବୀଙ୍କ ପ୍ରତି କୃତଜ୍ଞତା, ଆନୁଗତ୍ୟ ଓ ଆରାଧନାମୟ ଅନୁଭୂତି ଉପରେ ପ୍ରତିଷ୍ଠିତ ଏକ କଳା ଚେତନା ' ଏବଂ ସେହି କଳା ଚେତନା ପୁଣି ଆତ୍ମ ପ୍ରକାଶ କରିଛି ପଣ ଆଦିବାସୀମାନଙ୍କର ପ୍ରାତ୍ୟ

ଚଇତି ଘୋଡ଼ା ଓ ଆସାମର କୃଷକ ନୃତ୍ୟ ଗୀତ ଭିତରେ । ଶ୍ରୀମତୀ ଶତପଥୀଙ୍କ କହିବାର ଲକ୍ଷ୍ୟ ହେଉଛି—ଏ ସବୁକୁ ନେଇ ଭାରତୀୟ ସଂସ୍କୃତି । ଭାରତୀୟ ସଂସ୍କୃତି ବୋଲି ଗୋଟିଏ କୃତ୍ରିମ ସାଂସ୍କୃତିକ ପଦ୍ଧତିକୁ ସମଗ୍ର ଦେଶ ଉପରେ ଲଦି ଦେବାକୁ ପୂର୍ବେ ବହୁ ଚେଷ୍ଟା ହୋଇଥିଲା । ମାତ୍ର ସେଗୁଡ଼ିକ ଫଳପ୍ରଦ ହୋଇନାହିଁ—କି ଭବିଷ୍ୟତରେ ବି ହେବ ନାହିଁ । ଇତିହାସ ମଧ୍ୟ କହିବ—ଯେ ଯେଉଁ ସମୟରେ ଆଞ୍ଚଳିକ ସଂସ୍କୃତିଗୁଡ଼ିକର ଭୂଷବା ଅଭ୍ୟୁଦୟ ଘଟିଛି—ସେହି ସମୟରେ ହିଁ ଘଟିଛି ଭାରତୀୟ ସଂସ୍କୃତିର ଅଭ୍ୟୁଦୟ । ଭାରତୀୟ ସଂସ୍କୃତିର ସ୍ୱର୍ଣ୍ଣଯୁଗ ଓ ଆଞ୍ଚଳିକ ସଂସ୍କୃତିର ଅନ୍ଧକାରମୟ ଯୁଗ—ଯୁଗପତ୍ ଏପରି ଦୁଇଟି ଯୁଗ କଥା ଏକ ସମୟରେ ଭାବିବା ନିତାନ୍ତ ଭୁଲ ହେବ ।

ତା' ପରେ ଭାରତର ବର୍ତ୍ତମାନ ସାଂସ୍କୃତିକ ପରିସ୍ଥିତି ଉପରେ ଏକ ସମାଲୋଚନାତ୍ମକ ମତ ପ୍ରକାଶ କରି ଶ୍ରୀମତୀ ଶତପଥୀ କହିଲେ ଯେ ଆମର ବର୍ତ୍ତମାନ ଜାତୀୟ ସାଂସ୍କୃତିକ କ୍ଷେତ୍ରରେ ଗୋଟିଏ ବଡ଼ ଅସୁବିଧା ଦେଖା ଦେଇଛି । ତାହା ହେଉଛି—ପ୍ରତ୍ୟେକ ଆଞ୍ଚଳିକ ସଂସ୍କୃତି ଭିତରେ ଯଥାର୍ଥ ଯୋଗାଯୋଗର ଅଭାବ । ଆଶ୍ଚର୍ଯ୍ୟ କଥା ହେଉଛି-ଅତୀତରେ ଯେତେବେଳେ ରାଜ୍ୟ ରାଜ୍ୟ ଭିତରେ ଗମନାଗମନ ପାଇଁ ଏତେ ସବୁ ସୁବିଧା ସୁଯୋଗ ନ ଥିଲା—ସେତେବେଳେ ବରଂ ରାଜ୍ୟ ରାଜ୍ୟ ମଧ୍ୟରେ ସାଂସ୍କୃତିକ ସଂଯୋଗ ଓ ଆଦାନ ପ୍ରଦାନ ଆହୁରି ବ୍ୟାପକ ଓ ଘନିଷ୍ଠ ରହୁଥିଲା । ଗୋଟିଏ ରାଜ୍ୟର ବିଦଗ୍ଧ, ପଣ୍ଡିତ, ଜ୍ଞାନୀ ଓ ଗୁଣୀବ୍ୟକ୍ତିମାନେ ପାଦରେ ଚାଲି ଚାଲି, ବଣଜଙ୍ଗଲ ପାହାଡ଼ ପର୍ବତ, ନଦୀନାଳ ପାରିହୋଇ, ବହୁ ପଥ କ୍ଲେଶର ସମ୍ମୁଖୀନ ହୋଇ, ଆଉ ଗୋଟିଏ ରାଜ୍ୟକୁ ଯାଉଥିଲେ ଏବଂ ସେ ରାଜ୍ୟର ସମଭାବ ଓ ସମଧର୍ମୀ, ପଣ୍ଡିତ ରସିକ, ଗୁଣୀମାନଙ୍କ ସଙ୍ଗେ ଆଳାପ ଆଲୋଚନା, ଯୁକ୍ତି ତର୍କ କରି, ଭାବ, ଚିନ୍ତା, ମତାଦର୍ଶ ଓ ଅନୁଭୂତି ଗୁଡ଼ିକ ଉପରେ ପରସ୍ପର ବୋଧଗମ୍ୟ ହୋଇ, ଆଦାନ ପ୍ରଦାନ କିମ୍ବା ଗ୍ରହଣ ବର୍ଜନ କରିବା ଦିଗରେ ସଚେଷ୍ଟ ହେଉଥିଲେ । ଏହାହିଁ ଦେଉଥିଲା ଭାରତୀୟ ସଂସ୍କୃତିକୁ ଶକ୍ତି, ବୈଚିତ୍ର୍ୟ ଏବଂ ଆତ୍ମ ପରିଚୟ । କିନ୍ତୁ କାଳକ୍ରମେ ଭାରତ ବର୍ଷର ସାଂସ୍କୃତିକ ଅବକ୍ଷୟ ଆସିଗଲା । ତାର କାରଣ ହେଲା ଏହି ପଣ୍ଡିତ ଓ ଭାବୁକ ସଂସ୍କୃତି ସଂପନ୍ନ ବ୍ୟକ୍ତିଗଣ ମହାନ୍ ଜାତୀୟ ସାଂସ୍କୃତିକ ପଟ୍ଟଭୂମିରୁ ଅପସରି ଯାଇ, ନିଜ ନିଜର କ୍ଷୁଦ୍ର ଅଞ୍ଚଳଟିର ତ୍ରିସୀମା ଭିତରେ ଆବଦ୍ଧ ରହିଲେ—ଏବଂ ସେହି ସୀମିତ ପରିସର ଭିତରେ ନିଜେ ଆବଦ୍ଧ ହେଇ ହେଇ ଆପଣା ଆପଣାର ଅହଂକାର, କ୍ଷୁଦ୍ର ଦୃଷ୍ଟି ଓ ସଂକୀର୍ଣ୍ଣତାର ଅନ୍ଧକାର ଭିତରେ ନିଜ ନିଜର ସୃଜନୀ ପ୍ରତିଭାକୁ ଖଣ୍ଡିତ ଓ ବିକଳ କରି ପକାଇଲେ । କିନ୍ତୁ ଭାରତ ସ୍ୱାଧୀନ ହେବା ପରେ ଆଶା କରାଯାଉଥିଲା କି ଏଣିକି ରାଜ୍ୟ ରାଜ୍ୟ ମଧ୍ୟରେ ଏହିମିଳନ ଗୁଣାତ୍ମକ ଓ ପରିମାଣାତ୍ମକ ଦୃଷ୍ଟିରୁ ଖୁବ୍ ବୃଦ୍ଧି ପାଇଯିବ । ମାତ୍ର ହାୟ ! ଆମର ଦୁର୍ଭାଗ୍ୟକୁ ପରିସ୍ଥିତି ଏପରି ହୋଇଉଠିଲା କି ପ୍ରତ୍ୟେକ ରାଜ୍ୟ ଅନ୍ୟ ରାଜ୍ୟଠାରୁ ଅଧିକ ବିଚ୍ଛିନ୍ନ ହେବାକୁ ଲାଗିଲେ ଏବଂ ନିଜ ନିଜର ସ୍ୱାତନ୍ତ୍ର୍ୟକୁ ଅନ୍ୟ ଆଞ୍ଚଳିକ ସଂସ୍କୃତି ଠାରୁ ସଂପୂର୍ଣ୍ଣ ପୃଥକ ବୋଲି ଭାବି, ତାକୁ ଜାବୁଡ଼ି ଧରିବାଟାକୁ ନିଜ ପକ୍ଷେ ମର୍ଯ୍ୟାଦାକର ବ୍ୟାପାର ବୋଲି ମନେ କଲେ । ଫଳରେ ହେଲା କ'ଣ ? ଗୋଟିଏ ପ୍ରାନ୍ତରେ ଯେଉଁସବୁ କଳାତ୍ମକ ବିକାଶ ଘଟିଲା ଓ ମଣିଷର ସୃଜନୀ-କଳ୍ପନା ଯେଉଁ ଭାବେ ପରିସ୍ଫୁଟ ହେଲା—ତାହା ଅନ୍ୟ ପ୍ରାନ୍ତର ଅଧିବାସୀଙ୍କ ପକ୍ଷରେ ସଂପୂର୍ଣ୍ଣ ଅଜ୍ଞାତ ରହିଗଲା । ଏହାର କାରଣ ହୁଏତ ପ୍ରତ୍ୟେକ ରାଜ୍ୟର ସରକାର ସେମାନଙ୍କ ଅଂଚଳର ଯେଉଁସବୁ ସାଂସ୍କୃତିକ ପ୍ରତିଷ୍ଠାନମାନଙ୍କୁ ଆର୍ଥିକ ସାହାଯ୍ୟ ଦେଇ ବଞ୍ଚେଇ ରଖିଛନ୍ତି—ସେମାନଙ୍କ ଜରିଆରେ ରାଜ୍ୟ ରାଜ୍ୟ ଭିତରେ ସାଂସ୍କୃତିକ ଆଦାନ ପ୍ରଦାନ ଲାଗି ସେତେଦୂର ମନଯୋଗ ଦେଇ ନାହାଁନ୍ତି ।

ଏଥିଲାଗି ଦୁଃଖ ପ୍ରକାଶ କରି ଶ୍ରୀମତୀ ଶତପଥୀ ପ୍ରସଙ୍ଗ କ୍ରମେ କହିଲେ—ଭାରତବର୍ଷର ଆଞ୍ଚଳିକ ସଂସ୍କୃତି ଗୁଡ଼ିକର ବିକାଶ ଘଟିବ ସେତିକି ବେଳେ, ଯେତେବେଳେ ପ୍ରତ୍ୟେକ ଆଞ୍ଚଳିକ ସଂସ୍କୃତି ଅନ୍ୟ ଅଂଚଳର ସଂସ୍କୃତି ଆଗରେ ନିଜକୁ ଖୋଲି ଧରିବ—ଅନ୍ୟ ସଂସ୍କୃତିର ପ୍ରଭାବକୁ ପ୍ରାଣ ଦେଇ ସଚେତନ ଭାବେ ସ୍ପର୍ଶ କରିବ ଏବଂ ଭାଷାଗତ ଅଥବା ରାଜନୀତିକ ତତ୍ତ୍ୱବାଦକୁ ଅତିକ୍ରମ କରି ନିଜକୁ ପ୍ରକାଶ କରିବା ଲାଗି ସୁଯୋଗ ପାଇବ । ଅବଶ୍ୟ ଏକଥା ମଧ୍ୟ ସତ୍ୟ ଯେ ବର୍ତ୍ତମାନ କାଳରେ ଏହି ସବୁ ସମ୍ମିଳନୀ ମାଧ୍ୟମରେ ସାଂସ୍କୃତିକ ଭାବ ବିନିମୟ କରିବା ପୂର୍ବାପେକ୍ଷା ଅଧିକ କଷ୍ଟ ସାଧ୍ୟ ଓ ବହୁ ବ୍ୟୟ ସାପେକ୍ଷ ବ୍ୟାପାର ହୋଇପଡ଼ିଛି । ଏଠି ଆଉ ଗୋଟିଏ କଥା ମଧ୍ୟ ବିଚାରିବାର ଅଛି । ତା' ହେଉଛି—ଆଜି ଆଉ ସଂସ୍କୃତିକୁ କେବଳ କେତେକ ମୁଷ୍ଟିମେୟ ବିଦ୍ୱାନଙ୍କ କୃତି ବା ଅଧିକାର ଭିତରେ ରଖି ହେବ ନାହିଁ । ବର୍ତ୍ତମାନ ସଂସ୍କୃତିର ପରିସର ଖୁବ୍ ବିସ୍ତୃତ ହୋଇ ଉଠିଲାଣି । ତଦ୍ରୂପ ମଧ୍ୟ ତାର ସଂଜ୍ଞାରେ ନୂତନ ଅର୍ଥ ଓ ବ୍ୟଂଜନା ସଂଯୁକ୍ତ ହୋଇଗଲାଣି । ଏବେ ଏପରି କେତେକ କୃତିକୁ ଆମେ ସଂସ୍କୃତି ଭିତରକୁ ନେଇ ଆସିଲୁଣି, ଯେଉଁଗୁଡ଼ିକୁ ଆଗେ ଅମାର୍ଜିତ ବା ଅସଂସ୍କୃତ କଳାକୃତି ବୋଲି କୁହାଯାଉଥିଲା । ଧରାଯାଉ ଗୋଟିଏ କେଉଟର ଗୀତ ବା ମୁଣ୍ଡିଆର ଗୀତ, (ଚଇତି ଘୋଡ଼ା, ପାଟୁଆ ଚଢ଼େଇଆ) ବା ଗୋଟିଏ କୃଷକ ରମଣୀର ଗୀତ—କିମ୍ବା ଆଦିବାସୀ ନୃତ୍ୟ ସଙ୍ଗୀତ, କିମ୍ବା ଗୋଟିଏ ନିରକ୍ଷର ପଥୁରିଆର ନିହାଣମୁନରେ ଖୋଦିତ ମୂର୍ତ୍ତିଟିଏ—ଏ ସବୁ ବର୍ତ୍ତମାନ ଆମ ସଂସ୍କୃତି ସହ ସମନ୍ୱିତ ହୋଇଗଲାଣି । କେବଳ ବିଦ୍ୱାନ, ବିଦଗ୍ଧମାନଙ୍କର ଶାସ୍ତ୍ରୀୟ ସଙ୍ଗୀତ, ନୃତ୍ୟ, ଆଳଙ୍କାରିକ କାବ୍ୟକବିତା, ବା ଦାର୍ଶନିକ ତତ୍ତ୍ୱ ସମ୍ବଳିତ କଳା କାରିଗୁଡ଼ିକୁ ବହୁ ମାନ ଓ ମୂଲ୍ୟ ପ୍ରଦାନ କରି ସେଗୁଡ଼ିକୁ ସଂସ୍କୃତିର ଆଖ୍ୟା ଦେଇ, ପ୍ରାକୃତ ଜନମାନଙ୍କର ବିବିଧ ଅନୁଭୂତିମୟ ସରଳ ସ୍ୱଭାବ ଅନୁପ୍ରେରିତ କଳାକୃତିଗୁଡ଼ିକୁ ଅମାର୍ଜିତ, ଗ୍ରାମ୍ୟ; ଇତର ଏବଂ ବ୍ରାତ୍ୟ ବୋଲି ଭାବିବା ମନୋବୃତ୍ତି ଆଜି ନିଶ୍ଚୟ ଅଚଳ ଓ ଅବାନ୍ତର । ଏହି କିଛିଦିନ ପୂର୍ବେ ସମାଜର ବିଭିନ୍ନ ଗୋଷ୍ଠୀର ଲୋକଙ୍କ ପାଇଁ

ସଂସ୍କୃତିର ସୀମା ମଧ୍ୟ ବିଭିନ୍ନ ଥିଲା । ମାତ୍ର ଏବେ ଏ ବିଷୟକୁ ପୁନର୍ବିଚାର କରାଯାଉଛି ଏବଂ କଳା ବା ସଂସ୍କୃତିକୁ ଉଚ୍ଚ ଓ ନୀଚ ପର୍ଯ୍ୟାୟଭୁକ୍ତ କରି ବିଚାର ନ କରି ସାମଗ୍ରୀକଭାବେ ବିଚାର ଓ ଗ୍ରହଣ କରାଯାଉଛି । ଏହି ଦୃଷ୍ଟିରୁ ଦେଖିଲେ—ଜଣେ କବି ବା ଔପନ୍ୟାସିକକୁ ଜଣେ ଅବବିଦ୍ୟା କୁଶଳୀ କାରିଗର ବା ସଙ୍ଗୀତକାର ଠାରୁ ଶ୍ରେଷ୍ଠ ବେଶି ମର୍ଯ୍ୟାଦା ବା କାହିଁକି ଦିଆଯିବ ? ପ୍ରକୃତରେ କଣ ଜଣେ ଯାତ୍ରାବାଲା ବା ପାଲାବାଲାଙ୍କ ଠାରୁ ଜଣେ ସିନେମା ଅଭିନେତା ବା ଜଣେ ସାହିତ୍ୟ ଅଧ୍ୟାପକକୁ ବେଶି ମର୍ଯ୍ୟାଦା ଦିଆଯିବା ଉଚିତ୍ ? କଳା କ୍ଷେତ୍ରରୁ ଏହି ଜାତିଭେଦ ତୁରନ୍ତ ଦୂରୀଭୂତ ହୋଇଯିବା ଦରକାର । କାରଣ ଏହି ଅସମାନତା ଅନେକ ସୃଜନାତ୍ମକ ପ୍ରତିଭାର ବିକାଶକୁ ବାଧି ଦିଏ । ତେଣୁ ବର୍ତ୍ତମାନହିଁ ସେହି ଉପଯୁକ୍ତ ସମୟ—ଯେତେବେଳେ ଆମେ ସଂସ୍କୃତିକୁ ସାମଗ୍ରୀକ ଦୃଷ୍ଟିକୋଣରୁ ଦେଖିବା ଓ ବିଚାରକରିବା ଏବଂ ସ୍କୁଲ କଲେଜରେ ଶିକ୍ଷା ଉପରେ ନିର୍ଦ୍ଧାରିତ ସଂସ୍କୃତି ଅପେକ୍ଷା ଆମେ ବିଭିନ୍ନ ଦିଗରେ ସ୍ୱାଭାବିକ ବିକାଶ ଲାଭ କରିଥିବା ସଂସ୍କୃତିକୁ ବେଶି ଉତ୍ସାହିତ କରିବା । ସୁତରାଂ ଆମେ ଯେତେବେଳେ, ଆନ୍ତଃରାଜ୍ୟ ସାଂସ୍କୃତିକ ସମ୍ମିଳନୀର କଥା କହୁଛୁ—ସେତେବେଳେ, ଅନ୍ୟ ଅଂଚଳରେ କଳା ଦିଗରେ ଯେତେ ସୁନ୍ଦର ଓ ଉଚ୍ଚର ବିକାଶମାନ ଘଟିଛି—ସେ ସବୁର ସାମଗ୍ରିକ ସାଂସ୍କୃତିକ ବିଭବ ସଙ୍ଗେ ସଂପର୍କିତ ହେବା କଥା ମନରେ ରଖି କହୁଛୁ ।

ଏହି "ନିମ୍ନ ଧରଣର ସଂସ୍କୃତି" ଓ "ଉଚ୍ଚ ଧରଣର ସଂସ୍କୃତି" ଭଳି ଦୁଇ ଧରଣର ସଂସ୍କୃତି ବିଚାର ଫଳରେ ଗୋଟିଏ ସମାଜବାଦୀ ଗଣତାଂତ୍ରିକ ସ୍ତରରେ କି ପ୍ରକାର ବିପ୍ଲବ-ବିଭ୍ରାଟ ଉପୁଜିଛି ଓ ତଦ୍ୱାରା କିପ୍ରକାର କ୍ଷତି ଘଟୁଛି—ସେ ସଂପର୍କରେ ଶ୍ରୀମତୀ ଶତପଥୀ ସୂଚନା ଦେଲେ । ସେ କହିଲେ— ଜନସାଧାରଣଙ୍କ ମନରେ ଯେଉଁ ସବୁ କଳାକୃତି ଆମୋଦ ପ୍ରମୋଦର ଭାବ ସଂଚାର କରେ—(ଧେରସ୍ତ-ପାଟୁଆ, ଚଇତି ଘୋଡ଼ା, ଢପରକେଳା, ଦାସକାଠିଆ, ଘୁମୁରାନାଚ, ଆଦି) ତାକୁ ଯଦି ପଣ୍ଡିତ ବିଦଗ୍ଧ ବ୍ୟକ୍ତିମାନେ ନିମ୍ନମାନର କଳାବୋଲି ନାମିତ କରିବେ—ତେବେ ଏହାଦ୍ୱାରା ଏପରି ଗୋଟିଏ ସଂକଟ ଉପୁଜିବ-ଯାହାର ଗୁରୁତ୍ୱ ବର୍ତ୍ତମାନ ହୁଏତ ସେମାନେ ବୁଝି ପାରୁନାହାନ୍ତି- କିନ୍ତୁ ପରିରେ ସେମାନଙ୍କୁ ଏହା ବୁଝିବାକୁ ପଡ଼ିବଇ ପଡ଼ିବ । ପ୍ରକୃତରେ ଜଣେ ପ୍ରଶ୍ନ କରିପାରେ—"କଳାକୃତି ଗୁଡ଼ିକର ଆବଶ୍ୟକତା ଆମ ଜୀବନରେ କଣ ? ଯଦି ତାହା ଆମକୁ ଆମୋଦିତ ନ କଲା ?" ମନକୁ ଆମୋଦିତ କରିବାର ଅଧିକାର ସବୁ ମଣିଷର ନିଜସ୍ୱ ଅଛି । ଏହା ସ୍ୱାଭାବିକ କଥା ଯେ ପ୍ରତି ମଣିଷ ତାର ଦୈନନ୍ଦିନ ଜୀବନର ସଂଗ୍ରାମବର୍ଜ୍ଜିତ କୋଳାହଳଠାରୁ କ୍ଷଣକ ଲାଗି ହେଉପଛେ ଟିକିଏ ଦୂରେଇ ଯିବାକୁ ଚାହେଁ । ଏବଂ ତାର ପାରଂପରିକ କଳାକୃତି ଗୁଡ଼ିକ ଭିତରେ ନିଜକୁ ପ୍ରକାଶ କରେ ବା ସେଗୁଡ଼ିକୁ ଦେଖି ଆହ୍ଲାଦ ଲାଭ କରୁ କରୁ ତାର ମାନବୀୟ ଅନୁଭୂତି ଗୁଡ଼ିକ ଆହୁରି ଟିକିଏ ସୂକ୍ଷ୍ମ ଓ ଉନ୍ନତ ହୋଇଯାଏ । ତେଣୁ ଏ କ୍ଷେତ୍ରେ ସମସ୍ତେ ଗୋଟିଏ କଥାରେ ଏକମତ ହେବା ଉଚିତ ଯେ ଯଦି ଆମେ ଏହି ସବୁ କଳାକୃତିକୁ ଅମାର୍ଜିତ ଭାବି ସେଗୁଡ଼ିକର ସଦ୍‌ବ୍ୟବହାର ନକରୁ, ତେବେ ତାଙ୍କ ସ୍ଥାନରେ ବ୍ୟବସାୟ ଭିତ୍ତିକ ଆମୋଦପ୍ରମୋଦ ସଂସ୍ଥାମାନେ କୃତ୍ରିମ କଳାକୃତିମାନେ ଦେଖାଇ ଚାଲିବେ—ଏହା ନିଃସନ୍ଦେହ । ଏବଂ ଏହାହିଁ ପ୍ରକୃତରେ ବର୍ତ୍ତମାନ ସାରା ପୃଥିବୀରେ ଘଟିଚାଲିଛି । ଅବଶ୍ୟ ଆମୋଦପ୍ରମୋଦ ବିତରଣ କରିଥାରେ ଦୁଇପଇସା ଉପାର୍ଜ୍ଜନ କରିବା ବିଷୟରେ କାହାରି କିଛି ଆପତ୍ତି କରିବାର ନାହିଁ । କିନ୍ତୁ ଯଦି ଏହା ଲାଭଖୋର ବ୍ୟବସାୟୀମାନଙ୍କ ହାତକୁ ଚାଲିଯାଏ ତେବେ ଜନସାଧାରଣଙ୍କ ସାଂସ୍କୃତିକ ଜୀବନ ବ୍ୟବସାୟୀ ଓ ବ୍ୟବସାୟ ମନୋବୃତ୍ତି ଦ୍ୱାରା ନିୟନ୍ତ୍ରିତ ହୋଇଯିବାର ଆଶଙ୍କା ପଦେ ପଦେ ରହିଛି । ଏହା ଯଦି ଘଟିବାକୁ ଦିଆଯାଏ ତେବେ ଅର୍ଥଗୃଧ୍ନୁ ବ୍ୟବସାୟିକ ସଂସ୍ଥାମାନେ ଜନସାଧାରଣଙ୍କ ଉଦାସୀନତାର ସୁଯୋଗ ନେଇ କଳାରୂପରେ କେବଳ ଉତ୍ତେଜନାମୂଳକ ଅସ୍ତ୍ରୁଚିକର ବିଷୟମାନ ପରିବେଷଣ କରି ଚାଲିବେ ଏବଂ ଆପଣାର ଅର୍ଥପୁଂଜିକୁ ବଢ଼ାଇ ଚାଲିବେ । ବର୍ତ୍ତମାନ ଆମ ଦେଶରେ ପ୍ରଚଳିତ ବ୍ୟବସାୟଭିତ୍ତିକ ସିନେମାଗୁଡ଼ିକ ଏହି ବିପଦର ବାସ୍ତବତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁ ନାହିଁକି ? ଆଉଟି ଉଦାହରଣ ହେଉଛି—ସାରା ବିଶ୍ୱରେ ଓ ଆମ ଦେଶରେ ବି ଯେଉଁ ରାଶି ରାଶି ଗଳ୍ପ ଉପନ୍ୟାସ ନାଟକ କବିତାଦି ଲେଖାହୋଇ ପ୍ରକାଶପାଉଛି ଓ ବହୁଳ ସଂଖ୍ୟାରେ ବିକ୍ରି ହୋଇଚାଲିଛି—ସେ ସବୁର ବିଷୟବସ୍ତୁ ଯଥାର୍ଥରେ କଣ ? ଆମ ସଭ୍ୟତାରେ ଯୁଗ ଯୁଗ ଧରି ଗଢ଼ିଉଠିଥିବା ସୁରୁଚି ସୁନୀତି ଏବଂ ସାଂସ୍କୃତିକ ସଂହତି ଉପରେ ପଦାଘାତ କରି କେବଳ ନିମ୍ନ ପ୍ରବୃତ୍ତିଗୁଡ଼ିକର ଉତ୍ତେଜନାମୟ କ୍ରିୟା ପ୍ରତିକ୍ରିୟା ଗୁଡ଼ିକର ବିଭୀଷିକା ପୂର୍ଣ୍ଣ ପ୍ରତିଛବିରେ ସେଗୁଡ଼ିକ ପରିପୂର୍ଣ୍ଣ ନୁହେଁକି ?

ଅବଶ୍ୟ ଆମ ସମାଜରେ ବର୍ତ୍ତମାନ ଏପରି କେତେକ ବର୍ଗ ଅଛନ୍ତି, ଯେଉଁମାନେ କି ଏପରିଧରଣର ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପ୍ରଦର୍ଶନୀଠାରୁ ନିଜକୁ ଦୂରେଇ ରଖନ୍ତି । କିନ୍ତୁ ଏହାଦ୍ୱାରା ସାମାଜିକ ସ୍ତରରେ କିଛି ଲାଭ ହୁଏନାହିଁ କି ହେବ ନାହିଁ । କାରଣ ନିଜକୁ ଉନ୍ନତମନା ମାର୍ଜିତ ରୁଚିସମ୍ପନ୍ନ ବୋଲି ଭାବି ଜଣେ ଏସବୁଠାରୁ ଦୂରେଇ ରହିବାକୁ ଚାହିଁଲେ ସେ ନିଜେ ହୁଏତ ତା' କରିପାରିବ-ମାତ୍ର ତା'ର ପରିବାର, ପିଲାପିଲି ଓ ବଂଶଧରମାନେ ଏହି ଗ୍ରାସି ଆସୁଥିବା ଦାୟିତ୍ୱହୀନ ଅଶ୍ଳୀଳ ସାଂସ୍କୃତିକ—ବିପର୍ଯ୍ୟୟ ଭିତରୁ କଦାପି ମୁକୁଳିପାରିବେ ନାହିଁ । କାରଣ, ସେଇ—ରୁଚିର ଏହି ସାଂସ୍କୃତିକ ଅଧଃପତନ ବାଧାହୀନ ହୋଇ ଅବିରାମଗତିରେ ନିମ୍ନଗାମୀ ହୋଇ ଚାଲିବ—ଏବଂ ଏହା ଯେତେବେଳେ ଆହୁରି ବ୍ୟାପକ ହୋଇଯିବ ଓ ସମାଜର ସର୍ବୋତ୍ତମ ଚେତନାର ସ୍ତରକୁ କାମୁଡ଼ି ଧରିବ ସେତେବେଳେ ଆଉ ସୁକୁମାର ଓ ମହତ ଅନୁଭୂତି ଗୁଡ଼ିକର କଳାମକ ପ୍ରକାଶ ଲାଗି ଅବକାଶ ବା ସୁଯୋଗ ରହିବ ନାହିଁ । ଏବଂ ଆମର ଉଦାସୀନତା ହେତୁ, ଅସାବଧାନତା ହେତୁ ଓ ନିଶ୍ଚେଷ୍ଟତା ହେତୁ ଆମେ ଏପରି ଏକ ପରିସ୍ଥିତି ସୃଷ୍ଟି ହେବାକୁ ଛାଡ଼ିଦେବା— ଯେଉଁଥିରେ କି ସୁରୁଚି ଓ ଶାଲୀନତା ଆମର

ଭଦ୍ର ଧରଣର ଚିନ୍ତା ଓ ଅନୁଭବ ଗୁଡ଼ିକୁ ସଂପୂର୍ଣ୍ଣ ନିଶ୍ଚିହ୍ନ କରିଦେବ ଏବଂ ସମାଜର ଉଦ୍‌ବର୍ତ୍ତନରୁ ଉଦ୍‌ଭୂତ ବିଶିଷ୍ଟ ପ୍ରତିଭାଦୀପ୍ତ ମାନସରୁ ସୃଷ୍ଟି ଯେକୌଣସି ସୂକ୍ଷ୍ମ, ସୁକୁମାର, ସମୁନ୍ନତ କଳାକୃତିର ପ୍ରକାଶରେ ବ୍ୟାଘାତ ଘଟାଇବ ଏବଂ ଏହାହିଁ ହେବ ଗୋଟିଏ ସୁଦୃଢ଼ ପରମ୍ପରାପୁଷ୍ଟ ସମାଜର ସାଂସ୍କୃତିକ ଅପଘାତଜନିତ ସାଂସ୍କୃତିକଅପମୃତ୍ୟୁ । ଏଠାରେ ଉଲ୍ଲେଖନୀୟ ହେଉଛି— ଗୋଟିଏ ଜାତି ଯେଉଁ ଭାବେ ଯେଉଁ ପ୍ରକାରେ ଆମୋଦ ପ୍ରମୋଦ କରେ ତାହାରି ଉପରେ ନିର୍ଭର କରେ ତା'ର ପ୍ରକୃତ ଜୀବନ-ଚର୍ଯ୍ୟା । ତାମାନେ ଯେ ଯେଉଁ ପ୍ରକାରେ ଖୁସି ହୁଏ— ସେହି ପ୍ରକାରେ ସେ ଜୀବନ ନିର୍ବାହ କରେ । ଗୋଟିଏ ଜାତି ଯଦି ସବୁଦିନ ସଂଧ୍ୟାରେ ଗୋଟିଏ ପ୍ରେକ୍ଷା ଗୃହରେ ବସି କେବଳ ଯୌନ ଉଦ୍ଦୀପନାମୟ, ହିଂସାତ୍ମକକାଣ୍ଡକାରଖାନା ଦେଖୁଥାଏ ଆଉ ଶୁଣୁଥାଏ, ତେବେ ତାର ପ୍ରାତ୍ୟହିକ ଜୀବନଯାତ୍ରାରେ ସେ କୌଣସି ପ୍ରକାରେ ସୁକୁମାର ଓ ଭଦ୍ର ବ୍ୟବହାର ଦେଖାଇ ପାରିବ ନାହିଁ ।

ସଂସ୍କୃତି ଉପରେ ଏହିଭଳି କେତେକ ଚିନ୍ତା-ଉଦ୍ଦୀପକ ତତ୍ତ୍ୱ-ଗର୍ଭିତ ମୂଲ୍ୟବାନ କଥା କହି ସାରି, ମୁଖ୍ୟମନ୍ତ୍ରୀ ଶ୍ରୀମତୀ ଶତପଥୀ ତାଙ୍କର ସ୍ୱାଗତ ଭାଷଣର ଉପସଂହାର କଲେ । ଉପସଂହାରରେ ସେ ପୂର୍ବ ଭାରତର ସାଂସ୍କୃତିକ ପ୍ରତିନିଧିମାନଙ୍କ ଉଦ୍ଦେଶ୍ୟରେ ଓ ଏସବୁ ରାଜ୍ୟର ଅଧିବାସୀ ଏବଂ ସରକାରଙ୍କ ଉଦ୍ଦେଶ୍ୟରେ କହିଲେ—

ଆମେ ପୂର୍ବ ଭାରତୀୟ ଗଣ ଆମର ଏକ ସମୃଦ୍ଧ ସାଂସ୍କୃତିକ ପରମ୍ପରା ଯୋଗୁଁ ନିଶ୍ଚୟ ଗର୍ବିତ । ଏବଂ ଏକଥା ମଧ୍ୟ ନିଶ୍ଚିତ ଯେ ଆମ୍ଭେମାନେ ମହାଭାରତୀୟ ସଂସ୍କୃତି ଭଣ୍ଡାରକୁ ବହୁ ଅମୂଲ୍ୟ ଅବଦାନ ଦେଇ ଆସିଛୁ । କିନ୍ତୁ ବର୍ତ୍ତମାନ ଆମ ପକ୍ଷରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ହେଉଛି—ଆମେ ସମସ୍ତେ ମିଳିମିଶି ସଂଗଠିତ ଭାବେ ଏପରି ଏକ ସାଂସ୍କୃତିକ ନୀତି ଗ୍ରହଣ କରିବା, ଯାହା ଫଳରେ କି ଆମେ ଆମର ସାଂସ୍କୃତିକ ରୁଚିକୁ ଏହି ସବୁ ବ୍ୟବସାୟ ଭିତ୍ତିକ ଆମୋଦ ପ୍ରମୋଦ ସଂସ୍ଥାମାନଙ୍କର ଆକ୍ରମଣରୁ ରକ୍ଷା କରିପାରିବା । ମୁଁ ଅବଶ୍ୟ କହୁନାହିଁ ଯେ ରାଷ୍ଟ୍ର କୌଣସି ପ୍ରକାର କଳା ସୃଷ୍ଟି କରିଦେବ । କଳାସୃଷ୍ଟି ସର୍ବଦା ବ୍ୟକ୍ତି ଉପରେ ନିର୍ଭର କରିବ ଏବଂ ଏହାର ସଫଳତା ବା ବିଫଳତା ସବୁବେଳେ ବ୍ୟକ୍ତିଗତ ପ୍ରେରଣା ଉପରେ ନିର୍ଭର କରେ । ରାଷ୍ଟ୍ରର ନିର୍ଦ୍ଦେଶରେ ବା ଆଦେଶରେ କଳା ସୃଷ୍ଟି କେବେ ହୋଇ ପାରେ ନାହିଁ । ରାଷ୍ଟ୍ର କେବଳ ଏ ଦିଗରେ ଗୋଟିଏ କଥା କରିପାରେ । ତା' ହେଉଛି— ପ୍ରତ୍ୟକ୍ଷଭାବେ ହେଉ ବା ରାଷ୍ଟ୍ରଦ୍ୱାରା ପ୍ରତିଷ୍ଠିତ ଅନୁଷ୍ଠାନମାନଙ୍କ ଜରିଆରେ ହେଉ—ଜାତିର ସୁସ୍ଥ ସାଂସ୍କୃତିକ ବିକାଶ ଦିଗରେ ଯେକୌଣସି ପଦ୍ଧତି ବା ଧାରାକୁ ସହାୟତା କରିବା । ଯଦି ଆମେ ଏହା କରିବାକୁ ପ୍ରକୃତରେ ଚାହୁଁଥାଉଁ, ତେବେ ରାଷ୍ଟ୍ର ଏବଂ କଳାକାରମାନେ ପରସ୍ପରର ନିକଟବର୍ତ୍ତୀ ହୋଇଯିବା ଉଚିତ । ତା'ନହେଲେ, ସେମାନେ ଯଦି କେହି ପୁରୁଣାକାଳିଆ ନୀତିରେ ପରସ୍ପର ପ୍ରତି ଉଦାସୀନ ରହନ୍ତି ଓ ବୈରଭାବ ପୋଷଣ କରନ୍ତି, ତେବେ ଜାତିର ସାଂସ୍କୃତିକ ବିକାଶ ନିଶ୍ଚୟ ବାଧା ପ୍ରାପ୍ତ ହେବ । ପୁଣି ଅନ୍ୟ ଦିଗରେ, ବ୍ୟବସାୟିଭିତ୍ତିକ ଆମୋଦ ପ୍ରମୋଦ ସଂସ୍ଥାଗୁଡ଼ିକ ପଛରେ ଥିବା ପୁଞ୍ଜି ଓ ବୈଜ୍ଞାନିକ କୌଶଳ ବା ସାଜ ସରଞ୍ଜାମ ବିରୁଦ୍ଧରେ ଆତ୍ମ ରକ୍ଷା କରିବାକୁ ଅସମର୍ଥ କଳାଗୁଡ଼ିକ ରାଷ୍ଟ୍ରର ସହାୟତା ବିଶେଷ ଭାବେ ଦରକାର କରନ୍ତି । ଏହା ସାଙ୍ଗକୁ ବିଭିନ୍ନ ପ୍ରାନ୍ତୀୟ ସଂସ୍କୃତିମାନଙ୍କ ମଧ୍ୟରେ ଯୋଗାଯୋଗ ଓ ଆଦାନ ପ୍ରଦାନର ବ୍ୟବସ୍ଥା ଯଦି ରାଷ୍ଟ୍ର ନିଜ ତରଫରୁ ନକରେ, ତେବେ ଆତ୍ମ ପ୍ରବଞ୍ଚନାର ରୁଦ୍ଧ ବାତାବରଣ ମଧ୍ୟରେ ସୁକୁମାର ସଂସ୍କୃତି ଶ୍ୱାସରୁଦ୍ଧ ହୋଇ ନିଷ୍ପ୍ରାଣ ହୋଇ ପଡ଼ିବ ।

* * *

ଏ ରାଜ୍ୟରେ ବହୁ ସାଂସ୍କୃତିକ ସମ୍ମିଳନୀ ହୋଇ ଯାଇଛି— ଏବେ ମଧ୍ୟ ହେଉଛି ଓ ଭବିଷ୍ୟତରେ ହୋଇ ଚାଲିଥିବ । ସାହିତ୍ୟ, କଳା, ସଙ୍ଗୀତ, ନୃତ୍ୟ ପ୍ରଭୃତି କ୍ଷେତ୍ରରେ ଆମ ରାଜ୍ୟ ଓ ଦେଶ ନିଶ୍ଚିତ ଭାବେ ଅଗ୍ରସର ହୋଇ ଚାଲିଛି । ଏବେ ମଧ୍ୟ ଏସବୁ ଦିଗରେ ରାଜ୍ୟ ସରକାରମାନେ ଓ କେନ୍ଦ୍ର ସରକାର ବହୁ ଅର୍ଥ ବ୍ୟୟ କରୁଛନ୍ତି ଓ ନାନା ପ୍ରକାରେ ସାହାଯ୍ୟ ସହାନୁଭୂତି ଦେଖାଉ-ଛନ୍ତି । ଏହା ନିଶ୍ଚୟ ସଂସ୍କୃତି ପକ୍ଷରେ ଗୋଟିଏ ଶୁଭ ଲକ୍ଷଣ । ଆମେ ଏଠାରେ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ଶତପଥୀଙ୍କର ଏହି ସ୍ୱାଗତ ଭାଷଣଟି ଉପରେ ଏତେ ଗୁରୁତ୍ୱ ଦେଇ କହୁଛୁ ଏଇଥି ପାଇଁ ଯେ ଜଣେ ରାଜ୍ୟଚାଳିକାଭାବେ ଏବଂ ନିଜେ ଜଣେ ସାହିତ୍ୟିକା ଭାବେ ଏବଂ ସର୍ବୋପରି ଜଣେ ଲୋକ କଲ୍ୟାଣକାମୀ ନେତ୍ରୀଭାବେ ସେ ତାଙ୍କର ଭାଷଣରେ ସଂସ୍କୃତିର ଯେଉଁ ନୂତନ ଅଭିମୁଖ୍ୟ ପ୍ରଦାନକଲେ—ପୁଣି ସଂସ୍କୃତିର ସ୍ରଷ୍ଟା ଓ ପୃଷ୍ଠପୋଷକମାନଙ୍କ ଉଦ୍ଦେଶ୍ୟରେ ବିଶ୍ୱରିବା ଲାଗି ଯେଉଁସବୁ ସୂକ୍ଷ୍ମ ନିର୍ଦ୍ଦେଶମାନ ଦେଲେ— ସେସବୁ ପ୍ରତି ଯେପରି ଆମମାନଙ୍କର ସଂପୂର୍ଣ୍ଣ ମନୋଯୋଗ ଆକର୍ଷିତ ହୁଏ ।

ମହାପାତ୍ର ନୀଳମଣି ସାହୁ

ମୁଖ୍ୟ ଶିଳ୍ପ ସଂସ୍ଥା ଗୁଡ଼ିକର ପରିପୁଷ୍ଟି ନିମନ୍ତେ ରାଉରକେଲା ଇସ୍ପାତ କାରଖାନା ତରଫରୁ ଆବଶ୍ୟକୀୟ ଯୋଗାଣ

ଗୁରୁତ୍ୱପୂର୍ଣ୍ଣ ମୁଖ୍ୟ ଶିଳ୍ପୋଦ୍ୟୋଗ ସମୂହ ଯଥା :—ଜାହାଜ ନିର୍ମାଣ, ମୋଟର ଗାଡ଼ି, ରେଳ ଇଂଜିନ, ବୟନ ଶିଳ୍ପ, ମାଲଗାଡ଼ି ନିର୍ମାଣ, ଡାଇନାମୋ, ଟ୍ରାନ୍ସଫର୍ମର, ନଳ ଓ ପାଇପ, ସରୋଇ ଉପକରଣ, କୃଷି ତଥା ପ୍ରତିରକ୍ଷା ପାଇଁ ଆବଶ୍ୟକୀୟ ସରଞ୍ଜାମ ଆଦି ଆମର ଜାତୀୟ ଅର୍ଥନୀତିର ମୂଳ ଭିତ୍ତି ସ୍ୱରୂପ ।

ଏଗୁଡ଼ିକ ବ୍ୟତୀତ ଅର୍ଥନୀତିର ଦୃଢ଼ତା କଥା, କୌଣସି ଜାତି ମଧ୍ୟ ଗଠିତ ହୋଇ ପାରେ ନା ।

ଏହି ସବୁ ଗୁରୁତ୍ୱପୂର୍ଣ୍ଣ ଶିଳ୍ପସଂସ୍ଥା ସମୂହର ପରିପୁଷ୍ଟି ପାଇଁ ମୌଳିକ ଆବଶ୍ୟକତା ସ୍ୱରୂପ ରାଉରକେଲାର ମୂଳ ଦ୍ରବ୍ୟ, ଅତ୍ୟାଧୁନିକ ଧରଣର ପ୍ଲେଟ୍, ହଟ୍ ଓ କୋଲ୍ଡ ରୋଲ୍‌ଡ ସିଟ୍ ଏବଂ ଷ୍ଟ୍ରିପ୍, ଟିନ୍ ପ୍ଲେଟ୍, ଗାଲ୍‌ଭାନାଇଜଡ ସିଟ୍, ଇଲେକ୍ଟ୍ରିକାଲ ସିଟ୍, ପାଇପ ଇତ୍ୟାଦି ଯୋଗାଇ ଦିଆଯାଇ ଥାଏ ।

ରାଉରକେଲା ଠାରେ ଅତ୍ୟାଧୁନିକ ଧରଣର ଉତ୍ପାଦନ ପ୍ରଣାଳୀ ଅନୁସୃତ ହେଉଛି । ଉଦାହରଣ ସ୍ୱରୂପ, ବଡ଼ାକାର ଝଳାଇ ପାଇପ ପ୍ଲାଣ୍ଟ—ଏକ ଉଲ୍ଲେଖଯୋଗ୍ୟ ସାଫଲ୍ୟ । ଏହା ବ୍ୟତୀତ, ସାର କାରଖାନାରୁ ପ୍ରସ୍ତୁତ 'ସୋନା' ସାର ଏବଂ ଏହାର ବାଇ-ପ୍ରଡକ୍ଟ କାରଖାନାରୁ 'ବନା' ସାର ଓ ବହଳ ରାସାୟନିକ ଦ୍ରବ୍ୟ ଉତ୍ପାଦିତ ହୋଇ ଥାଏ ।

"ମୁଖ୍ୟ ଶିଳ୍ପସଂସ୍ଥା ପାଇଁ ଆବଶ୍ୟକୀୟ ମୌଳିକ ଦ୍ରବ୍ୟ ଯୋଗାଣ" କଥାଟି ଯଥାର୍ଥ ! ଯେତେବେଳେ ପ୍ରତିବଦ୍ଧ ଆସନ୍ତା କାଲିର, ବଡ଼ ଶିଳ୍ପସଂସ୍ଥାକୁ ଅତ୍ୟାଧୁନିକ ଧରଣର ଉତ୍କର୍ଷଜାତ ଦ୍ରବ୍ୟ ଯୋଗାଇଦେବା ନିମନ୍ତେ ରାଉରକେଲା ଇସ୍ପାତ କାରଖାନା ପ୍ରତିଶ୍ରୁତିବଦ୍ଧ ।

ରାଉରକେଲା ଇସ୍ପାତ କାରଖାନା

ମଧୁ-ସ୍ମୃତି

ଶ୍ରୀ କ୍ଷିତୀଶ ଚନ୍ଦ୍ର ମିତ୍ର

ପ୍ରତ୍ୟେକ ଓଡ଼ିଆର ପ୍ରାତଃ ସ୍ମରଣୀୟ ବ୍ୟକ୍ତିତ୍ୱ ମଧୁବାବୁଙ୍କୁ ନେଇ ଗୋଟିଏ ମଧୁର ସ୍ମୃତି କଥନ କରିଛନ୍ତି ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ରୀ କ୍ଷିତୀଶ ଚନ୍ଦ୍ର ମିତ୍ର । ଶ୍ରୀଯୁକ୍ତ ମିତ୍ର ଶାସ୍ତ୍ରୀୟ ସଂଗୀତରେ ଜଣେ ହୋନ ଶିଳ୍ପୀ । ଏହି ବୟୋଜ୍ୟେଷ୍ଠ ପ୍ରତିଭାଶାଳୀ ସ୍ୱନାମଧନ୍ୟ ସୁରକାର ଜୀବନରେ ବହୁ ବିଶିଷ୍ଟ ଗୁଣୀବ୍ୟକ୍ତିଙ୍କ ସମ୍ପର୍କରେ ଆସିଛନ୍ତି । ଆମେ ତାଙ୍କ ହାତରୁ ଏହିପରି ବହୁ ଉଜ୍ଜ୍ୱଳ ଓ ମଧୁର ସ୍ମୃତି-କଥାମାନ ଆଶା କରୁଛୁ । ଶ୍ରୀଯୁକ୍ତ ମିତ୍ର ଶତାୟୁ ପାଣି ହୁଅନ୍ତୁ, ଏବଂ ତାଙ୍କ ଲେଖନୀ ଏଣିକି ସ୍ୱର-ମୁଖରିତ ହେଉ ।

—ସଂପାଦକ—

ରେଭେନ୍ସା କଲେଜରେ ପଢ଼ିଲାବେଳେ ଆମେ ତିନି ଚାରିଜଣ ଟୋକା ରୋଜ୍ ଉପରବେଳା ମହାନଦୀ କୂଳକୁ ବୁଲିବାକୁ ଯାଉଥିଲୁ । ସେହି ମହାନଦୀ ଅଛି କିନ୍ତୁ ସେ କୂଳ ଆଉ ନାହିଁ । ସେତେବେଳେ ଘଡ଼ଘଡ଼ିଆ ଘାଟରେ ପହୁଞ୍ଚିଲେ କାଚ ପାଣି । ନିଛାଟିଆ ନଈକୂଳ ଥିଲା ଅତି ପରିଷ୍କାର ସ୍ନିଗ୍ଧ ଶ୍ୟାମଳ । ଦୂରରେ ପାହାଡ଼ର ଉହାଡ଼ । ପାହାଡ଼ର ଝାଡ଼ଗୁଡ଼ା ଦୂରରୁ ଦେଖାଯାଉ ନଥାଏ । ନଈ ମଝିରେ ବିରାଟ ପଠା । ତାହାରି ଉପରେ ଉଠନ୍ତ ବେଣାବଣ । ଫୁଲ ଫୁଟିଲେ ମନେହୁଏ ଆକାଶର ଧଳାମେଘ ମାଟି ଉପରେ ମୁହଁ ମାଡ଼ି ଶୋଇଛି । ଆଜି ସେହି ନଈକୂଳ ଅତି ଅପରିଷ୍କାର, ଦୁର୍ଗନ୍ଧ । ସେଠି ଦୁଇମିନିଟ ବସିବା ସମ୍ଭବ ନୁହେଁ । ସେହି ନଈକୂଳେ ଆମେ ତିନିଚାରିଜଣ ବସି ଗପସପ କରୁଥାଉ ସଞ୍ଜ ବୁଡ଼ିବାଯାଏଁ । ଦୈନିକ ସେହି ନଈକୂଳକୁ ଆସନ୍ତି ଜଣେ ଜରାଜୀର୍ଣ୍ଣ ବୃଦ୍ଧ,

ସାହେବି ପୋଷାକ ପିନ୍ଧା । ସାଙ୍ଗରେ ଗୋଟିଏ ଚାକର ଗୋଟିଏ ଲଣ୍ଠନ ଧରି ପଛେ ପଛେ ଯାଉଥାଏ । ବଡ଼ି ଲକୁ ନଥାଏ । ଅନ୍ଧାର ହେଲେ ବି । ତାଙ୍କୁ ଆମେ ଚିହ୍ନିଥିଲୁ । ସେ ଓଡ଼ିଶାର ପିତାମହ ଭୀଷ୍ମ, ମଧୁସୂଦନ ଦାସ । ସ୍କୁଲ ଆଖିଗି ପଡ଼ି ଧୀରେ ଧୀରେ । ସେ କେବଳ ଜରାରେ ଜୀର୍ଣ୍ଣ ନୁହଁନ୍ତି, ଅଜୀର୍ଣ୍ଣରେ ବି ଜୀର୍ଣ୍ଣ ଆଉ ଶୀର୍ଣ୍ଣ ।

ତାଙ୍କ ସମ୍ବନ୍ଧରେ ଅନେକ କଥା; ଅନେକ କାହାଣୀ ଶୁଣିଥିଲୁ । ସେ କେତେବଡ଼ ପଣ୍ଡିତ କେତେବଡ଼ ଆଇନଜ୍ଞ, ଓଡ଼ିଶାର ଶ୍ରେଷ୍ଠ ନେତା । ସେ ଉତ୍କଳ ଟାନେରି, ଆର୍ଟ ଓୟାରର ପ୍ରତିଷ୍ଠାତା, ଇତ୍ୟାଦି ଇତ୍ୟାଦି । ତାଙ୍କର ବକ୍ତୃତାବି ଅନେକ ଥର ଶୁଣିଥିଲୁ । କିନ୍ତୁ ତାଙ୍କ ସାଙ୍ଗରେ ଆମର ପରିଚୟ ନଥିଲା, ଏବଂ ଇଚ୍ଛା ଥିଲେ ମଧ୍ୟ ଉପଯାଚକ ହୋଇ ପରିଚୟ କରିବାର ସତସାହସ ବା ଦୁଃସାହସ ଆମ ଭିତରେ କାହାରି ନ ଥିଲା । ଏହିପରି ଭାବରେ ବର୍ଷ ପରେ ବର୍ଷ ବିତିଯାଇଛି । ଦିନେ ବିଦେଶ ବଗାବକୁ ଶିକା ଛିଣ୍ଡିଲା । ଅକସ୍ମାତ୍ ମି : ଦାସଙ୍କ ସହିତ ମୋର ପରିଚିତ ହେବାର ଏକ ସୁବର୍ଣ୍ଣ ସୁଯୋଗ ଘଟିଲା । ସେଇଟା ୧୯୨୯ ମସିହା । ମୁଁ ସେତେବେଳେ ରେଭେନ୍ସା କଲେଜରେ ଆଇନ୍ କ୍ଲାସ୍‌ର ଛାତ୍ର ଏବଂ ଗୋଟିଏ ବୀମା କମ୍ପାନୀର ଦଲାଲ ।

ସେତେବେଳେ ସ୍ୱର୍ଗତ ଭଜନାଥ ମୁଖାର୍ଜି ଥିଲେ ସ୍କୁଲ ଇନିସ୍‌ପେକ୍ଟର । ତାଙ୍କ ସାନ ଭାଇଙ୍କ ସହିତ ମୋର ପରିଚୟ ଥିଲା । ସେହି ସମୟରେ ଭଜନାଥ ବାବୁଙ୍କ ବଡ଼ପୁଅର ବ୍ରତଘରରେ ମୋତେ ନିମନ୍ତ୍ରଣ ହୋଇଥିଲା । ମୁଁ ଯାଇ ଦେଖିଲି ନିମନ୍ତ୍ରିତ ଭଦ୍ରବ୍ୟକ୍ତିମାନଙ୍କ ଭିତରେ ମଧୁବାବୁ ଉପସ୍ଥିତ ଅଛନ୍ତି । ବଗିଚା ଭିତରେ ପ୍ରକାଣ୍ଡ ସତରଞ୍ଜି ପଡ଼ା ହୋଇଛି, ତାହାରି ଉପରେ ଭଦ୍ରଲୋକମାନେ ବସିଛନ୍ତି । ମୁଁ ମଧୁବାବୁଙ୍କ ପାଖରେ ବସିବାର ସୁବିଧା ପାଇଗଲି । କିଛିକ୍ଷଣ ପରେ ମୋତେ ସମସ୍ତେ ଗୀତ ଗାଇବାକୁ ଅନୁରୋଧ କଲେ । ମୁଁ ହାରମୋନିୟମ୍ ବଜାଇ ଗୋଟିଏ ବଙ୍ଗଳା ଗୀତ ଗାଇଲି । ସେ ସମୟରେ ମୁଁ ହିନ୍ଦୁସ୍ଥାନୀ ଖେୟାଲ ଗାୟକୀ ଜାଣି ନ ଥିଲି । ସେଦିନ ଗୀତଟି ଗାଇଥିଲି ତାର ପ୍ରଥମ ପଦ ହେଲା—"ସୋନାର ବାନ୍ଧନେ ବେଧେଛେ ସଂସାର ଦାସ୍‌ଖତ୍ ଲିଖେ ନିଏଛେ ହାୟ" ଗୀତଟି ଶୁଣି ମି : ଦାସ ଅତ୍ୟନ୍ତ ଆନନ୍ଦିତ ହୋଇ ମୋତେ ବିଶୁଦ୍ଧ ବଙ୍ଗଳାରେ କହିଲେ—"ତୋମାର ଗାନ ଆମାର ଖୁବ ଭାଲ ଲେଗେଛେ-- ଆମାକେ ଓଇ ଗାନଟି ଲିଖେ ଦିତେ ହବେ" ମୁଁ ସେହିକ୍ଷଣି ଗୀତଟି ଲେଖିଦେବା ପାଇଁ ରାଜି ହେଲି । କିନ୍ତୁ ମି: ଦାସ କହିଲେ "ନା, ତୁମି ଏକଦିନ ଆମାର ବାଡ଼ିତେ ଏସେ ଗାନ୍‌ଟି ଲିଖେ ଦାଓ" । (ନା, ଦିନେ ମୋ ଘରେ ଆସି ଗୀତଟି ଲେଖିଦେବ) ଏହା ମୋ ପକ୍ଷରେ ଥିଲା—ଅକାମୀକର ଦୈବୀକ୍ଷଣ ଲାଭ,– ତଥା ନ ମାଗୁଣୁ ମେଘ ଭଳି ବ୍ୟାପାର ।

ତା'ପର ସପ୍ତାହର ରବିବାର ଦିନ ମୁଁ ନଅଟାବେଳେ ମି : ଦାସଙ୍କ ଘରେ ଉପସ୍ଥିତ ହେଲି । ମୋତେ ଦେଖିବା-ମାତ୍ରେ ସେ ସାଦରେ ସମ୍ଭାଷଣ କଲେ । କହିଲେ, "ଏଇଯେ ତୁମି ଏସେଛ" । ମୋତେ ଚଉକିରେ ବସିବାକୁ ଦେଲେ । ମୁଁ କହିଲି-ମୁଁ ଆପଣଙ୍କୁ ଗୀତଟି ଲେଖିଦେବା ପାଇଁ ଆସିଛି । ଏତିକିବେଳେ କୁମାରୀ ସୁଧାଂଶୁବାଳା ହାଜରା ଆସି ପହଞ୍ଚିଲେ । ମୋତେ କହିଲେ ଯେ ସେ ସେହି ଗୀତଟି ଜାଣନ୍ତି । ତେଣୁ ଗୀତଟି ଆଉ ମୋତେ ଲେଖିଦେବାକୁ ପଡ଼ିବ ନାହିଁ । ତେଣୁ ମୁଁ ଭାବିଲି ଯେ ମୋତେ ବର୍ତ୍ତମାନ ବିଦାୟ ନେବାକୁ ପଡ଼ିବ । କାହିଁକି ନା ମି : ଦାସ ସେତେବେଳେ ମକଦ୍ଦମାର କାଗଜ ପତ୍ର ଦେଖୁଥିଲେ । ମୁଁ ଆସିବାରୁ ଯେ ତାଙ୍କ କାମରେ ବାଧା ଦେଉଛି–ତାହା ବୁଝି ପାରିଲି । କିନ୍ତୁ ମୁଁ ବିଦାୟ ମାଗିବାରୁ ସେ କହିଲେ "ଆଜି ରବିବାର—ଆଜି ଆମେ କିଛି କାମ କରୁନା" ଏହା କହି କାଗଜ ପତ୍ର ଗୋଟାଏ ପାଖକୁ ଆଡ଼େଇ ଦେଇ ସେ ମୋ ସାଙ୍ଗରେ କଥା କହିବାକୁ ଆରମ୍ଭ କଲେ । ଅଛିବି ଭାବିଲେ ଆଶ୍ଚର୍ଯ୍ୟ ଲାଗେ ଯେ ମୋ ପରି ଜଣେ ସାମାନ୍ୟ ଛାତ୍ର ସହିତ ଏତେ ବଡ଼ ଜଣେ ଆଇନଜ୍ଞ ପଣ୍ଡିତ ସମାନ ପରି ବ୍ୟବହାର କରିଥିଲେ । ମୋ ଭଳି ଜଣେ ସାଧାରଣ ଲୋକ ସହିତ ସମାନ ବ୍ୟବହାର ତାଙ୍କପରି ଅସାଧାରଣ ଲୋକହିଁ କରି ପାରନ୍ତି । ସେ ଯେ ଥିଲେ ଛାତ୍ର ସମାଜର ପିତାସ୍ୱରୂପ ।

ମଧୁସୂଦନ କହିବାକୁ ଆରମ୍ଭ କଲେ, ମୁଁ ଶୁଣିବାକୁ ଆରମ୍ଭ କଲି । ସେ କହିଲେ ଏହି—ଦେଶରେ କେତେ ଭଲ ଭଲ କାରିଗର ଥିଲେ । କିନ୍ତୁ ସେମାନେ ତାଙ୍କ ବିଦ୍ୟା କାହାକୁ ଶିଖେଇଲେ ନାହିଁ । ଜଣେ ବଣିଆ ସୁନା ରୁପା କାମ କରୁଥିଲା ! ତାହାର ଆଖିପରି ଆଖି ଆଉ କାହାରି ନ ଥିଲା । ମୁଁ ତାକୁ କହିଲି–ଆରେ ବୁଢ଼ା, ମୁଁ ତୋର ଆଖି ଦିଟା ଉଠାଇ ନେବି । ମୁଁ ଚମକି ପଡ଼ିଲି–ଏ'ଣ କହୁଛନ୍ତି ? ଆପଣ ତାର ଆଖି ଦି'ଟା................ହସିଦେଇ ମି : ଦାସ କହିଲେ–ଆରେ ନାନା, ମୁଁ ତା ର ଆଖି ଦି'ଟା ଉପାଡ଼ି ନେବାକୁ ଚାହିଁ ନ ଥିଲି । ତାର ବିଦ୍ୟାଟା ମୋତେ ଶିଖାଇ ଦେବାକୁ କହିଥିଲି । କିନ୍ତୁ ସେ ତାହା ଦେଲା ନାହିଁ । ତା ସାଙ୍ଗରେ ତା'ର ବିଦ୍ୟାବି ଲୋପ ପାଇଗଲା । ମି : ଦାସଙ୍କ ସେହି

କଥା ମୋର ଆଜିବି ମନେ ଅଛି । ଏବେବି ଭାବିଲେ ମୋତେ ଆଶ୍ଚର୍ଯ୍ୟ ବୋଧହୁଏ ଯେ ବୁଢ଼ା ବୟସରେ ସେ ବଙ୍ଗଳା ବିଦ୍ୟା ଶିଖିବାକୁ ବସିଥିଲେ । ସେ ଜାଣିଥିଲେ ଯେ ପୋଥିରେ ସବୁ ବିଦ୍ୟା ନାହିଁ । ମନୁଷ୍ୟର ମନକୁ-ବୁଦ୍ଧିକୁ ଉନ୍ନତ କରିବାକୁ ପୋଥି ଛଡ଼ା ଅନ୍ୟ ପଥ ଅଛି । କାର୍ଯ୍ୟକାରିବିଦ୍ୟାର ମୂଲ୍ୟ ସେ ଯୁଗରେ ସେ କେତେ ବୁଝିଥିଲେ ଆଜି ପର୍ଯ୍ୟନ୍ତ ଅନ୍ୟ କୌଣସି ଓଡ଼ିଆ ତାହା ବୁଝିଛନ୍ତି କିନା, ସନ୍ଦେହର କଥା । ସେଦିନ ମି : ଦାସଙ୍କ ପାଖରେ ପ୍ରାୟ ଦେଢ଼ ଘଣ୍ଟା ବସି ତାଙ୍କର ସଂଳାପ ଶୁଣି ମନଫୁଲାଇ ଘରକୁ ଫେରିଲି । କେବଳ ବାଗ୍ମୀତା ନୁହେଁ, ବୈଠକୀ ଆଳାପରେ ମଧ୍ୟ ସେ ଅତ୍ୟନ୍ତ ସରସ ଆଳାପୀ ଥିଲେ ।

ଏହି ଘଟଣା ପରେ ଅନେକ ଦିନ ବିତି ଯାଇଛି । ମୁଁ ଆଉ ମି : ଦାସଙ୍କ ପାଖକୁ ଯାଇନାହିଁ । ଦିନେ ସକାଳେ ମୁଁ ତାଙ୍କ ଘର ପାଖ ଦେଇ ସାଇକେଲ୍‌ରେ ଯାଉଥିଲି । ଦେଖିଲି ମି : ଦାସ ପ୍ରାତଃଭ୍ରମଣ ସାରି ଘରକୁ ଫେରୁଛନ୍ତି । ମୁଁ ସାଇକେଲରୁ ଓହ୍ଲାଇ ତାଙ୍କୁ ନମସ୍କାର କଲି । ପ୍ରତି ନମସ୍କାର କରି ସେ ଉଚ୍ଚ କଣ୍ଠରେ କହିଲେ "ଏଇ ଯେ ଆମି ତୋମାରି କଥା ଭାବଛିଲାମ୍ (ଏଇ ଯେ ମୁଁ ତୁମରି କଥା ଭାବୁଥିଲି ।) କଥାଟା ଶୁଣି ମୋର ଭାରି କୌତୂହଳ ହେଲା । କାହିଁକି ସେ ମୋ କଥା ଭାବୁଥିଲେ ପଚାରିବାରୁ କହିଲେ ଯେ ରାମଚନ୍ଦ୍ର ଭବନରେ ଗୋଟିଏ ସଭାର ଆୟୋଜନ ହେଉଥିଲା । ସ୍ୱର୍ଗତ ଶ୍ୟାମା ଚରଣ ତ୍ରିପାଠୀଙ୍କୁ ବିଦାୟ ଅଭିନନ୍ଦନ ଜଣାଇବା ପାଇଁ । ସେ ପାଟନାକୁ ବଦଳି ହୋଇ ଯାଉଥିଲେ । ମି : ଦାସ୍ କହିଲେ ଯେ ମୋତେ ସେହି ସଭାରେ ଗୀତ ଗାଇବାକୁ ପଡ଼ିବ । ମୁ ତାଙ୍କୁ ମୋ ନାମର ଛପା କାର୍ଡ ଖଣ୍ଡିଏ ଦେବାରୁ ସେ ସନ୍ତୁଷ୍ଟ ହୋଇ କହିଲେ ଯେ ଯଥାସମୟରେ ସେ ମୋତେ ଖବର ଦେବେ । ଏହାର ତିନି ଚାରି ଦିନ ପରେ ଚିନ୍ତାମଣି ଆଚାର୍ଯ୍ୟଙ୍କ ପାଖରୁ ମୁଁ ଇଂରାଜୀରେ ଲେଖା ଖଣ୍ଡିଏ ଚିଠି ପାଇଲି । ସେ ଲେଖିଥିଲେ ଯେ ସେ ଏବଂ ମି : ଦାସ ମୋ ଗୀତ ଶୁଣିବାକୁ ଚାହାଁନ୍ତି । ତେଣୁ ସଭା ସମୟରେ ରାମଚନ୍ଦ୍ର ଭବନରେ ଉପସ୍ଥିତ ହୋଇ ସଭାରେ ସଙ୍ଗୀତ ପରିବେଷଣ କରିବାକୁ ହେବ । ସଭାର ନିର୍ଦ୍ଦିଷ୍ଟ ତାରିଖ ଓ ସମୟ ଚିଠିରେ ଲେଖାଥିଲା । ଚିଠିରେ ସଭାର ସମୟ ଲେଖାଥିଲା ବେଳ ପାଞ୍ଚଟା

ମୁଁ ନିର୍ଦ୍ଦିଷ୍ଟ ଦିନ ସାଢ଼େ ଚାରିଟାବେଳେ ରାମଚନ୍ଦ୍ର ଭବନ ସାମନାରେ ସାଇକେଲରୁ ଓହ୍ଲାଇ ଦେଖିଲି– ମି : ଦାସ ବାରଣ୍ଡା ଉପରେ ଗୋଟିଏ ଛୋଟ ଟୁଲ୍ ଉପରେ ବସିଛନ୍ତି ଏବଂ ଚିନ୍ତାମଣି ବାବୁ ତାଙ୍କ ପାଖରେ ଛିଡ଼ା ହୋଇଛନ୍ତି । ଗେଟ୍ ଭିତରେ ପଶିଲା ମାତ୍ରକେ ମି : ଦାସ ଟୁଲ୍ ଛାଡ଼ି ସିଧା ଛିଡ଼ା ହୋଇ ହସିକରି କହିଲେ "ଏଇଯେ ତୁମି ଠିକ୍ ସମୟେ ଏସେଛ, ବାଃ ଖୁବ୍ ଭାଲ" । ତାଙ୍କର ଏହି ସମ୍ଭାଷଣ ମୁଁ ଆଜି ପର୍ଯ୍ୟନ୍ତ ଭୁଲି ନାହିଁ, ଜୀବନ ଥିବା ପର୍ଯ୍ୟନ୍ତ ଭୁଲି ପାରିବି ନାହିଁ । ଯଦିଓ ସେତେବେଳେ ସାଢ଼େ ଚାରିଟା ବାଜି ଯାଇଥିଲା, ତଥାପି ଆମ ତିନିଜଣଙ୍କ ଛଡ଼ା ସେଠାରେ ଆଉ କେହି ନଥିଲେ । ଏହା ଦେଖି ମୁଁ ବିସ୍ମିତ ହୋଇଥିଲି ।

ମି : ଦାସ ଟୁଲ ଉପରେ ବସିଛନ୍ତି, ମୁଁ ତାଙ୍କ ପାଖରେ ଛିଡ଼ା ହୋଇଛି, ଚିନ୍ତାମଣି ବାବୁ ଘର ଭିତରକୁ ପଶିଯାଇ ଆସନର ବ୍ୟବସ୍ଥା କିପରି ହୋଇଛି ତାହା ଦେଖୁଛନ୍ତି, ଏହି ସମୟରେ ମି : ଦାସ ମୋତେ ପଚାରିଲେ "ତୁମମାନଙ୍କ ଗୀତ ସାଙ୍ଗରେ ତବଲା ବାଜେ କାହିଁକି ?" ମୁଁ କହିଲି ଯେ ତାଳ ରଖିବା ପାଇଁ ତବଲା ବାଜେ । ମି : ଦାସ କହିଲେ "ମୁଁ ବିଲାତରେ ଇଉରୋପୀୟ ସଙ୍ଗୀତ ଶୁଣିଛି– ତାଙ୍କ ଗୀତ ସଙ୍ଗେ ତବଲା ବାଜେନା ଅଥଚ ତାଙ୍କ ତାଳ ଠିକ୍ ଥାଏ । ତୁମେମାନେ ଗୋଟେ ଯନ୍ତ୍ର ସାହାଯ୍ୟରେ ତାଳ ରଖୁଛ, ଯନ୍ତ୍ରର ସାହାଯ୍ୟ ବିନା ତୁମେମାନେ ତାଳ ଠିକ୍ ରଖିପାରନା । ତେଣୁ ବୁଝାଯାଉଛି ଯେ ଭାରତୀୟ ଗାୟକମାନେ ସବୁ ବେତାଳୁଆ " ସେଦିନ ସେ କଥା ଶୁଣି ମୁଁ ଯେପରି କୌତୁକ ଅନୁଭବ କରିଥିଲି ଆଜିବି ସେହିପରି କରୁଛି । ସେଦିନ ମନେ ମନେ ଯେପରି ହସିଥିଲି, ଆଜିବି ସେହିପରି ହସୁଛି । ଜଗତର ବହୁ ବଡ଼ ବଡ଼ ମନୀଷୀ ଏହିପରି ଖିଆଲୀ କଥା କହିଛନ୍ତି ।

ଆଇଜାକ୍ ନିଉଟନ୍ "ପାରାଡ଼ାଇଜ୍ ଲଷ୍ଟ୍" ପଢ଼ି କହିଥିଲେ—What does that prove after all (ଏ ବହିଟି କଣ ପ୍ରମାଣ କରେ ?) କବି ଗୋଲଡ୍‌ସ୍ମିଥ୍ ଦିନେ ଭାରି ରାଗି କରି କହିଥିଲେ–"Mathematics is the Devil's art"। (ଗଣିତ ବିଦ୍ୟା ହେଉଛି–ସଇତାନ୍‌ର କଳା" । ସେଣ୍ଟ ଅଗଷ୍ଟାଇନ୍ କବିତାକୁ କହିଥିଲେ "Poetry is the Devil's wire" । (କବିତା ହେଉଛି–ସଇତାନର ମଦିରା) ସ୍ୱୟଂ ରବିନ୍ଦ୍ରନାଥ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତକୁ ବିଦ୍ରୂପ କରି କହିଥିଲେ—"Vocal Gymnastic (କଣ୍ଠ କସରତ୍) । ଟଲଷ୍ଟୟ, ବିଟୋଫେନ୍ ଓ ସେକ୍ସପିଅରଙ୍କୁ ଗାଳି ଦେଇଥିଲେ-କାରଣ ବିଟୋଫେନ୍‌ଙ୍କ ସଙ୍ଗୀତ ଓ ସେକ୍ସପିଅରଙ୍କ ନାଟକ ଋଷୀ ମୂଜିଆମାନେ ବୁଝିପାରୁ ନ ଥିଲେ । ଟଲଷ୍ଟୟ କହିଥିଲେ, Art is not art unless it can

unite man kind” । ଅର୍ଥାତ୍ ଯେ ପର୍ଯ୍ୟନ୍ତ ମନୁଷ୍ୟ ସମାଜକୁ ଏକତ୍ରିତ ନକରି ପାରିଛି— ସେ ପର୍ଯ୍ୟନ୍ତ କଳା କଳା ନୁହେଁ । ଜଗତରେ ଆଜି ପର୍ଯ୍ୟନ୍ତ ଏପରି କୌଣସି କଳାର ସୃଷ୍ଟି ହୋଇନାହିଁ ଯାହା ସମଗ୍ର ମାନବ ଜାତିକୁ ଏକତାବଦ୍ଧ କରିପାରେ । ଅନେକ ବଡ଼ ବଡ଼ ମନୀଷୀ ଅନେକ ଛୋଟ ଛୋଟ ଭୁଲ୍ କଥା କହିଥାନ୍ତି। ତାହା ସେମାନଙ୍କର ଚରିତ୍ରର ମାହାତ୍ମ୍ୟକୁ କ୍ଷୁର୍ଣ୍ଣ କରେନା-ବରଂ ଧଳା ଫଗର ଫୁଲ ଉପରେ କଳା ଭଅଁର ପରି ଚରିତ୍ରର ମହିମାକୁ ଉଜ୍ଜ୍ୱଳ କରେ ।

ପାଞ୍ଚଟା ବାଜିବାକୁ ଆଉ ମାତ୍ର ପାଞ୍ଚମିନିଟ୍ ବାକି ଅଛି, କାହାରି ଦେଖା ଦର୍ଶନ ନାହିଁ । ମୁଁ ଛିଡ଼ା ହୋଇ ମି: ଦାସଙ୍କର କଥା ଶୁଣୁଛି ଏହିପରି ସମୟରେ କଟକ ସହରର ଦୁଇଜଣ ମୁଖିଆ ଲୋକ ଆସି ପହଞ୍ଚିଲେ, ସ୍ୱର୍ଗତ ଭିକାରୀ ଚରଣ ପଟ୍ଟନାୟକ ଏବଂ ସ୍ୱର୍ଗତ ପାରେଶ୍ୱର ମହାନ୍ତି । ସେହି ଦୁଇ ଭଦ୍ରଲୋକଙ୍କୁ ଦେଖିବା ମାତ୍ରେ ମି: ଦାସ ସିଧା ଛିଡ଼ା ହୋଇଗଲେ । ମୁଁ ମନେ ମନେ ଶଙ୍କିତ ହୋଇ ଉଠିଲି । ଯାହା ଆଶଙ୍କା କରିଥିଲି ଠିକ୍ ତାହାହିଁ ଘଟିଗ । ମି: ଦାସ ପକେଟରୁ ଘଡ଼ି ବାହାର କରି ଭିକାରୀ ବାବୁ ଓ ପାରେଶ୍ୱର ବାବୁଙ୍କ ସାମନାରେ ଧରିଲେ । ମନେହେଲା- ଜଣେ ପ୍ରଧାନ ଶିକ୍ଷକଙ୍କ ସାମନାରେ ଯୋଡ଼ିଏ ଶିଶୁ ଛାତ୍ର ଛିଡ଼ା ହୋଇଛନ୍ତି, ବାଘ ହାବୁଡ଼ରେ ମେଣ୍ଢା । ଦୃଶ୍ୟଟା ଯେପରି କରୁଣ ସେହିପରି ହାସ୍ୟୋଦ୍ଦୀପକ ଓ ସେହିପରି ଶଙ୍କାତ । ମୁଁ ମନେ ମନେ ଶଙ୍କିତ, ବ୍ୟଥିତ, ହତଭୀତ, ଶ୍ରଦ୍ଧାବନ୍ତ ଓ ଚମତ୍କୃତ । ମି : ଦାସ ସେହି ଦୁଇ ବୃଦ୍ଧଙ୍କୁ ଚାହିଁ କହିଲେ “ତୁମେମାନେ ଏହି ସଭାର ଉଦ୍ୟୋକ୍ତା ? ଏତେବେଳେ ଆସୁଛ ? ଆଉ ଦେଖ-ଏହି ଯୁବକଟିକୁ ମୁଁ ଆସିବାକୁ କହିଥିଲି—ସେ ଅଧଘଣ୍ଟା ଆଗରୁ ଆସିଛି । ମୁଁ ମନେ ମନେ ଗୌରବ ଅନୁଭବ କଲି । ସେ ଗୌରବ ଆଉ କେହି ଦେଇ ନାହିଁ । ଦେଇ ପାରିବ ବି ନାହିଁ । ସେ କହିଲେ“ ଏଇ ଦାୟିତ୍ୱଜ୍ଞାନ ନେଇ ତୁମ୍ଭେମାନେ ଦେଶର ନେତା ହେବାକୁ ଚାହଁ ? ଦେଶର କାମ କରିବାକୁ ଚାହଁ” ? ଆମମାନଙ୍କର ଦାୟିତ୍ୱ ଜ୍ଞାନ ଯେ ଅତୀବ କମ୍—ସମୟାନୁବର୍ତ୍ତିତା ଯେ ଆମେମାନେ ଆଜି ପର୍ଯ୍ୟନ୍ତ ଶିଖିନାହୁଁ—ଏକଥା କିଏ ନ ଜାଣେ ? ମଧୁସୂଦନଙ୍କର ସେହି ତିରସ୍କାରହିଁ ଥିଲା ଆମ ପକ୍ଷରେ ପୁରସ୍କାର । ସେଦିନ ସେହି ସଭାରେ ମୋ ସହିତ ଆଉ ଜଣେ ଗୀତ ଗାଇଥିଲେ । ସେ ଓଡ଼ିଶାର ବିଖ୍ୟାତ ଗାୟକ ସ୍ୱର୍ଗତ ମୋହନ ଗୋସ୍ୱାମୀ ।

ଆଜି ମୁଁ ବୁଢ଼ା ହୋଇଛି । ବର୍ଷ ବର୍ଷ ଭାବୁଛି ମଧୁସୂଦନଙ୍କ ସ୍ମୃତି । ଦେଶକୁ ଉନ୍ନତ କରିବା ପାଇଁ ସେ ଯେଉଁ କଳ୍ପନା କରିଥିଲେ ତାଙ୍କ ଜୀବନରେ ସେ ସ୍ୱପ୍ନ ସଫଳ ହୋଇନାହିଁ କି ? ଓଡ଼ିଶା ହେବ ବିବିଧ ଶିଳ୍ପ କାରଖାନାରେ ସମୃଦ୍ଧ, ଦେଶରେ ଜ୍ଞାନ ଏବଂ ଧନର ସ୍ରୋତ ସମାନ୍ତରାଳ ଭାବରେ ବହିବ, ଲକ୍ଷ୍ମୀ ଏବଂ ସରସ୍ୱତୀଙ୍କର ହେବ ଚିର ମିଳନ—ଏହାହିଁ ଥିଲା ତାଙ୍କ ଜୀବନର ସ୍ୱପ୍ନ । ଏହି କଳ୍ପନାକୁ ରୂପଦାନ କରିବା ପାଇଁ ସେ ପ୍ରତିଷ୍ଠା କରିଥିଲେ ଉତ୍କଳ ଟେନେରୀ ଏବଂ ତାରକସୀ କାରଖାନା କିନ୍ତୁ ଶିଳ୍ପୀର କଳ୍ପନା ନେଇ ଶିଳ୍ପପତି ହେବା ସମ୍ଭବ ନୁହେଁ ତାହା ପାଇଁ କୋଟିପତିର ମନୋବୃତ୍ତି ପ୍ରୟୋଜନ । କବି ଯେବେ କୋବି ଚାଷ କରନ୍ତି, ତେବେ ତହିଁରୁ ଘାସ ଉପଜ ହେବ । ମଧୁସୂଦନ ଚର୍ମର ମର୍ମ ବୁଝି ନଥିଲେ । ଚର୍ମ ତ ନୁହେଁ । ତେଣୁ ଉତ୍କଳ ଟେନେରୀ ଫେଲ୍ ମାରିଲା । ସେ ରୂପାର ମର୍ଯ୍ୟାଦା ବୁଝିଥିଲେ । ରୂପା ତ ନୁହେଁ । ତେଣୁ ରୂପାକୁ ନବ ରୂପରେ ରୂପାୟିତ କରିବାକୁ ଯାଇ ସେ ନିଜେ ହେଲେ ରୌପ୍ୟହୀନ, ତାରକସୀ କାରଖାନା ଫେଲ୍ ମାରିଲା । ଇଂରାଜୀରେ ଯୋଟିଏ ପ୍ରବଚନ ଅଛି—It is the prerogative of great men to commit great errors । ବଡ଼ଲୋକମାନଙ୍କର ବଡ଼ ଭୁଲ କରିବାର ସ୍ୱାଭାବିକ ଅଧିକାର ଅଛି । ଗାନ୍ଧୀ ବଡ଼ ଭୁଲ କରିଥିଲେ । ସେଥିପାଇଁ ସେ ଛୋଟ ନୁହନ୍ତି । ତାଙ୍କର ଅସହଯୋଗ ଆନ୍ଦୋଳନ ଓ ଆଇନ୍ ଅମାନ୍ୟ ଆନ୍ଦୋଳନ ସମରାବରେ ଯୋଟିଏ ଦୃଷ୍ଟିରୁ ଦେଖିଲେ ବିଫଳ ହୋଇଥିଲା । ନେପୋଲିୟନ୍ ବଡ଼ ଭୁଲ କରିଥିଲେ—ରୁଷ ଆକ୍ରମଣ, ତେଣୁ ସେ ଛୋଟକି ? ଚର୍ଚ୍ଚିଲ ବଡ଼ ଭୁଲ କରିଥିଲେ—ଆଣ୍ଟୱର୍ପ୍ ଘଟଣା ତେଣୁ ସେ ଛୋଟକି ? ସାଧାରଣ ଲୋକ ଛୋଟ ଭୁଲ କରେ, ତାହାର ବଡ଼ ଭୁଲ କରିବାର ସାହସ ବା ଶକ୍ତି ନାହିଁ । ତେଣୁ ସେ ଚିରଦିନ ଛୋଟ ହିଁ ରହିଯାଏ । ଜୀବନ ନେଇକରି ଯେଉଁମାନେ ବାଜୀ ଖେଳି ନାହାନ୍ତି, ସେମାନେ ଜୀବନର ଗଭୀରତା ବୁଝିନାହାନ୍ତି ।

କେତେଜଣ ମନୀଷୀଙ୍କ ଜୀବନର ସ୍ୱପ୍ନ ତାଙ୍କ ଜୀବଦ୍ଦଶାରେ ସଫଳ ହୋଇଛି ? ଅଧିକାଂଶ କ୍ଷେତ୍ରରେ ଦେଖାଯାଏ ଯେ ପ୍ରତିଭାବାନ୍ ଲୋକମାନଙ୍କ ଜୀବନର ସ୍ୱପ୍ନ ସେମାନଙ୍କର ମୃତ୍ୟୁ ପରେ ଜାତିର ଜୀବନରେ ସଫଳତା ଲାଭ କରେ । ମଧୁସୂଦନଙ୍କ ଜୀବନକୁ ବିଶ୍ଳେଷଣ କଲେ, ତାହା ପ୍ରମାଣିତ ହେବ । ଆଜି ଯେତେବେଳେ ମହାନଦୀ କୂଳରେ ଛିଡ଼ା ହୋଇ ଦେଖେ ଚୌଦ୍ୱାରର ଲୁଗାକଳରୁ, କାଗଜକଳରୁ ଧୂଆଁ ଉଠୁଛି, ସେତିକି ବେଳେ ମନେ ହୁଏ ଅର୍ଦ୍ଧଶତାବ୍ଦୀ ପୂର୍ବରେ ଯେଉଁ ମନୀଷୀଙ୍କ ପଦତଳକୁ ପଡ଼ିଥିଲି ଏହି ମହାନଦୀ କୂଳରେ

ତାଙ୍କରି ସ୍ୱପ୍ନ ଧୂମାୟିତ ହେଉଛି ନଈ ସେପାରିରେ । ଯେତେବେଳେ ମନେପଡ଼େ—ରାଉରକେଲା, ହୀରାକୁଦ, ପାରାଦୀପ ଏବଂ ଓଡ଼ିଶାର ଅନେକ କ୍ଷୁଦ୍ର କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠାନ—ସେତିକିବେଳେ ମନେପଡ଼େ ସେହି ମହାନ୍ ମନୀଷୀଙ୍କୁ ଯାହାଙ୍କର ଜୀବନର ସାଧନା ସଫଳ ହୋଇଛି ଆଜି ସମଗ୍ର ଜାତିର ଜୀବନରେ । ଯାହାଙ୍କର ବ୍ୟକ୍ତିଗତ ଇଚ୍ଛା ଓ ସାଧନା ଜାତୀୟ ସାଧନା ଓ ସମ୍ପଦରେ ପରିଣତ ହୁଏ, ସେହି ହେଲେ ଜାତିର ଯଥାର୍ଥ ନେତା ଓ ପିତା । ଯିଏ ଦେଶକୁ ତୋଳିବାକୁ ଯାଇ ଦେଉଳିଆ ହୋଇଥିଲେ, ତାଙ୍କର ଜୀବନହିଁ ହୋଇଛି ଗୋଟିଏ ଜୀବନ୍ତ ଦେଉଳ । ଯାହା ଏହି ଜାତି ଚିରଦିନ ପୂଜା କରିବ ।

ମଧୁସୂଦନ ଅନାସକ୍ତ ହୋଇ କର୍ମ କରିଥିଲେ । ଧର୍ମ ତ୍ୟାଗ କଲେହିଁ ଯେ ମଣିଷ ବିଧର୍ମୀ ହୁଏନା, ମଧୁସୂଦନଙ୍କ ଜୀବନହିଁ ତାହାର ପ୍ରତ୍ୟକ୍ଷ ପ୍ରମାଣ । ସେ ହିନ୍ଦୁ ଧର୍ମ ତ୍ୟାଗ କରିଥିଲେ, କିନ୍ତୁ ଗୀତାର କର୍ମ ଯୋଗକୁ ନିଜ ଜୀବନରେ ରୂପାୟିତ କରିଥିଲେ । ତାହାଙ୍କର କର୍ମ ବ୍ୟକ୍ତିଗତ ଜୀବନରେ ଫଳପ୍ରସୂ ହୋଇନାହିଁ କିନ୍ତୁ ଜାତିଗତ ଜୀବନରେ ଯେ ହୋଇଛି ସେଥିରେ କାହାରି ସନ୍ଦେହ ନାହିଁ । ମରଣ ଦେଇଛି ତାଙ୍କୁ ମରଣୋତ୍ତର ଉପାଧି, ମୃତ୍ୟୁ କରିଛି, ତାଙ୍କୁ ମୃତ୍ୟୁଞ୍ଜୟୀ ଶିବ ।

ଇଂରେଜ ମନୀଷୀ ଲର୍ଡ ବେକନ୍ କହିଛନ୍ତି 'Certainly the best works, and of the greatest meritfor the public have proceeded from the un married childless man. " । ସର୍ବୋତ୍କୃଷ୍ଟ ଏବଂ ସବୁଠାରୁ ମହତ୍ ଜନ ହିତକର କାର୍ଯ୍ୟ ସୁନିଶ୍ଚିତ ଭାବରେ ବାହାରିଛି, ଅବିବାହିତ କିମ୍ବା ନିଃସନ୍ତାନ ବ୍ୟକ୍ତିମାନଙ୍କ ପାଖରୁ । ମଧୁସୂଦନଙ୍କ ଜୀବନରେ ଏହି କଥା ଅତି ବଡ଼ ସତ୍ୟ ।

ଯାହାଙ୍କ ଜୀବନରେ ତୃପ୍ତି ନଥିଲା, ତାହାଙ୍କ ଜୀବନରେ ଥିଲା ଏକ ମହାନ୍ ଦୀପ୍ତି, ଯାହା ସମଗ୍ର ଦେଶକୁ ଆଲୋକିତ କରିଛି ।

କଟକ ସହରରେ ମାଛ ଚାଷ

କଟକ ସହରରେ ବ୍ୟକ୍ତିଗତ ମାଲିକାନାରେ ରହିଥିବା ଅନେକଗୁଡ଼ିଏ ପୋଖରୀ ନିତାନ୍ତ ଅପରିଷ୍କାର ଅପରିଚ୍ଛନ୍ନ ଅବସ୍ଥାରେ ରହି ମଶା, ମାଛିମାନଙ୍କର ଆବାସ ସ୍ଥଳରେ ପରିଣତ ହୋଇଛି । ସେଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ କରାଯାଇ ମାଛ ଚାଷ ଉପଯୋଗୀ କରାଗଲେ ବିଶେଷ ଫଳପ୍ରଦ ହୁଅନ୍ତା । ପୋଖରୀ-ଗୁଡ଼ିକ ସୁନ୍ଦର ହୋଇ ଯାଆନ୍ତା ଓ ସେଥିରେ ମାଛ ଚାଷ କରାଯାଇ ଖାଦ୍ୟ ସମସ୍ୟାର ଆଂଶିକ ସମାଧାନ ହୋଇ ପାରନ୍ତା । ସହରରେ ବର୍ତ୍ତମାନ ପ୍ରକୃତରେ କେତେ ପୋଖରୀ ବ୍ୟକ୍ତିଗତ ମାଲିକାନାରେ ରହିଛି ସେ ସମ୍ପର୍କରେ ସଠିକ୍ ତଥ୍ୟ ହସ୍ତଗତ ନ ହେଲେ ସରକାରୀ ସ୍ତରରେ କୌଣସି ଆବଶ୍ୟକୀୟ ପଦକ୍ଷେପ ନେଇ ହେବ ନାହିଁ, ଏଥିପାଇଁ ମତ୍ସ୍ୟ ବିଭାଗ ତରଫରୁ ସହରରେ କେତେକ ସର୍ଭେକାରୀଙ୍କୁ ମୁତୟନ କରାଯାଇଛି । ପୋଖରୀ ସଂପର୍କରେ ଏକାନ୍ତ ଆବଶ୍ୟକୀୟ ତଥ୍ୟଗୁଡ଼ିକ ହେଲା :— ୧ । ପୋଖରୀର ନାମ ଓ ଅବସ୍ଥିତି, ୨ । ମାଲିକଙ୍କ ନାମ ଓ ଠିକଣା, ୩ । ଆୟତନ, ୪ । ଖରାଦିନେ ଓ ବର୍ଷାଦିନେ ପାଣିର ଗଭୀରତା ।

ଏହି ତଥ୍ୟଗୁଡ଼ିକ ମିଳିବା ପରେ ସରକାରୀ ସ୍ତରରେ ସେଗୁଡ଼ିକୁ ସୁନ୍ଦର ଓ ମାଛଚାଷ ଉପଯୋଗୀ କରିବା ପାଇଁ ବିଚାର କରାଯିବ । ତଥ୍ୟଗୁଡ଼ିକ ବ୍ୟକ୍ତିଗତ ଭାବେ ବା ଡାକ ଯୋଗେ କଟକ ଜିଲ୍ଲା ମତ୍ସ୍ୟ ଅଧିକାରୀ କଟକ ୭୫୩୦୨୭ କୁ ଜଣାଇବାକୁ ଅନୁରୋଧ ।

ବର୍ତ୍ତମାନ ଅଧା ଦାମରେ ଚକଚକ ଶୁଭ୍ରତା ସ୍ୱସ୍ତିକ

ଡିଟରଜେଣ୍ଟ ଧୁଆଲୁଗା ପାଉଡର



ପ୍ରତିଥର ସ୍ୱସ୍ତିକ କିଣିଲାବେଳେ ଆପଣ ଟ.୬ ବଂଚାନ୍ତି

ଅପ୍ଟିକାଲ ହ୍ୱାଇଟନର ଯୁକ୍ତ ନୂଆ ସ୍ୱସ୍ତିକ ଡିଟରଜେଣ୍ଟ ଧୁଆଲୁଗା ପାଉଡର ଆପଣଙ୍କ ଲୁଗାପଟାକୁ ଚକଚକ ଶୁଭ୍ର ଓ ପରିଷ୍କାର କରି ଧୁଏ। ବେଶୀ ଦାମର ଉତ୍ତମ ଡିଟରଜେଣ୍ଟ ଧୁଆଲୁଗା ପାଉଡର ଭଳି, ଏହା ଦ୍ରାବିତ ହୋଇଥିବା ଫଳରେ ଏହା ପାଣିରେ ଅତିଶୀଘ୍ର ଗୋଳେଇ ହୋଇଯାଏ। ଏଥିରେ ଲୁଗାପଟା ଅଧିକ ଚକଚକ, ଶୁଭ୍ର ହୋଇଥାଏ। ସବୁ ପ୍ରକାର ସୂତା, ଟେରିଲିନ ଓ ନାଇଲନ ଏବଂ ମିଶ୍ରିତ ବସ୍ତ୍ର ପାଇଁ ସମ୍ପୂର୍ଣ୍ଣ ନିରାପଦ। ଆପଣଙ୍କର ପ୍ରତ୍ୟେକ ୧ କିଲୋଗ୍ରାମ ପ୍ୟାକରେ ଟ.୬ ବଞ୍ଚତ! ଏହା ୧ କିଲୋ ଓ ½ କିଲୋ ପଲିପ୍ୟାକରେ ମିଳୁଛି।

କମରୁ କମ ଦାମ....ଅଧିକରୁ ଅଧିକ କାମ

Shilpi dm-9A/75

ଗରିବୀର ସୁଯୋଗ

ଆରମ୍ଭରୁ ମୁଁ କହିବାକୁ ଚାହେଁ ଯେ, ମୁଁ ମାଡ୍ରାସରେ ଜନ୍ମ ହୋଇ, ସେଠାରେ ମୋର ବାଲ୍ୟଜୀବନ କଟାଇଥିବାରୁ, ମୁଁ ଓଡ଼ିଆରେ ଭଲ କହିପାରେ ନାହିଁ। ଓଡ଼ିଆ ଭାଷା ଉଚ୍ଚାରଣ କରିବାରେ ଓ ଓଡ଼ିଆ ଶବ୍ଦ ବ୍ୟବହାରରେ ମୋର ତ୍ରୁଟି ଆଶଙ୍କା କରି ପ୍ରଥମରୁ କ୍ଷମା ମାଗିନେଉଛି।

ଶ୍ରୀ କେ. ଶ୍ରୀନିବାସନ୍

ରାଜସ୍ୱ କମିଶନର, ଉତ୍ତରାଞ୍ଚଳ

ଆମର ଉତ୍ତର-ରାଜସ୍ୱ-ଅଞ୍ଚଳରେ ପ୍ରଧାନମନ୍ତ୍ରୀଙ୍କ କୋଡ଼ିଏ-ଦଫା ଅର୍ଥନୈତିକ କାର୍ଯ୍ୟକ୍ରମ କେତେଦୂର ବ୍ୟାପକ ସେ ସମ୍ପର୍କରେ ଆପଣମାନଙ୍କୁ କିଛି କହିବାକୁ ଯାଉଛି। କାର୍ଯ୍ୟକାରୀ ହେବାକୁଥିବା କୋଡ଼ିଏ ଦଫା ମଧ୍ୟରୁ କେତେକ ଜାତୀୟ ସ୍ତରରେ ବା ପ୍ରାଦେଶିକ ସ୍ତରରେ କାର୍ଯ୍ୟକାରୀ କରାଯାଉଛି। ଯଥା- ଗ୍ରାମାଞ୍ଚଳରେ ପରିବାରଙ୍କୁ ଋଣମୁକ୍ତ କରିବାକୁ ବ୍ୟବସ୍ଥା କରିବା, ଅଧିକ ବିଦ୍ୟୁତଶକ୍ତି ଉତ୍ପାଦନ କରିବା, ହସ୍ତତନ୍ତ ଶିଳ୍ପର ଉନ୍ନତି କରିବା, ସହରାଞ୍ଚଳ ଜମିର ସମାଜୀକରଣ କରିବା, ଟିକସ ଫାଙ୍କି ପ୍ରତି ଦଣ୍ଡ ବିଧାନ କରିବା, ଚୋରା ବେପାରୀର ସମ୍ପତ୍ତି ବାଜ୍ୟାପ୍ତ କରିବା, ପୁଞ୍ଜି ବିନିଯୋଗ ବ୍ୟବସ୍ଥାକୁ କୋହଳ କରିବା, କାରଖାନାରେ ଶ୍ରମିକମାନଙ୍କୁ ଅଂଶୀଦାର କରିବା, ରାସ୍ତା ପରିବହନ ସହାଣେ ଜାତୀୟ ଅନୁମତି ବ୍ୟବସ୍ଥା କରିବା ଇତ୍ୟାଦି।

ମୁଁ ଏହି ଆଲୋଚନାରେ ଗୃହଜମି ବଣ୍ଟନ, ଗୃହଉପଯୋଗୀ ଭୂମିବଣ୍ଟନ ଏବଂ ବୃଦ୍ଧି କରାଯାଉଥିବା ଜଳସେଚନ ସୁବିଧା ବିଷୟରେ କିଛି କହିବି। ଜିଲ୍ଲା ସ୍ତରରେ ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହେଲା ଜମିହୀନ ଲୋକଙ୍କୁ

ଜମି ଦେବା। ଆମ ଦେଶରେ ବିଶେଷତଃ ଗ୍ରାମାଞ୍ଚଳରେ ଜମି ନଥିବା ଲୋକର ମର୍ଯ୍ୟାଦା ବା ସାମାଜିକ ସ୍ଥିତି ନାହିଁ। ସେ କୌଣସି ସମବାୟ ଋଣ ପାଇ ପାରେନାହିଁ। ସେ କେବଳ ସାମୟିକ ପରିଶ୍ରମ ଉପରେ ନିର୍ଭର କରେ ଯାହାକି ତାହାକୁ ବର୍ଷକରେ ଅତିବେଶୀରେ ଶହେଦିନ ମାତ୍ର କାମ ଯୋଗାଇଥାଏ। ଏପରି ଭୂମିହୀନ ଲୋକସବୁ ଓଡ଼ିଶାରେ ବହୁତାଧିକ ରହିବ। ଏପରିକି ସେମାନଙ୍କର ପେଟପୂରା ଖାଇବାକୁ ଖାଦ୍ୟ ନଥାଏ। ଏପରି ଲୋକଙ୍କୁ କିଛି ଜମି ଦେବାହିଁ ପ୍ରକୃତରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ତିନିପ୍ରକାର କାର୍ଯ୍ୟକ୍ରମ ବର୍ତ୍ତମାନ କାର୍ଯ୍ୟକାରୀ ହେବା ଅବସ୍ଥାରେ ଅଛି। ପ୍ରଥମ କାର୍ଯ୍ୟ ହେଉଛି-ସମସ୍ତ ସରକାରୀ କୃଷି-ଉପଯୋଗୀ ଜମିକୁ ଜମିହୀନ ଲୋକଙ୍କ ମଧ୍ୟରେ ଯଥାସମ୍ଭବ ବଣ୍ଟନ କରିବା। ଗତବର୍ଷ ପ୍ରାୟ ଏକଲକ୍ଷ ଏକର ଜମି ବାଣ୍ଟିବା ଆମର ଲକ୍ଷ୍ୟ ଥିଲା। ମୁଁ ଆନନ୍ଦିତ ଯେ ଆମେ ଆମର ନିର୍ଦ୍ଧାରିତ ଲକ୍ଷ୍ୟ ଅତିକ୍ରମ କରି ପ୍ରାୟ ଏକଲକ୍ଷ ସତର ହଜାର ଏକର ଜମି ବାଣ୍ଟିସାରିଛୁ। ଉକ୍ତ ରାଜସ୍ୱ ଅଞ୍ଚଳର ପ୍ରତ୍ୟେକ ଜିଲ୍ଲାରେ ଭୂମି ବଣ୍ଟନ କାର୍ଯ୍ୟକ୍ରମ ତାର ଲକ୍ଷ୍ୟ ଅତିକ୍ରମ କରିଛି। ଏବର୍ଷ ଅକ୍ଟୋବର ମାସ ପର୍ଯ୍ୟନ୍ତ ପ୍ରାୟ ଚଉରାଳିଶି ହଜାର ଛଅଶହ ଏକର ଜମି ବାଣ୍ଟିବା ଆମର ଲକ୍ଷ୍ୟ ଥିଲା। ବର୍ତ୍ତମାନ ସୁଦ୍ଧା ଆମେ ଏକଚାଳିଶ ହଜାର ଏକର ଜମି ବାଣ୍ଟିସାରିଛୁ। ବଲାଙ୍ଗୀର ଜିଲ୍ଲାରେ ଲକ୍ଷ୍ୟଥିଲା ତିନିହଜାର ସାତଶହ ପଚାଶ ଏକର; ବଣ୍ଟାହୋଇଛି ତିନି ହଜାର ଛଅଶହ ଏକର। ଢେଙ୍କାନାଳ ଜିଲ୍ଲାରେ ଲକ୍ଷ୍ୟଥିଲା ଚଉଦ ହଜାର ଦୁଇଶହ ଏକର; ବଣ୍ଟା ହୋଇଛି ଏଗାର ହଜାର ଛଅଶହ ଏକର। କେନ୍ଦୁଝର ଜିଲ୍ଲାରେ ଲକ୍ଷ୍ୟଥିବ ତିନିହଜାର ଏକର ବଣ୍ଟାସରିଛି ଦୁଇହଜାର ତିନିଶହ ଏକର। ସମ୍ବଲପୁର ଜିଲ୍ଲାରେ ଲକ୍ଷ୍ୟଥିଲା ବାର ହଜାର ଏକର; ବଣ୍ଟାସରିଛି ବାର ହଜାର ସାତଶହ ଏକର। ସୁନ୍ଦରଗଡ଼ ଜିଲ୍ଲାରେ ଲକ୍ଷ୍ୟଥିଲା ଏଗାର ହଜାର ଛଅଶହ ଏକର; ବଣ୍ଟା ସରିଛି ଆଠ ହଜାର [illegible] ଶହ ଏକର।

ଦ୍ୱିତୀୟ କାର୍ଯ୍ୟକ୍ରମ ହେଲା ପରିବାରର ସର୍ବୋଚ୍ଚ ଜମିସୀମାରୁ ବଳକା ଜମି ନେଇ ଜମିହୀନ ଲୋକଙ୍କୁ ବାଣ୍ଟିବା। ଏହି କାର୍ଯ୍ୟ ପଞ୍ଚସ୍ତରୀ ମସିହା ଜୁଲାଇ ମାସରୁ ଆରମ୍ଭ ହୋଇଛି। ପ୍ରାୟ ଏକ ହଜାର ସତର ଏକର ଏପରି ବଳକା ଜମି ସରକାରଙ୍କଠାରେ ଅଛି। ସେଥିରୁ ପ୍ରାୟ ବୟାଳିଶ ଏକର ବଲାଙ୍ଗୀର ଜିଲ୍ଲାରେ ଅଣଷଠି ଏକର କେନ୍ଦୁଝର ଜିଲ୍ଲାରେ, ପାଞ୍ଚଶହ ସତାଅଶୀ ଏକର ସମ୍ବଲପୁର ଜିଲ୍ଲାରେ ଏବଂ ଦୁଇଶହ ଅଣାଅଶୀ ଏକର ସୁନ୍ଦରଗଡ଼ ଜିଲ୍ଲାରେ ଅଛି। ଏହି ଏକ ହଜାର ସତର ଏକର ଜମିରୁ ତିନିଶହ ପଚିଶ ଏକର ଜମି ଚାରୋଟି ଜିଲ୍ଲାକୁ ହସ୍ତାନ୍ତରିତ କରାଯାଇ ସାରିଛି ଏବଂ ପ୍ରାୟ ଏକଶହ ଚଉଷଠି ଏକର ଜମି ସମ୍ବଲପୁର ଏବଂ କେନ୍ଦୁଝର ଜିଲ୍ଲାର ଜମିହୀନ ଲୋକଙ୍କୁ ବାଣ୍ଟି ଦିଆସରିଣି।

ତୃତୀୟ କାର୍ଯ୍ୟକ୍ରମ ହେଲା ଗ୍ରାମ ସଭାପାଇଁ ସଂରକ୍ଷିତ ସମସ୍ତ ଗୋଚର ଜମିକୁ ଫେରସ୍ତ ନେଇ ଜମିହୀନ ଲୋକଙ୍କୁ ବାଣ୍ଟିଦେବା। ଏହି କାର୍ଯ୍ୟ ଏକବର୍ଷରୁ ଅଧିକ ଆଗରୁ ବଲାଙ୍ଗୀର ଜିଲ୍ଲାରେ ଆରମ୍ଭ ହୋଇସାରିଛି। ଗ୍ରାମ ସଭାପାଇଁ ସଂରକ୍ଷିତ ଏପରି ପନ୍ଦରହଜାର ନଅଶହ ଷୋହଳ ଏକର ଜମିରୁ ଚଉଦ ହଜାର ତିନିଶହ ଏକାନବେ ଏକର ଜମି ଫେରସ୍ତ ନିଆଯାଇ ବାର ହଜାର ପାଞ୍ଚଶହ ସତେଇଶ ଏକର ଜମି ଜମିହୀନ ଲୋକଙ୍କୁ ବଣ୍ଟାସରିଛି। ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ଏହି କାର୍ଯ୍ୟ ଅଳ୍ପଦିନ ହେଲା ଆରମ୍ଭ ହୋଇଛି।

ଏହିପରି ସରକାର ଜମିହୀନ ଲୋକଙ୍କୁ ଜମି ଦେବାପାଇଁ ଯେତେଦୂର ସମ୍ଭବ ସବୁପ୍ରକାର ଚେଷ୍ଟା କରୁଛନ୍ତି। କେବଳ ଏହି କାର୍ଯ୍ୟ ଆମର ଉଦ୍ଦେଶ୍ୟ ସାଧନରେ ସାହାଯ୍ୟ କରିବ ନାହିଁ ଉପଲବ୍ଧି କରି ସରକାର ଜିଲ୍ଲାପାଳମାନଙ୍କୁ ସେହି ଜମିମାନଙ୍କର ଚକବନ୍ଦୀ କରି ମିଶ୍ରିତ ଉନ୍ନୟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭୂମିହୀନ ଅଂଶୀଦାରମାନଙ୍କୁ ସମବାୟ ସମିତିର ସଭ୍ୟ କରାଯାଏ। ସେମାନେ ଋଣ ପାଆନ୍ତି। ସେମାନଙ୍କୁ ଆଦର୍ଶ ଚାଷ, ଉନ୍ନତ ବିହନ ବ୍ୟବହାର, ସାର ବ୍ୟବହାର ଏବଂ କୀଟନାଶକ ଔଷଧ ବ୍ୟବହାର ସମ୍ବନ୍ଧୀୟ କାରିଗରୀ ଉପଦେଶ ଦିଆଯାଇଥାଏ। ସଂକ୍ଷେପରେ କହିବାକୁ ଗଲେ ସରକାରୀ ଉନ୍ନୟନ ଅଫିସରମାନେ ଭୂମିହୀନ ଅଂଶୀଦାରମାନଙ୍କୁ ତାଙ୍କର ଜମି ଚାଷ କରିବାପାଇଁ ଅନେକ ରୂପେ ସାହାଯ୍ୟ କରି ଥାଆନ୍ତି।

ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହେଲା, ବାସହୀନ ଲୋକମାନଙ୍କୁ ଗୃହ ଉପଯୋଗୀ ଜମି ଯୋଗାଇ ଦେବା ଏବଂ ଘର ତିଆରି କରିବା ପାଇଁ ସେମାନଙ୍କୁ ସାହାଯ୍ୟ କରିବା। ଏହି ପରିକଳ୍ପନାକୁ କାର୍ଯ୍ୟକାରୀ କରିବା ପାଇଁ ଗତ ବର୍ଷ ଏବଂ ଏ ବର୍ଷ ଢେଙ୍କାନାଳ, କେନ୍ଦୁଝର ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ନଅଲକ୍ଷ କୋଡ଼ିଏ ହଜାର ଟଙ୍କା ମଞ୍ଜୁର କରାଯାଇଛି। ଏହା ଅନ୍ତତଃ ଚାରି ହଜାର ଲୋକଙ୍କର ଉପକାରରେ ଆସିବ। ଏ ଦିଗରେ ଅଗ୍ରଗତି ସନ୍ତୋଷଜନକ ଅଟେ। ଜମିହୀନ ଲୋକଙ୍କୁ ଦିଆଯାଇଥିବା ଚାଷ ଜମିର ଅତି ପାଖରେ ତାର ଘର ଉପଯୋଗୀ ଜମିର ସ୍ଥାନ ନିରୂପଣ କରିବାରେ ଜିଲ୍ଲାପାଳମାନେ ବିଶେଷ ଯତ୍ନ ନେଉଛନ୍ତି। ସରକାର ସେହି ଲୋକମାନଙ୍କୁ କାଠ ଓ ବାଉଁଶ ଯୋଗାଇ ଦେଉଥାନ୍ତି। ଆହୁରି ମଧ୍ୟ ସେମାନଙ୍କୁ ଟଙ୍କା ପଇସା ଆକାରରେ ସାହାଯ୍ୟ କରନ୍ତି। ଏହିପ୍ରକାର ସାହାଯ୍ୟର ଉଦ୍ଦେଶ୍ୟ ହେଲା ଆର୍ଥିକ ବ୍ୟୟ ବିନା, ଜଣେ କେବଳ ଶ୍ରମ ବିନିଯୋଗରେ ଘରଟିଏ ତିଆରି କରିପାରିବ।

ପ୍ରଧାନ ମନ୍ତ୍ରୀଙ୍କ କୋଡ଼ିଏ ଦଫା ସମ୍ବଳିତ କାର୍ଯ୍ୟକ୍ରମର ଅନ୍ୟଏକ ବିଶେଷ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଲା, ଉଠା ଜଳସେଚନ ଓ ଖୋଲା କୂପ ଯୋଜନା ଉପରେ ଗୁରୁତ୍ୱ ଦେଇ ଜଳସେଚନର ସୁବିଧା ବୃଦ୍ଧିକରିବା। କ୍ଷୁଦ୍ର ଜଳ ସେଚନ ଯୋଜନାଗୁଡ଼ିକ ଯେତେ ଦ୍ରୁତ ସବୁ ଜିଲ୍ଲାମାନଙ୍କରେ ଅଗ୍ରଗତି କରିଛି। ୧୯୭୩ ମସିହା ଶେଷସୁଦ୍ଧା, ଗ୍ରାମ୍ୟ ଇଞ୍ଜିନିୟରିଂ ସଂସ୍ଥା (R.E.O.) ଅଧୀନରେ ଥିବା କ୍ଷୁଦ୍ର ଜଳସେଚନ ଯୋଜନା ଗୁଡ଼ିକ, ଖରିଫ୍ ଏବଂ ରବି ଉଭୟ ଚାଷ ପାଇଁ ଜଳ ସେଚନର ସୁବିଧା ଯୋଗାଇପାରୁଛି। ବଲାଙ୍ଗୀର ଜିଲ୍ଲାରେ

ତେରହଜାର ଆଠଶହ ଏକର, ଢେଙ୍କାନାଳ ଜିଲ୍ଲାରେ ଏକାବନ ହଜାର ନଅଶହ, କେନ୍ଦୁଝର ଜିଲ୍ଲାରେ ପନ୍ଦର ହଜାର ଛଅଶହ, ସମ୍ବଲପୁର ଜିଲ୍ଲାରେ ସତେଇଶ ହଜାର ଦୁଇଶହ ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଚବିଶ ହଜାର ପାଞ୍ଚଶହ ଏକର, ଏହିପରି ଉଭୟ ରାଜସ୍ୱ ଅଞ୍ଚଳର ପାଞ୍ଚଟି ଜିଲ୍ଲାରେ ସର୍ବମୋଟ ଏକଲକ୍ଷ ତେତିଶି ହଜାର ଏକର ଜମିରେ, ଗ୍ରାମ୍ୟଇଂଜିନିୟରିଂ ସଂସ୍ଥା ଅଧୀନର କ୍ଷୁଦ୍ର ଜଳସେଚନ ଯୋଜନା ମାଧ୍ୟମରେ, ଜଳସେଚନ ସୁବିଧା କରାଯାଇ ପାରିଛି । ସରକାର ଯେତେଦୂର ସମ୍ଭବ, ସମସ୍ତ ଅସଂପୂର୍ଣ୍ଣ କ୍ଷୁଦ୍ର ଜଳ ସେଚନ ଗତବର୍ଷ ଯୋଜନା ଗୁଡ଼ିକୁ ସଂପୂର୍ଣ୍ଣ କରିବାକୁ ବିଶେଷ ପ୍ରଯତ୍ନ କରିଥିଲେ । ଏହି ଅଞ୍ଚଳର ସର୍ବମୋଟ ଅସଂପୂର୍ଣ୍ଣ ଚଉତିରିଶଟି କ୍ଷୁଦ୍ର ଜଳସେଚନ ଯୋଜନାପାଇଁ ସରକାର ଏକଶହ ଦଶଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ମୁଁ ଆନନ୍ଦର ସହିତ କହୁଛିକି—ଏହି ଚଉତିରିଶଟି ଯୋଜନା ସଂପୂର୍ଣ୍ଣ ହୋଇ, ଅଧିକ ତେତିଶ ହଜାର ଆଠଶହ ଏକର ଜମିକୁ ଜଳ ସେଚନର ସୁବିଧା ଯୋଗାଇ ଦେଇଛି । ଏହିପରି ଭାବେ ଏକ ବର୍ଷ ମଧ୍ୟରେ କ୍ଷୁଦ୍ର ଜଳସେଚନର ସୁବିଧାକୁ ବିଗତ ଦଶ ବର୍ଷ ବା ତତୋଧିକ ବର୍ଷରେ ଦିଆଯାଇଥିବା ଜଳସେଚନ ସୁବିଧାର ଶତକଡ଼ା ପ୍ରାୟ ପଚିଶ ଭାଗକୁ ବୃଦ୍ଧି କରାଯାଇ ପାରିଛି । ପ୍ରକୃତରେ ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥା ଉତ୍ତମ କାମ କରିଛନ୍ତି ।

ଓଡ଼ିଶା ଉଠା ଜଳସେଚନ କରପୋରେସନ ମଧ୍ୟ ଉତ୍ତମ କାମ କରିଛନ୍ତି । ଗତବର୍ଷର ପ୍ରଥମ ଭାଗରେ ଏହି ପାଞ୍ଚଟି ଜିଲ୍ଲାରେ ଖରିଫ୍ ଓ ରବି ଉଭୟ ଋତୁପାଇଁ ଉଠା ଜଳସେଚନ ଯୋଜନାମାନଙ୍କର, ପ୍ରାୟ ପନ୍ଦର ହଜାର ଛଅଶହ ଏକର ଜମିକୁ ଜଳସେଚନ କରିବାର ସାମର୍ଥ୍ୟ ଥିଲା । ଗତବର୍ଷ ଅତିରିକ୍ତ ପ୍ରାୟ ଛଅଶହ ଏକର ଜମିକୁ, ଉଠା ଜଳ ସେଚନର ସୁବିଧା ଯୋଗାଇ ଦିଆଯାଇଥିଲା । ଏବର୍ଷ ଦଶହଜାର ଚାରିଶହ ଏକର ଜମିକୁ, ଜଳ ଯୋଗାଣ ପାଇଁ ଲକ୍ଷ୍ୟ ରଖାଯାଇଛି । ପାଞ୍ଚହଜାର ଚାରିଶହ ଏକର ଜମିକୁ ଜଳ ଯୋଗାଣ କରିବା ପାଇଁ ପରିକଳ୍ପନା ସଂପୂର୍ଣ୍ଣ ହୋଇସାରିଲାଣି । ବର୍ତ୍ତମାନ ସଂପୂର୍ଣ୍ଣ ହୋଇଥିବା ଉଠାଜଳସେଚନ ପରିକଳ୍ପନାଗୁଡ଼ିକୁ ମିଶାଇଲେ ଆନୁମାନିକ, ବଲାଙ୍ଗୀର ଜିଲ୍ଲାରେ ତିନି ହଜାର ପାଞ୍ଚଶହ ଏକର ଢେଙ୍କାନାଳ ଜିଲ୍ଲାରେ ସାତହଜାର ଚାରିଶହ ଏକର କେନ୍ଦୁଝର ଜିଲ୍ଲାରେ ଦୁଇହଜାର ନଅଶହ ଏକର, ସମ୍ବଲପୁର ଜିଲ୍ଲାରେ ସାତ ହଜାର ଦୁଇଶହ ଏକର ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ପାଞ୍ଚହଜାର ଛଅଶହ ଏକର, ଏପରି ଉଭୟ ରାଜସ୍ୱ ଅଞ୍ଚଳର ପାଞ୍ଚଟି ଜିଲ୍ଲାରେ ସର୍ବମୋଟ ଆନୁମାନିକ, ଦୁଇଲକ୍ଷ ଛଅହଜାର ଛଅଶହ ଏକର ଜମିକୁ, ଖରିଫ୍ ଏବଂ ରବି ଉଭୟ ଋତୁ ପାଇଁ ଜଳସେଚନର ସୁବିଧା ମିଳି ପାରିବ ।

ଜମିବଣ୍ଟନ ଓ ଜଳସେଚନ ସଂପର୍କରେ ମୁଁ ଆପଣମାନଙ୍କୁ ଏକ ବିସ୍ତୃତ ବିବରଣୀ ଦେଉଛି । ଚାଷ କରିବାକୁ ଚିଛି ଜମି ଓ ଫସଲ ପାଇଁ ପାଣି ନିତାନ୍ତ ଆବଶ୍ୟକ । ଗ୍ରାମରେ ବାସକରୁଥିବା ଲୋକଙ୍କୁ ଏହି ଦୁଇଟି ଜିନିଷ ବିଶେଷ ଦରକାର । ତେଣୁ ମୁଁ ସେ ସଂପର୍କରେ ସଂପୂର୍ଣ୍ଣ ବିବରଣୀ ଦେଲି ।

ପ୍ରଧାନମନ୍ତ୍ରୀଙ୍କ କୋଡ଼ିଏ ଦଫା କାର୍ଯ୍ୟକ୍ରମ ଅନ୍ତର୍ଗତ ଅନ୍ୟାନ୍ୟ ଦଫାଗୁଡ଼ିକୁ ମଧ୍ୟ ଜିଲ୍ଲା ସ୍ତରରେ କାର୍ଯ୍ୟକାରୀ କରିବାକୁ ବିଶେଷ ଧ୍ୟାନ ଦିଆଯାଉଛି । ଉକ୍ତ ଦଫା ସବୁ ହେଲା :—

(କ) ଦରଦାମ ବୃଦ୍ଧି ପ୍ରତି ଦୃଷ୍ଟି ରଖି ଅସାଧୁ ବ୍ୟବସାୟୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ।

(ଖ) ଋଣଦାତାମାନଙ୍କ ପ୍ରତି ଦୃଷ୍ଟିରଖି ସେମାନଙ୍କର ବେନିୟମ କାର୍ଯ୍ୟ ବିରୁଦ୍ଧରେ ଦରକାର ପଡ଼ିଲେ କାର୍ଯ୍ୟାନୁଷ୍ଠାନ ।

(ଗ) ସମବାୟ ସମିତି ମାଧ୍ୟମରେ ଜନସାଧାରଣଙ୍କୁ କଣ୍ଟ୍ରୋଲ କପଡ଼ା ମିଳିବା ପାଇଁ ପଦକ୍ଷେପ ଗ୍ରହଣ ।

(ଘ) ଛାତ୍ରମାନଙ୍କୁ ଅତି ଦରକାରୀ ଜିନିଷ ଯୋଗାଇ ଦେବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ।

(ଙ) ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ତାଙ୍କର ପଢ଼ାବହି ଯୋଗାଇ ଦେବାକୁ ପଦକ୍ଷେପ ନେବା ।

(ଚ) ନୂଆ କ୍ଷୁଦ୍ରଶିଳ୍ପ ସ୍ଥାପନ ଓ ଅନ୍ୟାନ୍ୟ ଶିଳ୍ପ ସ୍ଥାପନକରି ଲୋକଙ୍କୁ ଅଧିକ କାର୍ଯ୍ୟ ଯୋଗାଇ ଦେବା ।

ମୁଁ କହୁନାହିଁ ଯେ ଆମର ସମସ୍ତ ପ୍ରଚେଷ୍ଟା ଓ ପ୍ରୟାସ ସମ୍ପୂର୍ଣ୍ଣ ତ୍ରୁଟିହୀନ । ଆମର ମଧ୍ୟ କେତେକ ଭୁଲ ଥାଇପାରେ । କିନ୍ତୁ ଜରୁରୀ ପରିସ୍ଥିତି ଘୋଷଣା ପରେ ଆମର ସରକାରୀ ପ୍ରଶାସକ ଏବଂ କର୍ମଚାରୀମାନେ ଅଧିକ ସମୟାନୁବର୍ତ୍ତୀ ହୋଇଛନ୍ତି । ଶିଳ୍ପାନୁଷ୍ଠାନରେ କାର୍ଯ୍ୟ କରୁଥିବା ଶ୍ରମିକ ମାନେ ମଧ୍ୟ ଅଧିକ ଉତ୍ପାଦନ କରିବାରେ ସାହାଯ୍ୟ କରୁଛନ୍ତି । ଉଦାହରଣ ସ୍ୱରୂପ ଆମର ରାଉରକେଲା ଇସ୍ପାତ କାରଖାନାର ଶ୍ରମିକମାନେ ବିଗତ ବର୍ଷମାନଙ୍କର ସର୍ବୋଚ୍ଚ ଇସ୍ପାତ୍ ଉତ୍ପାଦନ ସୀମାକୁ ଟପି ଯାଇଛନ୍ତି । ସ୍କୁଲ ଓ କଲେଜ ଗୁଡ଼ିକ କାର୍ଯ୍ୟଦକ୍ଷ ଓ ଶାନ୍ତି ବାତାବରଣ ମଧ୍ୟରେ ପରିଚାଳିତ ହେବାରେ ଆମର ଛାତ୍ର ଭାଇମାନେ ମଧ୍ୟ ସାହାଯ୍ୟ କରୁଛନ୍ତି । ଏହିପରି ଶ୍ରମିକ, ଛାତ୍ର, ଜନସାଧାରଣ ଏବଂ ସରକାରୀ କର୍ମଚାରୀମାନେ ସମ୍ମିଳିତ ଭାବେ ଦେଖାଇ ଦେଇଛନ୍ତି ଯେ ଆମ୍ଭେମାନେ ସମସ୍ତେ ଏକତାବଦ୍ଧ ହୋଇ କାର୍ଯ୍ୟ କରିପାରିବା । ଭାରତବର୍ଷକୁ ପ୍ରଗତିର ଯୁଗପରି ମହତ୍‌କରି ଓ ସମୃଦ୍ଧକରି ଗଢ଼ିବା ପାଇଁ ବୋଧହୁଏ ଏହି ଶତାବ୍ଦୀରେ ପ୍ରଥମ ଥର ପାଇଁ ଆମମାନଙ୍କୁ ଏକ ସୁଯୋଗ ମିଳିଛି । ଏବଂ ଏ ସୁବର୍ଣ୍ଣ ସୁଯୋଗର ସଦ୍‌ବ୍ୟବହାର ନକରି ପାରିଲେ ଆମ୍ଭେମାନେ ନିଶ୍ଚୟ ଆମର ଭବିଷ୍ୟ ପୁରୁଷମାନଙ୍କ ନିକଟରେ ଦୋଷୀହେବୁ ।

ଯେଉଁ ଆଧୁନିକ କାରିଗରୀ ବିଜ୍ଞାନରେ ଆମର ଟି ଭି ତିଆରି ସେହି ଭାବରେ ହିଁ ତିଆରି ଆମର ରେଡିଓ





ଟେଲିରାଡ ରେଡିଓ; ଟେଲିରାଡ ଟି.ଭି. ଭଳି ଉଚ୍ଚପ୍ରିୟତା ଅର୍ଜନ କରିଛି ଟେଲିରାଡ ରେଡିଓ । ଏହାର ମୁଖ୍ୟ କାରଣ ହେଉଛି, ଟେଲିଭିଜନ କ୍ଷେତ୍ରରେ ଟେଲିରାଡ ଯେଉଁ କାରଣରୁ ପ୍ରାଧାନ୍ୟ ଲାଭ କରିଛି, ସେହି ଉନ୍ନତ କାରିଗରୀ କୌଶଳ ରେଡିଓର କ୍ଷେତ୍ରରେ ମଧ୍ୟ ବ୍ୟବହୃତ ହୋଇଛି । ତେଣୁ ଭବିଷ୍ୟତରେ ଯେତେ-ବେଳେ ରେଡିଓ କିଣିବେ, ସେତେବେଳେ ଟେଲିରାଡ ରେଡିଓ କୁ ଦେଖନ୍ତୁ ଓ ଶୁଣନ୍ତୁ । ଏକ, ଦୁଇ, ତିନି ବା ଚାରି ବ୍ୟାଣ୍ଡର ହେଉ ଏବଂ ଆପଣଙ୍କର ବଜେଟ୍ ଟ. ୮୫ ହେଉ ବା ଟ. ୧୫୦୦ ହେଉ, ଆପଣ ନିଶ୍ଚିତଭାବେ ଜାଣିପାରିବେ ଯେ ଅଧୁନିକ କାରିଗରୀ ବିଜ୍ଞାନ କପରି ଏକ ଅପୂର୍ବ ଇଲେକ୍ଟ୍ରୋନିକ ସୃଷ୍ଟି ଆପଣ ଦେଖୁଛନ୍ତି ଓ ଶୁଣୁଛନ୍ତି ।

ଟେଲିରାଡ-ଏହାର ପଶ୍ଚାତରେ ରହିଛି ସାସ୍ୱାଣ୍ଡ ଇଲେକଟ୍ରୋନିକସ ରିସର୍ଚ୍ଚ ସେଣ୍ଟରର କାରୀଗରୀ ନିର୍ମାଣ କୌଶଳ ।

TELERAD

ଟେଲିରାଡ — ଟି ଭି. ରେଡିଓ. ଟ୍ରାନଜିଷ୍ଟର. ଷ୍ଟିରିଓ ସିଷ୍ଟମ

Shilpi TR 30a/75 or

ବିଦ୍ୟାଳୟ ବାହାରେ ଶିକ୍ଷା

ଶ୍ରୀ ପୀତାମ୍ବର ପାଣିଗ୍ରାହୀ

ଆମ ଦେଶରେ ତାସ୍ତାରେ ଯାଉଥିବା କୌଣସି ସାଧାରଣ ଲୋକଙ୍କୁ ଯଦି ଶିକ୍ଷା ସମ୍ବନ୍ଧରେ କେତେ ଗୁଡ଼ିଏ ମୌଳିକ ପ୍ରଶ୍ନ ପଚରାଯାଏ ତା'ହେଲେ ଯେଉଁ ଉତ୍ତର ମିଳିବ ତାହାର ରୂପରେଖ ଅନେକାଂଶରେ ଏଇମିତି ହେବ—

——ଆଜ୍ଞା ମହାଶୟ ! କେଉଁମାନେ ଶିକ୍ଷା ପାଇବା ଉଚିତ କହିପାରିବେ କି ?

——କେଉଁମାନେ ଆଉ ପାଇବେ ? ଆପଣ କଣ ଭାବୁଛନ୍ତି ବୁଢ଼ାମାନେ ପାଠ ପଢ଼ିବେ ? ପିଲା ବୟସଟା ପାଠପଢ଼ା ପାଇଁ ଉପଯୁକ୍ତ ବୋଲି ଆପଣ କ'ଣ ଜାଣି ନାହାନ୍ତି ?

——ଶିକ୍ଷା କେଉଁଠାରେ ଦିଆଯିବା ଉଚିତ ବୋଲି ଆପଣ ଭାବୁଛନ୍ତି ?

——ସ୍କୁଲ, କଲେଜ ବ୍ୟତୀତ ଅନ୍ୟ କେଉଁଠି ପାଠପଢ଼ାର ସୁବିଧା ହେବ ନାହିଁ ।

——କିଏ ଶିକ୍ଷା ଦେବା ଉଚିତ ?

——କାହିଁକି..............................ମାଷ୍ଟ୍ରେ ! !

——କ'ଣ ଶିକ୍ଷା ଦିଆଯିବା ଉଚିତ ?

——ପାଠ !

——କିପରି ଶିକ୍ଷା ଦିଆଯିବା ଉଚିତ୍ ?

——ସେ କଥା ଆଜ୍ଞା ମାଷ୍ଟ୍ରେ ଜାଣନ୍ତି ! ! ମାଷ୍ଟ୍ରଙ୍କୁ ପଚାରନ୍ତୁ ।

ଜଣେ ସାଧାରଣ ମଣିଷର ଏ ପ୍ରକାର ଉତ୍ତର ଆଜିର ଶିକ୍ଷା ଓ ତା'ର ସମସ୍ୟା ସମ୍ପର୍କରେ ଗଭୀର ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ମନେହୁଏ । ପ୍ରଥମେ ପ୍ରଶ୍ନ ଉଠେ ଏ ପ୍ରକାର ଉତ୍ତର କାହିଁକି ? ଯେଉଁ ବ୍ୟକ୍ତି ଏ ଉତ୍ତର ଦେଲେ ସେ ବେଶ୍ ଭାବିଚିନ୍ତି ଏ ପ୍ରକାର ଉତ୍ତର ଦେଇଛନ୍ତି ନା ବର୍ତ୍ତମାନର ସାମାଜିକ ଧାରଣାରେ ତାଙ୍କ ମନ ଭିତରେ ଶିକ୍ଷା ସମ୍ବନ୍ଧରେ ଯେଉଁ ଧାରଣା ବଦ୍ଧମୂଳ ହୋଇ ବସା ବାନ୍ଧି ରହିଛି ତାହାହିଁ ସେ ପ୍ରକାଶ କରିଛନ୍ତି ? ଉତ୍ତରଗୁଡ଼ିକ ପରୀକ୍ଷା କଲେ ମନେହୁଏ ଯେ ବ୍ୟକ୍ତି ଜଣକ—ଶିକ୍ଷା ବିଷୟରେ ମୋଟେ ଚିନ୍ତା କରିନାହାନ୍ତି । ଯାହା ପୂର୍ବରୁ ଚଳି ଆସୁଛି ବା ବର୍ତ୍ତମାନର ସାମାଜିକ ଚଳଣୀ ଭିତରେ ଯାହା ସେ ଅନୁଭବ କରିଛନ୍ତି-ତାକୁଇ ଭିତ୍ତି କରି ନିଜର ଦାୟିତ୍ୱ ତୁଲେଇବା ପାଇଁ ସେ ଚେଷ୍ଟା କରିଛନ୍ତି । ଅନ୍ୟପକ୍ଷରେ ଏ ପ୍ରକାର ଉତ୍ତରରୁ ଜଣାପଡ଼େ, ସମାଜର ସାଧାରଣ ବ୍ୟକ୍ତି ବିଶେଷ, ଶିକ୍ଷା ସମ୍ପର୍କରେ କେତେ ନିରାସକ୍ତ ଓ କେତେ ବୀତସ୍ପୃହ । ବର୍ତ୍ତମାନର ପରିବର୍ତ୍ତିତ ଅବସ୍ଥା ଭିତରେ ବିଚାର କରି ଦେଖିଲେ ଜଣାଯିବ ଯେ ଶିକ୍ଷା କେବଳ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ -ଶିକ୍ଷା ଜୀବନ ପାଇଁ ଉଦ୍ଦିଷ୍ଟ । ତେଣୁ ପିଲା ବୁଢ଼ା ନିର୍ବିଶେଷରେ ସମସ୍ତେ ଶିକ୍ଷା ଲାଭର ପାତ୍ର । ଜୀବନର ସବୁ ଅବସ୍ଥାରେ—ଏପରିକି ଶିଶୁ ଭୂମିଷ୍ଠ ହେବାଠାରୁ ଆରମ୍ଭ କରି ବାଲ୍ୟ, କୈଶୋର, ଯୌବନ, ପ୍ରୌଢ଼ ଓ ବାର୍ଦ୍ଧକ୍ୟ ଅତିକ୍ରମ କରି ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ମନୁଷ୍ୟର ଶିକ୍ଷା ଗ୍ରହଣ ଚାଲିଥାଏ । ତେଣୁ ପିଲା ବୟସଟା ଯେ କେବଳ ପାଠ ପଢ଼ା ପାଇଁ ଉଦ୍ଦିଷ୍ଟ, ତାହା କହିବା ଭୁଲ୍ ହେବ ।

ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ

ପୁନଶ୍ଚ ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ହେଲା-ତାହା ଜୀବନକୁ ଠିକ୍ ଭାବରେ ପରିଚାଳିତ କରିବାରେ ସହାୟକ ହେବ । ସେଥିପାଇଁ ବିଂଶ ଶତାବ୍ଦୀର ଅନ୍ୟତମ ଶ୍ରେଷ୍ଠ ଶିକ୍ଷାବିତ୍ ଶ୍ରୀଯୁକ୍ତ ହଚିନ୍‌ସନ୍ କହନ୍ତି :
Education means—to give the students the habits, ideas and techniques which he needs to continue to educate himself all his life.

ଶିକ୍ଷା ପ୍ରଣାଳୀ ସେହିପରି ହେବା ବାଞ୍ଛନୀୟ-ଯେପରି ତାହା ଶିକ୍ଷାର୍ଥୀ ଛାତ୍ରଛାତ୍ରୀଙ୍କୁ ଏପରି ଅଭ୍ୟସ୍ତ କରିପାରିବ ଯାହା ଫଳରେ ସେ ନିଜେ ନିଜକୁ ଭବିଷ୍ୟତରେ ଶିକ୍ଷିତ କରିପାରିବ ଓ ସୁନ୍ଦର ଜୀବନ ନିର୍ବାହ କରିବାରେ ସକ୍ଷମ କରିପାରିବ ।

କିନ୍ତୁ ଆମ ଦେଶରେ ବର୍ତ୍ତମାନ ସ୍କୁଲ କଲେଜ୍‌ମାନଙ୍କରେ ଏପରି ଆଦର୍ଶକୁ ଅନୁସରଣ କରି ଶିକ୍ଷା ଦିଆଯାଏକି ? ବର୍ତ୍ତମାନର ଶିକ୍ଷା ପ୍ରଣାଳୀ ଆଦର୍ଶ ରୂପେ ଯାହା ଗ୍ରହଣ କରିଥାଉନା କାହିଁକି, କାର୍ଯ୍ୟତଃ ଏହା ଲକ୍ଷ୍ୟ ହାସଲ କରିବା ଦିଗରେ ସମ୍ପୂର୍ଣ୍ଣ ଅକ୍ଷମ ହୋଇ ପଡ଼ିଛି ବୋଲି ଆମ ଦେଶର ବିଶିଷ୍ଟ ଶିକ୍ଷାବିତ୍‌ମାନଙ୍କର ମତ । ସେମାନେ କହନ୍ତି ଯେ ପ୍ରଚଳିତ ଶିକ୍ଷା ଆମ ପକ୍ଷରେ ଅର୍ଥାତ୍ ସଂଖ୍ୟାଗରିଷ୍ଠ ଜନତା ପକ୍ଷରେ କୌଣସି ଦିଗରୁ ସହାୟକ ହୋଇ ପାରୁନାହିଁ । ସେଇଥିପାଇଁ ଆମର ଶିକ୍ଷିତଯୁବକମାନେ ଆତ୍ମନିର୍ଭରଶୀଳ ନୁହନ୍ତି ଏବଂ ବ୍ୟକ୍ତିଗତ ଭାବରେ କୌଣସି ପ୍ରକାର ଦାୟିତ୍ୱପୂର୍ଣ୍ଣ ଝୁଙ୍କି ମୁଣ୍ଡେଇ ନେବାକୁ ସେମାନେ ଅସମର୍ଥ ହୋଇ ବାହାରି ପାରୁନାହାନ୍ତି । କେବଳ ଡିଗ୍ରୀ ବା ସାର୍ଟିଫିକେଟ୍ ଗୋଟିଏ ହାସଲ କରି ଚାକିରି ପଛରେ ଦୌଡ଼ାଇବାଟାକୁ ଶିକ୍ଷାର ଲକ୍ଷ୍ୟ ବୋଲି ସେମାନେ ଧରିନେଇଛନ୍ତି । ଏ ପ୍ରକାର ପ୍ରବୃତ୍ତିର ବିଷମୟ ଫଳ ଭୋଗିବାକୁ ପଡ଼ୁଛି ଆମର ସମାଜକୁ । ଶିକ୍ଷିତ ବେକାର ସଂଖ୍ୟା ବଢ଼ିଚାଲିଛି । ଶିକ୍ଷିତ ଯୁବକ ଦୈହିକପରିଶ୍ରମ କରିବାକୁ କୁଣ୍ଠିତ ତଥା ଅକ୍ଷମ ହେଉଛି । ପୁଣି ତା' ମନରେ ଗୋଟାଏ ଭ୍ରମ-ଧାରଣା କ୍ରମଶଃ ଦୃଢ଼ୀଭୂତ ହେଉଛି ଯେ କେବଳ ଲେଖାପଢ଼ା କାମ ତାକୁ ସେ କିରାଣୀଗିରି ହେଉ ବା ଆଇ. ଏ. ଏସ୍. ଗିରି ହେଉ, ଅନ୍ୟସବୁ କାର୍ଯ୍ୟ ନିକୃଷ୍ଟତର । ତେଣୁ ଯିଏ କାଗଜକଲମ ନଧରି ଅନ୍ୟ କର୍ମଦ୍ୱାରା ଜୀବିକା ନିର୍ବାହ କରୁଛି—ତା'ର ବ୍ୟକ୍ତିତ୍ୱ ମର୍ଯ୍ୟାଦାଶୂନ୍ୟ । ଫଳରେ ଆମ ସମାଜରେ ଦୁଇ ଶ୍ରେଣୀର ଲୋକ ସୃଷ୍ଟି ହେଉଛନ୍ତି—ଦଳେ ପରାଙ୍ଗପୁଷ୍ଟ ଅଳସୁଆ, ପାଣ୍ଡିବାକ୍ ଓ କର୍ମଭୀରୁ ଗୋଟାଏ ଫମ୍ପା ଆତ୍ମମର୍ଯ୍ୟାଦାକୁ ନେଇ ସନ୍ତୁଷ୍ଟ । ଅନ୍ୟ ଶ୍ରେଣୀଟି—ଅଶିକ୍ଷିତ, ମଳିମୁଣ୍ଡିଆ, ଶ୍ରମଜୀବୀ—କିନ୍ତୁ ଆତ୍ମନିର୍ଭରଶୀଳତା ସତ୍ତ୍ୱେବି ଦରିଦ୍ର । ଦରିଦ୍ର—କାରଣ ଶିକ୍ଷା ଅଭାବରୁ ସେମାନେ ଅନ୍ୟଦ୍ୱାରା ଶୋଷିତ, ଲାଞ୍ଛିତ । ତେଣୁ, ଏ ପ୍ରକାର ସାମାଜିକ ବୈଷମ୍ୟ ଫଳରେ ଦିନକୁ ଦିନ ସମାଜ ଅଧୋମୁଖୀ ହେବାକୁ ଧାଉଁଛି—ଏହାର ଶେଷ କେଉଁଠି ? ଅତି କ୍ଷୋଭର ସହିତ ବର୍ତ୍ତମାନର ଶିକ୍ଷାବିତ୍‌ମାନେ କହୁଛନ୍ତି ଯେ—ପ୍ରଚଳିତ ଡିଗ୍ରୀ-ସର୍ବସ୍ୱ ଶିକ୍ଷା ପ୍ରଣାଳୀକୁ ହଟାଇ ତା ସ୍ଥାନରେ ଧନ୍ଦା-ମୂଳକ ଶିକ୍ଷା ପ୍ରବର୍ତ୍ତନ ନକଲେ ରକ୍ଷା ନାହିଁ । ବର୍ତ୍ତମାନ ସମସ୍ତଙ୍କର ବୁଝିବା କଥା ଯେ ଦୈହିକ ଶ୍ରମ ଦ୍ୱାରା ଜୀବିକା ନିର୍ବାହ କଲେ କାହାରି ଆତ୍ମମର୍ଯ୍ୟାଦା ବା ସାମାଜିକ ମର୍ଯ୍ୟାଦା ହାନି ହୁଏନାହିଁ । କାରଣ—Professional and social lives are two different things—ଅର୍ଥାତ୍ ବୃତ୍ତିଗତ ଜୀବନ ଓ ସାମାଜିକଜୀବନ ଦୁଇଟି ସମ୍ପୂର୍ଣ୍ଣ ଅଲଗା ଜିନିଷ । ବିଦେଶରେ ପ୍ରଫେସରମାନେ କୁଲିଗିରି କରିବାର ଦୃଷ୍ଟାନ୍ତ ବିରଳ ନୁହେଁ । କିନ୍ତୁ ସେଥିରେ ସେମାନଙ୍କର ସାମାଜିକ ମର୍ଯ୍ୟାଦା କିଛି ହେଲେ ହାନି ହୁଏ ନାହିଁ । କିନ୍ତୁ ଆମଦେଶରେ ଶ୍ରମ ସମ୍ବନ୍ଧରେ ଗୋଟାଏ ଭ୍ରମଧାରଣା ଏପରି ଦୃଢ଼ୀଭୂତ ହୋଇଯାଇଛି ଯେ ଲୋକେ ଜଣେ ଆଇ. ଏ. ଏସ୍. ଅଫିସରକୁ ଯେପରି ସମ୍ଭ୍ରମପୂର୍ଣ୍ଣ ଦୃଷ୍ଟିରେ ଦେଖନ୍ତି—ଜଣେ ଇଞ୍ଜିନିୟରଙ୍କ ଭାଗ୍ୟରେ ପ୍ରାୟ ସେତେବେଳେ ମିଳେନାହିଁ । ଅଥଚ ବୁଦ୍ଧି ଓ କାର୍ଯ୍ୟ—କୌଣସି ଗୁଣରେ ଇଞ୍ଜିନିୟର କମ୍ ନୁହନ୍ତି । କାରଣ ? କାରଣ କାହାରିକୁ ଅଜଣା ନାହିଁ ।

ଏତ ହେଲା ଅତି ଜଣାଶୁଣା—ଅନେଇଆସିବା କଥା । ବର୍ତ୍ତମାନ ଚିନ୍ତାର କଥାହେଲା-ଦେଶକୁ ଏ ପ୍ରକାର ସଂକଟଜନକ ପରିସ୍ଥିତିରୁ କି ଉପାୟରେ ରକ୍ଷା କରିବା ସମ୍ଭବପର ? ରକ୍ଷା କରିବାର ଦାୟିତ୍ୱ କାହା ଉପରେ ନ୍ୟସ୍ତ କରାଯିବ ? ରାଜନୀତି ? ଅର୍ଥନୀତି ? ନାଁ ଶିକ୍ଷା ? କାହା ଉପରେ ?

ରାଜନୀତି କହନ୍ତୁ, ଅର୍ଥନୀତି କହନ୍ତୁ ବା ସମାଜଦର୍ଶନ କହନ୍ତୁ—ସବୁ ଶିକ୍ଷାର ଅଙ୍ଗବିଶେଷ । ତେଣୁ କେହି କହୁ ବା ନକହୁ, ଶିକ୍ଷାବିଭାଗକୁ ଏ ଗୁରୁଦାୟିତ୍ୱ ତୁଲାଇବାକୁ ପଡ଼ିବ । ଯେତେଦିନ ପର୍ଯ୍ୟନ୍ତ ଶିକ୍ଷାପରିସର ମଧ୍ୟରେ ଏ ଗୁରୁ ଦାୟିତ୍ୱକୁ ଅନ୍ତର୍ଭୁକ୍ତ କରାନଯାଉଛି—ସେତେଦିନ ପର୍ଯ୍ୟନ୍ତ ଦେଶର ତଥା ସମାଜର ଅଗ୍ରଗତି ନିଶ୍ଚିତ ରୂପେ ବ୍ୟାହତ ହେବ ।

କିନ୍ତୁ କି ପ୍ରକାର ଶିକ୍ଷା ଦିଆଯିବ ? କେଉଁଠି ଶିକ୍ଷା ଦିଆଯିବ? କିଏ ଶିକ୍ଷା ଦେବ ? ପୁଣି ସେଇ ପ୍ରଶ୍ନ—ଯାହାର ଉତ୍ତର ବିଷୟରେ ସାଧାରଣ ଲୋକବିଶେଷ ମୁଣ୍ଡ ଖେଳାଏ ନାହିଁ—ଅଥଚ ସମସ୍ତେ ଏଥିନିମିତ୍ତ ସଚେତ ନହେଲେ ନଚଳେ ।

କି ପ୍ରକାର ଶିକ୍ଷା ଦିଆଯିବ ? ଭଲ ମଣିଷର ଅର୍ଥ ନୁହେଁ—ଅଳସୁଆ, ଅକର୍ମା, ପୁସ୍ତକକୀଟ, ଦୁର୍ନୀତିପରାୟଣ, ସ୍ୱାର୍ଥପର, ଲାଞ୍ଚୁଆ, ମିଛୁଆ, ଠକ, ଅସମାଜିକ କିମ୍ବା ଦେଶଦ୍ରୋହୀ ମଣିଷ । ଭଲ ମଣିଷର ଅର୍ଥ ନୁହେଁ ସ୍ୱାବଲମ୍ବନହୀନ, ବେକାର, ରୋଗଗ୍ରସ୍ତ କିମ୍ବା ଦରିଦ୍ର ମଣିଷ । ଭଲ ମଣିଷର ଅର୍ଥ ନୁହେଁ ଅସଭ୍ୟ, ମୂର୍ଖ, ବୁଦ୍ଧିହୀନ, ଈର୍ଷାପରାୟଣ କିମ୍ବା ଧର୍ମାନ୍ଧ ମଣିଷ ।

ଏଠାରେ କହିରଖିବା ଉଚିତ ଯେ କେବଳ ethics ବା ନୀତିତତ୍ତ୍ୱ ଦୃଷ୍ଟିରୁ ଏ ଭଲ ମଣିଷର ଆବଶ୍ୟକତା ଯେ ଅପରିହାର୍ଯ୍ୟ, ତାହା ନୁହେଁ । ରାଜନୈତିକ, ସାମାଜିକ ତଥା ଅର୍ଥନୈତିକ ଦୃଷ୍ଟିକୋଣରୁ ମଧ୍ୟ ସମାଜରେ ଭଲମଣିଷ ଗଢ଼ିବା ପାଇଁ ଯୁଗେ ଯୁଗେ ଚେଷ୍ଟା ଚାଲି ଆସିଛି । କିନ୍ତୁ ବର୍ତ୍ତମାନର ସାମାଜିକ ତଥା ଅର୍ଥନୈତିକ ପରିପ୍ରେକ୍ଷୀରେ ଗୋଟିଏ କଥା ସବୁଠୁ ବେଶୀ ଦରକାରୀ ହୋଇ ଉଠିଛି—ଜନଶକ୍ତିର ଉପଯୁକ୍ତ ବିନିଯୋଗ—'utilization of man power' ଦେଶର ଉନ୍ନତି ପାଇଁ ଶିଳ୍ପାୟନ ଦରକାର । ପ୍ରଯୁକ୍ତି ବିଦ୍ୟାର ଉନ୍ନତି ଦରକାର । କିନ୍ତୁ ସବୁଠୁ ବେଶୀ ଦରକାର, ଜନଶକ୍ତିର ଉପଯୁକ୍ତ ବିନିଯୋଗ ଯେଉଁ ଦେଶ ଯେତେ ପରିମାଣରେ ଜନଶକ୍ତିକୁ ସମ୍ମାନ ଜନକ ଆସନରେ ବସାଇ ତାହାର ସଦ୍‌ବ୍ୟବହାର କରିପାରିଛି ସେ ଦେଶ ସେତେ ଉନ୍ନତ ଓ ସେତେ ଅଗ୍ରଣୀ । ଅର୍ଥ, ସୁଖ, ସ୍ୱାଚ୍ଛନ୍ଦ୍ୟ, ଶିକ୍ଷା, ସଭ୍ୟତା, ସଂସ୍କାର, ଶିଳ୍ପ, ବିଜ୍ଞାନ ସାହିତ୍ୟ-ସବୁ କ୍ଷେତ୍ରରେ ।

ତେଣୁ ଆମର ସର୍ବପ୍ରଧାନ କର୍ତ୍ତବ୍ୟ ହେଉଛି ଭଲମଣିଷ ଗଢ଼ିବା ଦରକାର । ଖାଲି ବୀଜଗଣିତ ବହିର $(a+b)^2$ ଫର୍ମୁଲା ଘୋଷି କେହି ଭଲ ମଣିଷ ହୋଇପାରିନାହିଁ କିମ୍ବା ଭାରତରେ ବାବରହିଁ ମୋଗଲ ସାମ୍ରାଜ୍ୟର ସ୍ଥାପୟିତା ବୋଲି ମନେରଖି କେହି ଶିକ୍ଷିତ ହୋଇ ପାରିନାହିଁ ।

ଅଥଚ ଆମର ହାତରେ ଥିବା ସମୟକୁ ଅବଲମ୍ବନ କରି ଆମର ସ୍କୁଲ କଲେଜ୍‌ମାନଙ୍କରେ ପ୍ରଚଳିତ ପାଠ୍ୟକ୍ରମ ଭିତରେ ଛାତ୍ରମାନଙ୍କରେ ମଣିଷର ଉପଯୋଗୀ ସଦ୍‌ଗୁଣ ବଳୀର ସମ୍ପୂର୍ଣ୍ଣ ବିକାଶ ଲାଭ କରାଇବା ଭଳି ଅବସ୍ଥାରେ ପହଞ୍ଚି ପାରୁନାହିଁ—ପାରୁନାହିଁ—ତା'ର କାରଣ ଦେଶର ଜନ ବିସ୍ଫୋରଣ ତଥା ବିଦ୍ୟାଳୟରେ ଛାତ୍ର ସଂଖ୍ୟା ବୃଦ୍ଧି, ଛାତ୍ରସଂଖ୍ୟା ଅନୁପାତରେ ଶିକ୍ଷକମାନଙ୍କର ସଂଖ୍ୟାନ୍ୟୂନତା, ଅଧିକାଂଶ ବିଦ୍ୟାଳୟର ଆର୍ଥିକ ସମ୍ବଳର ଅଭାବ, ମଫସଲ ବିଦ୍ୟାଳୟରେ ଗ୍ରାମ୍ୟ ରାଜନୀତି ଓ ଦୁର୍ନୀତିର ଅପପ୍ରସାର ଇତ୍ୟାଦି.......ଅନେକ କାରଣ । କିନ୍ତୁ ଏ ସବୁର ଉପରେ ଆହୁରି ଗୋଟିଏ ବଡ଼ କାରଣ ହେଉଛି—ଆମର ଉପଯୁକ୍ତ ଦୃଷ୍ଟିଭଙ୍ଗିର ଅଭାବ—ଯାହାଫଳରେ ଆମେ ଭୁଲ ପାତ୍ରରେ ବା ଭୁଲ୍ ସ୍ଥାନରେ ଦାୟିତ୍ୱ ନ୍ୟସ୍ତ କରିଦେଉଁ ।

ଅସୁବିଧା ହେଉଛି, ଅଭାବ ପଡୁଛି, କଷ୍ଟ ହେଉଛି ବୋଲି ଚିତ୍କାର କରୁଁ—କ'ଣ ହେଲେ ଅସୁବିଧାର ଦୂର ହେବ ବୋଲି କଳ୍ପନା-ଜଳ୍ପନା କରୁଁ—ଅଥଚ ଅସୁବିଧା ଦୂର କରିବା ପାଇଁ ସଠିକ୍ ପଦକ୍ଷେପ ଗ୍ରହଣ କରିପାରୁନା—ଯଦିବା କେତେବେଳେ ଗୋଟାଏ କିଛି କରିବସୁଁ, ସେ ହୁଏ, 'ଓଳିଏ ମହଣ ଘିଅ ହେବ—ତେବେ ଯାଇ ରାଧା ନାଚିବ' ଅବସ୍ଥା—ଆମର ସୀମିତ ସମ୍ବଳ ଓ ଶକ୍ତିକୁ ଆଖି ଆଗରେ ନରଖି ଆମେରିକା ଅମୁକେଇ କରୁଛି—ରୁଷିଆ ଅମୁକେଇ କରୁଛି ବୋଲି ଆମେ ଚିତ୍କାର ଛାଡ଼ୁଁ—ଛାତିପିଟି ହେଉଁ—ପୁଣି ଯଥା ପୂର୍ବଂ ତଥା ପରଂ । ଏ ସବୁ ମୂଳରେ ଆମର ଉପଯୁକ୍ତ ଦୃଷ୍ଟି ଭଙ୍ଗୀର ଅଭାବ ।

କେବଳ ବିଦ୍ୟାଳୟରେ ନୁହେଁ

ଭୁଲ୍ ଦୃଷ୍ଟି ଭଙ୍ଗୀ ବୋଲି କହିବାର ତାତ୍ପର୍ଯ୍ୟ ହେଉଛି ଯେ ଆମ ଦେଶର ଲୋକଙ୍କର ବଦ୍ଧମୂଳ ଧାରଣା ଯେ ବିଦ୍ୟାଳୟହିଁ କେବଳ ଶିକ୍ଷା ଦେବାର ଉପଯୁକ୍ତ ସ୍ଥାନ । ତା'ଛଡ଼ା—ଅନ୍ୟତ୍ର ଶିକ୍ଷା ଦାନ ସମ୍ଭବପର ନୁହେଁ । କିନ୍ତୁ କେବଳ ବିଦ୍ୟାଳୟ ନୁହେ—ଜୀବନର ପ୍ରତ୍ୟେକଟି କ୍ଷେତ୍ର ଶିକ୍ଷାଲାଭର ସ୍ଥାନ ବୋଲି ଜାଣିସୁଦ୍ଧା ଅଧିକାଂଶ ଲୋକ ସେ ପ୍ରକାର ଧାରଣାକୁ ପ୍ରଶ୍ରୟ ଦେବାକୁ ରାଜି ନୁହଁନ୍ତି । କାହିଁକି ? ପିଲାଟି ଜନ୍ମହେବା ମାତ୍ରେ କ'ଣ ବିଦ୍ୟାଳୟକୁ ଯାଇଥାଏ ମା' ଠାରୁ କିପରି କ୍ଷୀର ଖାଇବାକୁ ହେବ ଶିଖିବା ପାଇଁ ? ଦିନର ଚବିଶି ଘଣ୍ଟା ମଧ୍ୟରୁ ପିଲାଟି ମା ବାପାଙ୍କ ପାଖରେ କେତେଘଣ୍ଟା ରହେ ? ଅଠର ଘଣ୍ଟା ବିଦ୍ୟାଳୟ ବାହାରେ ଓ ଛଅ ଘଣ୍ଟା ବିଦ୍ୟାଳୟ ଭିତରେ । ମା ବାପାଙ୍କପାଖରେ ଥିବା ବେଳେ ପିଲାଟି କ'ଣ କିଛି ଶିକ୍ଷା କରେ ନାହିଁ ? ନିଜର ସାଙ୍ଗ ସାଥୀ ମେଳରୁ ତଥା ସାମାଜିକ ପରିବେଶରୁ ପିଲାଟି ବେଶୀ ଶିକ୍ଷା ପାଏ-ନା-ଶ୍ରେଣୀ ଗୃହରେ ପଠିତ ପାଠ୍ୟ ପୁସ୍ତକରୁ ବେଶୀ ଶିକ୍ଷା ପାଏ ? ତା'ହେଲେ ବିଦ୍ୟାଳୟକୁ ଏକମାତ୍ର ଶିକ୍ଷାସ୍ଥଳ କହିବା ଭ୍ରମାତ୍ମକ ନୁହେଁ କି ?

ବିଦ୍ୟାଳୟ ପ୍ରତୀକ୍ଷାଗାର ନୁହେଁ

କହିବା ବାହୁଲ୍ୟ ଯେ ଶିକ୍ଷାର ଆଲୋକରେ ଆଜିକାଲି ଅନେକ ଅଭିଭାବକ ଶିକ୍ଷାୟତନଗୁଡ଼ିକୁ ଗୋଟିଏ ଗୋଟିଏ ପ୍ରତୀକ୍ଷାଗାର ହିସାବରେ ବ୍ୟବହାର କରିବାପାଇଁ ଚାହୁଁଛନ୍ତି । ହୁଏତ ଘରେ ପିଲା ଗୋଳମାଳ କରୁଛି—ତାକୁ ସ୍କୁଲରେ ମାଷ୍ଟରଙ୍କ ଜିମା ଦେଇ ବାପା ମା— ନିଶ୍ଚିନ୍ତ—ସେଣେ ମାଷ୍ଟ୍ର ବିଚରା ଶ୍ରେଣୀରେ ୭୦-୮୦ ପିଲାଙ୍କୁ ନେଇ ଗୁହାଳ କିମିତି ସଫା ରଖିବ ବୋଲି ଭାବି ଭାବି ନୟାନ୍ତ ହୋଇ ପଡ଼ୁଛନ୍ତି—ବାହାରକୁ ଜଣାପଡୁଛି କଣ ନା ପିଲା ସ୍କୁଲରେ ପାଠ ପଢୁଛି । ଆଉ କଥା—କଥାକେ—ପାନରୁ ଚୂନ ଖସିଗଲେ ହୁଏତ କେହି କେହି ଭଦ୍ର-ଲୋକ (ବାପା ମା ବି ସେଥିରୁ ବାଦ୍ ପଡ଼ନ୍ତି ନାହିଁ) ହଠାତ୍ ପିଲାଟିକୁ ଡାକରା ଦେଇ ବସନ୍ତି-ହଇରେ—"ତମ ବହିରେ ଏଇଆ ପଢୁଛ ? ତମ ବହିରେ ଏଇ ଆ ଲେଖା ହେଇଛି ? ଅଥଚ ବହିରେ $(a+b)^2$ କିମ୍ବା ବାବର ମୋଗଲ ସାମ୍ରାଜ୍ୟର ସ୍ଥାପୟିତା ଛଡ଼ା—କେଉଁଠି ହେଲେ ଲେଖା ହୋଇନାହିଁ ହିପିକଟ୍ ପେଣ୍ଟପିନ୍ଧିବା ଉଚିତ୍ କି ମହାତ୍ମା ଗାନ୍ଧୀଙ୍କ ଅଣ୍ଟା ନଲୁଚିବା ଭଳି ଲୁଗା ପିନ୍ଧିବା ଉଚିତ୍ । ପୁଣି କନ୍ୟା ଦାୟ ଗ୍ରସ୍ତ ପିତାଙ୍କ କଥାତ ଆହୁରି ସ୍ପଷ୍ଟ—ଝିଅର ବିବାହ ବୟସ ହେଲାଣି—ପାଖରେ ହୁଏତ ସମ୍ବଳ ନାହିଁ—କିମ୍ବା ଉପଯୁକ୍ତ ପାତ୍ର ମିଳୁ ନାହାନ୍ତି—ଝିଅଟା ଆଉ ଘରେ ବସି ବସି କଣ କରିବ—ଦିଅ ସ୍କୁଲରେ କି କଲେଜ୍‌ରେ ଛାଡ଼ି ଦିଅ—ପଢୁଥାଉ—ପରେ ଦେଖାଯିବ ।

ଏତ ଗଲା ସହରିଆ ସ୍କୁଲ୍ କଲେଜ କଥା । ନିପଟ ଗାଁ ଆଉ ସ୍କୁଲ୍ ମାନଙ୍କରେ ପୁଣି ଅନ୍ୟ ପ୍ରକାର ବ୍ୟବସ୍ଥା । ହୁଏତ ବାପ ମୂଲଲାଗି ଯାଇଛନ୍ତି—ପାଖରେ ସାହାଯ୍ୟ କରିବାକୁ କେହିନାହିଁ । ପିଲା ଦିଓଟି ସ୍କୁଲରେ ପଢୁଛନ୍ତି—ବାବୁ ହାକିମ ହେବେ—ତାଙ୍କୁ ଏଇ ମାଟି କାଦୁଅରେ କାମ କରା ଚଳିବ ନା ? ଆଉ ଏକ ପ୍ରକାର ଅଭିଭାବକ ଭାବନ୍ତି—କିହୋ, ଆମେ ତ ଗରିବ—ଗୁରୁବା ଲୋକ—ପିଲାଙ୍କୁ ପାଠ ପଢ଼େଇବା ପାଇଁ ଆମପାଖରେ ଟଙ୍କା କାହିଁ ? ସେ ସବୁ ବାବୁ ହାକିମଙ୍କୁ ଶୋଭାଏ—ପିଲାଟି ମୋ ପାଖରେ ଥିଲେ ମୋତେ ସାହାଯ୍ୟ କରିବ—ନାଁ—ଥାଉ—ମୋ ପିଲାକୁ ମୁଁ ସ୍କୁଲରେ ଭର୍ତ୍ତି କରିବି ନାହିଁ ।

ମନୋଭାବ ବଦଳାଇବା ଉଚିତ

କିନ୍ତୁ ଏଇ କ'ଣ ଜନଶକ୍ତିର ସଦୁପଯୋଗ ? ପ୍ରଚଳିତ ଶିକ୍ଷା ପଦ୍ଧତିରୁ ଏସବୁ ଦୁର୍ବଳତା ହଟାଇ ଗୋଟାଏ ପରିବର୍ତ୍ତନ ଆଣିବାକୁ ଯାଇ ଚିନ୍ତାନାୟକମାନେ ବିଦ୍ୟାଳୟ ମାନଙ୍କରେ ଧନ୍ଦାମୂଳକ ଶିକ୍ଷା ପ୍ରବର୍ତ୍ତନ କରିବାର ପ୍ରଚେଷ୍ଟା ଚଳେଇଛନ୍ତି । ଏହା ଆନନ୍ଦର କଥା—କିନ୍ତୁ ତା'ସହିତ ମନେ ରଖିବାକୁ ହେବ ଯେ ପିଲାମାନଙ୍କୁ ଯେଉଁ ବୟସରେ ଏବଂ ଯେଉଁ ପରିବେଶରେ ଶିକ୍ଷାଳୟରେ ଶିକ୍ଷା ଦିଆଯାଏ ସେହି ବୟସ ଓ ସେହି ପରିବେଶ ବଦଳିବାରୁ ତାହା ଭବିଷ୍ୟତରେ ଅକାମୀ ହୋଇ ପଡ଼ିବାର ଭୟ ଥାଏ । ପୁଣି Subjects demanding understanding and practical experience should not be taught at an earlier stage. ଅର୍ଥାତ୍ ଉପଯୁକ୍ତ ବୟସ ଲାଭ ପୂର୍ବରୁ ଅଧିକ ସ୍ଥିରବୁଦ୍ଧି ଓ ଅଭିଜ୍ଞତା ସାପେକ୍ଷ ବିଷୟବସ୍ତୁମାନ ପିଲା ଗ୍ରହଣ କରିପାରିବ ନାହିଁ । ଅଥଚ ସାମାଜିକ ଜୀବନ ଯାପନ କରିବା ପାଇଁ ତାର ଠିକ୍ ସେହି ବିଷୟରେ ଜ୍ଞାନ ଥିବା ଦରକାର ଯାହାର ପ୍ରୟୋଗ ଅଧିକ ସ୍ଥିର ବୁଦ୍ଧି ଓ ଅଭିଜ୍ଞତା ସାପେକ୍ଷ । ଏପରି କ୍ଷେତ୍ରରେ ବିଦ୍ୟାଳୟ କିପରି ତା'ର ଦାୟିତ୍ୱ ତୁଲାଇବ ? ଧନ୍ଦାମୂଳକ ଶିକ୍ଷାଦାନର ଯେଉଁ କଳ୍ପନା ଜଳ୍ପନା ଚାଲିଛି ତାହା ସଫଳ ହେବ ତ ?

ପ୍ରଥମ କଥା—ପରିବେଶ ବଦଳୁଛି—ବିଦ୍ୟାଳୟରୁ ବାହାରିବା ପରେ ପିଲାଟି ହୁଏତ ସମ୍ପୂର୍ଣ୍ଣ ଗୋଟାଏ ନୂଆ ପରିବେଶର ସମ୍ମୁଖୀନ ହେବ । ବିଦ୍ୟାଳୟର ସୀମିତଶିକ୍ଷାପରିସର ଓ ପାଠ୍ୟ ନିର୍ଘଣ୍ଟ ମଧ୍ୟରେ ସେ ପ୍ରକାର ପରିବେଶ ନଥାଏ । ତେଣୁ ଧନ୍ଦାମୂଳକ ଶିକ୍ଷା ହେଉ ବା ଅନ୍ୟ କୌଣସି ଶିକ୍ଷା ହେଉ—ତାହା ବିଶେଷ କାମ ଦେଉ ଭଳି ମନେ ହେଉନାହିଁ ।

ଦ୍ୱିତୀୟତଃ, ଧନ୍ଦାମୂଳକ ଶିକ୍ଷା ପ୍ରବର୍ତ୍ତନ କଲେ ଜନଶକ୍ତିର କେତେଦୂର ସଦୁପଯୋଗ କରାଯାଇପାରିବ ? ଛାତ୍ରମାନଙ୍କର ଯେଉଁ ସମୟ ତଥା ଶକ୍ତି ଖର୍ଚ୍ଚ ହେବ—ତାର ଅନୁପାତ ଛାତ୍ରମାନେ ରୋଜଗାର କରି ପାରିବେ କି? କାରିଗରୀ ବା ହସ୍ତକର୍ମ କରିବାକୁ ଯାଇ ସେମାନେ ଯେଉଁ ଦ୍ରବ୍ୟମାନ ନିର୍ମାଣ କରିବେ ସେ ସବୁ କି ବ୍ୟବହାର ଉପଯୋଗୀ ହୋଇ ପାରିବ ନା କେବଳ ଅର୍ଥଶ୍ରାଦ୍ଧ ସାର ହେବ ? ବିଦ୍ୟାଳୟର ଶ୍ରେଣୀଗୃହ ଏହାର ଉତ୍ତର ଦେଇ ପାରିବ ନାହିଁ ।

ତୃତୀୟତଃ, ନୂତନ ଶିକ୍ଷା ପ୍ରଣାଳୀ ନାମରେ ଅଯଥା ପାଠ୍ୟକ୍ରମକୁ ଭାରାକ୍ରାନ୍ତ କରି ଦିଆଯିବ କି ? ପିଲାର ଇଚ୍ଛା ବିରୁଦ୍ଧରେ ତାକୁ କୌଣସି ବିଷୟ ଶିକ୍ଷାଗ୍ରହଣ କରିବାକୁ ବାଧ୍ୟ କରାଯିବ କି ? କେବଳ ନୂଆ ସିଲାବସ୍ ତିଆରି କରିଦେଲେ ଏହାର ସମାଧାନ ମିଳିବ ନାହିଁ ।

ଚତୁର୍ଥତଃ, ପିଲାଟିକୁ ନୀତିଗତ ଓ ସାମାଜିକ ଜୀବନ ଯାପନ କରିବାରେ ଏ ପ୍ରକାର ଧନ୍ଦା ମୂଳକ ଶିକ୍ଷା ନିଶ୍ଚିତ ଭାବରେ ସହାୟକ ହେବ— ଏ କଥା ଜୋର ଦେଇ କହି ହେବ ନାହିଁ ।

ପୁଣି ଶିକ୍ଷା – ଯାହାକୁ ବୁଝାଯାଏ – ତାହାକୁ ସ୍ୱଳ୍ପ ବୁଦ୍ଧିବିଶିଷ୍ଟ ଛାତ୍ର କ୍ଷେତ୍ରରେ କେତେଦୂର କାର୍ଯ୍ୟକାରୀ କରିହେବ ତାହାର ସଠିକ୍ ସମାଧାନ ଶ୍ରେଣୀଗୃହର ପାଠ୍ୟକ୍ରମ ଭିତରୁ ବିଶେଷ ମିଳି-ପାରିବନାହିଁ ।

ତା' ହେଲେ ଉପାୟ କଅଣ ?

ସିଧା ଉପାୟ, ଶ୍ରେଣୀ ବାହାରେ ଶିକ୍ଷା ' ଅର୍ଥାତ୍ (ଇନ୍‌ଫର୍ମାଲ ଏଡୁକେଶନ୍) ! ଜୀବନ ଯଦି ବିଦ୍ୟାଳୟ ମଧ୍ୟରେ ସୀମିତ ନୁହେଁ – ଏବଂ ଶିକ୍ଷାର ପରିସର ଜୀବନବ୍ୟାପୀ ହେବାକୁ ବାଧ୍ୟ ହୁଏ, – ତା 'ହେଲେ' ଶ୍ରେଣୀ ବାହାରେ ଶିକ୍ଷା' ବ୍ୟତୀତ ଉତ୍କୃଷ୍ଟତର ପନ୍ଥା ମିଳିବ ନାହିଁ । ଏପରି ଶିକ୍ଷାଦାନ କରିବା କାହାରି ଏକଚାଟିଆ ଅଧିକାର ନୁହେଁ । ଏଥିରେ ଶିକ୍ଷକ, ଅଭିଭାବକ, ସାଙ୍ଗସାଥି, ପଡ଼ିଶା – ସମସ୍ତେ ଅଂଶ ଗ୍ରହଣ କରି ପାରିବେ । ପୁଣି ଏହାର ପ୍ରବର୍ତ୍ତନ ନିମିତ୍ତ ଖୁବ୍ ବେଶୀ ଅଧିକ ସମୟ ଲୋଡ଼ା ନାହିଁ କିମ୍ବା ପ୍ରଚଳିତ ଶିକ୍ଷା ପଦ୍ଧତିରେ 'ରାତୋ' ରାତ୍ ଭଳି ଦାଢ଼ୀ' କରିଦେବାର କୌଣସି ଆବଶ୍ୟକତା ନାହିଁ । ପୁସ୍ତକନିର୍ଭର ଶିକ୍ଷା ବଦଳିବା ଉଚିତ୍ କିନ୍ତୁ ତାହା ସମୟସାପେକ୍ଷ ଓ ସେଥିପାଇଁ ଦେଶର ଶିକ୍ଷାବିତ୍‌ମାନେ ଚିନ୍ତା କରୁଛନ୍ତି । ଆଶୁ ଫଳଲାଭ ନିମିତ୍ତ 'ଶ୍ରେଣୀ ବାହାରେ ଶିକ୍ଷା' ନିଶ୍ଚିତ ଭାବରେ କାମରେ ଆସିବ ।

'ବିଦ୍ୟାଳୟ ବାହାରେ ଶିକ୍ଷା' — କଥାଟାର ପ୍ରକୃତ ଅର୍ଥକୁ ଆଉ ଟିକିଏ ଉତ୍ତମ ଭାବରେ ବୁଝିବାର ଚେଷ୍ଟା କରାଯାଉ । ଯେଉଁ ଶିକ୍ଷା ମଣିଷକୁ ଜୀବନଉପଯୋଗୀ ପରିବେଶ ଭିତରେ ବଢ଼ିବାର ଅଭ୍ୟାସ କରେଇ ପାରିବ, ତାକୁହିଁ ଇନ୍‌ଫରମାଲ ଏଡୁକେଶନ୍ ବୁଝାଯାଉଛି । ଏହାର ଅନ୍ତର୍ଭୁକ୍ତ ଜୀବନର ସମସ୍ତ ବିଭାଗ— ବେଶ, ପୋଷାକଠାରୁ ଆରମ୍ଭ କରି ଧର୍ମ, ସଂସାର, ଆଚାର ବ୍ୟବହାର, ଶିଳ୍ପକଳା, ଜୀବିକାର୍ଜନ ତଥା ମାନବିକତା । ସୁସ୍ଥ ରହିବା ଦୃଷ୍ଟିରୁ ବର୍ତ୍ତମାନର ସବୁଠୁଁ ବଡ଼ ସମସ୍ୟା ହେଉଛି —କିପରି ଅବସର ସମୟକୁ ଉପଯୁକ୍ତ ଭାବରେ ବିନିଯୋଗ କରିବା, ନାଗରିକ ହିସାବରେ ନିଜର ଦାୟିତ୍ୱ ବୁଝିବା ଓ ଗୋଟିଏ ସୁସ୍ଥ ସୁନ୍ଦର ସମାଜ ଗଢ଼ିବାରେ ସହାୟକ ହେବା ।

ନୂତନ ବାତାବରଣ ଲୋଡ଼ା

ସଂକ୍ଷେପରେ କହିବାକୁ ଗଲେ, ଏ ପ୍ରକାର ଶିକ୍ଷାଦାନ ନିମିତ୍ତ ପ୍ରଥମ ସୋପାନ ହେଲା – ଶିକ୍ଷାଦାନ କ୍ଷେତ୍ରରେ ଜୀବନୋପଯୋଗୀ ଏକ ବାତାବରଣ ସୃଷ୍ଟି କରିବା । ଏ ପ୍ରକାର ବାତାବରଣ ସୃଷ୍ଟି କରିବା ନିମିତ୍ତ ଶିକ୍ଷକ, ଅଭିଭାବକ, ଛାତ୍ର ତଥା ସରକାର- ସମସ୍ତଙ୍କର ହାର୍ଦ୍ଦିକ ସମର୍ଥନ ତଥା ସହଯୋଗ ଦରକାର । ଅବଶ୍ୟ ଶ୍ରେଣୀ ବାହାରେ ଶିକ୍ଷା ଖୁବ୍ ଗୋଟାଏ ନୂଆ କଥା ନୁହେଁ । ଆଗରୁ ବିଦ୍ୟାଳୟମାନଙ୍କରେ କୋ-କାରିକୁଲର ଆକ୍‌ଟିଭିଟିଜ୍ —ଅର୍ଥାତ୍ ଆନୁଷଙ୍ଗିକ କାର୍ଯ୍ୟକଳାପର ବ୍ୟବସ୍ଥା ଅଛି । ଏହା ମଧ୍ୟରେ ଖେଳ-କସରତ, ନାଟକ-ଅଭିନୟ, ପତ୍ରିକା ସମ୍ପାଦନ ଯୁବ ସମାଜ ସଙ୍ଗଠନ, ଏନ୍.ସି.ସି., ସ୍କାଉଟ୍, ହସ୍ତକର୍ମ, ଉଦ୍ୟାନ କର୍ମ ଇତ୍ୟାଦି କାର୍ଯ୍ୟକଳାପଗୁଡ଼ିକ ଯେତିକି ଫଳପ୍ରଦ ଭାବରେ ଶିକ୍ଷା ଦିଆଯିବା ଉଚିତ୍ – ଶ୍ରେଣୀଗୃହର ସୀମିତ ସମୟ ଓ ପରିସର ମଧ୍ୟରେ ତାହା ସମ୍ଭବପର ହୋଇପାରୁ ନାହିଁ ।

ତେଣୁ ବର୍ତ୍ତମାନ ପ୍ରଶ୍ନ ଉଠେ—କି ପ୍ରକାର ବାତାବରଣ ସୃଷ୍ଟି କଲେ ଏହି ଆନୁଷଙ୍ଗିକ ଶିକ୍ଷା ଫଳପ୍ରଦ ହୋଇ ପାରିବ ? ଗୋଟାଏ ଉଦାହରଣ ନିଆଯାଉ—ମନେକର, କେତେକ ଛାତ୍ରଙ୍କ ମଧ୍ୟରେ ବ୍ୟବସାୟ ବାଣିଜ୍ୟ ନିମିତ୍ତ ଶ୍ରଦ୍ଧା ଥିବାର ଲକ୍ଷ୍ୟ କରାଗଲା । ସେଥିଯୋଗୁଁ ତାଙ୍କୁ ଉପଯୁକ୍ତ ଟ୍ରେନିଂ ଦିଆଯିବା ଦରକାର । ଏଥିପାଇଁ ବିଦ୍ୟାଳୟ କି ପ୍ରକାର ପରିବେଶ ସୃଷ୍ଟି କରି ପାରିବ ? ବିଦ୍ୟାଳୟର ସମସ୍ତ ଛାତ୍ରଙ୍କ ଠାରୁ ମୂଳଧନର ଅଂଶ ହିସାବରେ କିଛି କିଛି ଅର୍ଥ ସଂଗ୍ରହ କରାଯାଇ ପାରିବ । ଉକ୍ତ ଅର୍ଥକୁ ବିନିଯୋଗ କରି ଗୋଟାଏ ସମବାୟ ସମିତି ଖୋଲି ଯାଇ ପାରିବ ଓ ଉକ୍ତ ସମବାୟ ସମିତି ଜରିଆରେ କେବଳ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କୁ ନୁହେଁ —ସର୍ବସାଧାରଣଙ୍କୁ ମଧ୍ୟ ଜିନିଷପତ୍ର ବିକ୍ରି କରାଯାଇ ପାରିବ । ଏହି ସମବାୟ ସମିତି ପରିଚାଳନାରେ ଛାତ୍ରମାନେ ସକ୍ରିୟ ଅଂଶ ଗ୍ରହଣ କରି ପାରିବେ । ଛାତ୍ରଙ୍କ ମଧ୍ୟରୁ ସଭାପତି ଓ ସମ୍ପାଦକ ଇତ୍ୟାଦି କର୍ମକର୍ତ୍ତା ନିର୍ବାଚିତ ହେବେ ଓ କାର୍ଯ୍ୟଭାର ଗ୍ରହଣ କରିବେ । ସେ କ୍ଷେତ୍ରରେ ଶିକ୍ଷକଙ୍କ ଭୂମିକା ହେବ ଉପଦେଷ୍ଟା ଭାବରେ ଆଗ୍ରହୀ ଛାତ୍ରମାନଙ୍କୁ ଠିକ୍ ବାଟରେ ପରିଚାଳିତ କରିବା ।

ପିଲାମାନେ ଅବସର ସମୟରେ ପାଣିକରି କିଣାବିକା ଇତ୍ୟାଦି କାର୍ଯ୍ୟ ସମ୍ପାଦନ କରିପାରିବେ । ଏହା ଦ୍ୱାରା ସେମାନେ ସିଧା-ସଳଖ ଭାବରେ ବ୍ୟକ୍ତିଗତଜୀବନ ତଥା ସର୍ବସାଧାରଣଙ୍କ ସଂସର୍ଶରେ ଆସି ପାରିବେ । ବର୍ଷ ଶେଷରେ ସମିତିର ଲାଭାଂଶ ଅଂଶୀଦାରମାନଙ୍କ ମଧ୍ୟରେ ବଣ୍ଟନ କରି ଦିଆଯିବ । ଆହୁରି ଗୋଟିଏ ଦୁଇଟି ଉଦାହରଣ ବି ଦିଆଯାଇପାରେ—ଧାରଉଧାର ଟଙ୍କା ପଇସା ଦେଣ ନେଣ କାରବାର । ସବୁ ବିଦ୍ୟାଳୟରେ ଗରିବ ଓ ଅଭାବୀ ଛାତ୍ର ଅଛନ୍ତି । ଅର୍ଥାଭାବରୁ ସେମାନେ ଠିକ୍ ସମୟରେ ବହିପତ୍ର କିଣି ନ ପାରିବାରୁ ପଢ଼ା ପଢ଼ିରେ ବିଶେଷ ଅସୁବିଧା ଘଟେ । କିନ୍ତୁ ବିଦ୍ୟାଳୟରେ ଯଦି ଛାତ୍ରମାନେ ନିଜେ ଗୋଟିଏ ବ୍ୟାଙ୍କ୍ ଗଢ଼ିବେ ଓ ତାହାର ପରିଚାଳନା କରିବାର ସୁଯୋଗ ପାଇବେ—ତାହାହେଲେ ଏକା ଥରକେ ଦୁଇଟି ଉଦ୍ଦେଶ୍ୟ ସାଧିତ ହେବ । ଅଭାବୀ ଛାତ୍ରମାନଙ୍କର ସାମୟିକ ଅଭାବ ପୂରଣ ହେବା ସଙ୍ଗେ ସଙ୍ଗେ ପିଲାମାନଙ୍କ ମଧ୍ୟରେ ଅର୍ଥନୀତି ଓ ମିତବ୍ୟୟିତା ପ୍ରତି ଆଗ୍ରହ ସୃଷ୍ଟି କରାଯାଇ ପାରିବ ଏବଂ ଏହା ତାଙ୍କର ଭବିଷ୍ୟତ ଜୀବନରେ ନିଶ୍ଚିତ ରୂପେ ସହାୟକ ହେବ ।

ମଫସଲରେ ଅନେକ ବିଦ୍ୟାଳୟରେ ପିଲାମାନଙ୍କୁ ଉଦ୍ୟାନ କର୍ମରେ ନିଯୁକ୍ତ କରାଯାଏ । କିନ୍ତୁ ଉଦ୍ୟାନରୁ ଅମଦାନୀ ହେଉଥିବା ପନି ପରିବା ବା ତହିଁରୁ ବିକ୍ରୀ ଲବ୍ଧ ପଇସା କ'ଣ ପିଲା-ମାନଙ୍କ ପକେଟକୁ ଯାଏ ? ନା ଶିକ୍ଷକ ତା'ର ଫଳ ଭୋଗ କରନ୍ତି ? ଅନେକ କ୍ଷୋଭ ପ୍ରକାଶ କରନ୍ତି ଯେ ଆମ ଦେଶରେ ଅନ୍ୟ ଦେଶ ପରି ପଢ଼ିବା ସଙ୍ଗେ ସଙ୍ଗେ ରୋଜଗାର କରିବାର ଉପାୟ ନାହିଁ । କିନ୍ତୁ ଏକଥା ସମ୍ପୂର୍ଣ୍ଣ ସତ୍ୟନୁହେଁ । ପିଲାମାନଙ୍କୁ ଉଦ୍ୟାନକର୍ମ କିମ୍ବା ଶିଳ୍ପକର୍ମରେ ନିୟୋଗ କରି—ତହିଁର ଲାଭାଂଶ ଯଦି ଶିକ୍ଷକ ପକେଟକୁ ଯାଏ ତାହାହେଲେ ଦାୟୀ କିଏ ? ଅନେକ କହନ୍ତି ଯେ ପିଲାମାନଙ୍କୁ ଶିଳ୍ପ କ୍ଷେତ୍ରରେ ଶିକ୍ଷା ଦିଆଯିବା ଫଳରେ ସେମାନେ କଞ୍ଚା ହାତରେ ଯେଉଁ ଦ୍ରବ୍ୟ ପ୍ରସ୍ତୁତ କରନ୍ତି ତାହା ବ୍ୟବହାର ଅଯୋଗ୍ୟ ହୋଇ ପଡ଼େ । କିନ୍ତୁ ଏହା ବି ସମ୍ପୂର୍ଣ୍ଣ ସତ୍ୟ ନୁହେଁ । ଧରାଯାଉ-କେତେକ ପିଲାଙ୍କୁ ଇଟା ତିଆରି କାର୍ଯ୍ୟରେ ନିଯୁକ୍ତ କରାଗଲା । ଏଥିପାଇଁ କଞ୍ଚାମାଲ ଖୋଜିବାକୁ ଦୂରକୁ ଯିବାକୁ ପଡ଼େ ନାହିଁ । କାରଣ ମାଟି ସବୁଠି ଅଛି । ତେବେ ମାଟି କିପରି ଚକଟି ଛାଞ୍ଚରେ ଢାଳି ଇଟା ତିଆରି କରିବାକୁ ହେବ ସେଟା ପିଲାମାନେ ବେଶ୍ ସହଜରେ ଆୟତ୍ତ କରି ପାରିବେ । ଭାଟିରେ ଥାକ କରି ସଜେଇ ଇଟା ପୋଡି ପାରିବେ ମଧ୍ୟ । ଏହାର ଆୟ ଲବ୍ଧ ଧନଦ୍ୱାରା ଉତ୍ସାହୀ ଛାତ୍ରମାନେ ନିଶ୍ଚିତ ରୂପେ ଉପକୃତ ହୋଇ ପାରିବେ । କାରଣ ବର୍ତ୍ତମାନ କୋଠାବାଡି ତିଆରି କରିବା ପାଇଁ ଇଟା ସବୁଠି ଦରକାର ପଡୁଛି । ତେଣୁ ବିକ୍ରୀ ସୁନିଶ୍ଚିତ । ଇଟା ଅଯଥା ନଷ୍ଟ ହେବାର ପ୍ରଶ୍ନ ଉଠୁନାହିଁ । ଖାଲି ଏଥିପାଇଁ ଦରକାର ଇଚ୍ଛା ଓ ଦୃଢ଼ ସଂକଳ୍ପ । ମୋର ବିଶ୍ୱାସ, ଶିକ୍ଷକମାନେ ଏ ଦିଗରେ ସାମାନ୍ୟ ଉତ୍ସାହ ପ୍ରଦର୍ଶନ କରି ପାରିଲେ ଏହି ପ୍ରକାର ପ୍ରକଳ୍ପଗୁଡ଼ିକ ବିଶେଷ ଫଳ ପ୍ରଦ ହୋଇ ପାରିବ ।

ଶ୍ରେଣୀ ବାହାରେ ଶିକ୍ଷା ନିମିତ୍ତ ଯେଉଁ ନୂତନ ବାତାବରଣ ସୃଷ୍ଟି କରାଯିବା ଉଚିତ୍ ସେଥିରେ ଶିକ୍ଷକ ଓ ଛାତ୍ର ଉଭୟ ଘନିଷ୍ଠ ଭାବେ ଜଡ଼ିତ ହେବା ଆବଶ୍ୟକ । ତା ନ ହେଲେ ପ୍ରକଳ୍ପଗୁଡ଼ିକ 'ପୋଥି ବାଇଗଣ' ହୋଇ ରହିଯିବ। ପୂର୍ବରୁ ଆମ ଦେଶରେ ଗୁରୁକୁଳ ଆଶ୍ରମରେ ରହି ପିଲାମାନେ ପାଠ ପଢୁଥିଲେ । ଆମ ଦେଶରେ ଏବେ ଆବାସିକ ବିଦ୍ୟାଳୟ ମାନ ଅଳ୍ପ ସଂଖ୍ୟାରେ ଦେଖା ଦେଇଛି । କିନ୍ତୁ ସବୁ ବିଦ୍ୟାଳୟକୁ ଯଦି ଆବାସିକ ବିଦ୍ୟାଳୟରେ ପରିଣତ କରାଯାଇ ପାରନ୍ତା ଓ ସେଠାରେ ସବୁ ଛାତ୍ର ଓ ସବୁ ଶିକ୍ଷକ ମାନଙ୍କର ଏକତ୍ର ରହିବାର ବନ୍ଦୋବସ୍ତ କରା ଯାଆନ୍ତା ତା ହେଲେ ଶ୍ରେଣୀ ବାହାରେ ଶିକ୍ଷା ନିଶ୍ଚିତ ରୂପେ ଫଳ-ପ୍ରଦ ହୋଇ ପାରନ୍ତା ବୋଲି ମୋର ବିଶ୍ୱାସ ।

ଶ୍ରେଣୀ ବାହାରେ ଏ ପ୍ରକାର ଶିକ୍ଷା ଦ୍ୱାରା ଜନ ଶକ୍ତି ସଙ୍ଗଠନ ତ ନିଶ୍ଚିତ ଭାବେ କାର୍ଯ୍ୟକାରୀ କରାଯାଇ ପାରିବ । ଶିକ୍ଷା ଥାଇତେ ପିଲାର ଯେଉଁ ଦଶ କୋଟିଏ ବର୍ଷ ସମୟକୁ ମୂଲ୍ୟହୀନ ଭାବେ ବିନିଯୋଗ କରାଯାଉଛି ତହିଁରୁ ରକ୍ଷା ମିଳିବ । କିନ୍ତୁ ଉପକରଣ ଦ୍ରବ୍ୟଗୁଡ଼ିକ ଯେପରି ନଷ୍ଟ ନ ହୁଏ, ସେଥିପାଇଁ ଦୂରଦୃଷ୍ଟି ପ୍ରୟୋଗ ପୂର୍ବକ ପ୍ରକଳ୍ପମାନ ଗ୍ରହଣ କରିବାକୁ ପଡିବ—ଏଠାରେ ଶିକ୍ଷକ, ଅଭିଭାବକ ତଥା ସରକାର, ସମସ୍ତଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ପତ୍ର ମାଧ୍ୟମରେ ଶିକ୍ଷା

ଶ୍ରେଣୀ ବାହାରେ ଶିକ୍ଷାକୁ ଆଉ ଗୋଟିଏ ଦୃଷ୍ଟି କୋଣରୁ ମଧ୍ୟ ବିଚାର କରାଯାଇ ପାରେ । ଜନ ଶକ୍ତିର ଅପଚୟ ନ ଘଟାଇ ବିଦ୍ୟାର୍ଜନ ସମୟରେ ବି ଯଦି ଛାତ୍ରମାନଙ୍କର ଅର୍ଥାଗମ, ପାଇଁ ସୁବିଧା ଓ ସମୟ ଦିଆଯିବା ଉଚିତ୍, ତା ହେଲେ ପତ୍ର ମାଧ୍ୟମରେ ଶିକ୍ଷା ମଧ୍ୟ ବେଶ୍ କାର୍ଯ୍ୟକାରୀ ହୋଇ ପାରିବ । ଏହାଦ୍ୱାରା ସମୟ ଓ ଅର୍ଥ ଉଭୟକୁ ବେଶ୍ ଲାଭସହିତ ବିନିଯୋଗ କରାଯାଇ ପାରିବ । ସୁଖର କଥା ଆମ ସରକାର ବର୍ତ୍ତମାନ ଏ ଦିଗରେ ଦୃଢ଼ ପଦକ୍ଷେପ ମାନ ଗ୍ରହଣ କରୁଛନ୍ତି । ଏହାର ପରବର୍ତ୍ତୀ ପଦକ୍ଷେପ ହେବା ଉଚିତ୍, । (ୟୁନିଭରସିଟି ୱିଦାଉଟ୍ ୱାଲସ୍) କାନ୍ଥ ବିହୀନ ବିଶ୍ୱବିଦ୍ୟାଳୟ ।

ଅନେକ କ୍ଷେତ୍ରରେ ଦେଖା ଯାଉଛି ଯେ, ପ୍ରଚଳିତ ଶିକ୍ଷା ପ୍ରଣାଳୀରେ ଦୁର୍ବଳ ଛାତ୍ରମାନଙ୍କର ଉନ୍ନତି ନିମିତ୍ତ ବିଶେଷ ଧରଣର କୌଣସି ବ୍ୟବସ୍ଥା ନାହିଁ । ତେବେ ଆଶାର କଥା ଯେ, ଏବେ ସରକାରମହୋଦୟ ରେମେଡିୟାଲ ଟିଚିଙ୍ଗ୍ ପ୍ରବର୍ତ୍ତନ କରାଇବା ପାଇଁ ଏକ ପ୍ରଶଂସନୀୟ ଉଦ୍ୟମ ଚଳାଇଛନ୍ତି । ଏହା ଦ୍ୱାରା ଦେଶର ଜନଶକ୍ତିର ଅପଚୟ ରୋକିବା ସଙ୍ଗେ ସଙ୍ଗେ ଦେଶର ଭବିଷ୍ୟତକୁ ଗଢ଼ି ହେବ । ଏ ଉଦ୍ୟମକୁ ଆମେ ସ୍ୱାଗତ କରୁଛୁ । ଏ ସମ୍ପର୍କରେ ବିଶେଷ ଭାବରେ ଉଲ୍ଲେଖ କରାଯାଇପାରେ ଯେ, ପ୍ରତ୍ୟକ୍ଷରେ ହେଉ କିମ୍ବା ପରୋକ୍ଷରେ ହେଉ ଅନେକ ଶିକ୍ଷକ ପ୍ରାଇଭେଟ ଟିଉସନ କରନ୍ତି । କାରଣ ତାହା ଦ୍ୱାରା ସେମାନେ ଅଧିକ

ସେଠି ପିଲା ନିୟମିତ ସ୍କୁଲକୁ ନ ଆସିବାରୁ ପଛେଇଯାଏ, ତାକୁ ସେହି ସ୍ତରର ଶ୍ରେଣୀରେ ସାହାଯ୍ୟ କରାଯାଇପାରିବ । ତା ଫଳରେ ତାର ମନରୁ ରହି ଯାଉଥିବା ଅଭାବ ଦୂର ହୋଇଯିବ ଏବଂ ସେ ଯଥାଶୀଘ୍ର ପାଠୋନ୍ନତି କରିବାକୁ ସୁଯୋଗ ପାଇବ ।

ନୂତନ ବ୍ୟବସ୍ଥାରେ ଆଉ ଏକ ସୁବିଧା ହେଲା ପିଲାମାନେ ଛୋଟିଏ ବେଳା ପାଠପଢ଼ି ଆଉ ଛୋଟିଏ ବେଳା ପିତାମାତା ତଥା ଅଭିଭାବକମାନଙ୍କୁ ପୂରା ସାହାଯ୍ୟ କରିପାରିବେ । ଅନୁନ୍ନତ ଓ ଦରିଦ୍ର ବିଶେଷତଃ ଆଦିବାସୀବହୁଳ ଅଞ୍ଚଳରେ ପିଲାମାନେ ସେମାନଙ୍କ ପିତାମାତାଙ୍କୁ ପରିବାର ପ୍ରତିପୋଷଣରେ ବିଭିନ୍ନ ପ୍ରକାରେ ସହାୟକ ହୁଅନ୍ତି । ସେଥିପାଇଁ ସେମାନଙ୍କୁ ବିଦ୍ୟାଳୟକୁ ପଠାଇବାକୁ ପିତାମାତାମାନେ ଅନିଚ୍ଛୁକ ହୁଅନ୍ତି । ଏବେ ଛୋଟିଏ ବେଳା ପିଲାମାନେ ସ୍କୁଲରୁ ମୁକ୍ତ ହେବା ଫଳରେ ଏହି ସମସ୍ୟାର ସମାଧାନ ସମ୍ଭବ ହୋଇପାରିବ ।

ଏତଦ୍‌ବ୍ୟତୀତ ସକାଳବେଳା ପାଠପଢ଼ିବା ପିଲାମାନଙ୍କ ମନସ୍ତତ୍ତ୍ୱ ଦୃଷ୍ଟିରୁ ଅନୁକୂଳ । ସେମାନେ ସତେଜ ମନରେ ନୂତନ ପାଠ ଗ୍ରହଣ କରିବାରେ ଅଧିକ ଆଗ୍ରହୀ ହେବେ । ଏହି ସମୟରେ ମଧ୍ୟ ସେମାନେ ନିଶ୍ଚିନ୍ତ ଓ ଏକାଗ୍ର ଚିତ୍ତରେ ଶିକ୍ଷାଗ୍ରହଣ କରିପାରିବେ, ତାଫଳରେ ସେମାନେ ପାଠପଢ଼ାରେ ଅଧିକ ସଫଳତା ଲାଭ କରିବେ ।

ଶିକ୍ଷକମାନେ କିନ୍ତୁ ଅଧିକ ସମୟାନୁବର୍ତ୍ତୀ ଓ କର୍ତ୍ତବ୍ୟନିଷ୍ଠ ହେବା ଏକାନ୍ତ ଆବଶ୍ୟକ । ସେମାନେ ଯଥାସମୟରେ ବିଦ୍ୟାଳୟ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ପିଲାମାନଙ୍କର ବ୍ୟକ୍ତିଗତ ଅଭାବ ଅସୁବିଧା ପ୍ରତି ତୀକ୍ଷ୍ଣ ଦୃଷ୍ଟିଦେବେ ଏବଂ ନିଜ ନିଜ ଶକ୍ତି ସାମର୍ଥ୍ୟ ଅନୁସାରେ ସେମାନଙ୍କର ପାଠୋନ୍ନତି ତଥା ବ୍ୟକ୍ତିତ୍ୱ ଗଠନରେ ସହାୟକ ହେବେ ।

ଷ୍ଟେସନ୍‌ରେ ଟିକେଟ୍ କିଣିଲାବେଳେ, ବସ୍ ଷ୍ଟାଣ୍ଡରେ ଟିକେଟ୍ କିଣିଲା ବେଳେ, କିଂବା ଯେ କୌଣସି ସ୍ଥାନରେ କିଛି କିଣିଲାବେଳେ ବା ଆଣିଲା ବେଳେ ଧାଡ଼ିବାନ୍ଧି ଛିଡ଼ା ହୁଅନ୍ତୁ । ଯେ ଆଗରେ ଠିଆ ହୋଇଛନ୍ତି-ତାଙ୍କର ପାଳି ଆଗ ।

ଜାତୀୟ ପୁରସ୍କାର ପ୍ରାପ୍ତ

ଶିକ୍ଷକ ଶ୍ରୀ ପଦ୍ମନାଭ ଦାଶ

ଶ୍ରୀ ଦୋଳଗୋବିନ୍ଦ ମହାପାତ୍ର

ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଶ୍ରୀ ପଦ୍ମନାଭ ଦାଶ ଚଳିତ ବର୍ଷ ଶ୍ରେଷ୍ଠ ଶିକ୍ଷକରୂପେ ଜାତୀୟ ପୁରସ୍କାର ପାଇବା ପାଇଁ ବିବେଚିତ ହୋଇଛନ୍ତି । କେନ୍ଦ୍ର ସରକାରଙ୍କ ଶିକ୍ଷା ଓ ସମାଜ ମଙ୍ଗଳ ମନ୍ତ୍ରଣାଳୟ ତରଫରୁ ଦିଲ୍ଲୀଠାରେ ଆୟୋଜିତ ଏକ ବିଶେଷ ସମାରୋହରେ ଶ୍ରୀ ଦାଶଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ସମାଜରେ ଶିକ୍ଷକମାନଙ୍କ ମାନ ମର୍ଯ୍ୟାଦା ଓ ସମ୍ମାନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଓ ଉପଯୁକ୍ତ ଶିକ୍ଷକମାନଙ୍କ ସେବାର ସ୍ୱୀକୃତି ସ୍ୱରୂପ ୧୯୫୮ ମସିହାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଶ୍ରୀ ଦାଶ ମଧ୍ୟ ୧୯୬୬ ମସିହାରେ ତାଙ୍କର କାର୍ଯ୍ୟଦକ୍ଷତା ଓ କାର୍ଯ୍ୟନିପୁଣତା ପାଇଁ ରାଜ୍ୟସ୍ତରୀୟ ପୁରସ୍କାର ପାଇଥିଲେ ।

ଶ୍ରୀ ପଦ୍ମନାଭ ଦାଶ ପୁରୀ ଜିଲ୍ଲା ନିମାପଡ଼ା ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମରେ ୧୯୨୨ ମସିହାରେ ଜନ୍ମଗ୍ରହଣ କରିଥିଲେ । ସେ ନିମାପଡ଼ା ହାଇସ୍କୁଲରୁ ମାଟ୍ରିକ ପାଶକରି ୧୯୪୪ ରେ କଟକ ରେଭେନ୍ସା କଲେଜରୁ ବି. ଏ. ପାଶ କରିଥିଲେ । ତତ୍ ପରବର୍ଷ ଅର୍ଥାତ ୧୯୪୫ ରେ ସେ ଡ଼ି: ଇଡ଼ି: ପାଶ କରିଥିଲେ । ୧୯୪୨ ରେ ଭାରତଛାଡ଼ ଆନ୍ଦୋଳନରେ ଶ୍ରୀ ଦାଶ ଯୋଗ ଦେବାହେତୁ ଏକ ବର୍ଷ କଲେଜ ପାଠ ପଢ଼ିବାରୁ ବଂଚିତ ହୋଇଥିଲେ ।

ଡ଼ି: ଇଡ଼ି: ପାସ କଲାପରେ ୧୯୪୫ରେ ସେ ପ୍ରଥମ କରି ନିମାପଡ଼ା ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରିଥିଲେ । ଏହାର ଛଅବର୍ଷ ପରେ ସେ ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ରୂପେ ଦାୟିତ୍ୱ ଗ୍ରହଣ କଲେ । ସେ ଏହି ବିଦ୍ୟାଳୟରେ ଯୋଗ ଦେଲାବେଳେ ବିଦ୍ୟାଳୟ ପ୍ରାରମ୍ଭ ସ୍ତରରେ ଥିଲା । ଗତ ୨୫ ବର୍ଷ କାଳ ମଧ୍ୟରେ ଶ୍ରୀ ଦାଶ ଏହି ବିଦ୍ୟାଳୟକୁ ଏକ ନୂତନ ରୂପରେଖ ଦେଇଛନ୍ତି । ମୋଟ ଉପରେ କହିବାକୁ ଗଲେ ଏହି ବିଦ୍ୟାଳୟ ଶ୍ରୀ ଦାଶଙ୍କ ସ୍ୱକୀୟ ଚିନ୍ତାଧାରା ଉପରେ ଗଢ଼ି ଉଠିଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ନିକଟରେ ଶ୍ରୀ ଦାଶଙ୍କୁ ମୁଁ ସାକ୍ଷାତ କରିଥିଲି । ଏହି ସାକ୍ଷାତକାରରେ ସେ କହିଲେ ଯେ "ମୁଁ କିଛି ଆଶ୍ଚର୍ଯ୍ୟ ଜିନିଷ କରିଛି, ତା ନୁହେଁ—ଯେକୌଣସି ଲୋକ ଟିକିଏ ସକ୍ରିୟ ଓ ଦାୟିତ୍ୱପୂର୍ଣ୍ଣ ହେଲେ ନିଶ୍ଚୟ ତାହା କରିପାରିବ ।

ମାତ୍ର ଗୋଟିଏ କଥା ନିଶ୍ଚିତ ଯେ ମୁଁ ଯଦି ଏହି ପୁରସ୍କାର ପାଇଥାଏ, ତାହା ହେଉଛି ଗୋଟିଏ କାରଣ ହେତୁ......... ତାହା ହେଉଛି ମୁଁ ମୋ ନିଜ ପିଲା ଓ ମୋ ସ୍କୁଲର ଛାତ୍ର ମଧ୍ୟରେ କୌଣସି ପାର୍ଥକ୍ୟ ଦେଖିନାହିଁ ଓ ତାହାହିଁ ହେଉଛି ଜଣେ ଅନୁଗତ ଶିକ୍ଷକର କର୍ତ୍ତବ୍ୟ ।”

ଶ୍ରୀ ଦାଶ ଜଣେ ମିଷ୍ଟଭାଷୀ, ଦୟାଳୁ, କିନ୍ତୁ ବିଶୃଙ୍ଖଳା ସେ ସହ୍ୟକରି ପାରନ୍ତିନାହିଁ । କେତେ ବିଶୃଙ୍ଖଳ ଓ ଅମନଯୋଗୀ ଛାତ୍ରଙ୍କୁ ସେ ମଣିଷ କରିଛନ୍ତି—ତାର ହିସାବ ନାହିଁ । ଶ୍ରୀ ଦାଶ ପୁରୀ ସହର ଓ ତାହାର ଆଖପାଖ ଅଞ୍ଚଳରେ ‘ପଦବାବୁ’ ବୋଲି ସୁପରିଚିତ । ସାଧାରଣତଃ ପଦବାବୁ କହିଲେ ବିଶ୍ୱମ୍ଭର ବିଦ୍ୟାପୀଠକୁ ବୁଝାଏ— କାରଣ ଶ୍ରୀ ଦାଶ ଏହି ଅନୁଷ୍ଠାନ ସହ ଏପରି ଓତଃପ୍ରୋତଃ ଭାବରେ ଜଡ଼ିତ ଯେ ଦୁହିଁଙ୍କୁ ବିଚ୍ଛେଦ କରିବା ଅସମ୍ଭବ ।

ଭଗବାନଙ୍କଠାରେ ପ୍ରାର୍ଥନା— ଶ୍ରୀ ଦାଶ ଦୀର୍ଘଜୀବୀ ହୁଅନ୍ତୁ ଓ ଦେଶ ଓ ଦଶର ସେବାରେ ସେ ଆହୁରି ମନପ୍ରାଣ ଢାଳି ଦିଅନ୍ତୁ ।

●

୧୯୭୬-୭୭ ମସିହା ପାଇଁ ମ୍ୟୁନିସିପାଲିଟି ଲାଇସେନ୍ସ

ଭୁବନେଶ୍ୱର ବିଜ୍ଞାପିତ ଅଞ୍ଚଳ ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ଅନ୍ତର୍ଗତ ଅଧିବାସୀଙ୍କ ଅବଗତ ନିମନ୍ତେ ଜଣାଉଛନ୍ତି ଯେ ଆଗାମୀ ଏପ୍ରେଲ ପହିଲାଠାରୁ ଆରମ୍ଭ ହେଉଥିବା ୧୯୭୬-୭୭ ମସିହା ପାଇଁ ସେମାନେ ନିଜ ନିଜର ସାଇକେଲ, ସାଇକେଲ ରିକ୍ସା, ରିକ୍ସାଚାଳକ, ବଳଦଗାଡ଼ି, ଠେଲାଗାଡ଼ି, କୁକୁର, ସାଇନ୍ ବୋର୍ଡ଼ ପ୍ରଭୃତି ଓଡ଼ିଶା ମ୍ୟୁନିସିପାଲିଟି ଆଇନର ୨୯୦ (୧) ଧାରା ଅନୁଯାୟୀ ଅପ୍ରେଲ ୧୫ ତାରିଖ ମଧ୍ୟରେ ଲାଇସେନ୍ସ କରାଇନେବା ଆବଶ୍ୟକ । ଯେଉଁମାନେ ୨୯୦ (୧) ଧାରା ଅନୁଯାୟୀ ଓ ସାଇନ୍‌ବୋର୍ଡ଼ ପାଇଁ ୧୯୭୫-୭୬ ମସିହା ସକାଶେ ଲାଇସେନ୍ସ କରିଛନ୍ତି, ସେମାନେ ୧୯୭୬-୭୭ ମସିହାପାଇଁ ନବୀକରଣ କରିବାକୁ ଚାହିଁଲେ ଦରଖାସ୍ତ ଓ ଆବଶ୍ୟକ ଫିସ୍ ବର୍ଷ ଶେଷ ହେବାର ୧ ମାସ ପୂର୍ବରୁ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟକୁ ପଠାଇବା ଆବଶ୍ୟକ । କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ବ୍ୟବସାୟ ଆରମ୍ଭ କରିବାକୁ ଚାହୁଁଥିବା ବ୍ୟକ୍ତି ୩୦ ଦିନ ପୂର୍ବରୁ ସେଥି ନିମନ୍ତେ ଆବେଦନ କରାଇବା ଆବଶ୍ୟକ । ଯେଉଁ ସ୍ଥାନ ବା ରାସ୍ତାକୁ ନିଷିଦ୍ଧାଞ୍ଚଳ ବୋଲି ଘୋଷଣା କରାଯାଇଛି; ସେପରି ସ୍ଥାନରେ ବ୍ୟବସାୟ କରିବାକୁ ଦିଆଯିବ ନାହିଁ । ପ୍ରକାଶ ଥାଉକି ରିକ୍ସା ଲାଇସେନ୍ସ ଦିଆଯିବା ସମୟରେ ରିକ୍ସା ବ୍ରେକ୍, ଘଣ୍ଟି ଘଣ୍ଟା, ୩ ଗୋଟି ବତୀ, ଚେନ୍, ଟାୟାର, ମଡ଼ଗାର୍ଡ଼, ଗଦି, ପର୍ଦ୍ଦା, ଚାଳକ ବସିବା ସିଟ୍ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ନିର୍ଦ୍ଧାରିତ ଭଡ଼ାର ହାର ପ୍ରତି ବିଶେଷ ଧ୍ୟାନ ଦିଆଯିବ । ରିକ୍ସା ଚାଳକ ଲାଇସେନ୍ସ ହାସଲ କରିବା ପୂର୍ବରୁ ୩ ଗୋଟି ଫଟୋ ଦାଖଲ କରିବେ ଓ ରିକ୍ସା ଏବଂ ରିକ୍ସା ଚାଳକ ଲାଇସେନ୍ସ ଏକ ସମୟରେ ଦିଆଯିବ ।

ଗ୍ରାମ୍ୟ ଅର୍ଥନୀତିରେ ପୋଲଙ୍ଗର ଅବଦାନ

ଯେତେପ୍ରକାର ତୈଳବୀଜ ଅଛି ତନ୍ମଧ୍ୟରେ ପୋଲଙ୍ଗ ଯଦିଓ ଅନ୍ୟତମ ତଥାପି ଓଡ଼ିଶାରେ ଏହାର ବହୁଳ ବ୍ୟବହାର ହୋଇପାରିନାହିଁ । ପୁରୀ ଜିଲ୍ଲାର ଖୋର୍ଦ୍ଧା, କୋଣାର୍କ, ପିପିଲି, ନିମାପଡା, ବଳଙ୍ଗା, ସାକ୍ଷୀଗୋପାଳ, ଚନ୍ଦନପୁର ଏବଂ ପୁରୀଠାରୁ ସାତପଡା ପର୍ଯ୍ୟନ୍ତ ଏହି ପୋଲଙ୍ଗଗଛ ପ୍ରଧାନତଃ ପରିବ୍ୟାପ୍ତ ।

ଓଡ଼ିଶାର ପୁରପଲ୍ଲୀରେ ଯେକେହି ନିଶ୍ଚୟ ଦେଖିଥିବେ ତେଲିମାନେ ମୁଣ୍ଡରେ ପସରା ଧରି ତାଳିତରେ ଦୁଇଗ୍ରିଟି ଠେକି ଲଗି କିପରି ଘାଁ ଘାଁ ବୁଲି ତେଲ ବିକୁଥିଲେ । ତାହାସବୁ ଘଣାରେ ପ୍ରସ୍ତୁତ ହେଉଥିଲା ଓ ତାହା ବାଉଁଶ ପଲାରେ ମାପକରି ସୋରିଷ, ରାଶି, ଘେଣ୍ଟୁ ଓ ପୋଲଙ୍ଗତେଲ ବିକୁଥିଲେ । ଏହାଭିତରେ ସମୟର ବହୁ ପରିବର୍ତ୍ତନ ହୋଇଯାଇଛି । ଆଜି ଆମ୍ଭେମାନେ ଗ୍ରହନକ୍ଷତ୍ରକୁ ପରିକ୍ରମା କରି ସେଠାବିଷୟରେ ତଥ୍ୟ ସଂଗ୍ରହ କରିବାପାଇଁ ପ୍ରୟାସୀ । ସେତେବେଳେ ଓ ବର୍ତ୍ତମାନ ମଧ୍ୟରେ ବିରାଟ ବ୍ୟବଧାନ । ସମସ୍ତ ତେଲ ବର୍ତ୍ତମାନ କିଲୋଗ୍ରାମ ଓ ଲିଟରରେ କାରବାର ହେଲଣି ଏବଂ ତାହା ସମସ୍ତ ମେସିନ ପ୍ରସ୍ତୁତ ।



ସୁଖରବିଷୟ ସରକାରଙ୍କର ପଞ୍ଚାୟତଶିଳ୍ପ ଜରିଆରେ ୧୯୭୨ ଜୁନମାସ ଠାରୁ ପୁରୀଜିଲ୍ଲାର ବୀରନରସିଂହପୁରଠାରେ ପୋଲଙ୍ଗତେଲ ମେସିନ ଦ୍ୱାରା ପ୍ରସ୍ତୁତହୋଇ ସୁଦୂର ଟାଟା ଓ କଲିକତାକୁ ପ୍ରତ୍ୟହ ଚନ୍ଦନପୁରଠାରୁ ପଠାଯାଉଛି । ପ୍ରଥମେ

ଓଡ଼ିଶାର ମନ୍ଦିରମାନଙ୍କରେ ପୋଲଙ୍ଗ ଦୀପ କେବଳ ଜଳୁଥିଲା ଓ ଗାଁ ର ବୃଦ୍ଧବୃଦ୍ଧାମାନେ ପୋଲଙ୍ଗତେଲକୁ ଘା ରେ ଦେବାରେ ବ୍ୟବହାର କରୁଥିଲେ । ପୋଲଙ୍ଗତେଲ ଯେ ଏକ ଦେବୋପଯୋଗୀ ପଦାର୍ଥ ଏବଂ ତାହା ଶୁଭ କାମରେ ଲାଗେ ଏକଥା କେହି ଅସ୍ୱୀକାରକରି ପାରିବେନାହିଁ ।

ଆଜିର ବିଜ୍ଞାନ ଓ ଯାନ୍ତ୍ରିକ ଯୁଗରେ ପୋଲଙ୍ଗତେଲ ଓଡ଼ିଶାରେ ଜାହିରି ସାରା ପୃଥିବୀରେ ସାବୁନ ତିଆରି କରିବାରେ ବ୍ୟବହୃତ ହେଉଅଛି । ଏହି ସାବୁନ ଆମର ଲୁଗାପଟା ସଫା କରିବାରେ ବିଶେଷ ସହାୟକ । କ୍ରମଶଃ ଦିନକୁଦିନ ଲୋକେ ଚେତନଶୀଳ ହୋଇ ଉଠୁଛନ୍ତି । ଏବଂ ବଞ୍ଚିବାପାଇଁ ରୀତିମତ ସଂଗ୍ରାମକରି ଆସୁଛନ୍ତି । ବୀରନରସିଂହପୁର ପଞ୍ଚାୟତ ଶିଳ୍ପରେ ପୋଲଙ୍ଗତେଲ ଆମଦାନୀ ପରଠାରୁ ନିକଟବର୍ତ୍ତୀ ସ୍ଥାନରେ ଆଉରି ଦୁଇଟି ଶିଳ୍ପ ମଧ୍ୟ ଗଢ଼ିଉଠିଛି ଓ ଭବିଷ୍ୟତରେ ଆଉ କେତେଗୋଟି ପ୍ରତିଷ୍ଠାରେ ଗଢ଼ିଉଠିବ ଏଥିରେ ସନ୍ଦେହ ନାହିଁ । ପୂର୍ବେ ଖାଲି ତେଲିମାନେ ଏହି ବ୍ୟବସାୟ କରୁଥିଲେ ବର୍ତ୍ତମାନ ଯାହାର ଗଛ ଏବଂ ଯାହାର ପଇସା ଅଛି ସେ ମଧ୍ୟ ଏହାକୁ ପେଶି ତେଲ ବିକି ଲାଭବାନ ହେଉଛନ୍ତି । ଏତଦବ୍ୟତୀତ ଗୃହିଣୀମାନେ ଏବଂ ବାଡ଼ିବାଲା ଯାହାର ଗଛ ଅଛି ସେ ତାହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇ ବେଶ୍ ଦୁଇପଇସା ଉପାର୍ଜନ କରି ତାହାର ଗୁଜୁରାଣ ମେଣ୍ଟାଉଅଛି । ଓଡ଼ିଶାରେ ସାଧାରଣତଃ ସାବୁନ ଶିଳ୍ପ ସୁପ୍ତ ଅବସ୍ଥାରେ ଅଛି । କାଁ ଭାଁ କିଏ କେଉଁଠି ତିଷ୍ଠିଛି ତାହାକୁ ଓଡ଼ିଶାବାସୀ ମଧ୍ୟ ଜାଣିବା ପାଇଁ ଅକ୍ଷମ ।

ଆଜିକାଲି ସରକାର ବେକାର ଯୁବକମାନଙ୍କୁ ଓ ଶିଳ୍ପପତିମାନଙ୍କୁ ଶିଳ୍ପ କାରଖାନା ସ୍ଥାପନ ଦିଗରେ ସାହାଯ୍ୟ କରୁଛନ୍ତି । ସାବୁନ ଶିଳ୍ପ ମଧ୍ୟ ଏହି ବେକାର ଯୁବକମାନଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ଓଡ଼ିଶାବାସୀ ଆମ ରାଜ୍ୟରେ ପ୍ରସ୍ତୁତ ସାବୁନ ବ୍ୟବହାର କରିବାପାଇଁ କ୍ରମଶଃ ଅଧିକରୁ ଅଧିକ ଉତ୍ସାହ ପ୍ରକାଶ କରିବେ । ଓଡ଼ିଶାର ଉପକୂଳ ଅଞ୍ଚଳରେ ବେକାର ଯୁବକମାନେ ଏହି ଲାଭଜନକ ବ୍ୟବସାୟ ପାଇଁ ଆଗଭର ହୁଅନ୍ତୁ ।

ଶ୍ରୀ ହରେକୃଷ୍ଣ ମହାନ୍ତି

ପଞ୍ଚାୟତ ଶିଳ୍ପ ଅଫିସର

ବୀରନରସିଂହପୁର, ପୁରୀ

ଅର୍ଥନୈତିକ ସଂକଟ ନାରୀ ଓ ଗ୍ରାମ୍ୟ ଅର୍ଥନୀତି

ଅଧ୍ୟାପିକା ମନୋରମା ମହାପାତ୍ର

ଅନୁନ୍ନତ ରାଷ୍ଟ୍ରର ଅଭିବୃଦ୍ଧି ସମାସ୍ୟା କହିଲେ ଏକ ଅର୍ଥନୈତିକ ବିକାଶ ସ୍ତରରୁ ଉଚ୍ଚ ସ୍ତରକୁ ଉନ୍ନୀତ ହେବାକୁ ହିଁ ବୁଝାଏ । ଉନ୍ନତ ରାଷ୍ଟ୍ରର ସମାସ୍ୟା ହେଲା ଅର୍ଥନୈତିକ ବିକାଶକୁ ଅବ୍ୟାହତ ରଖିବା, ମାତ୍ର ଅର୍ଥନୈତିକ ଅଭିବୃଦ୍ଧିର ଗତିକୁ ତ୍ୱରାନ୍ୱିତ କରିବା ହିଁ ଅନୁନ୍ନତ ଦେଶର ପ୍ରଧାନ ସମସ୍ୟା । ଏବେ ଭଣା ଅଧିକେ ପ୍ରତ୍ୟେକ ବିକାଶୋନ୍ମୁଖୀ ରାଷ୍ଟ୍ର ଅର୍ଥନୈତିକ ସ୍ୱାଧୀନତାର ଏକାନ୍ତ ଆବଶ୍ୟକତା ହୃଦୟଙ୍ଗମ କରି ଏ ଦିଗରେ ପଦକ୍ଷେପ ନେଉଛନ୍ତି । ଆମର ଦେଶ ଭାରତ ବର୍ଷ ଅର୍ଥନୈତିକ ବିକାଶ ପଥରେ ଅଗ୍ରସର ହେଉଛି । ଭାରତ ବର୍ଷରେ ବିଗତ ୨୪ ବର୍ଷ ଧରି ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ବହୁ ଉପାଦେୟ ପଦକ୍ଷେପ ନିଆ ଯାଇଥିଲେ ମଧ୍ୟ ଏ ଦିଗରେ ଆମର ଅଗ୍ରସର ଆଦୌ ସଂନ୍ତୋଷଜନକ ହୋଇ ପାରିନାହିଁ । ସବୁଠାରୁ ଦୁଃଖଦାୟକ ଘଟଣା ହେଉ ଯେ ଏହି କେତେ ବର୍ଷ ମଧ୍ୟରେ ଧନୀଦରିଦ୍ର ମଧ୍ୟରେ ବ୍ୟବଧାନ ଆଖି ଦୃଶିଆ ହୋଇ ଆଗ ଅପେକ୍ଷା ବଢି ଚାଲିଛି । ଜନସାଧାରଣଙ୍କ ସର୍ବନିମ୍ନ ଆବଶ୍ୟକତା ଯଥା ପେଟକୁ ଦାନା ଓ ପିଠିକି କନା ମଧ୍ୟ ଏ ଯାଏଁ ଯୋଗାଇ ଦିଆ ଯାଇ ପାରିଲା ନାହିଁ । ଅଧିକନ୍ତୁ ଆମ ଲୋକସଂଖ୍ୟାର ଅର୍ଦ୍ଧେକରୁ ଅଧିକ ଲୋକ ଏବେ ମଧ୍ୟ ଦାରିଦ୍ର୍ୟର ସୀମା ରେଖା ତଳେ ଅଛନ୍ତି । ଏକ ପକ୍ଷେ ଦାରିଦ୍ର୍ୟ ଅର୍ଦ୍ଧାହାର ଅନାହାର ତଥା ଅସଂତୋଷ, ଅପର ପକ୍ଷରେ ଆଉ ଦଳେ ଲୋକ

ସମସ୍ତ ପ୍ରକାର, ନୀତିହୀନ ସ୍ୱାର୍ଥପର ତଥା ବେଆଇନ ପନ୍ଥା ଅବଲମ୍ବନ କରି ଆପଣାର ସ୍ୱାର୍ଥ ସିଦ୍ଧି ପାଇଁ ଅର୍ଥ ଉପାର୍ଜନରେ ଛନାପତ ଲାଗି ପଡ଼ିଛନ୍ତି । ଫଳତଃ କଳା ମାଲ ମହଜୁତକାରୀଙ୍କ ଯୋଗୁଁ କୃତ୍ରିମ ଅଭାବ ବଢିଛି । ପୁଣି ଆଉ ଏକ ସମାନ୍ତରାଳ ଗତିରେ ହିସାବବିହୀନ କଳା ଟଙ୍କାର ସୁଅ ଅବସ୍ଥାକୁ ଏଭଳି ଭାବରେ ଉତ୍କଟ କରିଛି ଯେ ଅର୍ଥନୀତି ସଂକଟର ସମ୍ମୁଖୀନ ହେବାକୁ ବାଧ୍ୟ ହୋଇଛି । ସାଧାରଣତଃ ଅନୁନ୍ନତ ରାଷ୍ଟ୍ରରେ ମୁଦ୍ରାସ୍ଫିତି ସମୟରେ ଧନୀ ଲୋକେ ଜରୁରୀ କ୍ଷେତ୍ରରେ ଅର୍ଥାତ କୃଷି ଓ ଶିଳ୍ପ କ୍ଷେତ୍ର— ଯାହା ଦେଶ ପକ୍ଷରେ ଜରୁରୀ, ସେଥିରେ ଅଧିକ ବିନିଯୋଗ ନ କରି ନିଜ ସୁବିଧା ଦୃଷ୍ଟିରୁ ଘର, ଦ୍ୱାର, ଜମି, ସୁନା ଇତ୍ୟାଦିରେ ଅଧିକ ବିନିଯୋଗ କରି ବିନା ଶ୍ରମରେ ବ୍ୟକ୍ତିଗତ ଲାଭ ମାତ୍ରା ବଢେଇବାରେ ଅଧିକ ଗୁରୁତ୍ୱ ଦେଇ ଥାଆନ୍ତି । ଏଣୁ ମୁଦ୍ରାସ୍ଫିତି ଲୋକଙ୍କର ମହଜୁତ କରିବା ମନୋବୃତ୍ତିକୁ ଅଧିକ ଉତ୍ସାହିତ କରିଥାଏ; ଫଳରେ ସେମାନେ ଜମି, ଘର, ସୁନା ଅଳଙ୍କାର, ବିଦେଶୀ ମୁଦ୍ରା ଆଦିରେ ଜମା ରଖି ବିନା ଶ୍ରମରେ ରାତା ରାତି ଧନୀ ହେବା ପନ୍ଥାକୁ ଗ୍ରହଣ କରି ନିଜ ଦେଶର କ୍ଷତି କରନ୍ତି । ଫଳରେ ବର୍ଦ୍ଧିତ ଆୟ, ସଂଞ୍ଚୟ ଓ ବିନିଯୋଗ ମାଧ୍ୟମରେ ଗ୍ରାମାଞ୍ଚଳର ଅର୍ଥନୈତିକ ପ୍ରଗତିରେ ଯଥେଷ୍ଟ ସହାୟକ ହୋଇ ପାରେ ନାହିଁ । ଅପର ପକ୍ଷରେ ଜିନିଷପତ୍ରର ଦରଦାମ ବଢିବାରୁ ସାଧାରଣ ଲୋକ ପୂର୍ବ ଚଳଣି ବଜାୟ ରଖିବା ଫଳରେ ସେମାନଙ୍କ ମଧ୍ୟରେ ସଂଞ୍ଚୟର ମାତ୍ରା ମଧ୍ୟ କମି ଯାଏ ଏବଂ କେବେ କେବେ ସଂଞ୍ଚୟ ଦୂରେ ଥାଉ ଋଣ କରିବାକୁ ସେମାନଙ୍କୁ ମଧ୍ୟ ପଡ଼ି ଥାଏ । ପୁଣି ଏଇଭଳି ପରିପ୍ରେକ୍ଷୀରେ ଆମେ ଦରଦାମ ବୃଦ୍ଧି ଏବଂ ମୁଦ୍ରାସ୍ଫିତିର ବିଷାକ୍ତ ବୃତ୍ତର ଭଉଁରୀ ମଧ୍ୟରେ ପଡ଼ି ଚକା ଭଉଁରୀ ଖେଳୁଥାଉଁ । ଦରଦାମ ବୃଦ୍ଧି ଫଳରେ ଲାଭ ଖୋର, ଫଟକା କାରବାରକାରୀ, ତଥା କଳାବଜାରୀମାନଙ୍କୁ ସୁବର୍ଣ୍ଣ ସୁଯୋଗ ମିଳି ଯାଏ । ସେମାନେ ରାତାରାତି ଧନ କୁବେର ହେବା ମତଲବରେ କୃତ୍ରିମ

ଅଭାବ ସୃଷ୍ଟିକରି ଖାଦ୍ୟ ପଦାର୍ଥ ଅପମିଶ୍ରଣ ଦ୍ୱାରା ଏଣେ ଦୁର୍ନୀତି ବୃଦ୍ଧି କରନ୍ତି । ଏହି ଅସାମାଜିକ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ମାନେ ନିନ୍ଦିତ ମାର୍ଗରେ ଟଙ୍କା ଠୁଳ କରିବାରେ ଲାଗି ପଡନ୍ତି । ଏହି ହିସାବ ନ ଥିବା ଟଙ୍କା ଦ୍ୱାରା ଅତ୍ୟାବଶ୍ୟକ ଦ୍ରବ୍ୟ ଯଥା- ଖାଦ୍ୟ ଶସ୍ୟ କିଣି ମହଜୁଦ୍ କରି ରଖି ବଜାର ଦର ବଢ଼ାଇବାରେ ସହାୟକ ହୁଅନ୍ତି । ଏହି ଲାଭଖୋର ବ୍ୟବସାୟୀମାନେ ବାହ୍ୟ ଆଡ଼ମ୍ବରପୂର୍ଣ୍ଣ ଉପଭୋଗ, ବହୁମୂଲ୍ୟବାନ ବିଳାସ ଦ୍ରବ୍ୟ ଖରିଦ କରିବା ନିମନ୍ତେ ଆଗଭର ହେବାରୁ ସୁବିଧା ଓ ଯୋଗାଣ ସୂତ୍ର ଅନୁସାରେ ଦେଶର ସୀମିତ ସମ୍ବଳ ଏହି କେତେ ଧନୀ ବ୍ୟକ୍ତିଙ୍କର ବିଳାସ ଜନିତ ଅଭାବ ପୂରଣରେ ବିନିଯୋଗ ହୁଏ ଏବଂ ସାଧାରଣ ଜନତା ଯୋଗାଣ ସୀମିତ ହେତୁ ଅତ୍ୟାବଶ୍ୟକ ଅଭାବ ମଧ୍ୟ ପୂରଣ କରିବାକୁ ସମର୍ଥ ହୁଅନ୍ତି ନାହିଁ । ଅପର ପକ୍ଷରେ ଏହି ହିସାବର ବହିର୍ଭୂତ ପ୍ରଭୂତ ଟଙ୍କା ଉପରେ ମଧ୍ୟ ଟିକସ ବସାଇବାର ବାଟ ନ ଥାଏ । ଫଳରେ ମଧ୍ୟବିତ୍ତ ଶ୍ରେଣୀ ଟିକସ ଭାରରେ ଭାରାକ୍ରାନ୍ତ । ଏଣେ ଟିକସ ହେତୁ ଦରଦାମ ବୃଦ୍ଧି ବିକାଶ ପଥରେ ବାଧା ଦେଖାଦିଏ । ଏଭଳି ସଙ୍କଟ ଜନକ ପରିସ୍ଥିତିରେ ନିରନ୍ନ ଜନତା ମୁଖରେ ଅନ୍ନ ଦେବା ସଙ୍ଗେ ସଙ୍ଗେ ସର୍ବ ନିମ୍ନ ଅଭାବ ପୂରଣ କାର୍ଯ୍ୟପନ୍ଥା ଅନୁସରଣ ଜାତି ନିକଟରେ ପ୍ରଧାନ ସମସ୍ୟା ହୋଇ ଦେଖାଦିଏ । ଏହି ସମସ୍ୟାର ଯଥାର୍ଥ ସମାଧାନ କରିବା ନିମନ୍ତେ ବଳିଷ୍ଠ ପଦକ୍ଷେପ ନେବା ଅପରିହାର୍ଯ୍ୟ ହୋଇ ପଡ଼େ । ଦେଶର ଶୃଙ୍ଖଳା ଅକ୍ଷୁଣ୍ଣ ରକ୍ଷା କରି ଏ ପରିସ୍ଥିତିର ଯଥାର୍ଥ ମୁକାବିଲା ନ କଲେ ପରିସ୍ଥିତି ଅସମ୍ଭାଳ ହେବ । ଏ କଥା ଦୋହରି ଆସୁଥିବା, ବୁଦ୍ଧିଜୀବୀ ଅନୁଭବ କରନ୍ତି । ଏ ଭଳି ପରିସ୍ଥିତିର ସବୁ ଆଡ଼କୁ ବିଚାର କରି ଗତ ୧୯୭୫ ମସିହା ଜୁନ୍ ମାସରେ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଦେଶର ଶୃଙ୍ଖଳା, କଠୋର ଶ୍ରମ, ନିଷ୍ଠା, ଆନ୍ତରିକତା, ତଥା ଯଥାର୍ଥ ଦେଶପ୍ରୀତି ଯାହାକି ବିକାଶୋନ୍ମୁଖୀ ରାଷ୍ଟ୍ର ପକ୍ଷେ ଏକାନ୍ତ ଜରୁରୀ ତାହା ପ୍ରତିଷ୍ଠିତ କରିବା ନିମନ୍ତେ ଦୃଢ଼ତାର ସହ ଜରୁରୀ ପରିସ୍ଥିତି ଘୋଷଣା କଲେ । ଯଥାର୍ଥରେ ଏହା ଏକ କଠିନ ଦାୟିତ୍ୱ, ଏହାକୁ ତୁଲାଇବା ପାଇଁ ଓ ଅର୍ଥନୈତିକ ପ୍ରଗତି ପାଇଁ ପ୍ରାଥମିକ ସ୍ତରରେ ପ୍ରତ୍ୟେକଙ୍କୁ ସ୍ୱାର୍ଥ ତ୍ୟାଗ କରିବା ନିମନ୍ତେ ପ୍ରସ୍ତୁତ ହେବାକୁ ପଡ଼ିବ । ଜାତି ପ୍ରତି ଆମର ଏକ ନିର୍ଦ୍ଦିଷ୍ଟ ଦାୟିତ୍ୱବୋଧ ରହିବା ଆବଶ୍ୟକ । ବିକାଶୋନ୍ମୁଖୀ ରାଷ୍ଟ୍ର ପକ୍ଷରେ ଯେଉଁ ସାଧାରଣ ସର୍ତ୍ତକୁ ମାନିନେବା ସର୍ବୋପରି ଆବଶ୍ୟକ ବୋଲି, ସବୁ ବିଶିଷ୍ଟ ଅର୍ଥନୀତିଜ୍ଞ ମତ ଦେଉଛନ୍ତି, ସେହି ପ୍ରାରମ୍ଭିକ ସର୍ତ୍ତସବୁ ଆମେ ପୂରଣ କରି ପାରିନଥିବା ହେତୁ ଆମକୁ ଏ ଭଳି ଅର୍ଥନୈତିକ ସଙ୍କଟ ମଧ୍ୟରେ ପଡ଼ିବାକୁ ହେଲା । ତେଣୁ ଏ ଭଳି ଜଟିଳ ପରିସ୍ଥିତିର ମୁକାବିଲା କରିବା ପାଇଁ ବଦ୍ଧପରିକର ହୋଇ ପ୍ରଧାନ ମନ୍ତ୍ରୀ ସାହସର ସହ ଘୋଷଣା କଲେ ଯେ "ଆମେ ନିଶ୍ଚିତ ଭାବରେ ଦରିଦ୍ର ତଥା ମଧ୍ୟବିତ୍ତ ଜନସାଧାରଣଙ୍କର ଦୁର୍ଦ୍ଦଶା ଦୂର କରିବୁ । ଏଥି ନିମନ୍ତେ ଆମକୁ ଅଧିକ ସଚେତନ ହେବାକୁ ପଡ଼ିବ ଏବଂ କର୍ମକୁଶଳତା ତଥା କର୍ମତତ୍ପରତା ବୃଦ୍ଧି କରିବାକୁ ହେବ" । ଗୀତାରେ ଅଛି 'ଯୋଗଃ କର୍ମସୁ କୌଶଳମ୍' କର୍ମରେ କୁଶଳତା ହିଁ ଯୋଗ । ଏହି ସାଧନା ଅଭିନ୍ନ ଅନୁଶାସନ ପର୍ବର ମୂଳମନ୍ତ୍ର । ଦେଶକୁ ଅର୍ଥନୈତିକ, ସାମାଜିକ ତଥା ରାଜନୈତିକ ବ୍ୟାଧିରୁ ମୁକ୍ତ କରିବା ନିମନ୍ତେ ଜରୁରୀ ପରିସ୍ଥିତିଜନିତ ଅସ୍ତ୍ରୋପଚାରର ଆବଶ୍ୟକତା ଯଥାର୍ଥରେ ଅପରିହାର୍ଯ୍ୟ । ସତକୁ ସତ ଜରୁରୀ ପରିସ୍ଥିତି ଘୋଷଣା ପରେ ପରେ ଦେଶସାରା ଦରଦାମ ହ୍ରାସ, ଶୃଙ୍ଖଳା ପ୍ରତିଷ୍ଠା, ଉତ୍ପାଦନ ବୃଦ୍ଧି, ଯାନ ବାହନ ଯାତାୟତରେ ନିୟମାନୁବର୍ତ୍ତିତା, ନ୍ୟାୟ ବିଚାର ଓ ଆଇନ ପ୍ରତି ସମ୍ମାନ ଆଦି ପରିସ୍ଥିତିର ଉନ୍ନତି ହୋଇଛି । କୃତ୍ରିମ ଅଭାବ, ମହଜୁଦ୍ କରିବା, କଳା ବଜାର, ଟିକସ ଫାଙ୍କି, ଆଦି ଅସାମାଜିକ କର୍ମ ଅଳ୍ପ ସମୟର ପରିସର ମଧ୍ୟରେ ବହୁ ପରିମାଣରେ କଠୋର ହସ୍ତରେ ବନ୍ଦ କରାଯାଇ ପାରିଛି ଯଦ୍ୱାରାକି ମୁଦ୍ରାସ୍ଫିତିର ଆଶଙ୍କାରୁ ଦେଶ ମୁକ୍ତି ପାଇବାକୁ ସମର୍ଥ ହୋଇଛି । ଏଥିରୁ ସୂଚନା ମିଳେ ଯେ ଜରୁରୀ ପରିସ୍ଥିତି ଜାତିର କଲ୍ୟାଣ ନିମନ୍ତେ, ସମସ୍ତ ବିଶୃଙ୍ଖଳାକୁ ଶୃଙ୍ଖଳିତ କରିବା ନିମନ୍ତେ ଏକ ସମୟୋପଯୋଗୀ ପଦକ୍ଷେପ ।

ବିକାଶୋନ୍ମୁଖୀ ରାଷ୍ଟ୍ରର ପୁଞ୍ଜି ନିର୍ମାଣ ନିମନ୍ତେ ସଞ୍ଚୟ ବୃଦ୍ଧି ଏକାନ୍ତ ଆବଶ୍ୟକ । ଏବଂ ଏହି ପୁଞ୍ଜି ଯଥାର୍ଥ ଭାବରେ ବିନିଯୋଗ ହେଲେ ଅଭିବୃଦ୍ଧି ହାର ବୃଦ୍ଧି ପାଇବ । ମାତ୍ର ଯେ ହେତୁ ମୁଦ୍ରାସ୍ଫିତି ସ୍ୱଳ୍ପ ସଞ୍ଚୟର ଏକା ଧାରରେ କାରଣ ଓ ଫଳାଫଳ ମଧ୍ୟ ଆମେ ସ୍ୱଳ୍ପ ସଞ୍ଚୟ ଓ ମୁଦ୍ରାସ୍ଫିତି ରୂପକ ବିଷାକ୍ତ ଘେରରେ ଘାରି ହେଉ ଥାଉ, ଏ ଚକ୍ରକୁ ଭେଦିବା ପାଇଁ ଦୃଢ଼ ପଦକ୍ଷେପ ନେବା ଦରକାର । ପ୍ରକୃତ ପକ୍ଷରେ ଜରୁରୀ ପରିସ୍ଥିତି ଯଥା ୨୦ ଦଫା ଅର୍ଥନୈତିକ କାର୍ଯ୍ୟକ୍ରମ ଏଭଳି ପରିସ୍ଥିତିରେ ଏ ଚକ୍ରକୁ ଭେଦ କରି ପରିସ୍ଥିତି ସୁଧାରିବା ଦିଗରେ ସହାୟକ ତଥା ସମୟୋପଯୋଗୀ ହୋଇ ପାରିଛ । ମାର୍ଗ ସମ୍ପର୍କରେ ବିଭିନ୍ନ ମତ ଥିଲେ ମଧ୍ୟ ଏ ବିଷୟରେ ସମସ୍ତେ ଏକମତ ଯେ ବିକାଶୋନ୍ମୁଖୀ ଦେଶର ଅଭିବୃଦ୍ଧି ହାର ବଢ଼ାଇବାକୁ ହେଲେ କେତେଗୁଡ଼ିଏ ମୌଳିକ ଦିଗ ପ୍ରତି ସଜାଗ ଦୃଷ୍ଟି ଦେବାକୁ ହେବ । ସେଗୁଡ଼ିକ ହେଲା :—ଲୋକ ଦେଖାଣିଆ ବିଳାସଦ୍ରବ୍ୟ ଉପଭୋଗ ହ୍ରାସ, ସଞ୍ଚୟ ଓ ଉତ୍ପାଦନ ବୃଦ୍ଧି, ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ, ରପ୍ତାନି ବୃଦ୍ଧି, ବିଳାସଦ୍ରବ୍ୟର ଆମଦାନୀ ହ୍ରାସ, ଆମଦାନୀ ପ୍ରତିବଦଳର ଉତ୍ପାଦନରେ ଅଧିକ ଗୁରୁତ୍ୱ ଆରୋପ ଇତ୍ୟାଦି । ତା ସହିତ ତାଳ ରଖି ଅଗ୍ରାଧିକାର ଦୃଷ୍ଟିରୁ ସୀମିତ ସମ୍ବଳ ବିନିଯୋଗ ତଥା ବଣ୍ଟନ ନିମନ୍ତେ ସରକାରୀ ତଥା ବେସରକାରୀ ଲୋକ ସଦା ସର୍ବଦା ସଜାଗ ତଥା ତତ୍ପର ରହିବା ମଧ୍ୟ ଆବଶ୍ୟକ । ଆହୁରି ମଧ୍ୟ ଯଥାର୍ଥ ଦର ନିୟନ୍ତ୍ରଣ ନୀତି, ଅନୁତ୍ପାଦନଶୀଳ ଅଯଥା ଖର୍ଚ୍ଚ କାଟ, ଉତ୍ପାଦନ ବୃଦ୍ଧି, ଉତ୍କୃଷ୍ଟ ଉତ୍ପାଦନ ପନ୍ଥା ନିର୍ଣ୍ଣୟ, ଯଥାର୍ଥ ବଣ୍ଟନ ପ୍ରଣାଳୀ, ଲୋକ ଶକ୍ତିର ପୂର୍ଣ୍ଣ ବିନିଯୋଗ ପ୍ରତି ମଧ୍ୟ ସମାନ ଭାବରେ ଧ୍ୟାନ ଦେଲେ ଏହି କାର୍ଯ୍ୟକ୍ରମଗୁଡ଼ିକ ଫଳପ୍ରଦ ହୋଇ ପାରିବ । ଏହି ୨୦ ଦଫା ଅର୍ଥନୈତିକ କାର୍ଯ୍ୟକ୍ରମର ସାରାଂଶ ହେଲା ଗ୍ରାମାଞ୍ଚଳ ସମୂହର ଉନ୍ନତି ତଥା ଗରିବୀ ହଟାଓ । ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରିସ୍ଥିତିରେ ଯଥାର୍ଥ ସମୟ ଆସିଛି ଆମ ସମସ୍ତଙ୍କୁ ଅଣ୍ଟା ଭିଡ଼ି ଠିଆ ହେବାକୁ ପଡ଼ିବ । ପ୍ରତ୍ୟେକ ଜନସାଧାରଣ, ଯେ କ୍ଷେତ୍ରରେ

ଖାଇ ଖମାରରେ ଥାଉ, ରୋଷେଇ ଶାଳରେ ଥାଉ, ବା ସରକାରୀ ଦପ୍ତରରେ ଥାଉ ନିଶ୍ଚିତ ଭାବରେ ଜାତି ଗଠନର ଏକ ଗୁରୁ ଦାୟିତ୍ୱକୁ ପ୍ରତ୍ୟେକଙ୍କୁ ବହନ କରିବାକୁ ପଡ଼ିବ । ବର୍ତ୍ତମାନ ପ୍ରଶ୍ନ ହେଉଛି ଗ୍ରାମ୍ୟ ଅର୍ଥନୀତିର ଉନ୍ନତି ରୂପକ ମହାନ ଲକ୍ଷ୍ୟ ପୂରଣ ଦିଗରେ ମହିଳାମାନଙ୍କର ଲକ୍ଷ୍ୟ କଣ ? ଘର ଭିତରେ ଥାଇ ସ୍ତ୍ରୀ ଲୋକମାନେ କଣ କରି ପାରିବେ । ସଞ୍ଚୟ ବୃଦ୍ଧି ଉପରେ ଦେଶର ଅଗ୍ରଗତି ନିର୍ଭର କରୁଥିବା ହେତୁ ପ୍ରତ୍ୟେକ ମହିଳା ନିଜ ପରିବାରରେ ଏହି ସଞ୍ଚୟ କରିବା ମନୋବୃତ୍ତିକୁ ଉତ୍ସାହିତ କରିବେ । ଏହା ଅର୍ଥନୈତିକ କାର୍ଯ୍ୟକ୍ରମରେ ଏକ ଅଂଶ । କୃଷି ଅର୍ଥନୈତିକ ଅଭିବୃଦ୍ଧିର ମୂଳ ହୋଇଥିବାରୁ ସେମାନେ ଶ୍ରମ ବିନିଯୋଗ ଦ୍ୱାରା ଖାଦ୍ୟ ଶସ୍ୟ ଅଧିକ ଉତ୍ପାଦନ ଦିଗରେ ପୁରୁଷମାନଙ୍କୁ ସାହାଯ୍ୟ କରି ଦେଶର ଉତ୍ପାଦନ ବୃଦ୍ଧିରେ ସହାୟକ ହେବେ । ଉଦାହରଣ ସ୍ୱରୂପ ପନିପରିବା, ସାଗ ପଟାଳି, ବଗିଚା, ସିଲେଇ, ଦରଜୀ କାମ, କୁଟୀର ଶିଳ୍ପରେ ନାନା ଅଦରକାରୀ ଜିନିଷକୁ ଘର ସଜା ସରଂଜାମ ତିଆରି, ହସ୍ତଶିଳ୍ପ ମାଧ୍ୟମରେ ଖେଳଣା ତିଆରି, କୁକୁଡ଼ା ଚାଷ, ଡ୍ରାଏରୀ ଫାର୍ମ, ଦୁଗ୍ଧ ଯୋଗାଣ କେନ୍ଦ୍ର, ଆଦି କରିଥାରେ ଘରେ ବସି ମଧ୍ୟ କିଛି ରୋଜଗାର କରିବା ସଂଗେ ସଂଗେ ଗ୍ରାମ୍ୟ ଅର୍ଥନୈତିକ ସମସ୍ୟାର ସମାଧାନ କରି ପାରିବେ । ସରକାର ଜଳ ସେଚନର ବହୁ ସୁବିଧା କରିଥିବା ସ୍ଥଳରେ ସେମାନେ ତାକୁ କାମରେ ଲଗାଇ କୃଷି ଉତ୍ପାଦନ ବୃଦ୍ଧି, ଦୋଫସଲି, ତିନି ଫସଲି ଚାଷ ଦ୍ୱାରା ଅଧିକ ଉତ୍ପାଦନରେ ସାହାଯ୍ୟ କରି ପାରିବେ । ନାରୀମାନେ ଅବସର ସମୟରେ ଅଳସ ନ ହୋଇ ହସ୍ତ ତନ୍ତ ଶିଳ୍ପର ଉନ୍ନତି ପାଇଁ କାମ କରି ପାରିଲେ ଦେଶର ଯଥାର୍ଥ ଉନ୍ନତି ହୋଇ ପାରିବ । ବିଦେଶକୁ ରପ୍ତାନି ହେଉଥିବା ଜିନିଷ ଅଧିକ ଉତ୍ପାଦନ ହେଲେ ଆମେ ଅଧିକ ବୈଦେଶିକ ମୁଦ୍ରା ପାଇବା ଓ ବିଦେଶରୁ ଯନ୍ତ୍ରପାତି ଆଣି ଆଧୁନିକ ବୈଜ୍ଞାନିକ ଉପାୟରେ ଅଳ୍ପ ସମୟରେ ବହୁତ ଜିନିଷ ତିଆରି କରି ଆମ ଅବସ୍ଥାର ଉନ୍ନତି କରି ପାରିବା । ଏହି ହସ୍ତ ଶିଳ୍ପକୁ ଯଦି ଆଉ ଟିକିଏ ନୂଆ ଢାଞ୍ଚାରେ କରା ଯାଆନ୍ତା ଏବଂ ଅଧିକ କଳା ନିପୁଣା ସ୍ତ୍ରୀ ଲୋକମାନେ ବିଦେଶରେ ଆଦୃତ ହେଲା ପରି ନୂଆ ନୂଆ ପରିପାଟିରେ ଜିନିଷ ତିଆରି କରନ୍ତେ, ଏ ଶିଳ୍ପରେ ମନୋ ନିବେଶ କରନ୍ତେ, ତେବେ ଉତ୍କୃଷ୍ଟ କଳାର କ୍ଷେତ୍ର ଉତ୍କଳର ସମ୍ମାନ ବିଦେଶରେ ବଢ଼ନ୍ତା । ଏବଂ ବହୁ ସମସ୍ୟାର ସମାଧାନ ହୋଇ ପାରନ୍ତା । ଏହି ହସ୍ତ ତନ୍ତ ଶିଳ୍ପକୁ ୨୦ ଦଫା କାର୍ଯ୍ୟକ୍ରମରେ ବିଶେଷ ସ୍ଥାନ ଦିଆ ଯାଇଛି । ଓ ସରକାର ଏ ଦିଗରେ ସବୁମତେ ସାହାଯ୍ୟ ଦେବେ । ତେଣୁ ସ୍ତ୍ରୀ ଲୋକମାନେ ତାଙ୍କର ସୃଜନୀ ଶକ୍ତି କଳା ନୈପୁଣ୍ୟ ବିନିଯୋଗ କରି ଏହି ଶିଳ୍ପର ଉନ୍ନତି ତଥା କୁଟୀର ଶିଳ୍ପର ଉନ୍ନତି କଲେ ଗ୍ରାମ୍ୟ ଅର୍ଥନୀତିର ସଂକଟ ନିଶ୍ଚିତ ଭାବେ ସୁଧୁରି ପାରିବ ।

ନିରକ୍ଷରତା ଦୂରୀକରଣ, ଶିକ୍ଷା ଦିଗରେ ପିଲାଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ମାଆର କାର୍ଯ୍ୟ । ବିଦ୍ୟାଳୟ ଖୋଲା ହେଲେ ଚଳିଛି । ପିଲାକୁ ବହୁ ସଂଖ୍ୟାରେ ପାଠ ପଢ଼ାଇବାକୁ ଛାଡ଼ିବେ ଓ ସରକାର ଦେଉଥିବା ବୃତ୍ତି—ଭଳି ପାଠ ପାଇଁ ମିଳୁଥିବା ସୁବିଧାକୁ ବ୍ୟବହାର କରି ଗାଁ ଗହଳର ଉନ୍ନତି କରିବା ଦିଗରେ ସ୍ତ୍ରୀ ଲୋକମାନେହିଁ କାର୍ଯ୍ୟ କରି ପାରିବେ । ଗ୍ରାମାଞ୍ଚଳରେ ସମବାୟ ଉତ୍ପାଦନ ମଣ୍ଡଳୀ, ଖାଉଟି ସମବାୟ ଭଣ୍ଡାର, ସମବାୟ ଋଣ ସମିତି ଆଦି ଗଢ଼ି ସ୍ତ୍ରୀ ଲୋକମାନେ ଘିଅ ତିଆରି ମସଲା, ଆଚାର, ପାମ୍ପଡ଼ ଓ ଅନ୍ୟାନ୍ୟ ଖାଦ୍ୟ ମଧ୍ୟ ଶସ୍ତା ଦରରେ ଯୋଗାଇ ନିଜର ଓ ଦେଶର ଉପକାର କରି ପାରିବେ ଓ ଖାଦ୍ୟ ଅପମିଶ୍ରଣକୁ ରୋକିବା ସଂଗେ ସଂଗେ ଏମାନେ ଖାଣ୍ଟି ଜିନିଷ ଶସ୍ତାରେ ଯୋଗାଇ ଲୋକଙ୍କୁ ରୋଗମୁକ୍ତ କରି ପାରିବେ । ଅଧିକ ବିଳାସ ବ୍ୟସନ, ଫେସନ, ମଉଜ ମଜଲିସ ତଥା ଲୋକ ଦେଖାଣିଆ ଖର୍ଚ୍ଚ ନ କରି ସେମାନେ ତାଙ୍କ ସଞ୍ଚୟକୁ କୁଟୀର ଶିଳ୍ପ ବା କୃଷିରେ ଲଗାଇଲେ ଅର୍ଥନୈତିକ କାର୍ଯ୍ୟକ୍ରମକୁ ସଫଳ କରି ପାରିବେ । ସେମାନେ ଅପ ମିଶ୍ରିତ ଖାଦ୍ୟ କିଣିବାରେ ପଇସା ନଷ୍ଟ କରିବେ ନାହିଁ । ଏବଂ ବିବାହ, ବ୍ରତ, ଭୋଜି, ପୂଜା ପାର୍ବଣରେ ଅଯଥା ଟଙ୍କା ଖର୍ଚ୍ଚ ନ କରି ତାକୁ ଚାଷ ବା କୁଟୀର ଶିଳ୍ପରେ ଲଗାଇ ପାରିଲେ ପରିବାରର ଆୟ ବଢ଼ିବ । ଯୌତୁକ ପ୍ରଥା, ବେଠି ପ୍ରଥା ଆଉ ଅନ୍ୟାନ୍ୟ ଯେଉଁ ସବୁ କୁସଂସ୍କାର ଆମ ଗାଁ ଗହଳରେ ରହିଛି ସ୍ତ୍ରୀ ଲୋକମାନେ ମିଳି ମିଶି ସେଗୁଡ଼ିକ ଦୂର କରି ପାରିଲେ, ଆଦର୍ଶ ଗାଁ ଗଢ଼ି ହୋଇ ପାରିବ । କଳା ବଜାରରେ ଅଧିକ ପଇସା ଦେଇ ଜିନିଷ କିଣିବେ ନାହିଁ । ଏବଂ ଅନ୍ୟଙ୍କୁ ମଧ୍ୟ ସେ ଦିଗରେ ସଚେତନ କରାଇବା ମହିଳାମାନଙ୍କର ଦାୟିତ୍ୱ । ପରିବାରର ସ୍ୱାସ୍ଥ୍ୟରକ୍ଷା କରିବା ସଂଗେ ସଂଗେ ମାଦକ ଦ୍ରବ୍ୟ ସେବନ କରିବାକୁ ପୁରୁଷମାନଙ୍କୁ ପ୍ରଶ୍ରୟ ଦେବେ ନାହିଁ । ନିଜେ ମଧ୍ୟ ବେଶ ଭୂଷାରେ ଅଧିକ ଅପବ୍ୟୟ କରି ଅଭାବକୁ ଡାକି ଆଣିବେ ନାହିଁ । ମା ଓ ସ୍ତ୍ରୀ ଭାବରେ ପିଲାମାନଙ୍କର ତଥା ପରିବାରର ଚରିତ୍ର ଗଠନ, ସେମାନଙ୍କୁ ସାଧୁତା ନିଷ୍ଠା ଓ ଦେଶ ପ୍ରେମ ଶିକ୍ଷା ଦେବା ନାରୀର ଅବଶ୍ୟ କର୍ତ୍ତବ୍ୟ ।

ମହିଳାମାନେ ସେମାନଙ୍କର ପ୍ରୟୋଜନୀୟ ବସ୍ତୁର ପରିସର ବା ଅଭାବବୋଧ କମାଇ ପାରିଲେ ଦେଶରୁ ବହୁ ପରିମାଣରେ ଦୁର୍ନୀତି ଦୂର ହୋଇ ପାରିବ । ମହିଳାମାନେ ସହରରେ ରହନ୍ତୁ ବା ଗ୍ରାମରେ ଥାଆନ୍ତୁ ସେମାନଙ୍କ ଦାୟିତ୍ୱ ତୁଲାଇବା ଦିଗରେ ସଚେତନ ହେବାର ସମୟ ଆଜି ଆସିଛି । ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ପରିବାର ନିୟନ୍ତ୍ରଣ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସେମାନେ ହିଁ ଅଗ୍ରଣୀ ହେବେ ଓ ପଡ଼ୋଶୀଙ୍କୁ ପ୍ରଭାବିତ କରି ପାରିବେ । ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବା ସଂଗେ ସଂଗେ ସ୍ୱଳ୍ପ ସଞ୍ଚୟକୁ ଉତ୍ପାଦନ ବୃଦ୍ଧିରେ ବିନିଯୋଗ ହେବା ଦିଗରେ ସେମାନେ ଯେବେ ସର୍ବଦା ନଜର ରଖିବେ ତେବେ ଗ୍ରାମଟି ଅର୍ଥନୈତିକ ଦିଗରୁ ସ୍ୱାବଲମ୍ବୀ ହୋଇ ପାରିବ । ୨୦ ଦଫା ସମ୍ବଳିତ ଅର୍ଥନୈତିକ କାର୍ଯ୍ୟ କ୍ରମ ସାଫଲ୍ୟ ଆମର ନିଷ୍ଠା ଓ ଆନ୍ତରିକତା ତଥା କଠୋର ଶ୍ରମ ଉପରେ ନିର୍ଭର କରେ । ପରସ୍ପର ସହଯୋଗରେ ଆମେ ଦେଶ ପ୍ରତି ଅନୁରକ୍ତ ହୋଇ, କର୍ତ୍ତବ୍ୟ ବୁଦ୍ଧିରେ ଆବଦ୍ଧ ହୋଇ ଏ ଦେଶର ଦୁଷ୍ଟ ଶତ୍ରୁ ଦାରିଦ୍ର୍ୟକୁ ଦୂର କରି ପାରିବୁ ।

ଓଜନ ଓ ମାପ

୧ । ଆଇନ ଅନୁଯାୟୀ ଓଜନ ଓ ମାପ ବିଭାଗର ଇନ୍‌ସପେକ୍ଟରଙ୍କ ଦ୍ୱାରା ସମସ୍ତ ଓଜନ ମାପ ଏବଂ ଓଜନ ଓ ମାପ ଯନ୍ତ୍ରପାତି ଯାଞ୍ଚ କରାଯିବା ଆବଶ୍ୟକ । ସେଗୁଡ଼ିକ ଠିକ୍ ସମୟରେ ସେଗୁଡ଼ିକ ଯଥାବିଧି ଯାଞ୍ଚ ହୁଏ, ତହିଁର ବ୍ୟବସ୍ଥା କରନ୍ତୁ ।

୨ । ସେର, ଗ୍ୟାଲନ୍, ଫୁଟ୍ ପ୍ରଭୃତି ପୁରୁଣା ଓଜନ ଓ ମାପରେ ଜିନିଷପତ୍ର ବିକ୍ରୀ କରିବା ଆଇନ୍ ଅନୁମୋଦିତ ନୁହେଁ । ସର୍ବଦା ମେଟ୍ରିକ୍ ଓଜନ ଓ ମାପ ପ୍ରଣାଳୀରେ ଜିନିଷ ଖରିଦ ବିକ୍ରୀ କରନ୍ତୁ ।

୩ । ପ୍ୟାକେଟ୍ ବା ସିଲ୍ ଟିଣରେ ବିକ୍ରୀ କରାଯାଉଥିବା ଜିନିଷର ନେଟ୍ ଓଜନ କେତେ ତାହା ସେହି ପ୍ୟାକେଟ୍ ବା ଟିଣର ଏକ ପ୍ରକାଶ୍ୟ ସ୍ଥାନରେ ସ୍ପଷ୍ଟ ଭାବରେ ଲେଖା-ଥିବା ଆଇନ୍ ଅନୁସାରେ ବାଧ୍ୟତାମୂଳକ ।

୪ । ବଟକରା ଓ ମାପ ଯନ୍ତ୍ର ଉପରେ ଯାଞ୍ଚ କରି ଷ୍ଟାମ୍ପ ମରାଯାଇଛି କି ନାହିଁ, ତାହା ଦେଖନ୍ତୁ । ଯଦି ଷ୍ଟାମ୍ପ ମରା ଯାଇଥାଏ, ତେବେ ଜାଣିବେ ଯେ ସେଗୁଡ଼ିକ ପରୀକ୍ଷା କରାଯାଇ ଓଜନ ବା ମାପ ଠିକ୍ ଅଛି ।

୫ । ପେଟ୍ରୋଲ୍ ପମ୍ପ ମାପ ଯନ୍ତ୍ରପାତି ହୋଇଥିବାରୁ ପ୍ରକୃତ ପରିମାଣ ପେଟ୍ରୋଲ୍ ଦେବା ଉଦ୍ଦେଶ୍ୟରେ ଓଜନ ଓ ମାପ ବିଭାଗର ଇନ୍‌ସପେକ୍ଟରଙ୍କ ଦ୍ୱାରା ଏହା ଯାଞ୍ଚ କରାଯାଏ । କମ୍ ପେଟ୍ରୋଲ ଦିଆ ଯିବାର ସନ୍ଦେହ ହେଲେ ଆପଣଙ୍କ ଅଞ୍ଚଳର ଓଜନ ଓ ମାପ ଇନ୍‌ସପେକ୍ଟରଙ୍କୁ ଜଣାନ୍ତୁ ।

୬ । ଗୋଟିଏ ଜିନିଷର କେବଳ ଗୁଣ ବା ଉତ୍ତମକୁ ଦେଖି ତାହାର ମୂଲ୍ୟ ନିର୍ଦ୍ଧାରଣ କରାଯାଏ ନାହିଁ । ତାହାର ପରିମାଣକୁ ଦେଖି ମଧ୍ୟ ମୂଲ୍ୟ ନିର୍ଦ୍ଧାରଣ କରାଯାଏ । ଆପଣ ଯେତିକି ଓଜନ ବା ମାପର ଜିନିଷପାଇଁ ପଇସା ଦେଲେ ଯଦି ତାହାଠାରୁ କମ୍ ପରିମାଣର ଜିନିଷ ପାଇଲେ, ତେବେ ପଇସା ତୁଳନାରେ ଆପଣ ବେଶୀ ମୂଲ୍ୟ ଦେଲେ । ତେଣୁ ଆପଣ ଯେପରି ପୁରାପୁରି ଜିନିଷ ପାଇ ପାରିବେ ତାହାର ବ୍ୟବସ୍ଥା କରନ୍ତୁ । ତାହାହେଲେ ଆଜି କାଲି ମହରଗ କାଳରେ ଆପଣ ପଇସାକୁ ବୁଝି ଜିନିଷ ପାଇ ପାରିବେ । ଏ ଦିଗରେ ଓଜନ ଓ ମାପ ବିଭାଗ ଆପଣଙ୍କୁ ସାହାଯ୍ୟ କରିବେ ।

ଓଜନ ଓ ମାପ ବିଭାଗ
ଓଡ଼ିଶା, ଭୁବନେଶ୍ୱର

ଶିକ୍ଷିତ ବେକାର ଯୁବ ସମାଜ – ସମସ୍ୟା ଓ ସମାଧାନ

ଶ୍ରୀ ସୁରେନ୍ଦ୍ର ନାଥ ମହାରଣା

ଗାଁ ପରିମଳ ଧୋବା ତୁଠରୁ—

ସେହିପରି ଦେଶର ଏବଂ ଜାତିର ବିକାଶ ଶିକ୍ଷିତ ଯୁବଗୋଷ୍ଠୀର ପ୍ରଗତିରୁ ଅନୁଭବ କରି ହୁଏ । ସ୍ୱାଧୀନତା ପରେ ଦେଶରେ ଶିକ୍ଷାର ଭୂୟୋବିକାଶ ସାଧିତ ହେବା ଫଳରେ, ପ୍ରତିବର୍ଷ ବିପୁଳ ସଂଖ୍ୟାରେ ଶିକ୍ଷିତ ଯୁବକ ଯୁବତୀ ଶିକ୍ଷାୟତନମାନଙ୍କରୁ ଉଚ୍ଚ ଶିକ୍ଷା ନେଇ ବାହାରୁ ଅଛନ୍ତି । କିନ୍ତୁ ସେମାନଙ୍କର ଶିକ୍ଷା ଓ ରୁଚି

ଅନୁପାତୀ ସେମାନଙ୍କୁ ଚାକିରି ଯୋଗାଇ ଦେବା ସର୍ବଥା ସମ୍ଭବ ହେଉ ନାହିଁ । କାରଣ ଆଜିର ଯୁବ ସମାଜ ଚାହେଁ କେବଳ ସରକାରୀ ଚାକିରି । କିନ୍ତୁ ସେମାନଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଥିବାରୁ ସେମାନଙ୍କୁ ସରକାରଙ୍କ ସୀମିତ ସମ୍ବଳ ଭିତରେ ଚାକିରି ଯୋଗାଇ ଦେବା ସମ୍ଭବ ନୁହେଁ । ତେଣୁ ଅନେକ ଶିକ୍ଷିତ ଯୁବକ ବହୁ ଦିନ ଧରି ବେକାର ରହୁଛନ୍ତି, ଫଳରେ ସେମାନଙ୍କର ଶିକ୍ଷା ଏବଂ ଦକ୍ଷତା ଦେଶର କୌଣସି କାର୍ଯ୍ୟରେ ଲାଗି ପାରୁ ନାହିଁ । "Idle mind is devil's Workshop" କାମ ନ ଥିଲେ ଦୁଶ୍ଚିନ୍ତା ବଢ଼େ । ସେମାନେ ବେଶି ଦିନ ବେକାର ହେବା ଫଳରେ ଅବାଞ୍ଛିତ ବିଶୃଙ୍ଖଳା ସୃଷ୍ଟି କରନ୍ତି ଏବଂ ଅସାମାଜିକ କାର୍ଯ୍ୟରେ ଲିପ୍ତ ହୁଅନ୍ତି । ମୁଖ୍ୟତଃ ଏହି କାରଣରୁ ଭାରତ ପରି ଏକ ବିକାଶଶୀଳ ଦେଶ ତାର ଶିକ୍ଷିତ ଯୁବ ସମାଜକୁ ଥଇଥାନ କରିବା ଦିଗରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଅଛି । ଆଜିର ଶିକ୍ଷିତ ବେକାର ସମାଜ, ଦେଶ ପକ୍ଷରେ ଏକ ଗୁରୁ ଭାର ହୋଇ ରହିଛି । ଅର୍ଥନୀତିକ ଦୃଷ୍ଟିକୋଣରୁ ଦେଖିଲେ ସ୍କୁଲ କଲେଜରୁ ଉତ୍ତୀର୍ଣ୍ଣ ହେଉଥିବା ଯୁବକଙ୍କୁ ସରକାରୀ କାର୍ଯ୍ୟାଳୟ ବା କଳ କାରଖାନା ମାନଙ୍କରେ ନିଯୁକ୍ତି ଦେବା କଳ୍ପନାତୀତ । ତେଣୁ ଏହି ଆଶୁ ସମସ୍ୟାର ସମାଧାନ ଦିଗରେ ଉଭୟ ସରକାର ଏବଂ ଯୁବଗୋଷ୍ଠୀ ତରଫରୁ ଉଦ୍ୟମ ହେବା ବାଞ୍ଛନୀୟ ।

ଦେଶର ଅର୍ଥନୀତିକୁ ଆଖି ଆଗରେ ରଖି ଯଦି ଏହି ସମସ୍ୟାର ସମାଧାନ ପନ୍ଥା ଚିନ୍ତା କରାଯାଏ, ତେବେ ଜଣାଯିବ କେବଳ ଦରମା ଦେବା କାମରେ ଏହି ସମସ୍ୟାର ଅବସାନ ହେବ ନାହିଁ । ନୂଆ ନୀତି, ନୂଆ ପରିବେଶ ଓ ନୂଆ ପନ୍ଥା ସୃଷ୍ଟି କରିବାକୁ ହେବ ଅଥବା ନୂଆ କ୍ଷେତ୍ର ଉଦ୍ଭାବନ କରିବାକୁ ପଡ଼ିବ । ଫଳରେ ଯୁବ ସମାଜର ପ୍ରକୃତ କଲ୍ୟାଣ ସାଧନ ହୋଇ ପାରିବ । ସେହିପରି ଶିକ୍ଷିତ ଯୁବକମାନେ ତାଙ୍କର ଶିକ୍ଷା ଓ ସୃଜନଶୀଳତା ଉପରେ ବିଶ୍ୱାସ ରଖି ଆଗେଇ ଯିବା ଉଚିତ ।

ଆତ୍ମନିର୍ଭରଶୀଳତା ଓ ଆତ୍ମନିଯୁକ୍ତି ହେଉଛି ଯୁବ ସମାଜ ଆଗରେ ଶ୍ରେଷ୍ଠ ପନ୍ଥା । କେବଳ ସରକାରୀ କାର୍ଯ୍ୟରେ ଆଶା ନ ରଖି, ଆମର ଶିକ୍ଷିତ ବେକାର ଯୁବ ସମାଜ ନିଜେ ନିଜକୁ ସାହାଯ୍ୟ କରିବା ପାଇଁ ଅଗ୍ରସର ହେବା ଉଚିତ ।

ପକ୍ଷାନ୍ତରରେ ସମସ୍ୟା ଆଗରେ ମୁଣ୍ଡ ନୁଆଁଇବା ଅପେକ୍ଷା ନିଜକୁ ନିଜ ପାଖରେ ସଜି ତୋଳିବାରେ ଶପଥ ନେବା ଆବଶ୍ୟକ । କେବଳ ସରକାରୀ ଚାକିରି ଉଚ୍ଚ ଶିକ୍ଷାର ମୁଖ୍ୟ ଅଭିମୁଖ୍ୟ ହେବା ଉଚିତ ନୁହେଁ ।

ଜଣେ ଇଞ୍ଜିନିୟରଙ୍କ ପାଇଁ ସରକାରୀ ଚାକିରି କଣ ହେବ ? ତାଙ୍କ ଭିତରେ ଯେଉଁ ଉତ୍ପାଦନମୂଳକ ସୃଜନଶୀଳତା ରହିଛି, ତାହା କଣ ତାଙ୍କୁ ପ୍ରତିଷ୍ଠିତ କରି ପାରିବ ନାହିଁ ? ସେ କଣ ଗୋଟିଏ ଲଘୁ ଶିଳ୍ପ ସଂସ୍ଥାର ସ୍ରଷ୍ଟା ହୋଇ ପାରିବେ ନାହିଁ ? ସେ ଏ ଦିଗରେ ଆଗେଇ ଯିବା ଉଚିତ । ଜାତୀୟ କରଣ ବ୍ୟାଙ୍କ ଏବଂ ଅର୍ଥ କରପୋରେସନ ତାଙ୍କୁ ଆର୍ଥିକ ସମ୍ବଳ ଯୋଗାଇ ଦେବେ । ବୈଷୟିକ ତାଲିମ ଏବଂ ଶିଳ୍ପାନୁଷ୍ଠାନ ଗଠନ ଲାଗି ସବୁ ପ୍ରକାର ସାହାଯ୍ୟ କ୍ଷୁଦ୍ର ସେବା ଅନୁଷ୍ଠାନ (Small Industries Service Institute) ଯୋଗାଇଦେବେ । ଆନୁଷଙ୍ଗିକ ଯନ୍ତ୍ରପାତି ଆମଦାନୀ ପାଇଁ ଆମଦାନୀ ଓ ରପ୍ତାନୀ ନିର୍ଦ୍ଦେଶକ (Director of Imports, New Delhi) ଙ୍କ ସାହାଯ୍ୟ ନିଆଯାଇପାରେ । ଖାଲି ମନ ସ୍ଥିର କରନ୍ତୁ—ଦେଖିବେ, ଉପାୟ ଆପେ ଆପେ ଆସିଯିବ ।

ଜଣେ ଡାକ୍ତର ସହରରେ ଔଷଧ ଦୋକାନ ଅଥବା ଘରୋଇ ଚିକିତ୍ସାକେନ୍ଦ୍ର ଖୋଲିପାରିବେ । X—Ray ମେସିନ Cardiological Instrument Microscope ସବୁପ୍ରକାରର ଆଧୁନିକ ଡାକ୍ତରୀ ପରୀକ୍ଷା ନିରୀକ୍ଷା ଉପକରଣ ସରକାରୀ ସାହାଯ୍ୟରେ କିଣିପାରିବେ ଏବଂ ନିଜେ ନିଜର ରୋଜଗାର ବାଟ ଖୋଲି ପାରିବେ ।

ସେହିପରି ପଶୁଚିକିତ୍ସାର ଡାକ୍ତରମାନେ ନିଜ ନିଜର ଘରୋଇ ଚିକିତ୍ସାକେନ୍ଦ୍ର, ଦୁଗ୍ଧକେନ୍ଦ୍ର ଓ କୁକୁଡ଼ା ଫାର୍ମ ଇତ୍ୟାଦି କଲେ, ଆତ୍ମନିଯୁକ୍ତି ପାଇପାରିବେ ଏବଂ ଅନ୍ୟମାନଙ୍କୁ ମଧ୍ୟ ନିଯୁକ୍ତି ଦେଇପାରିବେ । ସାଧାରଣ ଶିକ୍ଷା ପାଇଥିବା ଯୁବକମାନେ ସରକାରୀ ସାହାଯ୍ୟରେ ଟାକ୍ସି, ମିନିବସ, ଅଟୋରିକ୍ସା ଓ ଟ୍ରକ ଇତ୍ୟାଦି ଚଳେଇ ପାରିଲେ ରୋଜଗାର କରିବାର ବାଟ ବେଶ୍ ଉନ୍ମୁକ୍ତ ହୋଇପାରିବ । ଦକ୍ଷିଣ-ପୂର୍ବ ରେଲୱେ ଶିକ୍ଷିତ ବେକାରମାନଙ୍କୁ ବିଭିନ୍ନ ରେଳ ଷ୍ଟେସନମାନଙ୍କରେ ବୁକ୍‌ଷ୍ଟଲ୍ କରିବାକୁ ସୁବିଧା ଦେଉଛନ୍ତି । ଏହି ସୁବିଧା ଓ ସୁଯୋଗରୁ ଆମର ଶିକ୍ଷିତ ଯୁବସମାଜ ବଞ୍ଚିତ ହେବା ଉଚିତ ନୁହେଁ । କେବଳ ସେତିକି ନୁହେଁ, ଆମ ରାଜ୍ୟ ପର୍ଯ୍ୟଟନକାରୀଙ୍କ ପାଇଁ ଏକ ଅପୂର୍ବ ସ୍ୱର୍ଗ ଶିକ୍ଷିତ ଯୁବସମାଜ ଯଦି ସହରମାନଙ୍କରେ ପର୍ଯ୍ୟଟନ ସଂସ୍ଥା Travelling Agency ଖୋଲି ପର୍ଯ୍ୟଟନ କେନ୍ଦ୍ରମାନଙ୍କୁ ବିଦେଶୀ ପର୍ଯ୍ୟଟନକାରୀମାନଙ୍କୁ ନେବାପାଇଁ ଯତ୍ନ କରନ୍ତେ, ତେବେ ସେମାନେ ଅଧିକରୁ ଅଧିକ ଲାଭବାନ ହୁଅନ୍ତେ । ଓଡ଼ିଶାରେ ଏପରି ସଂସ୍ଥାର ଅଭାବ ଏବେ ମଧ୍ୟ ରହିଛି । ଏଥିପାଇଁ କେତେକ ସ୍ୱାଚ୍ଛନ୍ଦ୍ୟକର ବସ୍ (Luxury Bus) ଏବଂ ଗୋଟିଏ ଆଧୁନିକ ରୁଚି ସଂପନ୍ନ ଅଫିସର ବ୍ୟବସ୍ଥା ନିହାତି ବାଞ୍ଛନୀୟ ।

ସେହିପରି ହୋଟେଲ୍ ଶିଳ୍ପ ଗୋଟିଏ ଲାଭଜନକ ପନ୍ଥା । ଓଡ଼ିଶାର ରାଜଧାନୀଠାରୁ ଆରମ୍ଭ କରି ବଡ ବଡ ସହରମାନଙ୍କରେ ରୁଚିକର ହୋଟେଲର ଅଭାବ ସମସ୍ତେ ଅନୁଭବ କରୁଛନ୍ତି । ଦିଲ୍ଲୀ, ବମ୍ବେ, କଲିକତା ଓ ମାଡ୍ରାଜ ସହରମାନଙ୍କରେ ଯେପରି ମନୋମୁଗ୍ଧକର ହୋଟେଲମାନ ରହିଛି, ଆମ ରାଜ୍ୟର ସହରମାନଙ୍କରେ ସେପରି ହୋଟେଲ୍ ନାହିଁ । ତେଣୁ ଆତ୍ମନିଯୁକ୍ତି ଦିଗରେ ହୋଟେଲ୍ ଶିଳ୍ପ ନିଶ୍ଚୟ ଏକ ମାଇଲ୍ ଖୁଣ୍ଟ କହିଲେ ଅତ୍ୟୁକ୍ତି ହେବନାହିଁ । ଖାଦ୍ୟ

ଖାଦ୍ୟଭୋଜ (Catering) ଏବଂ ହୋଟେଲ୍ ପରିଚାଳନା ପାଇଁ ଭୁବନେଶ୍ୱରରେ ତାଲିମ୍ ଦିଆଯାଉଛି । ହୋଟେଲ୍ ପରିଚାଳନା ପାଇଁ ଉଚ୍ଚଶିକ୍ଷା ପାସ କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ସେଠାରେ ତାଲିମ୍ ନେଇପାରିବେ ।

ଆତ୍ମନିଯୁକ୍ତିର ଅନ୍ୟ ଏକ ପାର୍ଶ୍ୱ ହେଉ କୌଣସି ଖାଉଟି ଦ୍ରବ୍ୟର ଯୋଗାଣ ଦାୟିତ୍ୱ । ଭାରତୀୟ ତୈଳ କମ୍ପାନୀଗୁଡ଼ିକ କିରାସିନି, ପେଟ୍ରୋଲ, ଡିଜେଲ ଅଥବା ରାନ୍ଧେଣି ଗ୍ୟାସ୍‌ର ଯୋଗାଣ ଦାୟିତ୍ୱ ଦେବା । ନିଜକୁ ନିଜେ ଗଢ଼ି ତୋଳିବାକୁ ହେଲେ ଅନେକ ଶାରୀରିକ କଷ୍ଟ, ମାନସିକ ପୀଡ଼ା ଓ ଝଞ୍ଜାଳ ସ୍ୱୀକାର କରିବାକୁ ପଡ଼ିଥାଏ । ଏସବୁ ବାଧାବିଘ୍ନ ସତ୍ତ୍ୱେ ଯେଉଁ ଆତ୍ମସନ୍ତୋଷ ମିଳିଥାଏ, ତାହା ଭାଷାରେ ପ୍ରକାଶ କରି ହେବନାହିଁ । ଜଣେ ଯଦି ଆତ୍ମନିର୍ଭରଶୀଳ ହୋଇ ନିଜକୁ ଗଢ଼ିପାରେ ଏବଂ ନିଜ ପ୍ରତିଷ୍ଠିତ ସଂସ୍ଥାରେ ଆଉ ବହୁତ ବେକାରଙ୍କୁ ନିଯୁକ୍ତି ଦେଇପାରେ—ତେବେ ସେ ନିଶ୍ଚୟ ଜଣେ ବୀର ପୁରୁଷ । ବିଦେଶରେ ଏପରି ଯୁବକ ସଂଖ୍ୟା ଖୁବ୍ ବହୁତ । ତେଣୁ ଆତ୍ମନିଯୁକ୍ତି ପାଇଁ ମନବଳ, ଏକାଗ୍ରତା ଏବଂ ଅସୀମ ଧୈର୍ଯ୍ୟର ଆବଶ୍ୟକତା ରହିଛି । ଏହି ଦୃଷ୍ଟିରୁ ନବଭାରତର ନିର୍ମାତା ଏବଂ ଆମର ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ନେହେରୁ କହିଥିଲେ—

"Success comes to those who are dare and dashing. It seldom comes to imids"—ଅର୍ଥାତ୍ ଯେଉଁମାନେ ସାହସୀ ଓ ଆଗୁଆ ସେମାନଙ୍କ ଜୀବନରେ ଆସେ ସଫଳତା । ଭୀରୁ, ଦୁର୍ବଳ ଚିତ୍ତ ପରନିର୍ଭରଶୀଳ ବ୍ୟକ୍ତି ପାଖରୁ ସଫଳତା ଦୂରେଇ ଯାଏ । ଆମର ଯୁବ ସମାଜ ଏଥିକୁ ମନେରଖିବେତ ?

ଏହି ପରିପ୍ରେକ୍ଷୀରେ ଆତ୍ମନିଯୁକ୍ତି (Self employment) ଶିକ୍ଷିତ ଯୁବକଙ୍କ ପାଇଁ ଆଶାଜନକ ଏକ ନିଶ୍ଚିତ ପନ୍ଥା । ତେଣୁ ଶକ୍ତିନିଷ୍ଠ ଯୁବ ସମାଜ ସେମାନଙ୍କର ସମସ୍ତ ଧୀ-ଶକ୍ତି ଏବଂ ସୃଜନଶୀଳତାକୁ ଏ ଦିଗରେ ନିୟୋଜିତ କରନ୍ତୁ, ଏହାହିଁ ଆଜିର ଅନୁଚିନ୍ତା ।

ଗାଁ ପରିମଳ ଧୋବାଭୁଅଁରୁ ଜଣାପଡ଼େ । ସହର ପରିମଳ ଜଣାପଡ଼େ ତାର ରାସ୍ତା ଆଉ ପ୍ରାଚୀର ଗୁଡ଼ିକରୁ ।

ଦୟାକରି-ରାସ୍ତା ଉପରେ ମଇଳା ପକାନ୍ତୁନାହିଁ । ପ୍ରାଚୀର ଗୁଡ଼ିକରେ ଏଣୁ ତେଣୁ ଲେଖନ୍ତୁନାହିଁ ।


Ideal Shop
out of Stock

ସୁପ୍ତ ନୁହେଁ ଜାଗ୍ରତ । ଅଳସ ନିଦଡୋରା ଆଖିରେ ସୁମଧୁର ନିଶାଧରେ ନିରସ ଉଦ୍‌ଭ୍ରାନ୍ତ ଜାଗରଣ ! ଶୀତାର୍ତ୍ତ ରଜନୀରେ ଆବଦ୍ଧ କୋଠରୀର ଉଷ୍ଣତା ପରିବର୍ତ୍ତେ ଅନନ୍ତ ନୀଳାକାଶର ମୁକ୍ତାଙ୍ଗନ ତଳେ ଉଦାସ ନୈଶ ସଞ୍ଚରଣ ।

ଅଖଣ୍ଡ ଗୌରବାବହ ଐତିହ୍ୟର ମୋ ଜାତିର ଉତ୍ତର ସାଧକମାନେ ! ଶୋଇପଡ଼ ନାହିଁ । ଆଜି ନବବର୍ଷର ଆହ୍ୱାନ । ଏଇ ନୂତନତ୍ୱର ଉନ୍ମାଦନା ତୁମକୁ ଚିରଜାଗ୍ରତ କରୁ ! ନବ ନବ ଉନ୍ମେଷ ଶାଳିନୀ ପ୍ରଜ୍ଞା-ପଦ୍ମର ପାଖୁଡ଼ା ଉନ୍ମୋଚନ କର !

ଅର୍ଦ୍ଧଶତୀର

ଏକ ସଜାଗ ସାଂସ୍କୃତିକ ସ୍ୱାଗତ

ନବବର୍ଷ ଛଅସ୍ତରୀ ପାଇଁ

ସାହିତ୍ୟ ଓ ସଂସ୍କୃତି



ଅର୍ଦ୍ଧଶତୀର ଏକ ସାଂସ୍କୃତିକ ସ୍ୱାଗତ

ଶ୍ରୀ ଜଗସିଂହ ଦେଓ

ନବବର୍ଷର ସ୍ୱାଗତିକା । ଏଇପରି ନବୀନତ୍ୱର ବିମୋହ ଆକର୍ଷଣ ଯୁଗେ ଯୁଗେ ମଣିଷକୁ ଉନ୍ମାଦ କରିଛି । ନୂତନ ଚିନ୍ତା ଚେତନା, ନୂତନ ରୁଚିବୋଧ, ନୂତନ ପ୍ରଗତିଶୀଳ ପଦକ୍ଷେପ, ନୂତନ କେଶବିନ୍ୟାସ, ପୋଷାକ ପରିଚ୍ଛଦ, ପଠନ ପାଠକ ଆଦି ସମସ୍ତ ନୂତନତା ପ୍ରତି ଆକୃଷ୍ଟ, ମଣିଷର ସହଜାତ ପ୍ରଗତିପନ୍ଥୀ ଦୃଷ୍ଟିଭଙ୍ଗୀର ସ୍ୱାଭାବିକ ପ୍ରତୀକ ।

ସେଦିନ ୧୯୭୫ ଡିସେମ୍ବର ୩୧ ତାରିଖର ନିର୍ଜନ ମଧ୍ୟରାତ୍ରି ମୁଖରିତ ହୋଇଥିଲା, ସତୀର୍ଥ ସାରସ୍ୱତ ସାଧକମାନଙ୍କର ସଜାଗ ସମ୍ମିଳିତ ମନ୍ତ୍ର ଗୁଞ୍ଜରଣରେ । ଏ ଜାତିର ସାହିତ୍ୟ-ସଂସ୍କୃତିର ସଜାଗ ପ୍ରହରୀମାନେ ଉଦ୍ଦୀପ୍ତ ଉନ୍ମାଦନାରେ ସେଦିନ ଏକ ତିକ୍ତ ମଧୁର ସ୍ମୃତି ବିଜଡ଼ିତ ପୁରାତନ ବର୍ଷକୁ ସସମ୍ମାନେ ବିଦାୟ ଦେଇ ସ୍ୱାଗତ ଜଣାଇଥିଲେ ଆଗନ୍ତୁକ ନବବର୍ଷର ପହିଲି ମୁହୂର୍ତ୍ତକୁ ମାଙ୍ଗଳିକୀର ମୃଦୁଝଙ୍କାର ଦ୍ୱାରା ।

ରାଜଧାନୀ ଭୁବନେଶ୍ୱର ସୂଚନାକେନ୍ଦ୍ର ସମ୍ମୁଖରେ ସେଦିନ ମଧ୍ୟରାତ୍ରିରେ ଓଡ଼ିଶାର ତଥା ରାଜଧାନୀର ବହୁ ସ୍ୱନାମଧନ୍ୟ ପ୍ରବୀଣ ଓ ଉଦୀୟମାନ ତରୁଣ କବି, ସମ୍ବାଦ, ସମାଲୋଚକ, ଶିକ୍ଷା ସଙ୍ଗୀତଜ୍ଞ ତଥା ସଂସ୍କୃତି ଅନୁରାଗୀ ସତୀର୍ଥମାନଙ୍କର ସମଷ୍ଟି ବ୍ୟାହାରରେ ଯେଉଁ ଉତ୍ସବ ଅନୁଷ୍ଠିତ ହୋଇଥିଲା, ତାହା ଏକାନ୍ତ ମନୋଜ୍ଞ ଓ ସ୍ମରଣୀୟ । ଭୁବନେଶ୍ୱରର ପ୍ରାୟ ସମସ୍ତ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନମାନଙ୍କର ସମ୍ମିଳିତ ସହଯୋଗରେ ଏ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

ନାଟ୍ୟକାର ଶ୍ରୀ ବିଶ୍ୱଜିତ ଦାସଙ୍କ ପ୍ରାରମ୍ଭିକ ସୂଚନାପରେ ବେଦ ମନ୍ତ୍ର ଓ ମାଙ୍ଗଳିକ ପାଠ କରିଥିଲେ ଶ୍ରୀ ନରସିଂହ ନନ୍ଦ । ପୁରାତନ ବର୍ଷର ବିଦାୟ ସଙ୍ଗୀତ ପରିବେଷଣ କରିଥିଲେ ପ୍ରବୀଣ ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀ ଶାନ୍ତନୁ ମହାପାତ୍ର । ସଙ୍ଗୀତ ଶିରୋମଣି ଶ୍ରୀ ରଘୁନାଥ ପାଣିଗ୍ରାହୀଙ୍କ କଣ୍ଠରେ ସ୍ତୋତ୍ର ପାଠ ପରିବେଶକୁ ଗୁରୁଗମ୍ଭୀର କରିଥିଲା । ଉତ୍ସବରେ ମୁଖ୍ୟ ଅତିଥି ସାଂସ୍କୃତିକ ବ୍ୟାପାର ଶାସନ ସଚିବ ଶ୍ରୀଯୁକ୍ତ ପ୍ରବୋଧ ନାରାୟଣ ତିୱାରୀ ୧୯୭୬ ପ୍ରତୀକ ଦୀପାଲେକ ପ୍ରଜ୍ୱଳିତ କରି ଉତ୍ସବ ଉଦ୍‌ଘାଟନ କଲେ ଏବଂ ନୃତ୍ୟପ୍ରବୀଣା ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀଙ୍କୁ ନବବର୍ଷ-ଉପହାର ପ୍ରଦାନ କରିଥିଲେ ।

ଏହାପରେ କବିତା ପାଠୋତ୍ସବର ଶୁଭାରମ୍ଭ ହୋଇଥିଲା ଶ୍ରୀ ଅରବିନ୍ଦଙ୍କ ସାବିତ୍ରୀ ଗ୍ରନ୍ଥର ଏକ ଓଡ଼ିଆ ଅନୂଦିତ ପରିଚ୍ଛେଦ ମାଧ୍ୟମରେ । ସ୍ୱକୃତ ଅନୁବାଦ ପାଠ କରିଥିଲେ ସୁସାହିତ୍ୟିକ ମହାପାତ୍ର ନୀଳମଣି ସାହୁ । ସେ ତାଙ୍କର ସ୍ୱାଭାବିକ ମେଘଗମ୍ଭୀର କଣ୍ଠରେ ସାବିତ୍ରୀ ଆବୃତ୍ତି କରି ସମାବିଷ୍ଟ ସାହିତ୍ୟ ଗୋଷ୍ଠୀଙ୍କୁ ମୁଗ୍ଧ କରିଥିଲେ । ଏହାପରେ ପ୍ରତିଷ୍ଠିତ ସାହିତ୍ୟିକ ଶ୍ରୀ ଅଶ୍ୱିନୀମୋହନ ପଟ୍ଟନାୟକ ତାଙ୍କ ସ୍ୱରଚିତ ଏକ ସୁନ୍ଦର ଦୀର୍ଘ ପ୍ରତୀକଧର୍ମୀ କବିତା ଆବୃତ୍ତି କରି ଶ୍ରୋତାଙ୍କୁ ବିମୁଗ୍ଧୀଭୂତ କରିଥିଲେ । କ୍ରମେ କବିତା ପାଠୋତ୍ସବର ସ୍ରୋତରେ ବହୁ ତରୁଣ ଓ ପ୍ରବୀଣ କବି ସେମାନ ସଂକ୍ଷିପ୍ତ ପରିଚିତି ସହ ସ୍ୱରଚିତ କବିତା ଆବୃତ୍ତି କରିବାକୁ ଲାଗିଲେ । ଅନେକ ନାରୀ କବି ମଧ୍ୟ କବିତା ପାଠୋତ୍ସବରେ ଅଂଶ ଗ୍ରହଣ କରିଥିଲେ । କବିତା ପାଠୋତ୍ସବରେ ସର୍ବଶ୍ରୀ ଏକାଦଶୀ ପ୍ରସାଦ ବୋଉଚାର, ଭଗବାନ ରାୟ ବର୍ମା, ନରସିଂହ ନନ୍ଦ, କିଶୋର ସ୍ୱାଇଁ, ହରପ୍ରସନ୍ନ ଦାସ, ସୁଧୀରଚନ୍ଦ୍ର ପଟ୍ଟନାୟକ, ସ୍ନେହପ୍ରଭା ରାୟ, ଅନୁକୂଳ ଚନ୍ଦ୍ର ନାୟକ, ବାଞ୍ଛାନିଧି ପଟ୍ଟନାୟକ, ଗୁରୁକଲ୍ୟାଣ ମହାପାତ୍ର, ସଦାନନ୍ଦ ମିଶ୍ର, ପ୍ରସନ୍ନ କୁମାର ମହାନ୍ତି, ଦୁଃଖିଶ୍ୟାମ ବେହେରା, ରତି ମିଶ୍ର, ଲଳିତମୋହନ ପଟ୍ଟନାୟକ, ନଳିନୀକାନ୍ତ ରାୟ, ଅଜିତ ମହାନ୍ତି, ଅକ୍ଷୟ ସିଂ, ନାରାୟଣ ଭାଉ ମହାପାତ୍ର, ଗଣେଶ ପ୍ରସାଦ ପରିଡ଼ା, ଅତୁଲ୍ୟ ମହାଶୁଦ, ଉମେଶ ଚନ୍ଦ୍ର ଧଳ, ବୀଣାପାଣି ମହାନ୍ତି, କନକଲତା ମହାନ୍ତି, କୁମାରୀ ଏକାଦଶୀ ବୋଉଚାର, ରମାକାନ୍ତ ବାନାର୍ଜୀ, ହିନ୍ଦୀ କବି ଶ୍ରୀ ଗୁପ୍ତା, ବଙ୍ଗୀୟ ତରୁଣ କବି ଅଚିନ୍ତ୍ୟ ବନ୍ଦୋପାଧ୍ୟାୟ ପ୍ରମୁଖ ପ୍ରାୟ ଅର୍ଦ୍ଧଶତାଧିକ କବି ରାତି ତିନିଟା ପର୍ଯ୍ୟନ୍ତ ଉତ୍ସାହ ଉଦ୍ଦୀପନାରେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ସଙ୍ଗୀତ ଗାନ କରିଥିଲେ ପ୍ରହଲ୍ଲାଦ ପ୍ରଧାନ ଓ ଅତୁଲ୍ୟ ମହାକୁଡ ।

ନବବର୍ଷର ଏଇ ନୂତନ ସାରସ୍ୱତ ପରିବେଶରେ କବିମାନଙ୍କ ଲେଖନୀ ମୁଖ୍ୟତଃ ବିଗତ ବର୍ଷର ସ୍ମୃତି, ଆଗନ୍ତୁକ ନବବର୍ଷର ସମ୍ଭାବନା, ଅନେକ ଆଶାର ବ୍ୟୋମ୍ନୋଳେକ ଅନେକ ନୈରାଶ୍ୟର ଘନ ଅନ୍ଧକାରର ଆଶଙ୍କା, ସମାଜ ସଂସ୍କୃତି, ଜୀବନ ଇତ୍ୟାଦି ଉପରେ ଆଧାରିତ ଥିଲେ ହେଁ, କେତେକ ସ୍ରଷ୍ଟା ଛନ୍ଦ ତପଳ ଜୀବନରେ ଏକ ଉଦାମ ଆବେଗରେ ବିଭୋର ହୋଇ ପଡ଼ିଥିବା ବେଳେ, ଅନ୍ତଦୃଷ୍ଟି ସମ୍ପନ୍ନ କେତେ କବି ଦାର୍ଶନିକ ସୁଲଭ ଆତ୍ମବିଶ୍ଳେଷଣ ଉପସ୍ଥାପନା କରିଥିଲେ ସେମାନଙ୍କ ସୃଷ୍ଟି ମାଧ୍ୟମରେ, ।

ସେଦିନ ବାସ୍ତବିକ ଏକ ମାନସିକ ଉଦାତ୍ତ ନୃତ୍ୟ କବିତା ମାଧ୍ୟମରେ ଝଂକୃତ ହୋଇ ଉଠିଥିଲା । ଶୀତ ରାତିର ଅବିଶ୍ରାନ୍ତ ଶିଶିର ପାତ ଓ ଶୀତାର୍ତ୍ତ ବାୟୁମଣ୍ଡଳ ସେଦିନ ହାର ମାନିଯାଇଥିଲା ଏଇ ସାରସ୍ୱତ ସାଧକଙ୍କର ଭାବ ପ୍ରବଣତାପୂର୍ଣ୍ଣ ସମ୍ପ୍ରୀତିରେ । ଏସମାରମ୍ଭର ଆନନ୍ଦ ମାନସିକ ବିଳାସ ଓ ଉତ୍ସୁକତା କ୍ରମେ ରାତ୍ରିର ଗଭୀରତା ସହ ଧୀରେ ଧୀରେ ମଉଳି ଆସୁଥିଲା ।

ଅର୍ଦ୍ଧରାତ୍ରିର ଏକ ସଜାଗ ସାଂସ୍କୃତିକ ସ୍ୱାଗତ

ଏ କବିତା ଆରମ୍ଭରେ ଯେଉଁମାନଙ୍କର ସାନ୍ନିଧ୍ୟ ଆଣିଥିଲା ଏକ ସାଂସ୍କୃତିକ ପରିବେଷ୍ଟନୀର ବାତାବରଣ, ସେମାନେ ହେଲେ ଔପନ୍ୟାସିକ ଶାନ୍ତନୁ କୁମାର ଆଚାର୍ଯ୍ୟ, ନାଟ୍ୟ ବିଶାରଦ ଧୀରେନ୍ ଦାସ, ତାତ୍ତ୍ୱିକ ଦଶରଥ ସାମଲ, କବି ରଜତ ପାଣୀ, ପ୍ରାବନ୍ଧିକ ସଚ୍ଚିଦାନନ୍ଦ ମିଶ୍ର, ସମ୍ପାଦିକା ଶୈଳବାଳା ମହାନ୍ତି, ସାଂସ୍କୃତିକ ବ୍ୟାପାର ଉପନିର୍ଦ୍ଦେଶକ ଅର୍ଜୁନ ଯୋଶୀ, ଏବଂ ବହୁ ଅନୁଷ୍ଠାନମାନଙ୍କର କର୍ମକର୍ତ୍ତା ଛାତ୍ର, ଶିକ୍ଷକ, ଅଧ୍ୟାପକ ଏବଂ ଚିତ୍ର ଶିଳ୍ପୀ, ସଙ୍ଗୀତଜ୍ଞ, ତଥା ସରକାରୀ କର୍ମଚାରୀ, ରାଜଧାନୀରେ ନବବର୍ଷର ଏଇ ମଧ୍ୟ ରାତ୍ରି ପ୍ରକୃତରେ ଏକ ସୃଷ୍ଟିଶୀଳ ସ୍ରଷ୍ଟାର ଚେତନାରେ ନୂତନତ୍ୱର ସ୍ୱାଗତିକା ପାଲି ଥିଲା ଏକ ଉଜାଗର ରାତ୍ରି ଏବଂ ସୃଜନଶୀଳ ଅନୁପ୍ରେରଣାର ପ୍ରୀତିମୁଗ୍ଧ ସଞ୍ଜୀବନୀ ।

ଜରୁରୀ ପରିସ୍ଥିତିର ଉଦ୍ଦେଶ୍ୟ ନୁହେଁ ଲୋକଙ୍କ ମନରେ ଭୟ ସୃଷ୍ଟି କରିବା ବରଂ ଲୋକଙ୍କୁ ଅଭୟ ଦେବାହିଁ ଏହାର ଲକ୍ଷ୍ୟ ।

ORISSA STATE ELECTRICITY BOARD

INVITES

Prospective Entrepreneurs to set up

More and more Industries in the State with assured power supply in abundances We are now exporting surplus Power to the tune of 100 M. W. to the neighbouring States of Bihar and Andhra Pradesh.

We assure you sufficient power supply from reliable grid having Hydro and Thermal Stations at comparatively favourable tariff.

Steps in a bigger and determined way are being taken to help progress Small Scale Industries in the State.

We have extended power support of 60 to 80 MW to HSL Rourkela to supplement their generation of 60 to 70 MW and committed further supply for their expansion programme.

Power supply to other basic Electro Metalorgical, Electro Chemical Industries. Ferro-Chrome, Ferro Silicon, Ferro Manganese, Caustic Soda, Cement Factories, Paper Mills etc have been given to exploit the natural mineral and other resource of the State for meeting the production demands of the country.

SALIENT FEATURE.

Our present installed capacity—801 MW.
New power Projects already taken up.

1.	T. T. P. S. Expansion	220 MW.
2.	Balimela Hydro Power Station (Unit V and VI)	120 MW.
3.	Rengali Hydro Project	100 MW.
4.	Upper Kolab Hydro Project	240 MW.
	Total ...	680 MW.

POWER CONSUMPTION INSIDE THE STATE

Power sold during 1974-75 — 1995 Million Units

RURAL ELECTRIFICATION

We have so far electrified more than 11,000 villages during the last five years.

ELECTRICITY IS KEY TO PROSPERITY
HELP US TO SERVE YOU AT ALL TIMES

ORISSA STATE ELECTRICITY BOARD
BHUBANESWAR-751007

ଓଡ଼ିଶାର ରାଜ୍ୟପାଳ ଶ୍ରୀ ଆକବର ଅଲି ଖାଁ କୋରାପୁଟ ପରିଦର୍ଶନ କାଳରେ ଜଣେ ଭୂମିହୀନ ଆଦିବାସୀଙ୍କୁ ଜମିପଟ୍ଟା ପ୍ରଦାନ କରୁଛନ୍ତି ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ୧୯୭୬ ଜାନୁଆରୀ ୨୧ ତାରିଖ ଦିନ ରାଉରକେଲାଠାରେ ସୁପର ମାର୍କେଟ୍ ଉଦ୍‌ଘାଟନ କରୁଛନ୍ତି ।

ଚିତ୍ରେ ସମ୍ବାଦ

ଚିତ୍ରେ ସମ୍ବାଦ

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ କେନ୍ଦୁଝର ଜିଲ୍ଲାର ଭୂମିହୀନ ଆଦିବାସୀ ଲୋକମାନଙ୍କୁ ଜମିପଟ୍ଟା ବଣ୍ଟନ କରୁଛନ୍ତି ।

୧୯୭୬ ଜାନୁଆରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ ଫୁଲବାଣୀ ଜିଲ୍ଲାର ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ବ୍ୟକ୍ତିଙ୍କ ଗହଣରେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ସୋମନାଥ ରଥ ।

ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ସୋମନାଥ ରଥ, ୧୯୭୬ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଫୁଲବାଣୀ ପୋଲିସ ରଙ୍ଗ ପ୍ରାଥମିକ ସ୍କୁଲର ଛାତ୍ରମାନଙ୍କୁ କପ୍ ପ୍ରଦାନ କରୁଛନ୍ତି ।

କୋରାପୁଟ ଜିଲ୍ଲା ଶଇରା ଜଳସେଚନ ଯୋଜନାର ଏକ ଦୃଶ୍ୟ

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ୧୯୭୫ ଡିସେମ୍ବର ୨୦ ତାରିଖ ଦିନ କେନ୍ଦୁଝରଠାରେ ଚକ୍ଷୁ ଶିବିର ଉଦ୍ଘାଟନ କରିସାରିବାପରେ ଆଖ ବୁଲି ଦେଖୁଛନ୍ତି ।

ଚିତ୍ରେ ସମ୍ବାଦ

କଳାହାଣ୍ଡି ଜିଲ୍ଲା ନୂଆପଡ଼ା ସବ୍‌ଡିଭିଜନରେ ସୁନ୍ଦରନଦୀରେ ନିର୍ମିତ ହେଉଥିବା ଜଳଭଣ୍ଡାର ।

କଳାହାଣ୍ଡି ଜିଲ୍ଲା ନୂଆପଡ଼ା ସବ୍‌ଡିଭିଜନର ସୁନ୍ଦର ନଦୀଉପରେ ନିର୍ମିତ ହେଉଥିବା ଜଳଭଣ୍ଡାରର ଟ୍ରେଞ୍ଚ ।



ଶିଳ୍ପ ଉପମନ୍ତ୍ରୀ ଶ୍ରୀ କୁଆଁରିଆ ମାଝି, ୧୯୭୪ ନଭେମ୍ବର ୩୦ ତାରିଖ ଦିନ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକର ତାରପୁରଠାରେ ନଳକୂପ ଯୋଜନା ଉଦ୍‌ଘାଟନ କରୁଛନ୍ତି ।

ଓଡ଼ିଶାର ରାଜ୍ୟପାଳ ଶ୍ରୀ ଅକବର ଅଲି ଖାଁ ୧୯୭୫ ଡ଼ିସେମ୍ବର ୨୫ ତାରିଖ ଦିନ ଭୁବନେଶ୍ୱରଠାରେ ଅନୁଷ୍ଠିତ ଇନଷ୍ଟିଚ୍ୟୁଟ ଅଫ୍ ଇଂଜିନିୟରମାନଙ୍କର ବାର୍ଷିକ ଅଧିବେଶନ ଉଦ୍‌ଘାଟନ କରି ଇଂଜିନିୟରମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି ।

ଚିତ୍ରେ ସମ୍ବାଦ



ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ରାଉରକେଲା ଇସ୍ପାତ୍ ଷ୍ଟାଡିୟମଠାରେ ଶିଶୁ ସମାବେଶରେ ଉଦ୍‌ବୋଧନ ଦେଉଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ହସ୍ତରେ ରାଉରକେଲା ଇସ୍ପାତ କାରଖାନାର ଜେନେରାଲ ମ୍ୟାନେଜର୍ ଡକ୍ଟର ପି: ଏଲ: ଅଗ୍ରୱାଲ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୩.୫ ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରୁଛନ୍ତି ।

ପ୍ରାୟ ଅଠ ମାସ କାଳ ନିଖୋଜ ହେଲା ପରେ ବାବୁ ସ୍ୱରୂପାନନ୍ଦ ଦିନେ ଅକସ୍ମାତ ସନ୍ଧ୍ୟାବେଳେ ଘରେ ଆସି ପହଞ୍ଚିଲେ । ସେତେବେଳକୁ ପ୍ରାୟ ଅନ୍ଧାର । ବସ୍‌ରୁ ତେତେବେଳେ ଓହ୍ଲାଇଲେ ଓ କେଉଁବାଟ ଦେଇ ଘରକୁ ଆସିଲେ, ସେ ସମ୍ପର୍କରେ ଗାଁ ଲୋକମାନେ ସେଦିନ ରାତିରେ ପରସ୍ପର ଛୁଆଛୁଇଁ ହେଲେ ଏବଂ ବସ୍‌ଷ୍ଟାଣ୍ଡରେ ସ୍ୱ, ଜଳଖିଆ ଦୋକାନ କରିଥିବା ସନାତନ ମଧ୍ୟ ଏଖବର ଶୁଣି ଆଚମ୍ବିତ ହୋଇଗଲା ।

ସନାତନର ଦୋକାନ ଠିକ୍ ବସ୍‌ଷ୍ଟାଣ୍ଡରେ । ସେହି ଗାଁ ଓ ତା' ସହିତ ଲଗାଲଗି ହୋଇ ଯେତେସବୁ ଗାଁ ଅଛି, ତାହାର ବାସିନ୍ଦାମାନେ ବସ୍ ଧରିଲେ କିମ୍ବା ବସ୍‌ରୁ ଓହ୍ଲାଇଲେ ସମସ୍ତଙ୍କ ଉପରେ ସନାତନର ଦୃଷ୍ଟି ତୀକ୍ଷ୍ଣ ହୋଇଉଠେ । ଏଣୁ ସବୁ ବସ୍ ଯାତ୍ରୀମାନେ ବସ୍ ଆସିବା ଓ ଛାଡ଼ିବା ସମୟ ବିଳମ୍ବ ଥିଲେ ତା' ଦୋକାନକୁ ଆସନ୍ତି ଓ ଲମ୍ବା ବେଞ୍ଚ ଉପରେ ବସିପଡ଼ି ଚା' କିମ୍ବା କିଛି ଜଳଖିଆ କରିଥାନ୍ତି । ସତ୍ୟ କିଛି ରୋଜଗାର ହେବାର ଅଭିପ୍ରାୟରେ ସନାତନ ବସ୍ ଯାତ୍ରୀମାନଙ୍କୁ ଜଣ ଜଣ କରି ବଡ଼ ସତର୍କତାର ସହିତ ଲକ୍ଷ୍ୟ କରେ । କିନ୍ତୁ ବାବୁ ସ୍ୱରୂପାନନ୍ଦ ତା'ର ସେଇ ଦୃଷ୍ଟିକୁ ଏଡ଼ାଇ ଦେଇ କେତେବେଳେ ଯେ ବସ୍‌ରୁ ଓହ୍ଲାଇଲେ ଓ ପୁଣି ଘରେ ଆସି ପହଞ୍ଚିଲେ ଗାଁର ଅନ୍ୟ ଲୋକମାନଙ୍କ ଅପେକ୍ଷା ସନାତନ ଭାବୁଥିଲା ବେଶି ।

ତା' ଦୋକାନରେ ସ୍ୱରୂପାନନ୍ଦ ଥିଲେ ଜଣେ ବଡ଼ ଗରାଖ । ଜନକଲ୍ୟାଣ ପରିଷଦରେ ଥିଲାବେଳେ ତା' ଦୋକାନରୁ ସ୍ୱରୂପାନନ୍ଦ ପ୍ରତିଦିନ ପାଞ୍ଚଟଙ୍କାରେ ଉପଯୋଗ ନିଏ । ତା' ଛଡ଼ା ତାହାର ଦୁଇ ତିନିଗୋଟି ଶ୍ରାବକମାନଙ୍କୁ ଧରି ଯେତେବେଳେ ସେ ତା' ଦୋକାନରେ ପହଞ୍ଚିଯାଏ, ସେତେବେଳେ ସେ ଦଶଟଙ୍କାରୁ କମ୍ ଜଳଖିଆ କରେନାହିଁ । ତା'ର ସେଇ ଡାହାଣୀ ଅକର୍ମା ଶ୍ରାବକମାନେ ବାବୁ ସ୍ୱରୂପାନନ୍ଦର ଆଦେଶକୁ ଉତ୍ସୁକତାର ସହିତ ଅନାଇଁ ରହିଥାନ୍ତି ଏବଂ ସେମାନଙ୍କ ହାତରେ ଜଳଖିଆ ପ୍ଲେଟମାନ ଧରାଇଦେଲେ, ତାହାଙ୍କର ଆଖି ଓ ଓଠଗୁଡ଼ିକ ହୋଇଯାଏ କ୍ରମଶଃ ଯଥାକ୍ରମେ ଉଜ୍ଜ୍ୱଳ ଓ ସିକ୍ତ ।

ସ୍ୱରୂପାନନ୍ଦ ନିଖୋଜହେବା ପରେ ତାହାର ସେଇ ଡାହାଣୀ ଶ୍ରାବକମାନେ ଆଉ ତା' ଦୋକାନକୁ ଥରେହେଲେ ଆସିବାର ତା'ର ମନେ ହେଉନାହିଁ । କିନ୍ତୁ ସ୍ୱରୂପାନନ୍ଦ ଲୁଚିଗଲା ପରେ, ତା' ଉପଯୋଗ ବ୍ୟବସାୟରେ ବଡ଼ଧରଣର ଯେ ଏକ ମାନ୍ଦାବିଆ ଅବସ୍ଥା ସୃଷ୍ଟିହୋଇଛି ଏକଥା ସନାତନ ବେଶ୍ ଉପଲବ୍ଧି କରିପାରିଲା ।

ଶ୍ରୀ ଦଶରଥ ସାମଲ

ଅନ୍ୟମାନଙ୍କ ପରି ସ୍ୱରୂପାନନ୍ଦ ଏତେ ଟଙ୍କା କୁଆଡୁ ଆଣି ଖର୍ଚ୍ଚ କରୁଛି ବୋଲି ସନାତନ ମନରେ କ'ଣ ପ୍ରଶ୍ନ ଉଠି ନଥିଲା ? ମାତ୍ର ତା' ଜୀବନଧାରାରେ ଯେ ଅନୋନ୍ନତି ଘଟୁଛି ଏଇ ସଚେତନତାବୋଧ ଯେତେବେଳେ ତାକୁ ସ୍ପର୍ଶ କରେ, ତା' ମନ ଭିତରେ ଉଠୁଥିବା ସେଇ ଏକ ସାଧାରଣ ପ୍ରଶ୍ନରୁ ନିବୃତ୍ତ ରହି ତା' ବ୍ୟବସାୟର ଉନ୍ନତି ପାଇଁ ସେ ଲାଗିପଡେ ।

ସନାତନ ଭାବିଲା, ସେତ ଘର ସବୁଦିନ ଅନ୍ଧାରୁଆ ହୋଇ ରହେନାହିଁ । ଦିନଆସେ, ଯେତେବେଳେ ତା' ଘରର ଜମାଟ ଅନ୍ଧକାର ଦୂରୀଭୂତ ହୋଇ ପୁଣି ଆଲୋକିତ ହୋଇଯାଏ ।

ସେ ଭାବିଲା, ସ୍ୱରୂପାନନ୍ଦର ସେଇ ଯେଉଁ ସ୍ତ୍ରୀ ଲୋକଟି, ନିଜକୁ ଯିଏ ଗାଁରେ ଭାରି ବୁଦ୍ଧିମତୀ ଓ ରୂପବତୀ ବୋଲି ଜବରଦସ୍ତ ଦାବୀ କରିବସେ, କେଇଟାଦିନ ଭିତରେ ତା'ର କ'ଣ ସତେ ସେ ନ ହୋଇଗଲା ! ପ୍ରକାର ପ୍ରକାର ଶାଢୀ ପିନ୍ଧି, ପାନପିକରେ ଓଠକୁ ସେ କ'ଣ କମ୍ ପତରଉଥିଲା ? ବୟସ ସ୍ୱାମୀଙ୍କଠୁ ଅଳ୍ପ କିଛି ବେଶି ହେଲେ ମଧ୍ୟ ତା'ର ସ୍ତ୍ରୀ ଗାୟତ୍ରୀ ଖଟ ଉପରେ ଶୋଇ କମ୍ କ'ଣ ରଙ୍ଗରସିଆ ବହି ପଢେ ? ଗାଁର କେତେ ନିରକ୍ଷର ଝିଅମାନଙ୍କୁ ପାଖରେ ବସାଇ ସେଇ ରଙ୍ଗରସିଆ ନଭେଲରୁ ଅଧିଏ ଅଧିଏ ପଢି ସେମାନଙ୍କୁ ଶୁଣାଏ ।

କିନ୍ତୁ ସ୍ୱରୂପାନନ୍ଦ ନିଖୋଜ ହେଲାପରେ ତା'ର ସେଇ ଓଠରେ ପାନପିକର ରଙ୍ଗ ଆଉ ଚିକ୍ ଚିକ୍ କରୁନାହିଁ । ପ୍ରକାର ପ୍ରକାର ଶାଢୀ ବଦଳରେ ସେ ପୁଣି ପିନ୍ଧିବସିଲା ତା'ର ସବୁଦିନିଆ ପିନ୍ଧା ସେଇ ଖଇରିଆ ଦଶା ଶାଢୀ । ଦେହରେ ମେଦ ଓ ଚର୍ବି ଜମିଯାଇ ସେ ଚାଲିଲାବେଳେ ତା'ର କଟି ଓ ମେଖଳା ଯେପରି ନର୍ତ୍ତନଶୀଳ ହୋଇ ଉଠୁଥିଲା, ସ୍ୱରୂପାନନ୍ଦ ନିଖୋଜ ହେବାପରେ ସେ ହୋଇଗଲା ନିହାତି କୃଶା ଓ ଶୀର୍ଣ୍ଣା । ଗାଁର ସେଇ ନିରକ୍ଷର ଅନ୍ତ୍ୟଜା ଝିଅମାନେ ଆଉ ତା' ପାଖକୁ ଆସିବାକୁ ଆଗ୍ରହ ପ୍ରକାଶ କରୁନାହିଁ ।

ସନାତନ ଭାବିଲା, ସେ ଥରଟିଏ ଯିବ ସ୍ୱରୂପାନନ୍ଦ ପାଖକୁ । ଦେଖିବ ଏଇ ଚାରି ମାସ ଭିତରେ ତା'ର ଚେହେରା କେମିତି ହୋଇଛି ! ସେ ଗାଁକୁ ଫେରିଗଲା ପରେ, ଏତେବେଳେ ଅବଶ୍ୟ ସେ ତା' ଘରଆଡେ ଯାଇନାହିଁ । ସାହସ ବା କିପରି ? ଗାଁର କେତେ ଲୋକ କେତେ କଥା କହିଲେ । ଜନକଲ୍ୟାଣ ପରିଷଦରୁ କେତେ ହଜାର ଟଙ୍କା ମାରିନେଲାପରେ ସରକାର ତାକୁ ଖୋଜିବାକୁ ଲାଗିଲେ । ତେଣୁ ସେ ନିଖୋଜ ହୋଇଗଲା ।

ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଥିଲେ ମଧ୍ୟ ସ୍ୱରୂପାନନ୍ଦ କମ୍ ଚାଲାକ ନୁହେଁ । ଧଳାକୁ କଳା ଓ କଳାକୁ ଧଳା କରିବାରେ ସେ ଏକ ପକ୍କା ଓସ୍ତାଦ୍ । ମିଛ କଥାକୁ ସତକରି ଘୋଷିବାରେ ଓ ଗାଁ ଲୋକମାନଙ୍କ ମନରେ ସେ ସମ୍ପର୍କରେ ବିଶ୍ୱାସ ସୃଷ୍ଟି କରିବାରେ ସେ ଯେପରି ଏକ କୃତକର୍ମା । ଗାଁର କେଉଁ ଲୋକକୁ କ'ଣ କହିଲେ ବା କ'ଣ ଦେଲେ, ସେ ତା' ଅନୁଗତ ହୋଇଯିବ, ସ୍ୱରୂପାନନ୍ଦର ଥିଲା ସେ ବିଷୟରେ ପ୍ରଗାଢ ଜ୍ଞାନ । ଦୁଇ ଦଳ ମଧ୍ୟରେ ନାନା କାଳ୍ପନିକ କଥା କହି ବିଭେଦ ସୃଷ୍ଟି କରିବାରେ ସେ ଥିଲା ନିତାନ୍ତ ଧୁରୀଣ ।

ସନାତନ ଭାବିଲା, ସ୍ୱରୂପାନନ୍ଦ ଠାରୁ ତା'ର କିଛି ଟଙ୍କା ପାଇବାର ଅଛି । ଅବଶ୍ୟ ବେଶି ନୁହେଁ, ଟଙ୍କା କୋଡ଼ିଏ ଭିତରେ । ଆଜି ତା' ଘରକୁ ଗଲେ ସେ ଅବଶ୍ୟ ଟଙ୍କା ମାଗିବ ନାହିଁ । କିନ୍ତୁ ଖାଲି ଦେଖିଆସିବ ସ୍ୱରୂପାନନ୍ଦର ସ୍ୱରୂପ, ତା'ର ମତି ଗତି, ହାବଭାବ, ଆଉ [illegible] ଧରି ହୋଇଯାଇଥିବା ତା'ର ଯୁବତୀ ସ୍ତ୍ରୀଟିକୁ ।

ସମ୍ଭବତଃ ସ୍ୱରୂପାନନ୍ଦ ଗାଁକୁ ଫେରିଆସିବ ବୋଲି, ଗାୟତ୍ରୀ ସାତଆଠ ଦିନ ତଳେ ଗାଁର କେତେକ ମାଇପିମାନଙ୍କ ପାଖରେ କୁଆଡେ କହୁଥିଲା–କ'ଣ ତାଙ୍କର ହୋଇଯାଇଛି କି ? ସେ ତ ଅଛନ୍ତି ଭଲରେ, ହୀରାକୁଦରେ । ଆଉ କେତେଟା ଦିନ ପରେ ସେ ଚଳେ ଫେରି ଆସିବେ ଗାଁକୁ । ସନାତନ ସ୍ତ୍ରୀ ଜାହା ଠାରୁ ଏକଥା ଶୁଣି ତାକୁ ଏଇ ଦିନେ ଦୁଇଦିନ ତଳେ କହୁଥିଲା ।

ସନାତନ, ଦୋକାନରେ ତାର ପୁଅ ଓ ପୁତୁରା ଉଭୟଙ୍କୁ ଲଗାଇ ଦେଇ ସ୍ୱରୂପାନନ୍ଦ ଘର ଆଡେ଼ ଗଲା ।

* * * *

ରାତି ପ୍ରାୟ ସାତଟା ହେବ । ଖରାଦିନ । ଦ୍ୱିପହରର ଗୁଳୁଗୁଳିଆ ବର୍ତ୍ତମାନ ନାହିଁ । ବରଂ ଦକ୍ଷିଣା ପବନ ଧୀରେ ଧୀରେ ବହୁଛି ।

ସନାତନ ସ୍ୱରୂପାନନ୍ଦ ଦୁଆରେ ଯାଇ ପହଞ୍ଚିଲା । ଭିତର ପଟୁ ଆଉଜା ହୋଇଥିବା କବାଟଟାକୁ ପେଲି ଦେଇ ଡାକିଲା– ହୋ ସ୍ୱରୂପ ନନା, କେତେବେଳେ କେଉଁବାଟେ ଆସିଲ ମଃ ?

କବାଟଟି ହଠାତ୍ ଖୋଲିଗଲା । ସନାତନ ଦେଖିଲା ଦାଣ୍ଡଘରେ ଲଣ୍ଠନଟିଏ ଜଳୁଛି । ସ୍ୱରୂପାନନ୍ଦ ବସିଛି ମଝିରେ । ତାକୁ ଘେରି ବସିଛନ୍ତି ଅତୀତର ସେଇ ଦୁଇଟି ବଦମାଶ, ଯେଉଁମାନେ ତା' ଠାରୁ ପ୍ରତିଦିନ ଘୁ. ଚକଖିଆ ଖାଆନ୍ତି । ତାଙ୍କଠୁ ଅଲଗା ଠିଆହୋଇଛି ଗାୟତ୍ରୀ, କ'ଣ ଯେପରି ଗୋଟାଏ ଆଲୋଚନା ହେଉଥିଲା ।

ସନାତନକୁ ଦେଖି ଗାୟତ୍ରୀ ଓ ସ୍ୱରୂପାନନ୍ଦ ପ୍ରଥମେ ଚଢ଼୍‌କଢ଼େଇ ଗଲେ । ମାତ୍ର ପରେ ସ୍ୱରୂପାନନ୍ଦ ତାକୁ ଦେଖି କହିଲା– ବସ୍ ବସ୍, ସନାତନ ଭାଇ । କ'ଣ ସବୁ ଭଲତ ?

ସନାତନ ଗୋଟିଏ ଖଟ ଉପରେ ବସି ପଡିଲା ।

ସନାତନ ବସିଲା ପରେ ସ୍ୱରୂପାନନ୍ଦ ଗାୟତ୍ରୀକୁ କ'ଣ ଇଙ୍ଗିତ ଦେଲା । ସେ ଇଙ୍ଗିତର ତାତ୍ପର୍ଯ୍ୟକୁ ଅବଶ୍ୟ କେହି ଧରିପାରିଲେ ନାହିଁ । କିନ୍ତୁ ଦେଖାଗଲା ଗାୟତ୍ରୀ ଖୋଲା ଦାଣ୍ଡ କବାଟକୁ ଭିତର ପଟୁ ଲଗାଇ କିଳିଣୀଟା ଦେଇଦେଲା ।

ସନାତନ କହିଲା—ଆଉ ସବୁ ଭଲତ ? କୁଆଡ଼େ ଗଲ ଶୁଣିଲେ କହିଲ—ସାରା ଗାଁରେ ହୁଲସ୍ଥୁଲ ପଡ଼ିଗଲା । ଜନକଲ୍ୟାଣ ପରିଷଦରୁ ପନ୍ଦର ହଜାର ଟଙ୍କା ମାରିଦେଇଚ ବୋଲି ସାରା ଇଲାକାରେ ଚହଳ ପଡ଼ିଗଲା । ହଉ ଓ କିଏ କେତେ ନ ଖାଉଛି ? ସରକାରୀ କା ମାଲ ଦରିଆମେ ଡ଼ାଲ । ଲୋକେ ତ ପୁଣି ଲକ୍ଷ ଲକ୍ଷ ଟଙ୍କା ମାରିଦେଇ ସମାଜରେ ସାଧୁ ସଚ୍ଚୋଟ ବନୁଛନ୍ତି । ତମେ ଏବେ ପନ୍ଦର ହଜାର ମାରିଦେଲ କ'ଣ ହୋଇଗଲା ସେଥୁ ? ତମେ ଗାଁ ଛାଡ଼ି ପଳାଇ ଯାଇଥିଲ କାହିଁକି କହିଲ ?

ସ୍ୱରୂପାନନ୍ଦ ଟିକିଏ ହସିଦେଲା । ତା'ର ଆଗ ଦାନ୍ତ ଦୁଇଟି ବେଶ୍ ଖରା, ତେଣୁ ସେଇ ଦୁଇଟି ଅନାବୃତ ଦାନ୍ତ ତାହାର ଅମଳିନ ବ୍ୟକ୍ତିତ୍ୱର ପ୍ରତୀକ ରୂପେ ଯେପରି ଲଣ୍ଠନର ଝାପ୍ସା ଆଲୁଅରେ ଆପାତତଃ ପ୍ରତୀୟମାନ ହେଲା ।

ସନାତନର କଥା ସ୍ୱରୂପାନନ୍ଦ ମନକୁ ବେଶ୍ ପାଇଲା । ଏଇ କଥାରେ ବେଶି ପ୍ରଫୁଲ୍ଲିତ ହୋଇ ଉଠିଲା ଗାୟତ୍ରୀ—ଯିଏ ଗତ ଛଅମାସ ଧରି ଏକ ନିରିମାଖି ଓ ନିରହଂକାରୀ ଉଦାସୀ ମନନେଇ ନୀରବରେ ସମୟ କଟାଉଥିଲା ।

ସ୍ୱରୂପାନନ୍ଦ କହିଲା—ସମାଜରେ କେତେ ବଡ଼ ବଡ଼ ଲୋକ କେତେ କ'ଣ ସେ ମାରି ନେଉଛନ୍ତି ତାର ସୀମା ନାହିଁ । ହେଲେ ମୁଁ କିଛି ମାରି ଦେଇଛି । ସମାଜରେ ମୁଁ ତ ବଡ଼ ଲୋକ ନୁହେଁ । ବଡ଼ ବଡ଼ ଲୋକଙ୍କ ନାଁରେ ଏବେ କମିସନ ବସିଲା । ଫଳ କ'ଣ ହେଲା ତା ଜାଣିଛ ତ ? ହଁ ମୁଁ କିଛି ଖାଇ ଦେଇଛି । ସରକାର ଆଦାୟ କରୁ କେମିତି କରୁଛି ମୋ ଉପରୁ ? ମୁଁ ସହଜରେ ଛାଡ଼ୁନି ମ ସନାତନ ଭାଇ ଏ ସରକାରକୁ ହାଇକୋର୍ଟ କ'ଣ ସୁପ୍ରିମ କୋର୍ଟ ବି ଦେଖାଇ ଦେବି ! ହଁ !!

ସନାତନର ଏଇ ବଜ୍ର ଗମ୍ଭୀର ଘୋଷଣା ଶୁଣି ଗାୟତ୍ରୀର ମୁହଁରେ ଉଲ୍ଲାସର ଏକ ଅପୂର୍ବ ଶିହରଣ ଖେଳିଗଲା । କାରଣ ତା' ସ୍ୱାମୀର ଏଇ ବୀରୋଚିତ ଘୋଷଣା ପାଇଁ ସେ ଗର୍ବ କରେ ଏବଂ ଆଇନ୍ ଅଦାଲତ ସମ୍ପର୍କରେ ତା' ଠାରୁ ବଳି ଗାଁରେ ଆଉ କାହାରି ଅଧିକ ଜ୍ଞାନ ନାହିଁ ବୋଲି ସେ ବରାବର ଗାଁ ମାଇପିଙ୍କ ପାଖରେ ଦାବୀ କରି ବସେ ।

ଆଉ ସ୍ୱରୂପାନନ୍ଦ ପାଖକୁ ଲାଗି ବସିଥିବା ସେଇ ଦୁଇଟି ଯୁବକ ତା' କଥାକୁ ଏକ ଏକ ମୁଗ୍ଧ ହରିଣଶାବକ ପରି କାନ ଡେରି ଦେଇଥିଲେ ।

ସନାତନ କହିଲା—ଠିକ୍ ଅଛି । ତମେ ଆଉ କୁଆଡ଼େ ନ ଯାଇ ଗାଁରେ ରହ । ଘରବାସ ଯାହା ଅଛି, ତାହା ଦେଖ ।

ସ୍ୱରୂପାନନ୍ଦଙ୍କ ଚେତନାରେ ପୁଣି ସାହସର ଅଙ୍କୁରୋଦ୍‌ଗମ ହେଲା । ସେ କହିଲା—ଗାଁରେ ରହିବି ବୋଲି ତ ଫେରି ଆସିଛି । ଏତେ ଦିନ ପରେ । ମତେ ହଜାରେ ଟଙ୍କା ଘୁଷିରି ମିଳୁଥିଲା (କିନ୍ତୁ ହାୟ ! ସେ ମାତ୍ର ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲା) ହୀରାକୁଦରେ, ମୁଁ କିନ୍ତୁ ରାଜି ହେଲି ନାହିଁ ସେଠାରେ ରହିବାକୁ ।

ମୁଁ ଗାଁରେ ରହିବି । ଏ ଗାଁକୁ ଧ୍ୱଂସ କରିବି । ସାତ ଆଠ ବର୍ଷ ତଳେ ଏଇ ଗାଁରେ ଯେଉଁ ଧ୍ୱଂସର ତାଣ୍ଡବ ଲୀଳା ସୃଷ୍ଟି କରି ସମସ୍ତଙ୍କୁ ଉତ୍ପୀଡ଼ିତ କରାଇଥିଲି, ପୁଣି ଆଠବର୍ଷପରେ ଆରମ୍ଭ ହୋଇଯିବ ସେଇ ଧ୍ୱଂସଲୀଳାର ପୁନରାବୃତ୍ତି । ମୋ ନିଜର ରୂପ ମୁଁ ସମସ୍ତଙ୍କୁ ଦେଖାଇ ଦେବି । ତଳେ ମିଳି ଗାଁରେ ଯେଉଁ ଏକତା ରହିଛି, ତାକୁ ଭାଙ୍ଗି ଚୁରମାର କରିବି । ପରସ୍ପର ଭିତରେ ସୃଷ୍ଟିହେବ କଳି ତକରାଳ, ମାଲିମୋକଦ୍ଦମା, ମାରପିଟ୍ ସବୁ କିଛି । ଦେଖିବି ଏ ଗାଁର ଏକତା କେତେକାଳ ଅକ୍ଷୁର୍ଣ୍ଣ ରହି ପାରିବ ସାରଙ୍ଗ ଧର ।

ପାଖରେ ବସିଥିବା ସେଇ ଦୁଇଟି ବଦମାସ ତା'ର ଏଇ ଜ୍ୱାଳାମୟୀ ବକ୍ତୃତାରେ ହଠାତ୍ ଉତ୍ତେଜିତ ହୋଇ ଉଠିଲେ ଏବଂ ସେମାନଙ୍କ ମଧ୍ୟରୁ ଜଣେ ତଳେ ହାତ ବାଡ଼େଇ ଦେଇ କହିଲା–ସାବାସ୍ । ସ୍ୱରୂପାନନ୍ଦ ଜିନ୍ଦାବାଦ୍ ।

ଏକ ଅଖଣ୍ଡ ଓ ବିପୁଳ ଆନନ୍ଦର ତରଙ୍ଗାୟିତ ଦୀପ୍ତି ହଠାତ୍ ଫୁଟି ଉଠିଲା ଗାୟତ୍ରୀ ମୁହଁରେ । ଅନୁରୂପ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ସେ ମଧ୍ୟ କହି ଉଠିଲା–ଏଇ କାର୍ଯ୍ୟରେ ତମକୁ ମଧ୍ୟ ମୁଁ ସାହାଯ୍ୟ କରିବି ।

ସନାତନ ଏସବୁ ଶୁଣିଲା ପରେ ତାକୁ ଭାରି ଖରାପ ଖରାପ ଲାଗିଲା । ସ୍ୱରୂପାନନ୍ଦ ସହିତ ତାର ସମ୍ପର୍କ କେବଳ କିଣାବିକାର ସୂତ୍ର ମଧ୍ୟରେ । କିନ୍ତୁ ତା' ବୋଲି ଗାଁର ଏକତା ଭାଙ୍ଗିଯିବ, ଘରେ ଘରେ ମାଲିମକଦ୍ଦମା ସୃଷ୍ଟି ହେବ, ଆପଣା ଆପଣା ଭିତରେ କଳି ତକରାଳ ମାଡ଼ପିଟ ଲାଗି ରହିବ, ଏଇ କଥାଟାକୁ ଭାବିକି କେବାଣି ସେ ଅଙ୍ଗୀକାର କରି ପାରିଲା ନାହିଁ ।

ଏକ ପକ୍ଷରେ ଉତ୍ସାହ ଓ ପ୍ରୋତ୍ସାହନାରେ ଗୋଟିଏ ବେଗବତୀ ନଦୀ ପ୍ରବାହିତ ହେଉଥିବା ବେଳେ ଅପର ପକ୍ଷରେ ଏକ ନିସ୍ତବ୍ଧ ଧୂସର ଚାଦର ପକାଭୂଇଁ ପରେ ଯେପରି ପଡ଼ି ରହିଛି କେଉଁ କାଳରୁ ପରିତ୍ୟକ୍ତ ହୋଇ ।

ସନାତନର ଏଇ ନିରୁତ୍ସାହ ଭାବ ଜାଣିପାରି ବାବୁ ସ୍ୱରୂପାନନ୍ଦ କହିଲେ–କ'ଣ ସନାତନ ଭାଇ, ମୁଁ କ'ଣ ଠିକ୍ କହୁନାହିଁ ?

ସନାତନ ପାଣିଚିଆ ହସଟିଏ ହସିଦେଇ କହିଲା–ତମକୁ ଯାହା ଭଲ ଦେଖା ଯାଉଛି, ତମେ ତାହା କର ।

ତା ପରେ ସମସ୍ତେ ଚୁପ୍‌ଚାପ୍ ବସିଲେ । ସନାତନ ନୀରବତାକୁ ଭାଙ୍ଗି କହିଲା–ଦୋକାନରେ ପୁଅ ଟୋକାକୁ ବସାଇ ଦେଇ ଆସିଛି । ଛଅ ବସ୍ ଆସି ପହଞ୍ଚିବ ଏବିକା । ମୁଁ ଯାଉଛି । କାଲି ତମେ ଥରେ ଆମ ଦୋକାନ ଆଡ଼େ ବୁଲିବ ଭଲା ।

ସନାତନ ସ୍ୱରୂପାନନ୍ଦର ଘରୁ ଚାଲି ଆସିଲା ସେଦିନ ।

ସେଠାରୁ ବିଦାୟ ନେଲା ପରେ ସ୍ୱରୂପାନନ୍ଦର ଘରଭିତର ପଟୁ କବାଟ ଦିଆ ହେବାର ଶବ୍ଦ ସନାତନକୁ ଶୁଣା ହେଲା ଏବଂ ସେଇ ଦୁଇଟି ସ୍ୱଟ୍‌କାରମାନଙ୍କ ସହିତ ସେ ଓ ଗାୟତ୍ରୀ ପୁଣି କୌଣସି ମନ୍ତ୍ରଣାରେ ବୁଡ଼ି ରହିଲେ ।

* * * *

ସ୍ୱରୂପାନନ୍ଦ ଏବେ ସିମେଣ୍ଟ ବ୍ୟବସାୟ ଆରମ୍ଭ କରିଛି । ସେତେବେଳେ ଥିଲାନି ଅବଶ୍ୟ ଖୋଲାବଜାରରେ ସିମେଣ୍ଟ ବିକ୍ରୀ ହେଉ ନଥିଲା । ଘର ତିଆରି ପାଇଁ ନିତାନ୍ତ ପ୍ରୟୋଜନ ଏ ଅତ୍ୟାବଶ୍ୟକୀୟ ପଦାର୍ଥଟି ଉପରେ ଥିଲା କଠୋର କଟକଣା ।

କିନ୍ତୁ ସ୍ୱରୂପାନନ୍ଦ ଆପଣାର ଧୂର୍ତ୍ତ ପଣିଆ ଓ ଚତୁରତା ଯୋଗୁଁ ନିଜର ସିମେଣ୍ଟ ଦରକାର ବୋଲି ଦରଖାସ୍ତ କରି ଅଫିସର ମାନଙ୍କଠାରୁ ସୁପାରିଶ୍ କରି ଆଣେ ଏବଂ ଯେଉଁ ସିମେଣ୍ଟକୁ କଣ୍ଟ୍ରୋଲ ଦରରେ ପାଏ ତାହାକୁ ଗାଁ ତଥା ଆଖ ପାଖ ଅଞ୍ଚଳର ଲୋକମାନଙ୍କୁ କଳାବଜାରରେ ଚଢ଼ାଦରରେ ବିକ୍ରୀକରି ଦୁଇ ପଇସା ଲାଭ ଉଠାଏ ।

ତା'ଛଡ଼ା ସେ ପୁଣି ଗଢ଼ିଦେଲା ଗୋଟିଏ କାଳ୍ପନିକ ମହିଳା ସମିତି–ଯେଉଁଥିରେ ଗାୟତ୍ରୀ ହେଲା ସଭାନେତ୍ରୀ । ସ୍ୱରୂପାନନ୍ଦ ପରି ତା'ର ସ୍ତ୍ରୀ ଥିଲାମଧ୍ୟ ଅନୁରୂପ ଚତୁରୀ । ଗାଁର ଅଶିକ୍ଷିତ ଓ ନିରକ୍ଷର ମହିଳାମାନଙ୍କୁ ଭରଟ ମିଛକଥା କହି ଏବଂ ବହୁ ପ୍ରତିଶ୍ରୁତି ଓ ପ୍ରାପ୍ତିର ସମ୍ଭାବନା ଓ ପ୍ରଲୋଭନ ଦେଖାଇ ସେଇ ସମିତିରେ କେତେକଙ୍କୁ କରିଦେଲା ନାମ ମାତ୍ର ସଭ୍ୟା । ସେମାନେ ଟିପ ଦିଅନ୍ତି ଏବଂ ଗାୟତ୍ରୀ କେବଳ ଦସ୍ତଖତ୍ କରେ ।

ମହିଳା ସମିତିକୁ ମିଳୁଥିବା ବଲଗାର ହୁଇଟ୍, ଅଟା, ସୋୟାବିନ୍ ତେଲ ପ୍ରଚୁର ଆସିଲା ସପ୍ତାହକୁ ସପ୍ତାହ । ଅବଶ୍ୟ ଏସବୁ ଗାଁ ଲୋକେ କେବେ ଦେଖିବାକୁ ପାଆନ୍ତି ନାହିଁ । ଯେ କେତେକ ନିରକ୍ଷର ଅଶିକ୍ଷିତ ଓ ଗରିବଶ୍ରେଣୀର ମହିଳାମାନେ ଏଥିରେ ନାମକୁ ମାତ୍ର ସଭ୍ୟା ହୋଇଛନ୍ତି, ସେମାନଙ୍କ ତମ ଧୂତୁଆ ପେଟ ଏଣ୍ଡୁଡ଼ିଆ, ସିଙ୍ଘାଣିନାକିଆପିଲାମାନେ କେବେ କେମିତି ହାତରେ ମେଞ୍ଚାଏ ଲେଖା ଧରି ଖାଉଥାନ୍ତି ।

ଗାଁ ଠାରୁ ଦୁଇମାଇଲ ଦୂରରେ ଆଉ ଗୋଟିଏ ଛୋଟକାଟିଆ ବଜାର ପଡ଼େ । ସେଠାରେ ବିଭିନ୍ନ ପ୍ରକାର ଦୋକାନ ଅଛି । ବିଜୁଳି ଲାଇନ୍ ମଧ୍ୟ ଯାଇଛି । ସେଇଟା ଗୋଟେ ତିନିମୁହାଣି ଛକ । ଗୋଟିଏ ରାସ୍ତା ସ୍ୱରୂପାନନ୍ଦର ଗାଁ ରତନପୁର, ଅନ୍ୟ ଗୋଟିଏ ସପନ ପୁର ଓ ତୃତୀୟ ରାସ୍ତାଟି ଯାଇଛି ଯତନପୁରକୁ । ଏଇ ତିନିମୁହାଣୀ ଛକର ଦୋକାନୀମାନେ ବେଶ୍ ଦିପଇସା ବିକ୍ରୀ କରିଥାନ୍ତି । କାରଣ ତିନିଆଡୁ ଲୋକ ଆସି ଏଇଠି ଜମା ହୁଅନ୍ତି । ଏଇଟା ହେଉଛି ଗୋଟିଏ ବସ୍ ଜଙ୍କସନ୍ ।

ମହିଳା ସମିତିପାଇଁ ଯେ ସବୁ ମାଲପତ୍ର ଆସେ, ସ୍ୱରୂପାନନ୍ଦ ସେଗୁଡ଼ିକ ଏଇ ବଜାରରେ ଆଣିକରି ସବୁ ବିକ୍ରୀ କରିଦିଏ । ଛକକିଆ ଦୋକାନୀମାନେ ଏଇସବୁ ଜିନିଷ ପାଇବା ଲାଗି ବାଟ୍

ସ୍ୱରୂପାନନ୍ଦକୁ ସବୁବେଳେ ଅଗ୍ରୀମ ଦେଇଥାନ୍ତି । ଏଇସବୁ ଉପୁରିଆ ପଇସାରେ ବାବୁ ସ୍ୱରୂପାନନ୍ଦ ଏବେ ବେଶ୍ ଚଳୁଛି ।

ସେଇ ଯେଉଁ ଦୁଇଟି ବତ୍ସର ତା' ସଙ୍ଗରେ ଭୋଦ୍ୱାର-ଛନ୍ତି ଛାଇପରି ଏବଂ ବୁଲିବାରେ ଲଗିଛନ୍ତି ଆପଣା ଗାଁର ବସ୍‌ଷ୍ଟାଣ୍ଡଠାରୁ ଏଇ ତିନିମୁହାଣୀ ଛକର ଜଙ୍କସନ୍ ପର୍ଯ୍ୟନ୍ତ କେତେବେଳେ ଚା' ତ କେତେବେଳେ ଜଳଖିଆ, କେତେବେଳେ ବିଡ଼ି ତ କେତେବେଳେ ସିଗାରେଟ୍ ଲଗିଛି ତାଙ୍କ ମୁହଁରେ ସଦାବେଳେ । ସକାଳଠାରୁ ରାତି ଆଠଟା ପର୍ଯ୍ୟନ୍ତ ସ୍ୱରୂପାନନ୍ଦର ନିରାପତ୍ତା ରକ୍ଷୀପରି ସେମାନେ ବୁଲୁଛନ୍ତି ଏବଂ କେହିଯଦି ସ୍ୱରୂପାନନ୍ଦ ବିରୁଦ୍ଧରେ କେବେ କେମିତି ମନ୍ତବ୍ୟ ଦିଅନ୍ତି, ସେମାନେ ପ୍ରତିରୋଧ କରନ୍ତି ବଡ଼ ଉଗ୍ର ଭାବରେ ।

* * * *

ରତନପୁର ଗାଁର ଲୋକମାନଙ୍କ ମଧ୍ୟରେ କେଉଁକାଳରୁ ରହିଥିଲା ଏକତା । ଜଣେ ଦୁଃଖରେ କିମ୍ବା ଅଭାବରେ ପଡ଼ିଲେ ଅପରଜଣେ ତାକୁ ସାହାଯ୍ୟ କରିବା ପାଇଁ ବାହାରି ଆସେ ଅଣ୍ଡା-ଭିଡ଼ି । କେଉଁ ଅନ୍ୟାୟ କଲେ ଗାଁ ଲୋକେ ମିଳିତ ଭାବରେ ସେଥିରେ କରନ୍ତି ପ୍ରତିବାଦ । ସଭା ବସିଲେ, ବୁଢ଼ୀ ଠାକୁରାଣୀଙ୍କ ପାଖରେ ଜତାଳ ହେଲେ କିମ୍ବା ରାମରାଜାଙ୍କ ପାଖରେ ଠିଆ ପାଲା ହେଲେ ଗାଁ ଲୋକେ ଗୋଟିଏ ପରିବାର ଲୋକ ଭଳି ଉଠାଇ ଦିଅନ୍ତି ସବୁ କାମ ।

ମାତ୍ର ସ୍ୱରୂପାନନ୍ଦ ଏବେ ଗାଁ ଲୋକମାନଙ୍କର ସେହି ଅନାବିଳ ସ୍ନେହ ଓ ସଂପ୍ରୀତି ମଧ୍ୟାରେ ଭରି ଦେଇଛି ଏକ ମାରାତ୍ମକ ଶୀତଳ ବିଷ – ସେ ବିଷ ଧୀରେ ଧୀରେ ସଂକ୍ରମିତ ହେଉଛି ଗାଁର ବାୟୁ ସ୍ତରରେ ଏବଂ ବାୟୁ ସ୍ତରରୁ ଯାଇ ପ୍ରବେଶ କରୁଣି ବହୁ ଲୋକଙ୍କ ଚେତନାରେ । ପାରମ୍ପରିକ ଏକତା ମଧ୍ୟରେ ଏବେ ପଡ଼ି ଆସିଲେଣି ଅସଂଖ୍ୟ ଫାଟ । ସମସ୍ତେ ସମସ୍ତଙ୍କୁ ଦେଖୁଛନ୍ତି ସନ୍ଦେହ ଦୃଷ୍ଟିରେ । ଏବେ ଆପଣା ଆପଣା ଭିତରେ ବାଡ଼ି, ତଲୁଆରୀ ଧରି ମୁହାଁ ମୁହିଁ ସଂଘର୍ଷ ପାଇଁ ଗାଁ ଲୋକେ ଉଦ୍ୟତ ।

ସେମାନଙ୍କ ମଧ୍ୟରେ ଏବେ ପ୍ରବେଶ କରିଛି ସ୍ୱରୂପାନନ୍ଦ ପରି ସେଇ ଲୋଭୀ କରିବାର ସ୍ୱାର୍ଥପରତା – ଉପରୁ ଉପରୀ ବିନା ପରିଶ୍ରମରେ ଅର୍ଥ ଉପାର୍ଜନ କରିବାର ରାକ୍ଷସୀ ନିଶା । ସେମାନେ ଯେପରି ଅନାଇଁ ବସିଛନ୍ତି ଉପର ଆକାଶକୁ । କେଉଁଠୁ ପ୍ରବାଏ ସରକାରୀ ଧନ ବର୍ଷିଯିବ ସେମାନଙ୍କ ଉପରେ । ସଭା ଡିଆରି, ରିଲିଫ୍ ଲୁଟିଲ, ବନ୍ୟା ବେଳେ ଲୁଟା, କମଳ, ବଣ୍ଟା ହେବା, କଣ୍ଟ୍ରୋଲ ଡିଲର ହୋଇ ଚିନି, ଗହମ ଓ କିରାସିନି କଳା ବଜାର କରି ସେଥିରୁ ଦି ପଇସା କମେଇବାରେ ସତ୍ୟାନାଶୀ ବୁଦ୍ଧି ଏବେ ସ୍ୱରୂପାନନ୍ଦ ସେମାନଙ୍କୁ ଶିଖାଇ ଦେଇଛି । ଏ ସବୁ ମୂଳରେ ତାହାର ସେଇ ସର୍ବଗ୍ରାସୀ ହାତ ରହିଛି । ଲୋକ-ମାନଙ୍କୁ ଶିଖାଉଛି, ବୁଝାଉଛି, ମତାଉଛି, ଉପରୁ ଧନ ମାରି ନ ଆଣିଲେ, ବଡ଼ଲୋକ ହୋଇପାରିବ ନାହିଁ ବୋଲି ଉପଦେଶ ବାଣୀ ଶୁଣାଇ ସରଳ ନିଷ୍କପଟ ଗାଁ ଲୋକଙ୍କୁ ପ୍ରଲୋଭିତ କରିଛି । ଫଳରେ ଭାଙ୍ଗି ପଡୁଛି ଗାଁ ଏକତାର ଶକ୍ତିଶାଳୀ କୋଠାଘର, ଖଣ୍ଡ ଖଣ୍ଡ ହୋଇ ହୋଇ । ସାରଙ୍ଗର ସବୁ ଚେଷ୍ଟା ସତ୍ତ୍ୱେ ସେ ଅଟକାଇପାରୁନାହିଁ ଏଇ ସ୍ୱାର୍ଥ କେନ୍ଦ୍ରିକ ବନ୍ୟାର ଉଦାମ ସ୍ରୋତକୁ ।

ସ୍ୱରୂପାନନ୍ଦ ସେଇ ଦୁଇଟି ବତ୍ସର ରାମ ଓ ଦାମୋଦର ବେଶ୍ ଲାଗି ଯାଉଛନ୍ତି ଗାଁର ଏକତାକୁ ଖଣ୍ଡ ଖଣ୍ଡ କରିବାରେ । ତା'ର ସେଇ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବା ସ୍ତ୍ରୀ ଗାୟତ୍ରୀ ଯେ, ନିଜକୁ ସର୍ବାଧିକ ସୁନ୍ଦରୀ ଓ ଶିକ୍ଷିତା ବୋଲି ଦାବୀ କରିବ ସେ ମଧ୍ୟ ନିଷ୍ପାପର ଭାବରେ ଲାଗିଯାଇଛି ଗାଁ ମାଇପମାନଙ୍କୁ ହାତ କରିବାରେ ଏବଂ ଅନେକ ସମୟରେ ମାଇପମାନଙ୍କ ମଧ୍ୟରେ ସୃଷ୍ଟି କରି ଦେଉଛି ନାହିଁ ନ ଥିବା ଅକସ୍ମାତ୍ କଳି ତକରାଳ ବହୁ ମିଛ ସତ କଥା ଯୋଡ଼ି ଦେଇ । ଏଣେ ପ୍ରତ୍ୟକ୍ଷ ସମାଜରେ, ସ୍ୱରୂପାନନ୍ଦ ସୃଷ୍ଟି କରି ଦେଉଛି ବିଭେଦର ଉଚ୍ଚଙ୍ଗ ପ୍ରାଚୀର । ପ୍ରତିଦିନ କଳି ତକରାଳ, ମାରପିଟ୍, ଆକ୍ରମଣ ଓ ପ୍ରତି ଆକ୍ରମଣର ରେରେକାର କିଳି କିଳା ଶବ୍ଦରେ ଗାଁ କମ୍ପୁଛି ।

ଗାଁର ଦଶ ପନ୍ଦରଟି ବିଭେଦ ଗ୍ରସ୍ତ ଦଳ ମଧ୍ୟରେ ସ୍ୱରୂପାନନ୍ଦ ବେଶ୍ ଜମେଇ ଦେଲେଣି ଆପଣାର ଭାବମୂର୍ତ୍ତି । ଦୁଇ ବିବଦମାନ ଗୋଷ୍ଠୀ ଆସୁଛନ୍ତି ତା'ଠାରୁ ପରାମର୍ଶ ମାଗିବାଲାଗି ଅଲଗା ଅଲଗା ସମୟରେ । ଗାଁ ଲୋକଙ୍କୁ ଏବେ ସେ ବହୁବାର ଉଦ୍ଭଟଦେଖାଇ ଲେଣି ଏବଂ ଦେଖାଉଛି ପାଇଁ ବାରମ୍ବାର ନୀରବରେ ଦାନ୍ତ କାମୁଡ଼ି ଧମକ ଦେଉଛି । ମନେ ମନେ କହୁଛି ଦେଖିବି ସାରଙ୍ଗକୁ ସେ କିପରି ଖଣ୍ଡିତ ଓ ଯୋଦ୍ଧାମାନ ଗୋଷ୍ଠୀମାନଙ୍କୁ ନେଇ ପୁଣି ଏକତା ପ୍ରତିଷ୍ଠିତ କରି ପାରିବ । ସେ ଏ ଗାଁକୁ ଧ୍ୱଂସ କରିବ ଏବଂ ସମସ୍ତଙ୍କ ସମାଧି ଉପରେ ସେ ପ୍ରତିଷ୍ଠା କରିବ ଆପଣାର ସାମ୍ରାଜ୍ୟ । ତା'ଠାରୁ ସରକାରୀ ଟଙ୍କା ଆଦାୟ କରିବା ପାଇଁ ଗାଁ ଲୋକଙ୍କ ଭିତରେ କେହି ନ ଥିବେ । ସ୍ୱରୂପାନନ୍ଦ ଏବେ ଏକ ରାଜନୈତିକ ଦଳର ସଭ୍ୟ ହୋଇଛି ଏବଂ ତାହାର ଗ୍ରହଣ୍ଟିର ରାମ ଓ ଦାମୋଦର ସେ ଦିନ ସନାତନ ଦୋକାନରେ ଚା ପିଉଥିବା ବେଳେ କହୁଥିଲେ–ସ୍ୱରୂପାନନ୍ଦ ଏଥର ନିର୍ବାଚନରେ ପ୍ରାର୍ଥୀ ହେବ ।

ALSO WE SUPPLY AT EASY TERMS



Pineapple Squash
Mango Squash
Cashew Apple Squash
Guava Jelly
Mixed Pickles
Pineapple Slices
Pineapple Juice
Tomato Ketchup

Please contact:

Deputy Director of Agriculture
(Fruit Preservation) Orissa,
Bhubaneswar-9

Phone—50693

ଗୋଟିଏ କବିତା ଏକ ପ୍ରୟୋଗ

ସୁଜାତା ପ୍ରିୟମ୍ବଦା

(ମୈତ୍ରୀ ସାହିତ୍ୟ ମଣ୍ଡଳ, ଭାଷା ବିଭାଗ)

ସିଂହଭୂମିର 'ହୋ' (କୋହ୍ଲ) ସଂପ୍ରଦାୟ ଅଧ୍ୟୁଷିତ 'କୋହ୍ଲାଣ' ଅଞ୍ଚଳର ବିସ୍ତୃତ ସୀମାକୁ ଛୁଇଁ ମୟୂରଭଞ୍ଜ, କେନ୍ଦୁଝର, ପାନଲହଡ଼ା, ବଣାଇ, ବାମଣ୍ଡା, ପ୍ରଭୃତି ପୂର୍ବତନ ଦେଶୀୟ ରାଜ୍ୟଗୁଡ଼ିକରେ ଓ କଟକ ଜିଲ୍ଲାର ସୁକିନ୍ଦା ଅଞ୍ଚଳରେ ଏଇ 'ହୋ' ସଂପ୍ରଦାୟ ଆଦିବାସୀଙ୍କର ଜନସଂଖ୍ୟା ଆଦୌ ନଗଣ୍ୟ ନୁହେଁ । ଆଜି 'ହୋ'ମାନଙ୍କ ଭିତରେ ଶିକ୍ଷାର ପ୍ରସାର ଯଥେଷ୍ଟ ଅଗ୍ରଗତି କଲଣି । ସରକାରୀ ସ୍ତରରେ ଆଦିବାସୀଙ୍କର ସାମୂହିକ କଲ୍ୟାଣ ଦୃଷ୍ଟିରେ ନାନାପ୍ରକାର ଯୋଜନାମାନ କାର୍ଯ୍ୟକାରୀ ହେଲଣି । କିନ୍ତୁ ସେମାନଙ୍କ ଭାଷା ସହ ଏ ଯାବତ୍ ଆମର ମୈତ୍ରୀ ସଂପର୍କ ସ୍ଥାପନ ହୋଇପାରି ନାହିଁ କିମ୍ବା ତାଙ୍କ ଭାଷାକୁ ଆପଣାର ମନେକରି ଅଧିକ ଉନ୍ନତ କରିବା ପାଇଁ ସାମାଜିକ କ୍ଷେତ୍ରରେ କୌଣସି ସୁସମ୍ବଦ୍ଧ ସାଦର ପ୍ରଚେଷ୍ଟା ବି ହୋଇନାହିଁ ।

ବିହାର ସରକାରଙ୍କ ଜନସଂପର୍କ ବିଭାଗରୁ "ଆଦିବାସୀ" ନାମକ ଏକ ସାପ୍ତାହିକ ହିନ୍ଦୀ ପତ୍ରିକା ଛୋଟନାଗପୁରର କେନ୍ଦ୍ରସ୍ଥଳ ରାଞ୍ଚିରୁ ୧୯୪୭ରୁ ପ୍ରକାଶିତ ହୋଇ ଆସୁଛି । ହିନ୍ଦୀ ସାଙ୍ଗକୁ ରାଞ୍ଚି ଓ ହଜାରୀବାଗ ପ୍ରଭୃତି ଅଂଚଳର ଆଦିବାସୀଙ୍କ ମୁଖ୍ୟ ଭାଷା "ମୁଣ୍ଡାରୀ"ର ଆଲୋଚନା ଓ ସାହିତ୍ୟକର୍ମ ଦେବନାଗରୀ ଲିପି ମାଧ୍ୟମରେ ନିୟମିତ ତଥା ସମାଦରରେ ସେଥିରେ ପ୍ରକାଶିତ ମଧ୍ୟ ହେଉଛି । ସାନ୍ତାଳୀ ଭାଷାର ଉନ୍ନତି ବିଧାନ ନିମନ୍ତେ "ହୋଡ଼ସୋମ୍ବାଦ" ନାମକ ଏକ ସାନ୍ତାଳୀ ସାପ୍ତାହିକ ପତ୍ରିକା ମଧ୍ୟ ୧୯୪୭ରୁ ଏଇ ଜନସଂପର୍କ ବିଭାଗଦ୍ୱାରା ସାନ୍ତାଳ ପ୍ରଗଣାର କେନ୍ଦ୍ରସ୍ଥଳୀ ବୈଦ୍ୟନାଥ ଦେଓଘରରୁ ପ୍ରକାଶିତ ହୋଇଆସୁଛି । ଆଦିବାସୀ ଭାଷାଗୁଡ଼ିକର କୌଣସି ସ୍ୱୀକୃତ ଲିପି ନାହିଁ । ତଥାପି ବିହାରରେ ସେମାନଙ୍କ ଶିକ୍ଷା ହିନ୍ଦୀ ମାଧ୍ୟମରେ ହେଉଥିବା ଯୋଗୁ ଦୁଇଟିଯାକ ପତ୍ରିକା ଦେବନାଗରୀ ଲିପିରେ ହିନ୍ଦୀ ତଥା ଆଦିବାସୀ ଭାଷାର ସଂମିଶ୍ରଣ ହୋଇ ପ୍ରକାଶ ପାଉଥିବା ଯୋଗୁଁ, ଉଭୟ ଭାଷା ମଧ୍ୟରେ ସୁସ୍ଥ ଆଦାନପ୍ରଦାନ ଭାବ ପ୍ରତିଷ୍ଠିତ ହୋଇ ପାରିଛି ।

ପଶ୍ଚିମବଙ୍ଗ ସରକାରଙ୍କ ଜନସଂପର୍କ ବିଭାଗରୁ ମଧ୍ୟ ସାନ୍ତାଳୀ ଭାଷାର ଉନ୍ନତିବିଧାନ ଓ ବଙ୍ଗଳା ଭାଷା ସହ ତାର ସଂଯୋଗ ସ୍ଥାପନ ନିମନ୍ତେ ୧୯୫୭ରୁ ଏକ ପାକ୍ଷିକ ପତ୍ରିକା "ପାଉମାରାଓ" ପ୍ରକାଶିତ ହୋଇ ଆସୁଛି ବଙ୍ଗଳା ଲିପି ମାଧ୍ୟମରେ ।

ଏ ଆଦିବାସୀ ଭାଷାଗୁଡ଼ିକୁ ବହୁପୂର୍ବରୁ ସମାଦର ଦେଖାଇ ଆସିଛନ୍ତି ବିଦେଶୀ ଖ୍ରୀଷ୍ଟାନ ମିଶନାରୀଗଣ । କେତେକ ପତ୍ରିକା ତଥା ପୁସ୍ତକ ସେମାନେ ପ୍ରକାଶ କରି ଆସୁଛନ୍ତି ଗତ ୭୦ ବର୍ଷ ଧରି, କିନ୍ତୁ ସେମାନଙ୍କର ଏ ଆଦିବାସୀ ଭାଷାପ୍ରୀତି ପଛରେ ସେ ସବୁ ଭାଷାର ଉନ୍ନତିବିଧାନ ପରିବର୍ତ୍ତରେ ମୁଖ୍ୟତଃ ଖ୍ରୀଷ୍ଟଧର୍ମ ପ୍ରସାର ସଙ୍ଗେ ସଙ୍ଗେ ପ୍ରଚ୍ଛନ୍ନ ରାଜନୈତିକ ପ୍ରସାର ଅଭିସନ୍ଧି ମଧ୍ୟ ରହିଥିଲା ।

୧୯୬୧ରୁ ୧୯୬୩ ଭିତରେ ମୈତ୍ରୀ ସାହିତ୍ୟ ମନ୍ଦିରର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକଙ୍କ ସହ ମୋର ଅଧିକାଂଶ ସମୟ "କୋହ୍ଲାଣ" ଓ ଛୋଟନାଗପୁର ଭିତରେ ବିତିଥିଲା । ସେତେବେଳେ "ଆଦିବାସୀ" ପତ୍ରିକାର ସଂପାଦକ ଥିଲେ ମୋର ପିତୃବନ୍ଧୁ ଶ୍ରୀ ରାଧାକୃଷ୍ଣ, ବିହାରର ଯଶସ୍ୱୀ ସାମ୍ବାଦିକ । ତାଙ୍କ ସହ ଏ ବିଷୟରେ ବହୁ ଚିନ୍ତା ଓ ଦୀର୍ଘ ଆଲୋଚନା ପରେ ଆମେ କେତେଜଣ ଉଚ୍ଚଶିକ୍ଷିତ 'ହୋ' ତରୁଣଙ୍କୁ ତାଙ୍କ ଭାଷାର ଚର୍ଚ୍ଚା ଓ ଲିପିବିଧାନ କରିବା ସଙ୍ଗେ ସଙ୍ଗେ ସାହିତ୍ୟ ସୃଷ୍ଟି କରିବାକୁ ଉତ୍ସାହିତ କରିଥିଲୁ । ତାର ଫଳମଧ୍ୟ ବଡ଼ ଆଶାଜନକ ଦେଖାଗଲା ।

କିନ୍ତୁ ଅନ୍ୟ ଇତର ଭାରତୀୟ ଭାଷାଗୁଡ଼ିକ ସହ 'ହୋ' ଭାଷାର ଯୋଗାଯୋଗ ସ୍ଥାପନ ଓ ଆଦାନ-ପ୍ରଦାନ ହେବ କିପରି—ସେମାନେ ଯଦି କେବଳ ତାଙ୍କ ନିଜ ଭାଷାର ଚର୍ଚ୍ଚା ଓ ସାହିତ୍ୟ ସୃଷ୍ଟି କରିବେ, ଏ ଚିନ୍ତା ମଧ୍ୟ ସେତେବେଳେ ଆମକୁ ସ୍ପର୍ଶକରିଥିଲା ।

ଅକସ୍ମାତ ଆମରଭଲ୍ଲା ମୈତ୍ରୀଯାତ୍ରାରେ 'ହୋ' ଭାଷାର ସହଯୋଗୀ ରୂପେ ମିଳିଲେ ଉତ୍ସାହୀ ଅଧ୍ୟାପକ ଶ୍ରୀ ମଙ୍ଗଲ ସିଂହ ହେମ୍ବ୍ରମ । ଶ୍ରୀ ହେମ୍ବ୍ରମ କୋହ୍ଲାଣ ଅଧିବାସୀ ଓ ବିହାରର ସରକାରୀ କର୍ମଚାରୀ ହେଲେ-ମଧ୍ୟ, ହିନ୍ଦୀ ମାଧ୍ୟମରେ ଶିକ୍ଷାଲାଭ କରିଥିଲେ ମଧ୍ୟ, ତାଙ୍କ ଜନ୍ମସ୍ଥାନ ଓ ସ୍ଥାୟୀ ବାସସ୍ଥାନ ଆମ ଗାଁ (ଭଲୁଆଁ) ଠାରୁ ମାତ୍ର ପାଞ୍ଚ ମାଇଲ ଦୂରରେ । ଏଣୁ ସେ ବାଲ୍ୟକାଳୁ ଓଡ଼ିଆ ଭାଷା ସହିତ ମଧ୍ୟ ପରିଚିତ ଥିଲେ । କିନ୍ତୁ ତାଙ୍କ କର୍ମସ୍ଥଳ ସେତେବେଳେ ଆମଗାଁ ଠାରୁ ୩୨ ମାଇଲ ଦୂରରେ । 'ହୋ' ଭାଷାରେ ମୋର ପିତାଙ୍କର ଯଥେଷ୍ଟ ଅଭିଜ୍ଞତା ଥିଲେ ମଧ୍ୟ ତା' ଆମର ମାତୃଭାଷା ନୁହେଁ । ଏଣୁ ଶ୍ରୀ ହେମ୍ବ୍ରମଙ୍କ ସାମୟିକ ସହଯୋଗ ଓ ମିଳିତ ଗବେଷଣାଫଳରେ ଆମର ପ୍ରୟାସ ମନ୍ଥରଗତିରେ ଗଢ଼ିଲେ ମଧ୍ୟ, ଗତ ଦଶବର୍ଷ ଭିତରେ ଆମେ କେତେଜଣ ପ୍ରତିଭାଶାଳୀ 'ହୋ' ଲେଖକ ଓ କବି ସୃଷ୍ଟି କରିବା ସଙ୍ଗେ ସଙ୍ଗେ ବହୁ ଭାରତୀୟ ଭାଷାର ରଚନା ମଧ୍ୟ 'ହୋ' ଭାଷାରେ ସେ "ଆଦିବାସୀ" ପତ୍ରିକା ମାଧ୍ୟମରେ ପ୍ରକାଶ କରି ଆସୁଛୁ । ପ୍ରତିଟି ରଚନା ପାଇଁ "ଆଦିବାସୀ"ର ପ୍ରଦତ୍ତ ସମ୍ମାନ-ଦକ୍ଷିଣା ଏ ପ୍ରୟାସର ସକଳ ଅନୁଗାମୀଙ୍କ ଭିତରେ ଯଥେଷ୍ଟ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି କଲା ।

ଆମର ଏ ପ୍ରୟାସ କେବଳ ବିହାର ଭିତରେ ଏବଂ 'ହୋ' ତଥା ଅନ୍ୟ ଆଦିବାସୀ ସଂପ୍ରଦାୟ ଭିତରେ ସୀମାବଦ୍ଧ ଥିଲେ ମଧ୍ୟ, ଏହାର ସୁଫଳ ଓଡ଼ିଶା ଭିତରେ ଥିବା 'ହୋ' ସଂପ୍ରଦାୟକୁ ଆକୃଷ୍ଟ କରି ପାରିଥିଲା । ବହୁ ଶିକ୍ଷିତ ହୋ ହିନ୍ଦୀ ଶିକ୍ଷି 'ଆଦିବାସୀ' ପତ୍ରିକାର ନିୟମିତ ଗ୍ରାହକ ଓ ପାଠକ ହୋଇଥିବାର ଆମେ ଜାଣୁ । କିନ୍ତୁ ଓଡ଼ିଆରେ ଶିକ୍ଷାଲାଭ କରିଥିବା ଏବଂ ଜନ୍ମରୁ ଓଡ଼ିଆ ହୋଇ ମଧ୍ୟ ଏ ଶିକ୍ଷିତ ଓଡ଼ିଆ ଅଞ୍ଚଳର "ହୋ" ସଂପ୍ରଦାୟ ତାଙ୍କ ଭାଷାପ୍ରତି ପ୍ରୀତି ଓ ସମାଦର କୌଣସି ଓଡ଼ିଆ ପତ୍ର ପତ୍ରିକା ମାଧ୍ୟମରେ ପାଇ ପାରି ନ ଥିଲେ । ପରିଣାମରେ ତାଙ୍କ ମନ ଅଧିକନ୍ତୁ ଅଧିକ ହିନ୍ଦୀମାଧ୍ୟମ ଆଡ଼କୁ ସ୍ୱାଭାବିକ ଭାବରେ ଆକର୍ଷିତ ହୋଇଥିଲା ।

ମୋର ପିତୃବନ୍ଧୁ , ଆମର ଶୁଭେଚ୍ଛୁ ଓ ସହଯୋଗୀ, ହିନ୍ଦୀ ଓ ମୈଥିଳୀ ଭାଷାର ସୁଲେଖକ, ସିଂହଭୂମି ଜିଲ୍ଲା ପରିଷଦର ତଦାନୀନ୍ତନ ଶାସକ ଶ୍ରୀ ନରେନ୍ଦ୍ରକୁମାର ଦାସ୍-ଏଟ୍-ଲ'ଙ୍କ ପ୍ରଯତ୍ନରେ ଶ୍ରୀ ହେମ୍ବ୍ରମ ଘର ପାଖକୁ ବଦଳି ହୋଇ ଆସିଲେ । ଫଳରେ 'ହୋ' ଭାଷାର ଚର୍ଚ୍ଚା ଓ ଗବେଷଣାର ସୁଯୋଗ ଆହୁରି ବଢ଼ିଗଲା । କିନ୍ତୁ ଓଡ଼ିଆ ମାଧ୍ୟମରେ ଶିକ୍ଷା ଅର୍ଜନ କରିଥିବା କୌଣସି 'ହୋ'ଙ୍କୁ ଏ ଦିଗରେ ଆକୃଷ୍ଟ କରିବା ସମ୍ଭବ ହୋଇ ପାରିଲା ନାହିଁ । ତାର ଏକମାତ୍ର କାରଣ ହେଲା, ଓଡ଼ିଶାରେ "ଆଦିବାସୀ" ପତ୍ରିକା ଭଳି ଏକ ମାଧ୍ୟମର ଅଭାବ ଏବଂ ନିଷ୍ଠାର ମଧ୍ୟ ଅଭାବ ।

ତଥାପି, ଆମ ପ୍ରୟାସରେ ନୈରାଶ୍ୟଧର୍ମ ନାହିଁ । ତାରି ଫଳ ସ୍ୱରୂପ ଏକ ଅନିର୍ଦ୍ଦିଷ୍ଟ ପ୍ରଚେଷ୍ଟା ପରୀକ୍ଷା ମୂଳକ ଭାବେ ଏଠାରେ "ଲଳିତ ପ୍ରସଙ୍ଗକୁ" କେବଳ ଆଶ୍ରା କରି ଏକ ଓଡ଼ିଆ କବିତାର ହୋ ଭାଷାନ୍ତରୀକରଣ ସ୍ୱରୂପ ଏକ ଜଟିଳ ଓ କଷ୍ଟକର ପ୍ରୟୋଗ ପରିବେଷଣ କରୁଛୁ । ଏଇ କବିତାଟିର କବି, ଓଡ଼ିଶାର ନାରୀନେତ୍ରୀ ସୁଲେଖିକା ଓ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ । ମୂଳ କବିତାଟି ପ୍ରକାଶିତ ହୋଇଥିଲା ଅଧ୍ୟାପକ କୃଷ୍ଣପ୍ରସାଦ ମିଶ୍ରଙ୍କ ସଂପାଦିତ "ମାନସ"ରେ । ଏ ଯାବତ ମୈତ୍ରୀସାହିତ୍ୟ ମନ୍ଦିର ଆନୁକୂଲ୍ୟରେ ଏଇ କବିତାଟିର ଡକ୍ଟର ବଙ୍ଗଳା ଭାଷାରେ ପ୍ରକାଶ ପାଇଛି । କଲିକତାର ଏକ ପ୍ରଥମ ଶ୍ରେଣୀର ତ୍ରୈମାସିକ ପତ୍ରିକା "ସଙ୍କରଦର୍ଶଣ୍ଡ"

ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ଜନସଂପର୍କ ବିଭାଗ ଦ୍ୱାରା ନୂଆଦିଲ୍ଲୀରୁ ପ୍ରକାଶିତ "ସୈନିକ ସମାଚାର" ଓ ବାଂଲାଦେଶ ପୁଲିସ ସମବାୟ ସଂଘ ଦ୍ୱାରା ଢାକାରୁ ପ୍ରକାଶିତ ରୁଚିସଂପନ୍ନ ସାହିତ୍ୟ ପତ୍ରିକା "ଦୀପକ"ରେ ଅସମୀୟା ଭାଷାନ୍ତର ପ୍ରକାଶ ପାଇଛି । ପ୍ରସିଦ୍ଧ ଛାୟାଚିତ୍ର-ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀ ଭୂପେନ୍ ହାଜାରିକାଙ୍କ ଦ୍ୱାରା ସଂପାଦିତ ଓ କଲିକତାରୁ ପ୍ରକାଶିତ "ଆମାର ପ୍ରତିନିଧି"ରେ । ଆଉ, ହିନ୍ଦୀ ଭାଷାନ୍ତର ପ୍ରକାଶ ପାଇଛି ବମ୍ବେରୁ ପ୍ରକାଶିତ ସାହିତ୍ୟ ପତ୍ରିକା "ଆଶୀର୍ବାଦ"ରେ ।

ଏଇ 'ହୋ' ଭାଷାନ୍ତରୀକରଣ କେବଳ ନିଛକ ଶବ୍ଦାନୁବାଦ ନୁହେଁ । ବରଂ ମୂଳ କବିତାର ଚିନ୍ତା, ଧ୍ୟାନ, ଭାବମୂର୍ତ୍ତି ଓ ଲୟ (ଆମର ସ୍ୱକୀୟ ପଦ୍ଧତିରେ)କୁ ଭାଷାନ୍ତରୀକରଣରେ ଧରି ରଖିବାର ପ୍ରୟାସରେ କୌଣସି ତ୍ରୁଟି ରଖାଯାଇ ନାହିଁ ।

ଆମର ଏଇ ପ୍ରକ୍ରିୟାରେ ବହୁ ନୂତନ 'ହୋ' ଶବ୍ଦର ଉଦ୍‌ଭାବନ ଏବଂ ହୋ ସମାଜରେ ତା' ଧାଡ଼ରେ ଗୃହୀତ ହୋଇଥିବାର ଆମର ଅତୀତ ଅଭିଜ୍ଞତା ଆମକୁ ଅଧିକତର ଉତ୍ସାହିତ କରିଛି । ପ୍ରସଙ୍ଗତଃ ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, 'ଆଦିବାସୀ' ଓ 'ଅଣ-ଆଦିବାସୀ', 'ଦେଶୀ' ଓ 'ଝାଡ଼ଖଣ୍ଡୀ', 'ହୋ' ଓ 'ଦିକୁ' ରୂପରେ ଏକ ଅଲଂଘ୍ୟ ବିଭେଦର ପ୍ରାଚୀର ଆମ ଉଭୟଙ୍କ ସମାଜ ମଝିରେ ଛିଡ଼ା ହୋଇଛି । ନିରକ୍ଷର, ଅଶିକ୍ଷିତ ଓ ଦରିଦ୍ର ଆଦିବାସୀଙ୍କ କଥା ବାଦ ଦେଲେ, ପ୍ରତିଟି ଶିକ୍ଷିତ ଆଦିବାସୀ ମର୍ମରେ ଏଇ 'ଦିକୁ'ବିଦ୍ୱେଷ ପରଂପରାଗତ ବିଦ୍ୱେଷ ରୂପେ ଅଧିକ ଉତ୍କଟ ହୋଇ ଉଠୁଛି ଭିତରେ ଭିତରେ । ସେ ବିଭେଦପ୍ରାଚୀର ତଥା ବିଦ୍ୱେଷ ରହିବ ନାହିଁ, ଯଦି ଆମେ ଆମ ଭାଷାର ଦ୍ୱାର ତାଙ୍କ ଭାଷା ପାଇଁ ଉନ୍ମୁକ୍ତ ରଖୁଁ ଓ ତାଙ୍କ ଭାଷା ପ୍ରତି ଆମର ଅକୁଣ୍ଠ ପ୍ରୀତି ଓ ମୈତ୍ରୀ ଭାବ ନିବେଦନ କରୁ—ତାଙ୍କ ଭାଷାକୁ ମଧ୍ୟ ଆପଣାର ଭାଷାତୁଲ୍ୟ ଆଦର କରୁଁ । ଏ ପ୍ରତ୍ୟୟ ଆମର ସୁଦୃଢ଼ ହୋଇଛି, ଗତ ଦଶ ବର୍ଷର ଅଭିଜ୍ଞତାରୁ ।

ଓଡ଼ିଆ ଅଭିଜ୍ଞ ହୋ ଓ ଅଣଆଦିବାସୀ ପାଠକ ତଥା ଆଦିବାସୀ ଭାଷା ଗବେଷକଙ୍କ ସୁବିଧା ନିମନ୍ତେ ଆମେ ଏଠାରେ ମୂଳ କବିତାଟିର ପୂର୍ଣ୍ଣାଙ୍ଗ ଉଦ୍ଧୃତି ଦେଉଛୁ—"ମାନସ" ସଂପାଦକଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରୁ ।

ମୂଳ ଓଡ଼ିଆ :

ମଳିନ ପୃଥିବୀ—ଶ୍ରୀମତୀ ନନ୍ଦିନୀ ଶତପଥୀ

ମୋ ଆତ୍ମାକୁ ଟିକିଟିକି କରି
ହତ୍ୟା କଲି ;
ଆଉ ବିଛିଦେଲି
ରାଜପଥ ଉପରେ ।
ସେମାନେ ସବୁ
ଆନନ୍ଦରେ, ଆରାମରେ
ତା' ଉପରେ
ପାଦ ପକାଇ ଚାଲିଗଲେ ।

ଟଳନ୍ତୁ ନ ସହି
କିଛିଏ ବି ବିଚଳିତ ନ ହୋଇ ।

ହତ୍ୟାର ବୀଭତ୍ସତା
ଏବଂ ଅବହେଳାରେ ପୀଡ଼ିତ
ସେଇ ଖଣ୍ଡ ଖଣ୍ଡ ଆତ୍ମା ଗୁଡ଼ିକ
ଉଡ଼ି ଉଡ଼ି
ମିଶିଗଲେ ଅନେକ ଦେହରେ ।

କେତେବାଡ଼ ପୃଥିବୀ ହେଲା
ଅଧୁରି ବିଷଣ୍ଣ !

'ହୋ' ରୂପାନ୍ତର :

ମୋର୍‌ସୋ ଓତେ-ଏଙ୍ଗା

ଅଞ୍ଜାଃ ରୋଆଜ୍ ଗୁଣ୍ଡୁଇଃ-ଗୁଣ୍ଡୁଇଃ କେଦ୍
ତୋପଙ୍ଗ୍ କେଦ୍‌ାଞ୍
ଓକୋଃ ହେରନିଡିର ତଢ଼ାଞ୍
ମରାଙ୍ଗ୍ ହୋରା ରେ,
ଏନ୍ କୋ
ରାଁସା ତେ, ରେୟା ତେ
ଏନ୍ ଚେତନ୍ ତେ
କାଟା ମାଣ୍ଡାକେଦ୍ ତେକୋ ସେନୋଃୟାନା ।

ଇତଇ ଘା ନେହ୍‌ସେ ବାନୋ
ସେୟୋବୋଏଓ କାଉବାଉ ବାନୋ ।

ତୋପଙ୍ଗ୍ ରେୟାଃ ହିଷ୍ଣନ୍
ଓକୋଃ କା ଇନ୍ଦୁମ୍ ତେଃ ହାସୁଇନୀଃ
ଏନ୍ ଦୁଣ୍ଡୁଇ-ଦୁଣ୍ଡୁଇ ରୋଆ
ଓଟାଙ୍ଗ୍ ତନେ ତେ
ମିଦ୍‌ୟନ୍ ତେ ସବିନ୍ ନୋମୋଡ଼ୋ ରେ ।

ମୋରସୋ ଓତେ-ଏଙ୍ଗା ହୋବାୟନ
ଓକୋଃ ଏ ସୋସୋୟନ୍ ।

ସାରା ପରିବାରର ସ୍ୱାସ୍ଥ୍ୟ ପାଇଁ ୨ ଫସଫୋମିନ ଟନିକ



ଫସଫୋମିନ ଆୟରନ

ମହିଳାମାନଙ୍କ ପାଇଁ ଆୟରନ ଟନିକ

ଫସଫୋମିନ ଆୟରନ ଶରୀରକୁ ଅବଶୋଷଣୀୟ ଆୟରନ ପ୍ରଦାନ କରିବାର ଅଭି ଏକ ସାଧନ । ଆୟରନ ସୁସ୍ଥ ଲାଲ ରକ୍ତ ନିର୍ମାଣ କରେ ଓ ଶରୀରରେ ଆୟରନ ର ଉତ୍ତମ ଅନୁପାତ ବଜାୟ ରଖେ । ଏଥିରେ ମଧ୍ୟ ଏହାର ବି-କମ୍ପ୍ଲେକ୍ସ ଭିଟାମିନ ଓ କ୍ୟାଲସିୟମ ଗ୍ଲିସେରୋଫସଫେଟ ଯାହା ଶରୀରକୁ ସ୍ୱାସ୍ଥ୍ୟ ଓ ଶକ୍ତି ପ୍ରଦାନ କରେ । ଅଭି ମଧ୍ୟ ସ୍ୱାଦ ସୁନ୍ଦର । ମହିଳାମାନଙ୍କ ପାଇଁ ବିଶେଷଭାବେ ପ୍ରସ୍ତୁତ ପ୍ରଥମ ଟନିକ-ଫସଫୋମିନ ଆୟରନ ।

ଫସଫୋମିନ ଭିଟାମିନ

ସାରା ପରିବାର ପାଇଁ ଟନିକ

ଫଳର ସ୍ୱାଦଯୁକ୍ତ ଟନିକ । ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଏକ ସନ୍ତୁଳିତ ଆହାର । ଏଥିରେ ମିଶିଛି ମହତ୍ତ୍ୱପୂର୍ଣ୍ଣ ବି-କମ୍ପ୍ଲେକ୍ସ ଭିଟାମିନ ଓ କ୍ୟାଲସିୟମ ଗ୍ଲିସେରୋଫସଫେଟ । ସାରା ପରିବାରକୁ ସୁସ୍ଥ ଓ ସ୍ଫୂର୍ତ୍ତିପୂର୍ଣ୍ଣ ରଖିବା ପାଇଁ । ପରିବାରର ସମସ୍ତଙ୍କର ପସନ୍ଦ ଟନିକ ଫସଫୋମିନ ଭିଟାମିନ ।

ଫସଫୋମିନ ଟନିକ — ଭୋକ ବଢ଼ାଏ, ସ୍ଫୂର୍ତ୍ତି ବଢ଼ାଏ, ସୁସ୍ଥ କରେ ।

SQUIBB® SARABHAI CHEMICALS LTD.

Shilpi SC-4A/75

ଟିକି ଚଢ଼େଇର ଉପଦେଶ

ଶ୍ରୀ ପରମାନନ୍ଦ ଅଧିକାରୀ

ସେତେବେଳେକୁ ବସନ୍ତ ଆସିଯାଇ ଥାଏ । ରାଜ କୁମାର ସତ୍ୟକାମ ବସିଥାନ୍ତି ନନ୍ଦନ କାନନରେ । ବସନ୍ତ ଆଗମନରେ ନାନା ଜାତିର ଫୁଲଫୁଟି ତାର ସୁବାସରେ ମହକୁ ଥାଏ ନନ୍ଦନକାନନ ସାରା । ରାଜକୁମାରଙ୍କର ମନ ଦୁନିଆଁ ପାଶିରୁ ଦଗିଆ ପାରି ଉଡ଼ି ବୁଲୁଥାଏ ।

ସେ ହଠାତ୍ ଦେଖିଲେ ଗୋଟିଏ ଚମ୍ପା ଗଛରେ ବସାରେ ଲୁଚି ବସିଛି ଟିକି ଚଢ଼େଇଟିଏ । ଦେଖିବାକୁ ଭାରି ସୁନ୍ଦର । ନରମ ଦେହ ତାର ମାଣିକ ଭଳି ଟକ୍ ଟକ୍ କରୁଛି । ଆଖିର ଡୋଳା ଦୁଇଟି ଦିଶୁଛି ଦୁଇଟି ମଣିପରି । ଅନେକ ଚଢ଼େଇ ଦେଖିଛନ୍ତି ରାଜ କୁମାର ମାତ୍ର ଏଭଳି ଚଢ଼େଇ ଦେଖିବା ଜୀବନରେ ତାଙ୍କର ସର୍ବ ପ୍ରଥମ । ଚଢ଼େଇଟି ଗାଇଲେ ଛନ ଛନିଆ ଶିଶୁର ଖନ ଖନିଆ ମଧୁର ଦରୋଟି ବଚନ ପରି ଶୁଭୁଛି । ପ୍ରତିଦିନ ବଗିଚାରେ ରାଜ କୁମାର ଦେଖନ୍ତି ସେହି ଟିକି ଚଢ଼େଇଟିକୁ । ସେ ଆନନ୍ଦରେ ଅଧିର ହୋଇ ଟିକି ଚଢ଼େଇଟିକୁ ଧରିବାକୁ

ଚେଷ୍ଟା କଲେ । ତାଙ୍କ ନଗର ପାଖରେ ରହୁଥିବା ଜଣେ ଶବରକୁ ତ୍ରିକାଳ ଚଢ଼େଇଟିକୁ ଧରିବା ପାଇଁ ଆଦେଶ ଦେଲେ । ଦିନ ଭର କଥା । ସଂଜ ନହିଁ ଆସିଲା । ଶବର ଆସି ଚଢ଼େଇଟିକୁ ଧରିବା ପାଇଁ ଜାଲ ବସାଇଲା । ଜାଲରେ ଧରାପଡ଼ିଗଲା ସେହି ତ୍ରିକାଳ ଚଢ଼େଇଟି । ରାଜକୁମାରଙ୍କର ଆନନ୍ଦ କହିବେ ନସରେ ।

ରାଜକୁମାର ଯେତେବେଳେ ତ୍ରିକାଳ ଚଢ଼େଇଟିକୁ ଧରି ଆଣିଥିଲେ, ସେତେବେଳେ ସେ କହିଲା, "ରାଜ କୁମାର, ତୁମେ ଯଦିଓ ମୋତେ ଚିହ୍ନିନା, ମୁଁ କିନ୍ତୁ ତୁମକୁ ପିଲାଟି ଦିନରୁ ଚିହ୍ନିଛି । ଆମେ ତିନି ପୁରୁଷ ଧରି ଏହି ନନ୍ଦନ କାନନରେ ରହିଛୁ । କେତେ ରଜା ମହାରାଜାଙ୍କ ଅମଳ ମୋ' ବାପ ଅଜା ଭୋଗ କରିଛନ୍ତି । ତୁମ ପ୍ରପିତାମହ ଅମଳ ଏଣେ ଅଜାକୁ ଆଣିଥିଲେ ଜାଭାରୁ । ଏଇ ଓଡ଼ିଶାର ଲୋକମାନେ ଦିନେ ସାରା ପୃଥିବୀରେ ବାଣିଜ୍ୟ କରି ଧନ ରତ୍ନ ବୋହି ଆଣୁଥିଲେ । ସେତିକିବେଳେ ଜାଭାକୁ ଯାଉଥିଲେ ।

ମୋର ଗୋଟିଏ ଛୋଟିଆ ଅଳି ରଖ । ମୋର କିଛି ଅନିଷ୍ଟ କରନା । ମୁଁ ତୁମକୁ ଚାରୋଟି ମୂଲ୍ୟବାନ ଉପଦେଶ ଶୁଣାଇବି । ତୁମେ ଯଦି ସେହି ଉପଦେଶ ଅନୁସାରେ କାର୍ଯ୍ୟ କରିବ ତେବେ ଦୁନିଆଁରେ ଜଣେ ବଡ଼ ମଣିଷ ହେବ ।

ତ୍ରିକାଳ ଚଢ଼େଇର କଥାଶୁଣି ଚମକି ପଡ଼ିଲେ ରାଜକୁମାର । ସେ ଚଢ଼େଇଟିକୁ ନିର୍ଭର ପ୍ରତିଶ୍ରୁତି ଦେଲେ ଯେ ସେ ତା'ର କୌଣସି କ୍ଷତି କରିବେ ନାହିଁ । ତ୍ରିକାଳ ଚଢ଼େଇଟି ଖୁସି ହୋଇ କହିଲା—"ହେଉ ତେବେ ଏଥରକ ମୋ ଉପଦେଶ ଗୁଡ଼ିକ ଶୁଣ ।

ଏକରେ—ପାଇଲା ଧନକୁ ହରାଇବ ନାହିଁ ।

ଦୁଇରେ—ଅତୀତ ପାଇଁ ଅନୁତାପ କରିବ ନାହିଁ ।

ତିନିରେ—ପର କଥାରେ ଭାସିଯିବ ନାହିଁ ।

ନିଜ ବୁଦ୍ଧିରେ ପଛେ ଭିକାରୀ ହେବ, ପର ବୁଦ୍ଧିରେ ରାଜା ହେବ ନାହିଁ । ଚତୁର୍ଥ ଉପଦେଶଟି ସବୁଠାରୁ ମୂଲ୍ୟବାନ । ମୁଁ ସୁଯୋଗ ଦେଖି ତାହା ଶୁଣାଇବି ।

ରାଜ କୁମାରଙ୍କ ମନ ବୁଝୁଛି କେଉଁଠି ? ସେ ଚତୁର୍ଥ ଉପଦେଶଟି ଶୁଣିବା ପାଇଁ ଜିଦ୍ ଧରି ବସିଲେ । ତ୍ରିକାଳ ଚଢ଼େଇଟି କହିଲା, ମୋତେ ଛାଡ଼ିଦେଲେ ମୁଁ ଚତୁର୍ଥ ଉପଦେଶଟି ଶୁଣାଇବି ଓ ମୋ ପେଟ ଭିତରେ ଥିବା ହୀରା ଖଣ୍ଡ ସବୁକୁ ଦେଇ ଦେବି । ତ୍ରିକାଳ ଚଢ଼େଇଟିର କଥା ଶୁଣୁ ଶୁଣୁ ରାଜ କୁମାର ତାକୁ ଛାଡ଼ିଦେଲେ । ତ୍ରିକାଳ ଚଢ଼େଇଟି ଆନନ୍ଦ ମନରେ ଫରକିନା ଉଡ଼ିଗଲା ଓ ଗୋଟିଏ ଗଛ ଡାଳରେ ବସିଲା ।

ରାଜ କୁମାର ଯେତେବେଳେ ବିନୟ ହୋଇ ତ୍ରିକାଳ ଚଢ଼େଇଟିକୁ ଚତୁର୍ଥ ଉପଦେଶ ଶୁଣାଇବାକୁ ଅନୁରୋଧ କଲେ, ସେତେବେଳେ ସେ କହିଲା ;—

"ଶୁଣ ରାଜ କୁମାର, ତୁମକୁ ଚତୁର୍ଥ ଉପଦେଶଟି ଶୁଣାଇ କିଛି ଲାଭ ନାହିଁ । କାରଣ ମୁଁ ତୁମକୁ ଦେଇଥିବା ତିନୋଟି ଉପଦେଶରୁ ଗୋଟିଏ ହେଲେ ପାଳି ନାହିଁ । ପ୍ରଥମ ଉପଦେଶ ମୋରଥିଲା, ପାଇଲା ଧନକୁ ହରାଇବ ନାହିଁ । ତୁମେ ମୋତେ ପାଇ ଛାଡ଼ି ଦେଲ ।

ମୋର ଦ୍ୱିତୀୟ ଉପଦେଶ ଥିଲା, ଅତୀତ ପାଇଁ ଅନୁତାପ କରିବ ନାହିଁ । ତୁମେ କିନ୍ତୁ ମୋତେ ଛାଡ଼ି ଦେଇ ବହୁତ ଅନୁତାପ କରିଛ ।

ମୋର ତୃତୀୟ ଉପଦେଶ ଥିଲା, ପର କଥାରେ ଭାସିଯିବ ନାହିଁ । ତୁମେ କିପରି ମୋ କଥାରେ ପ୍ରତାରିତ ହୋଇ ମୋତେ ଛାଡ଼ିଦେଲ ଓ ମୋ' ପେଟରେ ହୀରାଖଣ୍ଡ ଥିବାର ବିଶ୍ୱାସ କଲ ?

ଚତୁର୍ଥ ଉପଦେଶଟି ତୁମକୁ ଶୁଣାଇ ଲାଭ ନାହିଁ । ରାଜ କୁମାର ନିରାଶରେ ଘରକୁ ଫେରିଲେ । ତ୍ରିକାଳ ଚଢ଼େଇ ନନ୍ଦନ କାନନ ଛାଡ଼ି ସେଇ ଦିନରୁ ଉଡ଼ିଗଲା ଅଜଣା ଅଚିହ୍ନା ଦେଶ ବନସ୍ତକୁ ।

ଓଡ଼ିଶାରେ ହକି ଖେଳର ଭବିଷ୍ୟତ



ଗତ ବିଶ୍ୱ ହକି କପ୍ ପ୍ରତିଯୋଗିତାରେ ଆମର ଜାତୀୟ ହକି ଦଳର ଗୌରବପୂର୍ଣ୍ଣ ବିଜୟ ଆମ ଦେଶର ଖେଳାଳୀ ତଥା ଏହି ଖେଳର ପୃଷ୍ଠପୋଷକମାନଙ୍କ ଉପରେ ବିଶେଷ ପ୍ରଭାବ ପକାଇଥିବା ପରିଲକ୍ଷିତ ହୁଏ । ଏହି ଖେଳର ପ୍ରସାର କରିବା ସଙ୍ଗେ ସଙ୍ଗେ ଏହାର ଖେଳ କୌଶଳ ବା ମାନ ବୃଦ୍ଧି କରିବା ପାଇଁ ଉଭୟ ଖେଳାଳୀ ଓ ସଂଗଠକମାନେ ବ୍ରତୀ ହୋଇଛନ୍ତି । ଓଡ଼ିଶାରେ ତଦ୍ରୂପ ପ୍ରଭାବ ପଡ଼ିଥିବା ଦେଖାଯାଏ । ଏହି ଉତ୍ସାହ ଯଦି କିଛି କାଳଧରି ରହେ, ତାହେଲେ ଓଡ଼ିଶାରେ କାହିଁକି ସାରା ଭାରତରେ ହକି ଖେଳର ଭବିଷ୍ୟତ ଅତି ଉଜ୍ଜ୍ୱଳ ହେବ, ଏଥିରେ କୌଣସି ସନ୍ଦେହ ନାହିଁ ।

ସାଂସ୍କୃତିକ ବ୍ୟାପାର ବିଭାଗର ଆର୍ଥିକ ଅନୁଦାନରେ ସୁନ୍ଦରଗଡ଼ ଜିଲ୍ଲା ଆଥଲେଟିକ୍ସ ଆସୋସିଏସନ ନିକଟରେ ଗୋଟିଏ ଗ୍ରାମାଞ୍ଚଳ ହକି ପ୍ରତିଯୋଗିତାର ଆୟୋଜନ କରିଥିଲେ । ଏହି ପ୍ରତିଯୋଗିତା ପ୍ରଥମ ପର୍ଯ୍ୟାୟରେ ୬ଟି ଯୋନ୍‌ରେ ଯଥା :—ସଦରଗଡ଼

କାଳିଜଙ୍ଗ, କୁସୁମଦେଇ, ରାଜଗାଙ୍ଗପୁର କିଛୁମରା ଓ ଭିଣ୍ଡାରେ ଅନୁଷ୍ଠିତ ହୋଇଥିଲା । ଶେଷ ପର୍ଯ୍ୟାୟରେ ପ୍ରତ୍ୟେକ ଜୋନ୍‌ର ବିଜେତାଙ୍କୁ ନେଇ ସୁନ୍ଦରଗଡ଼ଠାରେ ଏହି ପ୍ରତିଯୋଗିତାର ଚୂଡ଼ାନ୍ତ ଖେଳ ହୋଇଥିଲା । ଏହି ଚୂଡ଼ାନ୍ତ ଖେଳରେ କୁସୁମଡ଼ା ଯୁବ ଚମ୍ପିଅନ୍ ହୋଇ ଦେବାଶିଷ ସ୍ମାରକୀ ସିଲ୍ଡ ଓ ଉରାମଲ ଯୁବ ରନର୍ସ ଅପ୍ ହୋଇ ମୁକ୍ତା ସ୍ମାରକୀ କପ୍‌ର ବିଜେତା ହୋଇଥିଲେ (ଫଟୋ ଦ୍ରଷ୍ଟବ୍ୟ ଓ ଅଫିସିଅଲ୍) ପ୍ରତିଯୋଗିତା ଶେଷରେ ଜିଲ୍ଲାପାଳ ଶ୍ରୀ ପି. କେ. ମିଶ୍ର, ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ ଏବଂ ବିଜୟୀ ଦଳଙ୍କୁ ଉପରୋକ୍ତ ଟ୍ରଫି ପ୍ରଦାନ କରିଥିଲେ ।

ରାଜ୍ୟ କ୍ରୀଡ଼ା ପରିଷଦ ଭୋପାଳଠାରେ ଅନୁଷ୍ଠିତ ହୋଇଥିବା ସର୍ବଭାରତୀୟ ହକି ପ୍ରତିଯୋଗିତାରେ ଭାଗନେବା ପାଇଁ ସୁନ୍ଦରଗଡ଼, ସମ୍ବଲପୁର ଜିଲ୍ଲାର ଗ୍ରାମାଞ୍ଚଳର ପ୍ରତିଭାବାନ ଖେଳାଳୀମାନଙ୍କ ମଧ୍ୟରୁ କେତେକଙ୍କୁ ନେଇ ଏକ ଦଳ ପଠାଇଥିଲେ । ଏହି ଗ୍ରାମାଞ୍ଚଳର ପ୍ରତିଭାବାନ୍ ଯୁବ କ୍ରୀଡ଼ାବିତ୍‌ମାନଙ୍କର କ୍ରୀଡ଼ା ପ୍ରଦର୍ଶନ ଅତ୍ୟନ୍ତ ହୃଦୟଗ୍ରାହୀ ହୋଇପାରିଥିଲା । ମାତ୍ର ଏହି ଦଳ ପ୍ରତିଯୋଗିତାର ବିଜୟୀ ଦଳ ମଧ୍ୟପ୍ରଦେଶ ନିକଟରୁ ପରାଜିତ ହୋଇଥିଲା । ରାଜ୍ୟ କ୍ରୀଡ଼ା ପରିଷଦ ତରଫରୁ ସୁନ୍ଦରଗଡ଼ ଜିଲ୍ଲାର ସ୍କୁଲ ଛାତ୍ରୀମାନଙ୍କୁ ନେଇ ଏକ ବାଳିକା ହକି ଦଳ ଜାତୀୟ ମହିଳା କ୍ରୀଡ଼ା ଉତ୍ସବରେ ଅଂଶ ଗ୍ରହଣ କରିଥିଲେ । ବାଳିକା ହକି ଦଳ ଉଚ୍ଚତର ମାନର କ୍ରୀଡ଼ା ପ୍ରଦର୍ଶନ କରି ଦର୍ଶକମାନଙ୍କ ଦ୍ୱାରା ପ୍ରଶଂସିତ ହୋଇ ପାରିଥିଲେ ।

ଉପରୋକ୍ତ ଅନୁଭୂତିରୁ ଏହା ସ୍ପଷ୍ଟ ଯେ, ଓଡ଼ିଶାରେ ବିଶେଷ କରି ସୁନ୍ଦରଗଡ଼ ଜିଲ୍ଲାରେ ପ୍ରତ୍ୟେକ ଗ୍ରାମରେ ଉଦୀୟମାନ ହକି ଖେଳାଳୀ ରହିଛନ୍ତି । ଏହି ଲୁକ୍କାୟିତ ସୁଦକ୍ଷ ଖେଳାଳୀମାନଙ୍କୁ ଚିହ୍ନଟ କରି ସେମାନଙ୍କର ଉନ୍ନତି ପାଇଁ ଯଦି ସାମାନ୍ୟ ଚେଷ୍ଟା କରାଯାଏ, ତେବେ ନିଶ୍ଚିତଭାବେ ହକି ଜଗତରେ ଓଡ଼ିଶା ଗୋଟିଏ ପ୍ରଧାନ ସ୍ଥାନ ଅଧିକାର କରିବ ।

ଏହାକୁ କାର୍ଯ୍ୟକାରୀ କରିବାକୁ ହେଲେ, ବର୍ତ୍ତମାନର ସ୍ଥାନୀୟ ଅନୁଷ୍ଠାନମାନେ ଅଧିକ କାର୍ଯ୍ୟଦକ୍ଷ ହୋଇ ସରକାରଙ୍କର ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ସହଯୋଗ କରିବା ଆବଶ୍ୟକ । ଏହା କହିବା ଅନାବଶ୍ୟକ ଯେ, କ୍ରୀଡ଼ାବିତ୍‌ମାନଙ୍କର ନିଷ୍ଠାର ଅଭାବ ହେଲେ କୌଣସି କ୍ରୀଡ଼ାର ମାନ ଉନ୍ନତ ହୋଇ ପାରିବ ନାହିଁ । କେବଳ ହକିରେ ନୁହେଁ ଅନ୍ୟାନ୍ୟ ସବୁ ପ୍ରକାର କ୍ରୀଡ଼ା ନିମନ୍ତେ ଆମର ଗ୍ରାମାଞ୍ଚଳରେ ଅଧିକ ଗୁପ୍ତ ପ୍ରତିଭାବାନ କ୍ରୀଡ଼ାବିତମାନେ ଅଛନ୍ତି । ଗ୍ରାମାଞ୍ଚଳର କ୍ରୀଡ଼ାର ଉନ୍ନତି ନିମନ୍ତେ ରାଜ୍ୟ ପର୍ଯ୍ୟଟନ ଓ ସାଂସ୍କୃତିକ ବ୍ୟାପାର ବିଭାଗର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅଉଧ ନାରାୟଣ ତିୱାରୀ, ଆଇ. ଏ. ଏସ୍. ଙ୍କ ନେତୃତ୍ୱରେ ରାଜ୍ୟ ସରକାର ଅନେକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି । ଏହି ସବୁର ସଫଳତା ପ୍ରତ୍ୟେକ କ୍ରୀଡ଼ାପ୍ରେମୀ ତଥା ପ୍ରତ୍ୟେକ ଅଭିଭାବକମାନଙ୍କର ପୂର୍ଣ୍ଣ ସହଯୋଗିତା ଉପରେ ନିର୍ଭର କରେ ।



ପୂର୍ବବର୍ଷ ପରି ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ଓ ସାଂସ୍କୃତିକ ବ୍ୟାପାର ବିଭାଗ ସବ୍‌ଡିଭିଜନ୍ ଓ ଜିଲ୍ଲାସ୍ତରରେ ପ୍ରତିଯୋଗିତାମାନ ଅନୁଷ୍ଠିତ କରାଇବା ନିମନ୍ତେ ଜିଲ୍ଲା ଆଥଲେଟିକ୍ ଆସୋସିଏସନ-ମାନଙ୍କୁ ପାଞ୍ଚହଜାର ଟଙ୍କା ଲେଖାଏଁ ମଞ୍ଜୁର କରିଛନ୍ତି । ଜିଲ୍ଲା ଆଥଲେଟିକ ଆସୋସିଏସନଗୁଡ଼ିକ ଏହି ସାହାଯ୍ୟର ସଦୁପଯୋଗ କରି ସେମାନଙ୍କ ଅଞ୍ଚଳରେ କ୍ରୀଡ଼ାର ମାନବୃଦ୍ଧି କରିବାରେ ଉଦ୍ୟମୀ ହେବେ ବୋଲି ଆଶା ।

ଖଣିଜ ଓଡ଼ିଶା

ଓଡ଼ିଶାରେ ଖଣିଜ ଭିତ୍ତିକ ଶିଳ୍ପର ବିକାଶ

ଭାରତର ପୂର୍ବାଞ୍ଚଳ ସମସ୍ତ ପ୍ରକାର ପ୍ରାକୃତିକ ସଂପଦରେ ପରିପୂର୍ଣ୍ଣ । ଏହି ଅଞ୍ଚଳକୁ ଦେଶର ହୃତ୍‌ପିଣ୍ଡ ବା କେନ୍ଦ୍ର ବିନ୍ଦୁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଖଣିଜ ସଂପଦ ଦୃଷ୍ଟିରୁ ଦେଖିଲେ, ପୂର୍ବାଞ୍ଚଳ ସମଗ୍ର ଦେଶରେ ଏକ ଉଲ୍ଲେଖଯୋଗ୍ୟ ସ୍ଥାନ ହାସଲ କରିଛି । ଦେଶର ଏହି ଅଞ୍ଚଳରୁ ସର୍ବାଧିକ ପଥର କୋଇଲା ମିଳିବା ସଙ୍ଗେ ସଙ୍ଗେ ଶତକଡ଼ା ୧୦୦ ଭାଗ ଛାକେଣି କୋଇଲା ଏହି ଅଞ୍ଚଳରେ ସଂରକ୍ଷିତ ରହିଛି । ଏତଦ୍‌ବ୍ୟତୀତ ଏହି ଅଞ୍ଚଳରେ ଦେଶର ସର୍ବାଧିକ ଲୁହା ପଥର, ବକ୍‌ସାଇଟ୍‌, ଚୂନ ପଥର, ଅଭ୍ର, ମାଙ୍ଗାନିଜ ତଥା କ୍ରୋମାଇଟ୍‌ ମଧ୍ୟ ପ୍ରୋଥିତ ରହିଛି ।

ଦେଶର ଅର୍ଥନୈତିକ ବିକାଶ ଦିଗରେ ଖଣିଜ ସଂପଦର ବହୁବିଧ ଭୂମିକା ରହିଛି । ଅନ୍ୟାନ୍ୟ ବିଶିଷ୍ଟ ପ୍ରାକୃତିକ ସଂପଦ ଭଳି ଖଣିଜ ସଂପଦର ଉପଯୋଜନ ତଥା ବିନିଯୋଗ ଦେଶର ଅର୍ଥନୈତିକ ପରିବୃଦ୍ଧିରେ ବିଶେଷ ସହାୟତା କରିବା ସଙ୍ଗେ ସଙ୍ଗେ ମୂଳଧନ ସଂଗ୍ରହ ଓ ବୈଦେଶିକ ମୁଦ୍ରା ବିନିମୟ କ୍ଷେତ୍ରରେ ଏକ ପଥ ମଧ୍ୟ ଖୋଲି ଦେବ । ଯାହା ହେଉନା କାହିଁକି, ଯେପର୍ଯ୍ୟନ୍ତ ବୈଜ୍ଞାନିକ ଜ୍ଞାନ ଓ ବୈଷୟିକ କୌଶଳ ସାହାଯ୍ୟରେ କଳକାରଖାନାମାନଙ୍କରେ ଖଣିଜ ପଦାର୍ଥର ସଦୁପଯୋଗ ହୋଇନାହିଁ ଏବଂ ଏହାର ମୌଳିକ ସାଂଗଠନିକ ବିକାଶ ଘଟିଥିରେ ବିଭିନ୍ନ ଜିନିଷର ଉତ୍ପାଦନ ସହାଯେ ଖଣିଜ ସଂପଦର ଉପଯୋଜନ ତଥା ବିନିଯୋଗ କରାଯାଇ ପାରିନାହିଁ ସେ ପର୍ଯ୍ୟନ୍ତ ପୃଥିବୀ ଗର୍ଭରେ ଏଗୁଡ଼ିକ କେବଳ ଅଦରକାରୀ ଜିନିଷରୂପେ

ଶ୍ରୀ କାହ୍ନୁ ଚରଣ ଲେଙ୍କା
ଶିଳ୍ପ, ଯୋଜନା ଓ ସମନ୍ୱୟ ବିଭାଗ
ରାଷ୍ଟ୍ରମନ୍ତ୍ରୀ, ଓଡ଼ିଶା

ପରିବେଷିତ । ପୂର୍ବାଞ୍ଚଳରେ ଥିବା ଖଣିଜ ସଂପଦର ପୂର୍ଣ୍ଣ ସଦୁପଯୋଗ ନିମନ୍ତେ ବୈଜ୍ଞାନିକ ଜ୍ଞାନ ଏକାନ୍ତ ଆବଶ୍ୟକ । ଏ ସଂକ୍ରାନ୍ତରେ ଆଞ୍ଚଳିକ ଗବେଷଣାଗାରର ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି-ଏହା କହିବା ବାହୁଲ୍ୟ ମାତ୍ର । କାରଣ ଏହି ଅନୁଷ୍ଠାନ ହୋଇଥିଲେ ଖଣି ଅଞ୍ଚଳର ବିସ୍ତୃତ ତଥା ବିଭିନ୍ନ ଖଣିଜ ପଦାର୍ଥଗୁଡ଼ିକର ପୂର୍ଣ୍ଣ ବିନିଯୋଗ ନିମନ୍ତେ ବୈଷୟିକ ଜ୍ଞାନର ବିକାଶ ଘଟିବ ବୋଲି ଆମେ ଆଶା କରୁଁ ।

ଉଦାହରଣ ସ୍ୱରୂପ, ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ, ଏହି ଅଞ୍ଚଳରେ ପ୍ରଚୁର ପରିମାଣରେ ଖଣିଜ ସଂପଦ, ଲୁହାପଥର ରହିଛି । ତାର ପୂର୍ଣ୍ଣ ସଦୁପଯୋଗ ନିମନ୍ତେ ଅନୁଧ୍ୟାନ କରାଯିବା ନିତାନ୍ତ ଆବଶ୍ୟକ । ଏ ଅଞ୍ଚଳରୁ ମିଳୁଥିବା ଲୁହା ପଥର ଅତି ଉଚ୍ଚକୋଟୀର ବୋଲି ବିବେଚନା କରା ଯାଉଛି । ସିଂହଭୂମି, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଓ କଟକ ଜିଲ୍ଲାରେ ପ୍ରାୟ ୨୦,୦୦୦ ନିୟୁତ ଟନ ଲୁହାପଥର ରହିଥିବାର ଅଟକଳ କରାଯାଏ । ଲୌହ ଏବଂ ଇସ୍ପାତ କାରଖାନାମାନଙ୍କରେ ଏଗୁଡ଼ିକର ବ୍ୟବହାର ତଥା ବିଦେଶକୁ ଏହାର ରପ୍ତାନି ବ୍ୟତୀତ ଅନ୍ୟାନ୍ୟ ଲୁହାପଥର ଭିତ୍ତିକ ଶିଳ୍ପ କାରଖାନାମାନ ସ୍ଥାପନ କରାଯିବାର ସମ୍ଭାବନା ରହିଛି । ଏହି ଅଞ୍ଚଳରେ ଗୋଟିଏ ଲୁହାପଥର ଗୁଣ୍ଡ କାରଖାନା ବସାଇବା ଏକାନ୍ତ ଆବଶ୍ୟକ । ଲୁହାପଥରଗୁଡ଼ିକ ଗୁଣ୍ଡ କରାଯିବା ପରେ ଉଚ୍ଚ ଧରଣର ଗୁଣ୍ଡ ଲୁହା ପଥର ବହୁ ପରିମାଣରେ ଖଣି ଅଞ୍ଚଳରୁ ତଥା ବନ୍ଦରମାନଙ୍କରୁ ବିଭିନ୍ନ ପଦାର୍ଥ ଉତ୍ପାଦନ ନିମନ୍ତେ ପଠାଯିବ । ତତ୍ ସଙ୍ଗେ ସଙ୍ଗେ ଲୁହାପଥରରୁ ଦୂଷିତ ପଦାର୍ଥ ହ୍ରାସକରିବା ତଥା ସ୍ପଞ୍ଜ ଲୌହ ପ୍ରସ୍ତୁତ କରିବାର ସମ୍ଭାବନା ମଧ୍ୟ ରହିଛି । ଏହି ସମସ୍ତ ବିଷୟଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ଗବେଷଣାଗାରର ଏକାନ୍ତ ଆବଶ୍ୟକତା ରହିଛି ଏବଂ ଏହି ଅଞ୍ଚଳରେ ବିଶେଷଭାବେ କାର୍ଯ୍ୟ କରିବା ସକାଶେ ଆଞ୍ଚଳିକ ଗବେଷଣା-ଗାରକୁ କିଭଳି ଯନ୍ତ୍ରପାତି ଯୋଗାଇ ଦେବା ଆବଶ୍ୟକ, ସେ ବିଷୟରେ ପାଇଲଟ୍ କାରଖାନାରେ ଅନୁଧ୍ୟାନ କରାଯାଉଛି ।

ଏହି ଅଞ୍ଚଳରେ କୋଇଲା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ପ୍ରଚୁର ପରିମାଣରେ ମିଳୁଅଛି । ସଂପ୍ରତି ପେଟ୍ରୋଲିୟମ୍‌ର ଉତ୍କଟ ଅଭାବ ଦେଖା ଦେଇଥିବା ଯୋଗୁଁ କୋଇଲାର ବ୍ୟବହାର ଅଧିକ ପରିମାଣରେ ବଢ଼ିଯାଇଛି । କଳକାରଖାନା ବସାଇ ଆଧୁନିକ ସଭ୍ୟତା ନିମନ୍ତେ ଶକ୍ତି ଯୋଗାଇବା ହେଉଛି ଏକ ଗୁରୁତର ସମସ୍ୟା । କିନ୍ତୁ କୋଇଲାକୁ ଯାନବାହନ ଚଳାଚଳ ନିମନ୍ତେ ଶକ୍ତିରେ ପରିଣତ କରିବା, ଜାଳେଣୀ ତଥା କଳକାରଖାନା ସକାଶେ ବ୍ୟବହାର କରିବା ପାଇଁ ଯେଉଁ ସମସ୍ୟା ରହିଛି, ସେସବୁର ସମାଧାନ ବୈଜ୍ଞାନିକ ତଥା ବୈଷୟିକ କର୍ମୀମାନଙ୍କ ଅନୁସନ୍ଧାନ ଫଳରେ ହୋଇପାରିବ ।

ଓଡ଼ିଶାରେ ବିଭିନ୍ନ ଖଣିଜଭିତ୍ତିକ ଶିଳ୍ପ କାରଖାନା ପ୍ରତିଷ୍ଠା ନିମନ୍ତେ ପ୍ରଚୁର ସମ୍ଭାବନା ରହିଛି ଏବଂ ସେଥି ମଧ୍ୟରୁ କେତେକ ଶିଳ୍ପ କାରଖାନା କେନ୍ଦ୍ରୀୟ, ରାଜ୍ୟ, ଘରୋଇ କିମ୍ବା ମିଳିତ ଉଦ୍ୟୋଗରେ ପ୍ରତିଷ୍ଠା କରିବା ନିମନ୍ତେ ଉଦ୍ୟମ କରାଯାଉଛି । କିନ୍ତୁ କି ଧରଣର ଶିଳ୍ପ କାରଖାନା ପ୍ରତିଷ୍ଠା କରାଯିବ ଓ ତାହା କିପରି ଭାବେ କାର୍ଯ୍ୟକାରୀ କରାଯିବ ଏହି ଦୁଇଟି ବିଷୟ ମଧ୍ୟରେ ବିରାଟ ବ୍ୟବଧାନ ରହିଛି । ଏହି ଯେଉଁ ବ୍ୟବଧାନ ରହିଛି ତାହା ଗବେଷଣାଗାର କରିଥିଲେ ହ୍ରାସ ପାଇବ ସେଥିପାଇଁ ବିଭିନ୍ନ ପ୍ରତିଷ୍ଠାନ ତଥା ଦେଶର ଗବେଷଣାଗାରଗୁଡ଼ିକ କରିଥିବା ପାଇଲଟ୍ ପ୍ଲାଣ୍ଟ ପରୀକ୍ଷା କରାଯିବା ଆବଶ୍ୟକ । କାରଣ ତାହାରି ମାଧ୍ୟମରେ ଆମର ବିଭିନ୍ନ ଚିନ୍ତାଧାରାର ସଫଳ ରୂପାୟନ କରାଯାଇ ପାରିବ ।

ସ୍ପଞ୍ଜ ଲୁହାବ୍ୟତୀତ ତାଳଚେର କୋଇଲା ଖଣିରୁ ଉତ୍ପାଦିତ ତଥା କୋଇଲାଗୁଡ଼ିକୁ କିପରି ଜାଳେଣି କୋଇଲା ଭାବେ ପ୍ରସ୍ତୁତ କରାଯାଇ ପାରିବ ସେଥି ନିମନ୍ତେ ସବିଶେଷ ଅନୁଧ୍ୟାନ ଆବଶ୍ୟକ । କ୍ରୋମାଇଟ୍ ପଥରରୁ କିପରି କ୍ରୋମାଇଟ୍ ଏଗ୍ଲୋମରେଟସ୍ ପ୍ରସ୍ତୁତ କରାଯାଇ ପାରିବ ସେଥି ନିମନ୍ତେ ମଧ୍ୟ ଅନୁସନ୍ଧାନ ତଥା ଅନୁଧ୍ୟାନ ଆବଶ୍ୟକ । ସୁନ୍ଦରଗଡ଼ ଜିଲ୍ଲାରେ ସୀସା ଧାତୁ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ହୋଇ ରହିଅଛି ଓ ସେସବୁ ଧାତୁକୁ ବିଭିନ୍ନ ସ୍ତରରେ ଉପଯୋଗ କରାଯାଇ ପାରିବ ସେଗୁଡ଼ିକୁ ଉପଯୁକ୍ତ ଭାବେ ବଛାବଛି କରାଯାଇ ପାରିଲେ ସ୍ୱଚ୍ଛ ସୀସା ଧାତୁ ଫଳପ୍ରଦ ଭାବେ ଖଣିରୁ ଉତ୍ତୋଳନ କରାଯାଇ ପାରିବ । ବଡ଼ବିଲର ଉତ୍କୃଷ୍ଟ ଧରଣର ମାଙ୍ଗାନିଜ୍ ପ୍ରସ୍ତରରୁ ଇଲେକ୍ଟ୍ରୋଲିଟିକ୍ ମାଙ୍ଗାନିଜ୍ ଉତ୍ପାଦନ, କୋରାପୁଟ, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲ୍ଲାର ଚୂନ ପଥର ଖଣିରୁ କାଲ୍‌ସିୟମ୍ କାର୍ବାଇଡ୍ ଉତ୍ପାଦନ, କଳାହାଣ୍ଡି ଓ କୋରାପୁଟ ଜିଲ୍ଲାରେ ପ୍ରଚୁର ପରିମାଣରେ ମିଳୁଥିବା ବିଭିନ୍ନ ଧରଣର ବକ୍ସାଇଟ୍ ଏବଂ ଢେଙ୍କାନାଳ ଓ ସମ୍ବଲପୁର ଜିଲ୍ଲାର ଅଗ୍ନି-ମୃତ୍ତିକାରୁ ରିଫ୍ରାକ୍ଟୋରିଜ୍ ଉତ୍ପାଦନ ଏବଂ ତାହାରେ ପର୍ଯ୍ୟାପ୍ତ ପରିମାଣରେ ରହିଥିବା ଚିନାମାଟି ଗ୍ରାଫାଇଟ୍ ଓ ସିଲିକାର ଉତ୍ତୋଳନ ତଥା ଓ ବ୍ୟବହାର ନିମନ୍ତେ କାରିଗରୀ କୌଶଳର ବିକାଶକାର୍ଯ୍ୟ ହେବା ଆବଶ୍ୟକ ।

ଖଣିଜଭିତ୍ତିକ ଶିଳ୍ପକାରଖାନାଗୁଡ଼ିକ ନିମନ୍ତେ ଅଧିକ ଅର୍ଥ ବିନିଯୋଗ ଆବଶ୍ୟକ । ଭାନାଡ଼ିୟମ୍ ସୀସା ଓ ଦୁର୍ମିଳ ମୃତ୍ତିକାର ଗୁରୁତ୍ୱପୂର୍ଣ୍ଣ ସୁବିଧା ଦୃଷ୍ଟିରୁ ରାଜ୍ୟରେ ଏମାନଙ୍କ ବିକାଶ ହେବା ଆବଶ୍ୟକ । ତେଣୁ, ଏହି ସବୁ କ୍ଷେତ୍ରରେ ଗବେଷଣା ଓ ବିକାଶ ନିମନ୍ତେ ବେସରକାରୀ ସଂସ୍ଥାଗୁଡ଼ିକ ଅର୍ଥ ବିନିଯୋଗ କରୁନାହାନ୍ତି । ରାଜ୍ୟ ସରକାରଙ୍କ ବିଜ୍ଞାନାଗାରଗୁଡ଼ିକ ଦୀର୍ଘ ମିଆଦି ଭିତ୍ତିରେ ସେମାନଙ୍କର ଅନୁସନ୍ଧାନ କାର୍ଯ୍ୟ ଚଳାଇବା ପାଇଁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଉଚିତ । ଏହା ଫଳରେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଖଣିଜ ସମ୍ପଦର ବିନିଯୋଗ କରାଯାଇ ପାରିବ ।

ଚଳିତ ପଞ୍ଚମ ଯୋଜନା କାଳ ମଧ୍ୟରେ ଓଡ଼ିଶାରେ ବିଭିନ୍ନ ପ୍ରକାରର ଖଣିଜ ଭିତ୍ତିକ ଶିଳ୍ପ କାରଖାନାମାନ ବସାଇବା ପାଇଁ ପରିକଳ୍ପନା କରାଯାଇଛି । କେନ୍ଦ୍ରୀୟ ସ୍ତରରେ ଘଟରସପୁରଠାରେ ଗୋଟିଏ ଫେରୋ-ଭାନାଡ଼ିୟମ୍ କାରଖାନା, ସୁକିନ୍ଦାଠାରେ ଗୋଟିଏ ନିକେଲ ନିଷ୍କାସନ କାରଖାନା, ଗୋପାଳପୁରଠାରେ ଏକ ଖଣିଜ ବାଲୁକା ପୃଥକୀକରଣ କାରଖାନା, ତାଳଚେରଠାରେ ଗୋଟିଏ ଫର୍ମଡ୍ କୋକ୍ କାରଖାନା ଓ ଏକ କୋଇଲା ଭିତ୍ତିକ ସାରକାରଖାନା ନିର୍ମାଣ କରାଯିବ । ରାଜ୍ୟ ସରକାର କିମ୍ବା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟୋଗରେ ଇଲେକ୍ଟ୍ରୋଷ୍ଟାଟିକ୍ ମାଙ୍ଗାନିଜ୍ ଡାଇଅକ୍ସାଇଡ୍, ବର୍ଣ୍ଟ ଚୂନା, ସୋଡ଼ିୟମ ଡାଇକ୍ରୋମେଟ୍, କାଲ୍‌ସିୟମ୍ କାର୍ବାଇଡ୍, ରିଫ୍ରାକ୍‌ଟୋରୀଜ୍ ଭଳି ବହୁ ସଂଖ୍ୟକ ଖଣିଜଭିତ୍ତିକ କାରଖାନାର କାର୍ଯ୍ୟ ଆଗେଇ ଚାଲିଛି । ଏଥିପାଇଁ କେତେକ କରାର ପତ୍ର ମଧ୍ୟ ମିଳିଲଣି । କେତେକ ପ୍ରୋଜେକ୍ଟ୍ ନିମନ୍ତେ ସମ୍ଭାବ୍ୟ ରିପୋର୍ଟମାନ ପ୍ରସ୍ତୁତ କରାଯାଇ ସାରିଲଣି । ଏଭଳି କ୍ଷେତ୍ରରେ, ଦାୟିତ୍ୱ ପ୍ରବର୍ତ୍ତନକାରୀ କର୍ମକର୍ତ୍ତାମାନେ କେତେକ ଶିଳ୍ପ କାରଖାନାର ସବିଶେଷ ପ୍ରୋଜେକ୍ଟ୍ ରିପୋର୍ଟ ଜାଣିବା ପାଇଁ କାରିଗରୀ କୌଶଳ ନିମନ୍ତେ ବିଜ୍ଞାନାଗାର-ଗୁଡ଼ିକର ସହାୟତା ଆବଶ୍ୟକ କରିଥାନ୍ତି । ଏହି ସବୁ ଉଦ୍ୟମଗୁଡ଼ିକ ନିମନ୍ତେ ଆଞ୍ଚଳିକ ଗବେଷଣାଗାର ସାହାଯ୍ୟ ପ୍ରଦାନ କରିଥାନ୍ତି । ସୀମିତ ଅର୍ଥ, ଲୋକ ଶକ୍ତି ତଥା ସ୍ୱଳ୍ପ ସମୟ ମଧ୍ୟରେ ଗୋଟିଏ ଅନୁଷ୍ଠାନକୁ ବିଭିନ୍ନ ଧନ୍ଦା ଯୋଗାଇ ଦେବା ସମ୍ଭବ ପର ନୁହେଁ । ଜାମସେଦପୁରସ୍ଥିତ ଜାତୀୟ ଧାତବ ବିଜ୍ଞାନାଗାର ସମେତ ଭୁବନେଶ୍ୱର ଆଞ୍ଚଳିକ ଗବେଷଣାଗାର ଧାତବ ବିଜ୍ଞାନର ଏକ ନିର୍ଦ୍ଦିଷ୍ଟ ବିଭାଗରେ ମଧ୍ୟ ଦକ୍ଷତା ହାସଲ କରି ପାରିବ । ଏହା ଫଳରେ ଏହି ଅଞ୍ଚଳରେ ଖଣିଜ ଭିତ୍ତିକ ଶିଳ୍ପାନୁଷ୍ଠାନର ବିକାଶ ନିମନ୍ତେ ଉକ୍ତ ଅନୁଷ୍ଠାନର ଅବଦାନ ବିଶେଷ ପ୍ରଣିଧାନ ଯୋଗ୍ୟ ।

ପରସ୍ପର ଉପରେ ଦୋଷ ଲଦି ଦେଇ ନିଜ ଉପରୁ ଦାୟିତ୍ୱ ଖସାଇ ଦେବା ଗୋଟିଏ ଷମ୍ଭୃଷ୍ଟ କାତର ଲକ୍ଷଣ । ଆମେ ଯେପରି ଆମର କାର୍ଯ୍ୟଟିକୁ ଓ ଦାୟିତ୍ୱଟିକୁ ସଂପୂର୍ଣ୍ଣଭାବେ ଓ ଠିକଣା ସମୟରେ ତୁଲାଇଦେବା- ଏହାହିଁ ଆମର ଲକ୍ଷ୍ୟ ହେଉ ।

ଆମ ପ୍ରଦେଶରେ କାଗଜ ଶିଳ୍ପ

ଡ଼କ୍ଟର ଶିବନାରାୟଣ ମହାପାତ୍ର
ଆଞ୍ଚଳିକ ଗବେଷଣାଗାର (ଶିଳ୍ପ ବିଜ୍ଞାନ ପରିଷଦ) ଭୁବନେଶ୍ୱର

ଅରଣ୍ୟ ସଂପଦ ଯେକୌଣସି ଦେଶର ସମୃଦ୍ଧିର ମୂଲ୍ୟ ନିରୂପଣ କରିବାରେ ଏକ ମୁଖ୍ୟ ସହାୟକ । ଆମ ଦେଶର ୨୨ ଭାଗ ଅଞ୍ଚଳ ଅରଣ୍ୟାବୃତ୍ତ ଓ ତନ୍ମଧ୍ୟରେ ଓଡ଼ିଶା, ମଧ୍ୟ-ପ୍ରଦେଶ, ବିହାର ଓ ବଙ୍ଗଳାର କେତେକାଂଶ ଅନ୍ତର୍ଭୁକ୍ତ । ଜଙ୍ଗଲଜାତ ଦ୍ରବ୍ୟ ଭିତ୍ତିକ ପ୍ରତିଷ୍ଠିତ ଶିଳ୍ପମାନଙ୍କ ମଧ୍ୟରେ କାଗଜମଣ୍ଡ ଓ କାଗଜ ଶିଳ୍ପ ପ୍ରଧାନ । କୌଣସି ଦେଶର ଉନ୍ନତିର ମାନଦଣ୍ଡ ସେ ଦେଶର ମୁଣ୍ଡପିଛା କାଗଜର ଓ ତତ୍ସଙ୍ଗେ ତାହାର ଆନୁଷଙ୍ଗିକ ଦ୍ରବ୍ୟର ବ୍ୟବହାରରୁ ବିଚାର କରାଯାଏ । ଆମ ଦେଶରେ ମୁଣ୍ଡପିଛା କାଗଜର ବ୍ୟବହାର ମାତ୍ର ୨ କିଲୋଗ୍ରାମ । ଅନ୍ୟାନ୍ୟ ଉନ୍ନତ ଦେଶ, ଯଥା :—ଆମେରିକାରେ ଏହାର ମୁଣ୍ଡପିଛା ବ୍ୟବହାର ୨୬୦ କିଲୋଗ୍ରାମ, ବିଲାତରେ ୧୨୫ କିଲୋଗ୍ରାମ ଓ ଜାପାନରେ ୧୧୦ କିଲୋଗ୍ରାମ । ବର୍ତ୍ତମାନ ପୃଥିବୀର ପ୍ରତ୍ୟେକ ଦେଶରେ ବିଶେଷତଃ ଆମ ଦେଶରେ କାଗଜର ଅଭାବ ଅତି-ମାତ୍ରାରେ ଅନୁଭୂତ ହେଉଅଛି । ବୈଜ୍ଞାନିକ ଓ ଅର୍ଥନୈତିକ ପ୍ରତିଷ୍ଠାନର ଅଟକଳ ଅନୁସାରେ କାଗଜ ରାଜ୍ୟରେ ଏକ ଦୁର୍ଭିକ୍ଷ, ବର୍ତ୍ତମାନ ପ୍ରାୟ ଅଭାବ ଓ କାଗଜ ମଣ୍ଡ ଉତ୍ପାଦନରେ ଏକ ନିଅଣ୍ଟିଆ ପରିସ୍ଥିତି ଅବଶ୍ୟମ୍ଭାବୀ । ବର୍ତ୍ତମାନ କାଗଜ ଶିଳ୍ପ ଏହି ଅଣଟାର ସମ୍ମୁଖୀନ ହୋଇ ସାରିଲାଣି । ପ୍ରଥମ ଓ ଦ୍ୱିତୀୟ ପଞ୍ଚବାର୍ଷିକଯୋଜନାରେ କାଗଜ ଶିଳ୍ପର ଦ୍ରୁତ ଅଗ୍ରଗତି ହୋଇଥିବା ସଙ୍ଗେ ତୃତୀୟ ପଞ୍ଚବାର୍ଷିକ ଯୋଜନା କାଳରେ ଏହାର ଅବନତି ଘଟିଛି । ଚତୁର୍ଥ ଯୋଜନା କାଳରେ କାଗଜ ଉତ୍ପାଦନ ବହୁତ କମିଯାଇଛି । ତେଣୁ ବର୍ତ୍ତମାନ ଆମ ଦେଶରେ କାଗଜର ଅଭାବ ଅତିମାତ୍ରାରେ ପରିଲକ୍ଷିତ ହେଉଅଛି । ପଞ୍ଚମ ପଞ୍ଚ-ବାର୍ଷିକ ଯୋଜନା କାଳରେ ପ୍ରାୟ ୨୦ ଲକ୍ଷ ଟନ କାଗଜ, କାଗଜ-ବୋର୍ଡ଼ ଓ ଖବର କାଗଜ ପ୍ରଭୃତିର ଲକ୍ଷ୍ୟ ଅଟକଳ କରାଯାଇଛି । କାଗଜ ଶିଳ୍ପ ଆମ ସମାଜର ଉନ୍ନତିର ଏକ ମାନଦଣ୍ଡ ହୋଇଥିବାରୁ ପଞ୍ଚମ ପଞ୍ଚବାର୍ଷିକ ଯୋଜନାର ସଫଳତା ପାଇଁ ଏହି ଶିଳ୍ପର ବିକାଶକୁ ଅଗ୍ରାଧିକାର ଦେବା ବାଞ୍ଛନୀୟ । ଏହି ଶିଳ୍ପର ବିକାଶ ପାଇଁ ଷଷ୍ଠ ଯୋଜନା ମଧ୍ୟରେ କାଗଜମଣ୍ଡ କାରଖାନା ବସାଇବାର ଅଗ୍ରାଧିକାର ରହିଛି ଯେଉଁଥିପାଇଁ ଅନେକ ଛୋଟ ଛୋଟ କାଗଜ କଳମାନଙ୍କରେ କାଗଜ ସୁଲଭ ମୂଲ୍ୟରେ ଓ ଅଧିକ ପରିମାଣରେ ପ୍ରସ୍ତୁତ କରାଯାଇ ପାରିବ । ଦୈନିକ

୧୦୦ ଟନ କାଗଜ ଉତ୍ପାଦନ ପାଇଁ ଏକ କାଗଜମଣ୍ଡ ବିଭାଗ-ସଂଯୁକ୍ତ କାଗଜ କଳରେ ୩୦ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ସ୍ଥଳେ ବାର୍ଷିକ ୧ ଲକ୍ଷ ଟନ କାଗଜମଣ୍ଡ ଉତ୍ପାଦନ ପାଇଁ ମାତ୍ର ୨୦ରୁ ୨୨ କୋଟି ଟଙ୍କା ବିନିଯୋଗ ଆବଶ୍ୟକ । ତେଣୁ ସ୍ୱାବଲମ୍ବୀ ହୋଇଥିବା ବଡ଼ ବଡ଼ କାଗଜ ମଣ୍ଡ କାରଖାନାମାନଙ୍କରୁ ଉତ୍ପାଦିତ ମଣ୍ଡ ବ୍ୟବହାର କରି କ୍ଷୁଦ୍ର କ୍ଷୁଦ୍ର କାଗଜକଳମାନଙ୍କରେ କାଗଜ ପ୍ରସ୍ତୁତ କରାଗଲେ ଆମ ଦେଶରେ କର୍ମ ଯୋଗାଣରେ ଏହା ବିଶେଷ କରି ସହାୟକ ହେବ ଓ ଏହାଦ୍ୱାରା କାଗଜ ଅଭାବ ବହୁତ ପରିମାଣରେ ଦୂର ହେବ । ଏହିପରି ବଡ଼ ଧରଣର କାଗଜ ମଣ୍ଡ ପ୍ରସ୍ତୁତି ପାଇଁ କାରଖାନାମାନ ବସାଗଲେ କାଗଜ-ଶିଳ୍ପର ଉତ୍ପାଦନ ବୃଦ୍ଧି ହେବ ଓ ପଞ୍ଚମ ପଞ୍ଚବାର୍ଷିକ ଯୋଜନାର ଲକ୍ଷ୍ୟ ଅନେକ ପରିମାଣରେ ପୂରଣ କରାଯାଇ ପାରିବ ।

ଲେଖିବା କାଗଜକୁ ଛାଡ଼ିଦେଲେ ଆମ ଦେଶରେ ଅଳ୍ପ ପରିମାଣରେ ଖବର କାଗଜ ଛାପିବା ପାଇଁ କାଗଜ ପ୍ରସ୍ତୁତ ହୁଏ । ଆମ ଦେଶରେ ଖବର କାଗଜ ଛାପିବା ପାଇଁ ହାରାହାରି ବର୍ଷକୁ ଅଢ଼େଇରୁ ସାଢ଼େ ତିନି ଲକ୍ଷ ଟନ୍ କାଗଜ ଦରକାର ହେଉଥିବା ସ୍ଥଳେ ମାତ୍ରତିରିଶ ହଜାର ଟନ କାଗଜ ଉତ୍ପନ୍ନ ହୁଏ । ତେଣୁ ବଳକା ଦରକାର ହେଉଥିବା କାଗଜ ବୈଦେଶିକ ମୁଦ୍ରା ବିନିମୟରେ ବିଦେଶରୁ ଅଣାଯାଏ । ଖବର କାଗଜ ଛାପିବା ପାଇଁ କାଗଜ ଆମ ଦେଶରେ ଦରକାର ଅନୁସାରେ ନମିଳୁଥିବାରୁ ପଞ୍ଚମ ଯୋଜନା କାଳରେ ଏହାର ବହୁଳ ପ୍ରସ୍ତୁତିକୁ ଅଗ୍ରାଧିକାର ଦେବା ଉଚିତ ।

କାଗଜ ଶିଳ୍ପର ବିକାଶ ଓଡ଼ିଶାରେ ଉଲ୍ଲେଖଯୋଗ୍ୟ, କାରଣ ଓଡ଼ିଶାର ଶତକଡ଼ା ୪୨ ଭାଗ ଅରଣ୍ୟାବୃତ ଓ ଏହି ଜଙ୍ଗଲମାନଙ୍କରୁ ପ୍ରଚୁର ପରିମାଣରେ ବାଉଁଶ କାଠ ଓ ଅନ୍ୟାନ୍ୟ ଦ୍ରବ୍ୟ ମିଳିଥାଏ । ବହୁ ବର୍ଷ ଧରି କେବଳ ବାଉଁଶ, କାଗଜ ଶିଳ୍ପରେ ମୁଖ୍ୟ କଞ୍ଚାମାଲ ଭାବରେ ଶତକଡ଼ା ସତୁରୀ ଭାଗ ବ୍ୟବହୃତ ହୋଇ ଆସିଅଛି । ସମଗ୍ର ଦେଶରେ ମିଳୁଥିବା ବାଉଁଶ ବ୍ୟବହାର କରି କେବଳ ୪୦ଲକ୍ଷ ଟନ୍ କାଗଜ ଉତ୍ପାଦନ ହେବାର ଅଟକଳ କରାଯାଇଅଛି । ତେଣୁ କାଗଜ ପ୍ରସ୍ତୁତି ପାଇଁ ଦରକାର ହେଉଥିବା କଞ୍ଚାମାଲର ଆବଶ୍ୟକତା ମେଣ୍ଟାଇବାକୁ ହେଲେ ଆମକୁ କାଠରୁ କାଗଜ ପ୍ରସ୍ତୁତି କରିବାକୁ ପଡ଼ିବ, ମାତ୍ର କେବଳ କାଠ ବ୍ୟବହାର କଲେ କାଗଜ ଠିକ୍ ଭାବରେ ପ୍ରସ୍ତୁତ ହୋଇ ପାରିବ ନାହିଁ । ତେଣୁ ବାଉଁଶ ପରି ଦୀର୍ଘ ତନ୍ତୁଯୁକ୍ତ କଞ୍ଚାମାଲକୁ କ୍ଷୁଦ୍ର ତନ୍ତୁ ବିଶିଷ୍ଟ କାଠମଣ୍ଡ ସହିତ ମିଶାଇ କାଗଜମଣ୍ଡ ପ୍ରସ୍ତୁତ କରିବାକୁ ହେବ । ଏହା ସହିତ କେତେକ କୃଷିଜାତ ଦ୍ରବ୍ୟ ମଧ୍ୟ ମିଶାଇଲେ ସେଥିରୁ ଉତ୍କୃଷ୍ଟ ଧରଣର କାଗଜମଣ୍ଡ ପ୍ରସ୍ତୁତ ହୋଇ ପାରିବ । କାଗଜମଣ୍ଡ ବହୁତ ପରିମାଣରେ ପ୍ରସ୍ତୁତ ହେଲେ କାଗଜର ଅଭାବ କ୍ରମଶଃ ଦୂର ହେବ । କାଗଜ ତିଆରି ପାଇଁ ଦରକାର ହେଉଥିବା କଞ୍ଚାମାଲ ଯଥା :—ବାଉଁଶ ଓ କାଠ ଓଡ଼ିଶାରୁ ମଧ୍ୟ ପ୍ରଦେଶ, ବଙ୍ଗଳା ଓ ଅନ୍ଧ୍ର ପ୍ରଦେଶକୁ ପଠାଯାଏ । ଓଡ଼ିଶାର ସୁବିସ୍ତୀର୍ଣ୍ଣ ଅରଣ୍ୟମାନଙ୍କରୁ ୮୦୦ ଲକ୍ଷ୍ୟ ଘନମିଟରର ଶକ୍ତ କାଠ ମିଳିବାର ଅଟକଳ କରାଯାଇଅଛି । ବର୍ତ୍ତମାନ ଓଡ଼ିଶାର ବିଭିନ୍ନ କାଗଜ-କଳମାନଙ୍କରେ ବେଶୀଭାଗ କ୍ଷୁଦ୍ର ତନ୍ତୁଯୁକ୍ତ କାଠରୁ ଉତ୍ପାଦିତ କାଗଜମଣ୍ଡ ସଙ୍ଗେ ଅଳ୍ପଭାଗ ଦୀର୍ଘ-ତନ୍ତୁଯୁକ୍ତ ବାଉଁଶରୁ ବାହାରୁଥିବା କାଗଜମଣ୍ଡ ମିଶାଇ କାଗଜ ପ୍ରସ୍ତୁତ ହେଉଅଛି । ଏହାଦ୍ୱାରା ବାଉଁଶର ଚାହିଦା କିଛି ମାତ୍ରାରେ କମିଛି ଓ ନଷ୍ଟ ହୋଇଯାଉଥିବା ଜଙ୍ଗଲର କାଠଗୁଡ଼ିକ କାଗଜମଣ୍ଡ ପ୍ରସ୍ତୁତିରେ ଉପଯୋଗୀ ହୋଇପାରିଛି ।

ଓଡ଼ିଶାରେ ଅବସ୍ଥିତ ତିନୋଟି କାଗଜକଳ ମଧ୍ୟରୁ ସମ୍ବଲପୁରରେ ଅବସ୍ଥିତ କାଗଜ କାରଖାନାରୁ ବାର୍ଷିକ ୬୨ ହଜାର ଟନ୍, କୋରାପୁଟର କାଗଜକଳରୁ ବାର୍ଷିକ ୨୧ ହଜାର ଟନ୍ ଓ କଟକସ୍ଥିତ ଚୌଦ୍ୱାର କାଗଜ କଳରୁ ବାର୍ଷିକ ୫ ହଜାର ଟନ୍ କାଗଜ ଉତ୍ପାଦିତ ହୁଏ । ପଞ୍ଚମ ପଞ୍ଚବାର୍ଷିକ ଯୋଜନା ମଧ୍ୟରେ ଏହି ତିନୋଟି କାଗଜ କଳର ଉତ୍ପାଦନ ବଢ଼ିବାର ସମ୍ଭାବନା ଅଛି । କାଗଜ ଶିଳ୍ପ ପାଇଁ କଞ୍ଚାମାଲ ଓଡ଼ିଶାରେ ପ୍ରଚୁର ପରିମାଣରେ ମିଳୁଥିବାରୁ ସର୍ବଭାରତୀୟ ଚାହିଦାର ଶତକଡ଼ା କୋଡ଼ିଏ ଭାଗ କଞ୍ଚାମାଲ ଓଡ଼ିଶା, ବିଭିନ୍ନ କାଗଜକଳମାନଙ୍କୁ ଯୋଗାଉଛି ଓ ଏହି ପ୍ରଦେଶ ସର୍ବ ଭାରତୀୟ କାଗଜ ଉତ୍ପାଦନରେ ଶତକଡ଼ା ୧୪ ଭାଗ ପ୍ରସ୍ତୁତ କରୁଛି । ଓଡ଼ିଶାରେ କୃଷିଜାତ ଦ୍ରବ୍ୟରୂପେ ଆଖୁର ଛେପା ଓ ମକା ଗଛର ଛେପା ପ୍ରଚୁର ପରିମାଣରେ ମିଳେ । ମାତ୍ର ଏହା ଜାଳେଣୀ ରୂପେ ବ୍ୟବହୃତ ହେଉଥିବାରୁ ଏହା କାଗଜ ପ୍ରସ୍ତୁତି ପାଇଁ ସୁ-ସଂଗୃହୀତ ହୋଇ ପାରୁନାହିଁ । ସେହିପରି ପ୍ରଚୁର ପରିମାଣରେ ମଧ୍ୟ ନଡ଼ା ଓଡ଼ିଶାରେ ମିଳେ । ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ବହୁଳ ପରିମାଣରେ ଧାନଚାଷ ହେଉଥିବାରୁ ଏହି ନଡ଼ାକୁ ବ୍ୟବହାର କରି କାଗଜ ବୋର୍ଡ ମଧ୍ୟ ପ୍ରସ୍ତୁତ କରାଯାଇ ପାରିବ । ଏହାଛଡ଼ା ନଡ଼ାରୁ ପ୍ରସ୍ତୁତ ହେଉଥିବା କାଗଜମଣ୍ଡ ଅନ୍ୟ ଉନ୍ନତଧରଣର ଦୀର୍ଘତନ୍ତୁଯୁକ୍ତ କାଗଜମଣ୍ଡ ସଙ୍ଗେ ମିଶାଇ ବିଭିନ୍ନ ଧରଣର କାଗଜ ପ୍ରସ୍ତୁତ କରାଯାଇ ପାରିବ । ଓଡ଼ିଶାରେ ମିଳୁଥିବା ବିଭିନ୍ନ କାଠରୁ, ମକାଗଛର ଛେପାରୁ ଓ ଅନ୍ୟାନ୍ୟ କୃଷିଜାତ କ୍ଷୟ ଦ୍ରବ୍ୟରୁ ସୁଲଭ ଉପାୟରେ କିପରି ଉନ୍ନତ ଧରଣର କାଗଜମଣ୍ଡ ଓ କାଗଜ ପ୍ରସ୍ତୁତ କରାଯାଇ ପାରିବ ସେ ସମ୍ବନ୍ଧରେ ଭୁବନେଶ୍ୱରସ୍ଥିତ ଆଂଚଳିକ ଗବେଷଣାଗାରରେ ଅନୁଧ୍ୟାନ ଚାଲିଅଛି ଓ ଏହି ଗବେଷଣାଗାର ନିକଟରେ କେତେକ କାଗଜ ଶିଳ୍ପମାନଙ୍କୁ ବୈଷୟିକ ସାହାଯ୍ୟ ଯୋଗାଉଛି । କାଗଜ ଶିଳ୍ପର ଉନ୍ନତି ସଙ୍ଗେ ସଙ୍ଗେ କାଗଜ ଉତ୍ପାଦନପରେ ନିଷ୍କାସିତ ଦୂଷିତ ଜଳ କିପରି କୃଷି କ୍ଷେତ୍ରରେ ସଦୁପଯୋଗୀ ହୋଇ ପାରିବ ତାହାର ଅନୁଧ୍ୟାନ ବାଞ୍ଛନୀୟ । ଏହାଦ୍ୱାରା ପାନୀୟ ଜଳର ଦୂଷିତକରଣ ଦୂର ହୋଇ ମାନବ ସମାଜର ଉନ୍ନତି ହେବ ।

ଆକାଶବାଣୀ ସୌଜନ୍ୟରୁ

କୁଷ୍ଠ ବିରୁଦ୍ଧରେ ସଂଗ୍ରାମ

ଶ୍ରୀ ବିପିନ୍ ବିହାରୀ ରଥ

ପ୍ରତିବର୍ଷ ଜାନୁଆରୀ ମାସରେ ଶେଷ ରବିବାର ଦିନ ସମଗ୍ର ବିଶ୍ୱରେ କୁଷ୍ଠ ଦିବସ ତଥା କୁଷ୍ଠ ନିବାରଣ ଦିବସ ପାଳିତ ହୁଏ । କିନ୍ତୁ ଭାରତରେ ଏହି ଦିବସଟି ଜାନୁଆରୀ ମାସ ୩୦ ତାରିଖରେ ପାଳିତ ହେବାର ଗୋଟିଏ ତାତ୍ପର୍ଯ୍ୟ ରହିଛି । ଏହି ଦିନ ମହାତ୍ମା ଗାନ୍ଧୀ ପ୍ରାଣବଳି ଦେଇ ଶହୀଦତ୍ୱ ବରଣ କରିଥିବାରୁ ଓ ତାଙ୍କର କୁଷ୍ଠ ରୋଗୀମାନଙ୍କ ପ୍ରତି ଗଭୀର ସହାନୁଭୂତି ଥିବାରୁ ଏହି ଦିନ କୁଷ୍ଠ ଦିବସ ରୂପେ ପାଳିତ ହୋଇ ଆସୁଛି । କୁଷ୍ଠ ନିବାରଣ ସପ୍ତାହ ଉପଲକ୍ଷେ ଆମର ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ କୁଷ୍ଠ ରୋଗୀଙ୍କ ସେବା ମହାତ୍ମା ଗାନ୍ଧୀଙ୍କ ସମାଜ ସେବା କାର୍ଯ୍ୟକ୍ରମର ଏକ ପ୍ରଧାନ ଅଙ୍ଗ ଥିଲା । ଓଡିଶାରେ ଜାନୁଆରୀ ୩୦ ତାରିଖଠାରୁ ଆରମ୍ଭ କରି ଏକ ସପ୍ତାହ ପର୍ଯ୍ୟନ୍ତ ଏହି କୁଷ୍ଠ ନିବାରଣ ସପ୍ତାହ ପାଳନ କରିବା ପାଇଁ ସ୍ଥିର ହୋଇଛି । ଏହି ସପ୍ତାହ ପାଳନ କରିବାର ଉଦ୍ଦେଶ୍ୟ ଦ୍ୱିବିଧ—ଯଥା, କୁଷ୍ଠ ରୋଗ ସମସ୍ୟା ପ୍ରତି ଜନ ଚେତନା ଜାଗ୍ରତ କରିବା ଏବଂ ସଙ୍ଗେ ସଂଗ୍ରହ ଅଭିଯାନ ଜୋର-ସୋରରେ ଚଳାଇ ଓ କୁଷ୍ଠ ସିଲ ବିକ୍ରୟ କରି ହିନ୍ଦ୍ କୁଷ୍ଠ ନିବାରଣ ସଂଘର କୁଷ୍ଠ ଚିକିତ୍ସା କାର୍ଯ୍ୟ ପାଇଁ ପାଣ୍ଠି ଉଠାଇବା ।

ଆମ ରାଜ୍ୟରେ କୁଷ୍ଠ ରୋଗର ବ୍ୟାପକତା କେତେ ଓ ସେଥି ସହିତ ସମଗ୍ର ଭାରତରେ ଏ ରୋଗର ପରିସ୍ଥିତି କଣ—ଏ ସବୁ ବିଷୟରେ କେତେକ କଥା ଜାଣିବା ପାଇଁ ଏହି ସପ୍ତାହରେ ଏକ ସୁଯୋଗ ମିଳିଥାଏ । ଭାରତରେ ୨୦–୨୫ ଲକ୍ଷ ଲୋକ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇଥିବାର ଅଟକଳ କରାଯାଇଛି । ଏହି ସର୍ବ ଭାରତୀୟ ଅଟକଳ ତୁଳନାରେ ଓଡିଶାରେ ପ୍ରାୟ ୩ ଲକ୍ଷ ଲୋକ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇଥିବାର ଅଟକଳ କରାଯାଇଛି । ଗଭୀର ସାମାଜିକ କୁସଂସ୍କାର ହେତୁ ଏ ରୋଗରେ ଆକ୍ରାନ୍ତ ହୋଇଥିବା ଲୋକମାନେ ବିକଳାଙ୍ଗ ହୋଇ ଧରାପଡିଯିବା ପର୍ଯ୍ୟନ୍ତ ରୋଗ ଲୁଚାଇ ରଖନ୍ତି । ତେଣୁ ଏହି ପୃଷ୍ଠଭୂମିରେ ଆମ ହାତରେ ଥିବା ହିସାବର ବିଚାର କରିବାକୁ ହେବ । ଯାହା ଅଟକଳ କରାଯାଉଛି ପ୍ରକୃତ ହିସାବ ତାହା ଠାରୁ ଖୁବ୍ ବେଶି ହେବାର ସମ୍ଭାବନା । ଓଡିଶାର ୧୩ଟି ଜିଲ୍ଲା ମଧ୍ୟରୁ କଟକ, ପୁରୀ, ଗଞ୍ଜାମ, ବାଲେଶ୍ୱର ଓ ସମ୍ବଲପୁର ଜିଲ୍ଲାମାନଙ୍କରେ ସ୍ଥାନୀୟ ଭାବେ ଏହି ରୋଗର ଅତିରିକ୍ତ ବ୍ୟାପକତା ରହିଛି ଏବଂ ଢେଙ୍କାନାଳ , ବଲାଙ୍ଗିର ଓ ମୟୂରଭଞ୍ଜ ଏହି ତିନୋଟି ଜିଲ୍ଲାରେ ଏହା ଅପେକ୍ଷାକୃତ କମ୍ ସ୍ଥାନୀୟ ଭାବେ ବ୍ୟାପକ ହୋଇ ରହିଛି । ଅବଶିଷ୍ଟ ୫ଟି ଜିଲ୍ଲାରେ ଏହି ରୋଗର ସ୍ଥାନୀୟ ବ୍ୟାପକତା କମ୍ ବୋଲି ମନେ କରାଯାଉଛି । ସ୍ଥାନୀୟ ଭାବେ ଅତିରିକ୍ତ ବ୍ୟାପକ ଅଞ୍ଚଳରେ ମୋଟ ୧୨୧ ଲକ୍ଷ ଓ ସାମାନ୍ୟ ବ୍ୟାପକ ଅଞ୍ଚଳରେ ୩୯ ଲକ୍ଷ ଲୋକ ବାସ କରନ୍ତି । ଏଥିରୁ ବୁଝାପଡିବ ଯେ ଓଡିଶାର ମୋଟ ଜନ ସଂଖ୍ୟା ୨·୧୯ କୋଟି ମଧ୍ୟରୁ ୧·୬୦ କୋଟି ଲୋକ ସ୍ଥାନୀୟ ଭାବେ ଅତିରିକ୍ତ ବ୍ୟାପକ ଅଞ୍ଚଳ ଓ ସାମାନ୍ୟ ବ୍ୟାପକ ଅଞ୍ଚଳମାନଙ୍କରେ ବାସ କରନ୍ତି । ଅଟକଳ ହୋଇ ଥିବା ରୋଗୀମାନଙ୍କ ମଧ୍ୟରୁ କେତେକ ହିନ୍ଦ୍ କୁଷ୍ଠ ନିବାରଣ ସଂଘ ଦ୍ୱାରା ଓ କେତେକ ବେସରକାରୀ ସଂସ୍ଥାମାନଙ୍କ ଦ୍ୱାରା ପରିଚାଳିତ ବସତିମାନଙ୍କରେ ସନ୍ତୋଷମତେ ବାସ କରୁଛନ୍ତି । ବହୁ ରୋଗୀ ସମାଜ ମଧ୍ୟରେ ବାସ କରୁଛନ୍ତି । ଅନ୍ୟ ଯେଉଁମାନେ ସମାଜରୁ ପରିତ୍ୟକ୍ତ ହୋଇ ଅଛନ୍ତି ସେମାନେ ବିଭିନ୍ନ ସହରାଞ୍ଚଳରେ ବିଶେଷକରି ତୀର୍ଥସ୍ଥାନମାନଙ୍କରେ ଭିକ୍ଷାବୃତ୍ତି ଅବଲମ୍ବନ କରି ଚଳୁଛନ୍ତି ।

କୁଷ୍ଠ ରୋଗଜନିତ ସମସ୍ୟା ଯେ କେଡ଼େ ବିରାଟ ତାହା ଉପରୋକ୍ତ ହିସାବରୁ ପରିଷ୍କାର ବୁଝିହେବ । ଆମ ଦେଶରେ କୁଷ୍ଠରୋଗ ଗୋଟିଏ ମୁଖ୍ୟ ଜନସ୍ୱାସ୍ଥ୍ୟ ସମସ୍ୟାରେ ପରିଣତ ହୋଇଛି ଏବଂ ଭାରତର ପଞ୍ଚବାର୍ଷିକ ଯୋଜନାମାନଙ୍କରେ ଏ ବିଷୟ ଉତ୍ତରୋତ୍ତର ସ୍ୱୀକୃତି ହୋଇ ଆସୁଛି । ସ୍ୱାଧୀନତା ପୂର୍ବରୁ କୁଷ୍ଠସେବା କାର୍ଯ୍ୟ

ବେସରକାରୀ ସଂସ୍ଥା, ବିଶେଷକରି ମିସନମାନଙ୍କ ଦାୟିତ୍ୱରେ ପରିଚାଳିତ ହେଉଥିଲା । ସ୍ୱାଧୀନତା ପୂର୍ବରୁ ଲଣ୍ଡନରେ ଗଠିତ ହୋଇଥିବା ବ୍ରିଟିଶ ସାମ୍ରାଜ୍ୟ କୁଷ୍ଠ ସଂଘ ନାମକ ମୁଖ୍ୟ ସଂସ୍ଥା କୁଷ୍ଠ ସେବା କାର୍ଯ୍ୟ କରୁଥିଲେ । ୧୯୨୪ ମସିହାରେ ଭାରତରେ ଏହାର ଏକ ଶାଖା ସ୍ଥାପିତ ହୋଇଥିଲା । ଏହି ଅବସରରେ ଓଡ଼ିଶାରେ ଡକ୍ଟର ଆଇଜାକ୍ ସାନ୍ତ୍ରା ଉକ୍ତ ସଂଘର ଆନୁକୂଲ୍ୟରେ ଯେଉଁ ଆଗୁଆ କାମ କରିଥିଲେ ତାହା ଏଠାରେ ଉଲ୍ଲେଖ କରିବା ସମୀଚିନ । ତାଙ୍କର ବ୍ୟକ୍ତିଗତ ଉଦ୍ୟମ ଓ ଯୋଜନା ଅନୁସାରେ ହାତୀବାଡି ସ୍ୱାସ୍ଥ୍ୟ ଆଶ୍ରମ ପ୍ରତିଷ୍ଠିତ ହୋଇଥିଲା । କୁଷ୍ଠ ସେବା କାର୍ଯ୍ୟରେ ସେ କିପରି ଉତ୍ସର୍ଗୀକୃତ ଭାବେ ସେବା କରୁଥିଲେ ଏହି ଆଶ୍ରମ ତାହାର ଏକ ସ୍ଥାୟୀ ନିଦର୍ଶନ । ସ୍ୱାଧୀନତା ପରେ ବ୍ରିଟିଶ ସାମ୍ରାଜ୍ୟ କୁଷ୍ଠ ସଂଘର ଭାରତୀୟ ପରିଷଦକୁ ଭାଙ୍ଗି ଦିଆଯାଇଥିଲା ଏବଂ ତା ୨୭-୪-୧୯୫୦ରେ ଗଠିତ ହୋଇଥିବା ହିନ୍ଦ୍ କୁଷ୍ଠ ନିବାରଣ ସଂଘ ଉକ୍ତ ପରିଷଦର ସମ୍ପତ୍ତି ଓ କାର୍ଯ୍ୟାବଳୀର ଦାୟିତ୍ୱ ଗ୍ରହଣ କରିଥିଲା । ସେହିଦିନଠାରୁ ହିନ୍ଦ୍ କୁଷ୍ଠ ନିବାରଣ ସଂଘ ମୁଖ୍ୟ ବେସରକାରୀ ସଂସ୍ଥା ରୂପେ କାର୍ଯ୍ୟ କରି ଆସୁଛି ଏବଂ ଏହାର ଶାଖା ଭାରତର ସବୁ ରାଜ୍ୟରେ ରହିଛି । ହିନ୍ଦ୍ କୁଷ୍ଠ ନିବାରଣ ସଂଘ ଗଠନରେ ଯେଉଁମାନେ ମୁଖ୍ୟ ଅଂଶ ଗ୍ରହଣ କରିଥିଲେ ଡକ୍ଟର ଜୀବରାଜ ମେହେତା, ରାଜକୁମାରୀ ଅମୃତ କଉର ଓ ଡକ୍ଟର ସୁଶୀଳା ନାୟାରଙ୍କ ଭଳି ସୁନାମଧନ୍ୟ ନେତୃବୃନ୍ଦ ସେମାନଙ୍କ ମଧ୍ୟରେ ଅନ୍ୟତମ । କେନ୍ଦ୍ରରେ ଭାରତର ରାଷ୍ଟ୍ରପତି ହିନ୍ଦ୍ କୁଷ୍ଠ ନିବାରଣ ସଂଘର ସଭାପତି ରହିଛନ୍ତି ଏବଂ ରାଜ୍ୟମାନଙ୍କରେ ରାଜ୍ୟପାଳମାନେ ରାଜ୍ୟ ଶାଖାଗୁଡ଼ିକର ସଭାପତି ରୂପେ ରହିଛନ୍ତି । ଓଡ଼ିଶା ରାଜ୍ୟ ଶାଖାରେ ମୁଖ୍ୟମନ୍ତ୍ରୀ ଉପ ସଭାପତି ରୂପେ, ସ୍ୱାସ୍ଥ୍ୟମନ୍ତ୍ରୀ କାର୍ଯ୍ୟ ନିର୍ବାହିକା କମିଟିର ଅଧ୍ୟକ୍ଷ ରୂପେ ଏବଂ ପଦ୍ମଭୂଷଣ ଶ୍ରୀ ରାଧାନାଥ ରଥ ଉପାଧ୍ୟକ୍ଷ ରୂପେ ରହିଛନ୍ତି । ସ୍ୱାଧୀନତା ଲାଭପରେ ବିଭିନ୍ନ ବେସରକାରୀ ଅନୁଷ୍ଠାନ ଏ କ୍ଷେତ୍ରରେ ଯୋଗ ଦେଇଛନ୍ତି । ଓ୍ୱାର୍ଦ୍ଧାର ଗାନ୍ଧୀ ସ୍ମାରକ କୁଷ୍ଠ ଅନୁଷ୍ଠାନ ସେମାନଙ୍କ ମଧ୍ୟରେ ପ୍ରଧାନ । ଏହିସବୁ ବେସରକାରୀ ସଂସ୍ଥା କୁଷ୍ଠ ରୋଗୀମାନଙ୍କର ଚିକିତ୍ସା ଓ ସେବାଶୁଶ୍ରୂଷା କରିବାପାଇଁ ସଂପୃକ୍ତ ସରକାରମାନଙ୍କଠାରୁ ଓ ଅନ୍ୟାନ୍ୟ ସୂତ୍ରରୁ ଆର୍ଥିକ ସାହାଯ୍ୟ ନେଇ କାର୍ଯ୍ୟ କରି ଆସୁଛନ୍ତି ।

ପଞ୍ଚବାର୍ଷିକ ଯୋଜନାମାନଙ୍କରେ କୁଷ୍ଠ ନିବାରଣ କାର୍ଯ୍ୟ ଉପରେ ଉତ୍ତରୋତ୍ତର ଗୁରୁତ୍ୱ ଆରୋପ କରା ହୋଇ ଆସୁଛି । ବର୍ତ୍ତମାନ କୁଷ୍ଠ ନିୟନ୍ତ୍ରଣ କାର୍ଯ୍ୟ ଜନସ୍ୱାସ୍ଥ୍ୟ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗରେ ପରିଣତ ହୋଇଛି । ଓଡ଼ିଶାରେ ହିନ୍ଦ୍ କୁଷ୍ଠ ନିବାରଣ ସଂଘ ମୁଖ୍ୟତଃ ସରକାର ଯୋଗାଇ ଦେଉଥିବା ଅନୁଦାନ ବା ଗ୍ରାଣ୍ଟ ଦ୍ୱାରା, ଏ ଦିଗରେ ସରକାରୀ ଉଦ୍ୟମର ଅନୁପୂରଣ କରୁଛନ୍ତି । ରାଜ୍ୟ ସରକାରଙ୍କର କୁଷ୍ଠ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନୁସାରେ ୩୦ଟି କୁଷ୍ଠ ନିୟନ୍ତ୍ରଣ ସଂସ୍ଥା ଓ ୧୨୨ଟି ସର୍ଭେ ଶିକ୍ଷା ଓ ଚିକିତ୍ସା କେନ୍ଦ୍ର ସ୍ଥାନୀୟ ଭାବେ ରୋଗର ଅତିରିକ୍ତ ବ୍ୟାପକତା ଥିବା ଅଞ୍ଚଳ ତଥା ସାମାନ୍ୟ ବ୍ୟାପକତା ଥିବା ଅଞ୍ଚଳମାନଙ୍କରେ କାର୍ଯ୍ୟ କରୁଛନ୍ତି । ଏହି କାର୍ଯ୍ୟକ୍ରମ ଅଧିନରେ ସ୍ଥାନୀୟ ଭାବେ ରୋଗର ଅତିରିକ୍ତ ବ୍ୟାପକତା ଥିବା ଅଞ୍ଚଳର ମୋଟ ୧୨୧ ଲକ୍ଷ ଲୋକଙ୍କ ମଧ୍ୟରୁ ୯୧ ଲକ୍ଷ ଲୋକଙ୍କୁ କାର୍ଯ୍ୟକ୍ରମର ପରିସରଭୁକ୍ତ କରାଯାଇଛି । ସ୍ଥାନୀୟ ଭାବେ ରୋଗର ସାମାନ୍ୟ ବ୍ୟାପକତା ଥିବା ଅଞ୍ଚଳରେ ମୋଟ ୩୯ ଲକ୍ଷ ଲୋକଙ୍କ ମଧ୍ୟରୁ ୨୦ ଲକ୍ଷ ଲୋକ କାର୍ଯ୍ୟକ୍ରମର ପରିସରଭୁକ୍ତ ହୋଇ ସାରିଛନ୍ତି । ପଞ୍ଚମ ପଞ୍ଚବାର୍ଷିକ ଯୋଜନା କାଳରେ ଏହି କାର୍ଯ୍ୟକ୍ରମକୁ ଅଧିକ ପ୍ରସାରିତ କରିବା ପାଇଁ ବ୍ୟବସ୍ଥା ଚଳାଯାଉଛି । ଏ ଦିଗରେ ଆହୁରି ଅନେକ କିଛି କାର୍ଯ୍ୟ କରିବାର ଅଛି ।

ବର୍ତ୍ତମାନ ହିନ୍ଦ୍ କୁଷ୍ଠ ନିବାରଣ ସଂଘର ଓଡ଼ିଶା ଶାଖା ୧୦ଟି କୁଷ୍ଠାଶ୍ରମ ବସତି ଓ ଗୋଟିଏ ହାସପାତାଳ ରକ୍ଷଣା ବେକ୍ଷଣ କରୁଛନ୍ତି । ଏ ଗୁଡ଼ିକରେ ରହିବା ପାଇଁ ସବୁ ସୁବିଧା ସହିତ ୨୧୦ଟି ଶଯ୍ୟା ଅଛି । ୮୧୨ ଜଣ ରୋଗୀଙ୍କର ଚିକିତ୍ସା ପାଇଁ ଘର ବ୍ୟବସ୍ଥା କରାଯାଇଛି । ମୁଖ୍ୟ ଅନୁଷ୍ଠାନଗୁଡ଼ିକ ରହିଛି କଟକ, ପୁରୀ, ହାତୀବାଡି ଓ ଆସ୍କାରେ । ଆସ୍କାଠାରେ ଥିବା ୫୦ ଶଯ୍ୟା-ବିଶିଷ୍ଟ ହାସପାତାଳରେ (ପୂର୍ବତନ ଡ୍ୟାନିସ୍ ହାସପାତାଳ) ପ୍ରତିକ୍ରିୟା ପ୍ରକାଶ ପାଉଥିବା ରୋଗୀମାନଙ୍କ ଚିକିତ୍ସା ପାଇଁ ବ୍ୟବସ୍ଥା ଅଛି । ହିନ୍ଦ୍ କୁଷ୍ଠ ନିବାରଣ ସଂଘ ତା ୨-୧-୧୯୭୬ ଠାରୁ ଏହାର ପରିଚାଳନା ଭାର ନିଜ ହାତକୁ ନେଇ ଯାଇଛନ୍ତି । ଅବଶିଷ୍ଟ ବସତି (କଲୋନି) ଗୁଡ଼ିକ ରଣପୁର, ଝାଆଁଳା, ବାଲେଶ୍ୱର, ଦେଓଗଡ଼, ବରଗଡ଼, ଗୁଣୁପୁର ଓ ପାରଳାଖେମୁଣ୍ଡିରେ ରହିଛି । ଏଠାରେ ଥିବା କୁଷ୍ଠ ସଦନମାନଙ୍କରେ ୧୦ ରୁ ୩୨ ଜଣ ପର୍ଯ୍ୟନ୍ତ ରୋଗୀ ରହିବାର ସୁବିଧା ରହିଛି । ଯାଆଁଳାସ୍ଥିତ ହିନ୍ଦ୍ କୁଷ୍ଠ ନିବାରଣ ସଂଘର କୁଷ୍ଠ କଲୋନିକୁ (ବସତି) ମଦର ଟେରେସାଙ୍କ ହାତରେ ଅର୍ପଣ କରିଦେବା ପାଇଁ ସ୍ଥିର ହୋଇଛି । ସେ ଏହି ବସତି ସଂଲଗ୍ନ ଅଞ୍ଚଳରେ ଗୋଟିଏ ବୃହତ୍ କୁଷ୍ଠ ଥଇଥାନ କେନ୍ଦ୍ର ସ୍ଥାପନ କରିବା ପାଇଁ ଯୋଜନା କରୁଛନ୍ତି ।

ରାଜ୍ୟ ସରକାର ହିନ୍ଦ୍ କୁଷ୍ଠ ନିବାରଣ ସଂଘ ଅଧିନରେ ଥିବା ସଂସ୍ଥାଗୁଡ଼ିକର ପରିଚାଳନା ପାଇଁ ବାର୍ଷିକ ରକ୍ଷଣାବେକ୍ଷଣ ଗ୍ରାଣ୍ଟ ରୂପେ ହାରାହାରି ୬.୮୮ ଲକ୍ଷ ଟଙ୍କା ଯୋଗାଇ ଦେଉଛନ୍ତି । ଆମର ସଭାପତି, ଉପସଭାପତି, ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କର କୁଷ୍ଠ ସେବା କାର୍ଯ୍ୟରେ ବ୍ୟକ୍ତିଗତ ଆଗ୍ରହ ଓ ଗଭୀର ସହାନୁଭୂତି ଥିବା କାରଣରୁ ଓଡ଼ିଶାର ହିନ୍ଦ୍ କୁଷ୍ଠ ନିବାରଣ ସଂଘର କାର୍ଯ୍ୟକଳାପ ଚଳିତ ବର୍ଷ ମଧ୍ୟରେ ବୃଦ୍ଧି ପାଇଛି । ହିନ୍ଦ୍ କୁଷ୍ଠ ନିବାରଣ ସଂଘର କାର୍ଯ୍ୟର ଉନ୍ନତିବିଧାନ ଓ ପ୍ରସାର ପାଇଁ ଏହି ସଂସ୍ଥା ଆମର ସଭାପତି ତଥା ଓଡ଼ିଶାର ରାଜ୍ୟପାଳ ଶ୍ରୀ ଅକବର ଅଲୀ ଖାଁଙ୍କ ଠାରୁ ସବୁପ୍ରକାର ପ୍ରେରଣା ଲାଭ କରୁଛି । ତାଙ୍କର ରାଜ୍ୟର କୁଷ୍ଠ ସମସ୍ୟା ପ୍ରତି ନିରନ୍ତର ଆଗ୍ରହ ରହିଛି । ତାଙ୍କର ବ୍ୟକ୍ତିଗତ ଉଦ୍ୟମ ଯୋଗୁଁ କଟକ, ପୁରୀ ଓ ହାତୀବାଡିରେ ଥିବା କୁଷ୍ଠ ସଦନମାନଙ୍କରେ ପ୍ରଥମ ବାର ପାଇଁ ପୁନର୍ବାସନ ପ୍ରଶିକ୍ଷଣ କେନ୍ଦ୍ରମାନ ସ୍ଥାପିତ ହୋଇଛି । ଏଥିପାଇଁ ଭାରତ ସରକାରଙ୍କର

ତାଙ୍କୁ ଆର୍ଥିକ ସାହାଯ୍ୟ ମିଳୁଛି । ହସ୍ତତନ୍ତ, ବଢ଼େଇ କାମ, ଦରଜି କାମ, ବଇଁଚି ତିଆରି ଓ ଚମଡ଼ା କାମ ପାଇଁ ପୁନର୍ବାସନ ପ୍ରଶିକ୍ଷଣ ସଂସ୍ଥାମାନ ସ୍ଥାପିତ ହୋଇ କାର୍ଯ୍ୟକାରୀ ହେଉଛି ।

ଅନ୍ୟ ଯେ କୌଣସି ସ୍ୱେଚ୍ଛାସେବୀ ସଂସ୍ଥାଭଳି ଓଡ଼ିଶାରେ ହିନ୍ଦ କୁଷ୍ଠ ନିବାରଣ ସଂଘ ମଧ୍ୟ ମୁଖ୍ୟତଃ ସମାଜ ଅବହେଳିତ କୁଷ୍ଠ ଅନୁଷ୍ଠାନଗୁଡ଼ିକୁ ଯଥାରୀତି ପରିଚାଳନା କରିବାରେ ଦୁରୂହ ସମସ୍ୟାର ସମ୍ମୁଖୀନ ହେଉଛି । ଗୋଟିଏ ବେସରକାରୀ ଅନୁଷ୍ଠାନର ବଳ ବଢ଼ିଥାଏ ତାହାର ସଭ୍ୟମାନଙ୍କ ଦ୍ୱାରା । ସଭ୍ୟ ସଂଗ୍ରହ କରି କେବଳ ସମାଜ ଉଠାଇ ଓ ବଦାନ୍ୟ ବ୍ୟକ୍ତିମାନଙ୍କଠାରୁ ଦାନ ସଂଗ୍ରହ କରି ହିନ୍ଦ କୁଷ୍ଠ ନିବାରଣ ସଂଘ କୁଷ୍ଠ ରୋଗୀମାନଙ୍କ ସକାଶେ କଲ୍ୟାଣକର କାର୍ଯ୍ୟ ହାତକୁ ନେବା ପାଇଁ ସମର୍ଥ ହୋଇପାରିବ । ସମସ୍ତ ପ୍ରକାର କଲ୍ୟାଣକର କାର୍ଯ୍ୟ ପାଇଁ ସରକାରଙ୍କ ସହାୟତା ଉପରେ ବିଭିନ୍ନ ଦିଗରୁ ଚାପ ପଡୁଥିବା ହେତୁ ସରକାର କୁଷ୍ଠ ସେବା କାର୍ଯ୍ୟପାଇଁ ଆର୍ଥିକ ସାହାଯ୍ୟଦେବାର ଗୋଟାଏ ସୀମା ନିଶ୍ଚୟ ରହିବ । କୁଷ୍ଠ ରୋଗୀମାନେ ସମାଜରେ ସବୁଠାରୁ ବେଶି ଦଳିତ ବ୍ୟକ୍ତି । ତେଣୁ ସେମାନଙ୍କର କଲ୍ୟାଣ ସାଧନ ପାଇଁ ଯଥେଷ୍ଟ ସାହାଯ୍ୟ କରିବା ଲାଗି ବଦାନ୍ୟ ଜନସାଧାରଣ ଆଗଭର ହୋଇ ବାହାରିବା ଆବଶ୍ୟକ । କୁଷ୍ଠ ସେବା କାର୍ଯ୍ୟରେ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କୁ ବିଶେଷ ଭାବରେ ସଂଶ୍ଳିଷ୍ଟ କରିବା ପାଇଁ ଭାରତ ସରକାର ସ୍ଥିର କରିଛନ୍ତି । କେନ୍ଦ୍ର ସରକାରଙ୍କର ଅନେକ ପରିକଳ୍ପନା ଅଛି, ସେଇଗୁଡ଼ିକୁ ହିନ୍ଦ କୁଷ୍ଠ ନିବାରଣ ସଂଘ କାର୍ଯ୍ୟକାରୀ କରି ପାରିବେ କିନ୍ତୁ ଆମ ନିଜ ସମ୍ବଳରୁ ଏହି କେନ୍ଦ୍ରୀୟ ପରିକଳ୍ପନା ପାଇଁ ମିଳୁଥିବା ଗ୍ରାଣ୍ଟର ଶତକଡ଼ା ୧୦ ରୁ ୨୫ ଭାଗ ପର୍ଯ୍ୟନ୍ତ ଅନୁପୂରଣ କରିବା ପାଇଁ ଉକ୍ତ ପରିକଳ୍ପନାରେ ବ୍ୟବସ୍ଥା କରାଯାଇଛି । ଉକ୍ତ ଶତକଡ଼ା ୧୦ ରୁ ୨୫ ଭାଗ ପର୍ଯ୍ୟନ୍ତ ଅର୍ଥ ଯୋଗାଇବା ସକାଶେ ଆମର ଅର୍ଥାଭାବ ଥିବା ଯୋଗୁଁ, କୁଷ୍ଠରୋଗୀଙ୍କ କଲ୍ୟାଣ ପାଇଁ କେନ୍ଦ୍ରରୁ ବହୁ ପରିମାଣରେ ମିଳୁଥିବା ସାହାଯ୍ୟର ସୁବିଧା ନେବାପାଇଁ ଆମେ ସମର୍ଥ ହୋଇପାରିବୁ ନାହିଁ । ଏହି ଅର୍ଥ ଉଠାଇବା ଦିଗରେ ଏ ସପ୍ତାହରେ ପରିଚାଳିତ ହେଉଥିବା ପାଣ୍ଠି ସଂଗ୍ରହ ଅଭିଯାନ ଆମକୁ ସାହାଯ୍ୟ କରିବ ବୋଲି ଆମେ ଆଶା କରୁ ।

କୁଷ୍ଠ ରୋଗ ଭଳି ଗୋଟିଏ ବିପଦର ମୁକାବିଲା କରିବା ଦିଗରେ କେତେକ ମୌଳିକ ସମସ୍ୟା ରହିଛି । ସେଗୁଡ଼ିକ ହେଲା କୁଷ୍ଠରୋଗର ପ୍ରାଥମିକ ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ତାର ନିଦାନ ଓ ଚିକିତ୍ସା କରିବାକୁ ହେବ, ଯେଉଁଠାରେ ରୋଗୀର ରୋଗ ବୃଦ୍ଧି ପାଇଥିବ, ସେଠାରେ ଧାରାବାହିକ ଭାବେ ଚିକିତ୍ସା କରିବାକୁ ହେବ, ପ୍ରତିକ୍ରିୟା ଥିବା ରୋଗୀକୁ ହାସପାତାଳରେ ରଖିବାକୁ ହେବ ଏବଂ ସଂକ୍ରମଣରୁ ରକ୍ଷା କରିବା ପାଇଁ ସର୍ବଦୃଷ୍ଟିରୁ ନଜର ରଖିବାକୁ ହେବ । ବିଶେଷଜ୍ଞମାନେ କହନ୍ତି ଯେ ରୋଗର ପ୍ରାରମ୍ଭରୁ ରୋଗ ଚିହ୍ନି ହୁଏନାହିଁ । ରୋଗ ସଂକ୍ରମଣ କରିବା ପକ୍ଷେ ଏହି ଅବସ୍ଥା ଅତ୍ୟନ୍ତ ସମସ୍ୟା ହୋଇ ଗୋଟିଏ ବଡ଼ ବିପଦ ରୂପେ ଦେଖାଦିଏ । ତାହାରେ ବୁଲୁଥିବା କୁଷ୍ଠ ରୋଗାକ୍ରାନ୍ତ ଭିକାରୀ, ସେମାନେ ଚିକିତ୍ସା କେନ୍ଦ୍ରକୁ ଆସନ୍ତି ନାହିଁ ସେମାନେ ସଂକ୍ରମଣରେ ବିସ୍ତାର ପାଇଁ ଯେତେ ଦାୟୀ ନୁହନ୍ତି, ରୋଗର ପ୍ରାରମ୍ଭିକ ଅବସ୍ଥାରେ ଅଚିହ୍ନା ଥିବା ରୋଗୀମାନେ ତାହାଠାରୁ ବେଶୀ ବିପଜ୍ଜନକ । ସେଥିପାଇଁ ପ୍ରାରମ୍ଭିକ ଅବସ୍ଥାରେ ତାହାର ନିଦାନ ଓ ଚିକିତ୍ସା ଘରେ ଘରେ କରାଯିବା ଆବଶ୍ୟକ । ତାହାହେଲେ ରୋଗୀ ବିକଳାଙ୍ଗ ହେବ ନାହିଁ କି ଭିକ୍ଷାବୃତ୍ତି ଆଶ୍ରୟ କରିବ ନାହିଁ । ତେଣୁ ସମାଜର ସୁସ୍ଥ ଲୋକମାନେ ସେମାନଙ୍କ ହିତ ଦୃଷ୍ଟିରୁ ଏହିଭଳି ରୋଗୀମାନଙ୍କୁ ଚିହ୍ନଟ କରିବା ପାଇଁ ନେଇ ଆସନ୍ତୁ । ଏଥିପାଇଁ ସେମାନେ ସରକାରୀ ସଂସ୍ଥାମାନଙ୍କ ସହିତ ଓ କୁଷ୍ଠ ନିୟନ୍ତ୍ରଣ କାର୍ଯ୍ୟରେ ବ୍ୟାପୃତ ଥିବା ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ସହିତ ପୂର୍ଣ୍ଣ ପ୍ରାଣରେ ସହଯୋଗ କରନ୍ତୁ । କୁଷ୍ଠ ରୋଗର ଚିକିତ୍ସା ପାଇଁ ଆଧୁନିକ ଚିକିତ୍ସା ପ୍ରଣାଳୀରେ ଅଗ୍ରଗତି ସାଧିତ ହୋଇଛି । ଏହା ବର୍ତ୍ତମାନ ଯେ କୌଣସି ରୋଗପରି ଚିକିତ୍ସା କରାଯାଉଛି । ଯଦି ସମାଜରେ ଏ ରୋଗ ସଂପର୍କରେ ରହିଥିବା ଭ୍ରମଧାରଣା ଓ କୁସଂସ୍କାର ଦୂରୀଭୂତ ହୁଏ ଏବଂ ଏ ଦିଗରେ କାର୍ଯ୍ୟରତ ଥିବା ଡାକ୍ତର, ଚିକିତ୍ସକ ଓ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ସହିତ ସର୍ବସାଧାରଣ ପୂର୍ଣ୍ଣ ପ୍ରାଣରେ ସହଯୋଗ କରନ୍ତି ତାହା ହେଲେ ଏ ରୋଗକୁ ନିୟନ୍ତ୍ରଣ କରିବା ଏବଂ ପରିଶେଷରେ ଅଦୂର ଭବିଷ୍ୟତରେ ଏହାକୁ ନିର୍ମୂଳ କରିବା ସମ୍ଭବପର ହେବ ।

ଆମେ ଦରିଦ୍ର-ଆମେ ଦରିଦ୍ର-ଏମିତି ସବୁବେଳେ ଧ୍ୱବଲେ ଓ କହି ହେଲେ ଗୋଟିଏ ଜାତି ଚିରଦିନ ଦରିଦ୍ର ରହିଯାଇ ରହିବ । ଧନର ଦାରିଦ୍ର୍ୟ ଦୂର କରି ହେବ । ମାତ୍ର ମନର ଦାରିଦ୍ର୍ୟ ଦୂର କରିବା କାଠିକର ପାଠ

ଗରିବଙ୍କ ଆର୍ଥିକ ବିକାଶ ନିମନ୍ତେ ପଦକ୍ଷେପ

ଓଡ଼ିଶା ଭଳି ଗୋଟିଏ ରାଜ୍ୟର ଅର୍ଥନୀତି ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ ଥିବାବେଳେ ଭୂ-ସଂସ୍କାର ତଥା ହଜାର ହଜାର ଭୂମିହୀନ ଗରିବ ଲୋକଙ୍କ ସମସ୍ୟାଗୁଡ଼ିକ ଅନିର୍ଦ୍ଦିଷ୍ଟ କାଳ ନିମନ୍ତେ ଗଡ଼ାଇ ଦିଆଯାଇ ନପାରେ । ଉକ୍ତ ସମସ୍ୟାଗୁଡ଼ିକର ଆଶୁ ସମାଧାନ ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ, ଦୁର୍ବଳ ଶ୍ରେଣୀ ଲୋକଙ୍କର, ବିଶେଷକରି ଆଦିବାସୀ ଓ ହରିଜନ ଶ୍ରେଣୀର ଲୋକମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ଘଟାଇବା ଦିଗରେ ରାଜ୍ୟସରକାର ଅନେକଗୁଡ଼ିଏ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ଏ ଦିଗରେ ଯେଉଁସବୁ ଦୃଢ଼ ପଦକ୍ଷେପ ନିଆଯାଇଛି, ତା' ଭିତରେ 'ଭୂମିହୀନଙ୍କୁ ଭୂମିଦାନ', ଓ ବାସହୀନଙ୍କୁ ବାସଗୃହ ଯୋଗାଣ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଆରୋପ କରାଯାଇଛି ଏଠାରେ ଉଲ୍ଲେଖଯୋଗ୍ୟ ଯେ 'ଭୂମିହୀନଙ୍କୁ ଭୂମିଦାନ' ଯୋଜନା ୧୯୭୪ ମସିହା ଅକ୍ଟୋବର ପହିଲାରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା ଏବଂ ୧୯୭୪-୭୫ ଆର୍ଥିକ ବର୍ଷରେ ଦୁଇଲକ୍ଷ ଏକର ଜମି ଭୂମିହୀନଙ୍କୁ ଦେବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏ ଦିଗରେ ଯେଉଁ ଆନ୍ତରିକ ଉଦ୍ୟମ କରାଗଲା, ତା'ର ପରିଣାମରେ ଉକ୍ତ ଆର୍ଥିକ ବର୍ଷରେ ୨ଲକ୍ଷ ୪୬ ହଜାର ୩୦୬ ଏକର ଜମି ୧୫୫,୫୧୯ ଜଣ ଭୂମିହୀନଙ୍କୁ ଦିଆଯାଇଥିଲା । ଉପକୃତ ହୋଇଥିବା ଭୂମିହୀନଙ୍କ ଭିତରୁ ୮୩,୦୦୦ ରୁ ଊର୍ଦ୍ଧ୍ୱ ହେଉଛନ୍ତି ଆଦିବାସୀ ଓ ୩୪,୦୦୦ ରୁ ଅଧିକ ହେଉଛନ୍ତି ତଫସିଲଭୁକ୍ତ ଜାତିର ଲୋକ ଏବଂ ପ୍ରାୟ ୩୭,୦୦୦ ହେଉଛନ୍ତି ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀର ଲୋକ । ଉପକୃତ ହୋଇଥିବା ଲୋକଙ୍କୁ ଯେଉଁ ପରିମାଣରେ ଚାଷଜମି ଓ ଘରଡ଼ିହ ଦିଆଯାଇଥିଲା ତାହା ନିମ୍ନରେ ଦିଆଗଲା ।

ଦିଆଯାଇଥିବା କୃଷୋପଯୋଗୀ ଜମିର ବିବରଣୀ

ଜାତି		ଉପକୃତ ଲୋକଙ୍କ ସଂଖ୍ୟା	ଜମିର ପରିମାଣ
ଆଦିବାସୀ	..	୭୬,୮୭୦	୧୪୧,୮୧୬ ଏକର
ତଫସିଲଭୁକ୍ତ ଜାତି	..	୩୧,୦୬୩	୬୦,୪୧୩ ଏକର
ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀ	..	୩୭,୫୧୩	୪୬,୧୦୪ ଏକର

ଦିଆଯାଇଥିବା ବାସୋପଯୋଗୀ ଡିହର ବିବରଣୀ

ଜାତି		ଉପକୃତ ଲୋକଙ୍କ ସଂଖ୍ୟା	ଡିହ ଜମିର ପରିମାଣ
ଆଦିବାସୀ	..	୬,୭୬୯	୮୮୫ ଏକର
ହରିଜନ	..	୩,୪୫୫	୩୭୦ ଏକର
ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀ	..	୪,୮୪୯	୬୧୭ ଏକର

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୨୦ ଦଫା ଅର୍ଥନୈତିକ କାର୍ଯ୍ୟକ୍ରମ ଘୋଷଣା କରାଯିବା ପରେ ପରେ ଭୂମିହୀନ ଓ ବାସହୀନଙ୍କୁ ଜମି ଦେବା କାର୍ଯ୍ୟରେ ଗୁରୁତ୍ୱ ଅର୍ପିତ ହୋଇଛି । ୧୯୭୫-୭୬ ମସିହା ଭିତରେ ଏକଲକ୍ଷ ୨୦ ହଜାର ଏକର ଜମି ଦେବାପାଇଁ ଅତବ୍ଧ ସେହି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା, ତା' ଭିତରୁ ଏକଲକ୍ଷ ୪୦ ହଜାର ୮୬୫ ଏକର ଜମି ୭୧ ହଜାର ୬୩୨ ଜଣଙ୍କୁ ଦିଆଯାଇ ସାରିଲାଣି । ଏମାନଙ୍କ ଭିତରେ ୫୩ ହଜାର ୬୭୮ ଆଦିବାସୀ ଓ ହରିଜନ ମଧ୍ୟ ରହିଛନ୍ତି ।

ଏହି ଭୂମିହୀନ ଓ ବାସହୀନ ଲୋକଙ୍କୁ ଚାଷ ଉପଯୋଗୀ ଓ ଘର ତିଆରି ଉପଯୋଗୀ ଜମି ଦେବା ସଙ୍ଗେ ସଙ୍ଗେ ସେମାନେ ଯେପରି ଚାଷବାସ କାମରେ ଲାଗି ନିଜ ଗୋଡ଼ରେ ଠିଆ ହୋଇ ପାରିବେ ସେଥିପାଇଁ ଯଥେଷ୍ଟ ପରିମାଣ ଅନ୍ୟାନ୍ୟ ସାହାଯ୍ୟ ମଧ୍ୟ ଦିଆଯାଉଛି । ବିହନ, ଚାଷୋପକରଣ, ବଳଦ ଓ ଘୁଷୁରି ଆନୁଷଙ୍ଗିକ ଖର୍ଚ୍ଚ ତୁଲାଇବା ପାଇଁ ବିଭିନ୍ନ ଅର୍ଥଲଗାଣକାରୀ ସଂସ୍ଥାମାନଙ୍କଠାରୁ ଏମାନଙ୍କୁ ଆବଶ୍ୟକ ଋଣ ଯୋଗାଇ ଦିଆଯାଉଛି । ସମବାୟ ସମିତି-ଗୁଡ଼ିକ ଯେଉଁ ସବୁ ସୁବିଧା ଦିଅନ୍ତି ତାହା ପାଇବାପାଇଁ ସମବାୟ ସମିତିରେ ଅଂଶଧନ କିଣି ସଦସ୍ୟ ଶ୍ରେଣୀଭୁକ୍ତ ହେବାକୁ ପଡ଼େ । ଏଭଳି ସମବାୟ ସମିତିରେ ସଦସ୍ୟ ହେବାପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଏ ପର୍ଯ୍ୟନ୍ତ ୯ ଲକ୍ଷ ୩୦ ହଜାର ଟଙ୍କା ଅଂଶଧନ ବାବଦକୁ ଦିଆଯାଇଛି ଏବଂ ଏହା ଫଳରେ ୪୭,୫୦୦ କ୍ଷୁଦ୍ରଚାଷୀ ସମବାୟ ସମିତିଗୁଡ଼ିକରେ ଅଂଶଧନ ଦେଇ ସଭ୍ୟ ହୋଇଛନ୍ତି । ଭୂମିହୀନଙ୍କୁ ଜମି ଦେବାପାଇଁ ନୀତି ଘୋଷଣା କରାଯାଇଛି ବୋଲି କେବଳ ଖଣ୍ଡିଏ ଜମି ସେମାନଙ୍କୁ ଦେଲେ ଦାୟିତ୍ୱ ପୂରଣ ହେବନାହିଁ ବରଂ ସେମାନେ କିପରି ନିଜ ଗୋଡ଼ରେ ଠିଆ ହୋଇପାରିବେ ତାହା ଦେଖିବାକୁ ହେବ । ଏଣୁ ମୁଖ୍ୟତଃ ନୂଆକରି ଭୂମି ପାଇଥିବା ଭୂମିହୀନମାନେ କିପରି ଆର୍ଥିକ ଦିଗରୁ ସ୍ୱଚ୍ଛଳ ହୋଇପାରିବେ ସେଥିପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି ।

ଏ ଦିଗରେ ଢେଙ୍କାନାଳ ଜିଲାରେ କାମ ଆରମ୍ଭ ହୋଇଥିଲା ଓ ତାହା ସଫଳ ହୋଇଛି । ଆଠଟି ଗାଁର ୨୪୧ ଜଣ ଭୂମିହୀନଙ୍କୁ ୧୯୭ ଏକର ଜମି ଦିଆଯାଇ ସେମାନଙ୍କୁ ଥଇଥାନ କରାଇ ଦିଆଯାଇପାରିଛି । ଏଥିରେ ଉତ୍ସାହିତ ହୋଇ ୧,୨୩୧ ଜଣଙ୍କୁ ଦିଆଯାଇଥିବା ୧୨୦୦ ଏକର ଜମିରେ ବିଭିନ୍ନ ଅର୍ଥଲଗାଣକାରୀ ସଂସ୍ଥା ଓ କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥାର ସାହାଯ୍ୟରେ ବାଜରା, ମକା, ମାଣ୍ଡିଆ ଓ ବିରି ଭଳି ରବି ଫସଲ ଓ ସ୍ୱଳ୍ପ ମିଆଦୀ ଧାନ ଚାଷ ସମ୍ଭବ ହୋଇଛି ।

ବନ୍ୟାରେ ବାସହରା ହୋଇଥିବା କୁହୁମ ଟାଙ୍ଗର ଗାଁର ୩୯ଟି ପରିବାରଙ୍କୁ ୭୫ ଏକର ଜମି ପଟ୍ଟା ଦିଆଯାଇଥିଲା । ସେହି ଗାଁର ୧୬ ଜଣ ହରିଜନ ମଧ୍ୟ କିଛି ଜମି ପାଇଥିଲେ । ସରକାରୀ କର୍ମଚାରୀ ଓ ଅନ୍ୟ ସଂସ୍ଥା ଗୁଡ଼ିକର ସାହାଯ୍ୟରେ ଏବେ ସେମାନେ ୨୦ ହଜାର ଟଙ୍କାର ଧାନ ଅମଳ କରିପାରିଛନ୍ତି ।

ସେହିପରି ବଳରାମପୁର କାଣିଆଡ଼ିହ ଗାଁରେ ୨୦୬ ଜଣ ନୂଆକରି ପାଇଥିବା ୧୫୦ ଏକର ଜମିରେ ବିଭିନ୍ନ ଫସଲ ଉତ୍ପାଦନ ପାଇଁ ଚେଷ୍ଟା କରାଗଲା । ଲୋକେ ବିରି, ମକା, ମାଣ୍ଡିଆ ଆଦି ଅମଳ କଲେ ଏବଂ ପ୍ରତ୍ୟେକ ହାରାହାରି ୪୦୦ ଟଙ୍କା ଲାଭ ପ୍ରଥମ ଫସଲରୁ ପାଇଲେ । ଏବେ ଦ୍ୱିତୀୟ ଫସଲ କରିଛନ୍ତି ଏବଂ ମୋଟାମୋଟି ଫସଲ ଭଲ ହୋଇଛି ।

ବାସହୀନଙ୍କ ପାଇଁ ବାସଗୃହ

ଭୂମିହୀନ ଲୋକଙ୍କ ଅର୍ଥନୈତିକ ବିକାଶ ଦିଗରେ ବାସଗୃହ ଓ ଘରଭିହ ଯୋଗାଣ ଯୋଜନା ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ୧୯୭୪ ମସିହା ଜୁନ୍ ମାସରେ ଗରିବ ଲୋକଙ୍କୁ ଘରଭିହ ଦେବା ଯୋଜନା ଆରମ୍ଭ ହୋଇଥିଲା । କିନ୍ତୁ ଏହି ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଗରିବ ଲୋକଙ୍କୁ ଅଳ୍ପ ଖର୍ଚ୍ଚରେ ତିଆରି ଘର ଯୋଗାଇ ଦେବାପାଇଁ ସରକାର ସିଦ୍ଧାନ୍ତ ଗ୍ରହଣ କଲେ । ୧୯୭୫-୭୬ ମସିହା ଭିତରେ ୨୫ ହଜାର ପରିବାରଙ୍କୁ ଏଭଳି ଘର ଯୋଗାଇ ଦେବାକୁ ସ୍ଥିର କରାଗଲା । ଢେଙ୍କାନାଳ, ମୟୂରଭଞ୍ଜ, କୋରାପୁଟ ଓ କଳାହାଣ୍ଡି ଜିଲାରେ ୫ ଲକ୍ଷ ଟଙ୍କା ଏହି ବାବଦରେ ଖର୍ଚ୍ଚ ହେବ । ୧୯୭୫ ମସିହା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଦିନ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ଢେଙ୍କାନାଳ ଜିଲାର ବଳରାମପୁର ଗ୍ରାମରେ ଏହି ଯୋଜନାର ଶୁଭ ଦେଲେ । ସମାଜରେ ଦୁର୍ବଳ ଶ୍ରେଣୀର ଲୋକଙ୍କ ଆଶା ଆକାଂକ୍ଷା ପୂରଣ ପାଇଁ ଏସବୁ ଯୋଜନାର ସୂତ୍ରପାତ କରାଯାଇଛି ଏବଂ ଏଥିରେ ଜନସାଧାରଣଙ୍କର ଅକୁଣ୍ଠିତ ସହଯୋଗ ମିଳୁଛି ।

ସ୍ୱପ୍ନଦେଖା

ହରିଜନର ଘର

ଶ୍ରୀ ଅଭିମନ୍ୟୁ ମହାପାତ୍ର

ଚାଷ କରିବାକୁ ଜମିଗୁଣ୍ଠେ ନାହିଁ, ରହିବାକୁ ମଧ୍ୟ ଘରଖଣ୍ଡିଏ ନାହିଁ, ଘରଡ଼ିହ ଖଣ୍ଡେ ଯଦି ଥାନ୍ତା—ତେବେ ସେ ପରିଶ୍ରମ କରି ଝାଟିମାଟି ଘରଟିଏ କରିଥାନ୍ତା । କିନ୍ତୁ ସେତିକି ଜମି ମଧ୍ୟ ନାହିଁ । କେଉଁ ବାପ ଗୋସେଇଁ ବାପ ଅମଳରୁ ସେ ହଳିମୁଲିଆ ହୋଇ ଚଳିଆସୁଛି । ତା'ର ଗୋସେଇଁ ବାପ ମୂଲ ଲାଗୁଥିଲ, ମାଲିକର ଗୋସେଇଁବାପ ପାଖରେ । ଆଜି ସେ ମୂଲ ଲାଗୁଛି ମାଲିକ ପାଖରେ । ମାଲିକର ଗୁହାଳ ଘରପାଖରେ ଅଳ୍ପ ଟିକି ଜମି ଉପରେ ଫୋକୁ ମର୍ଷିଣ ରହିବାପରି ସେ ରହୁଛି । ସେ ମଧ୍ୟ ସ୍ୱପ୍ନ ଦେଖେ । ମୋ ନିଜର ଘରଖଣ୍ଡିଏ ଥାଆନ୍ତା ! ପରିପରିବା କରିବା ପାଇଁ ବଗିଚା ଖଣ୍ଡିଏ କରନ୍ତି ; ଗାଈ ଗୁହାଳଟିଏ କରନ୍ତି, ସ୍ୱଳ୍ପ ଜମି କିଛି ଥାଆନ୍ତା, ମୁଁ ଅନ୍ୟ ଲୋକ ଜମିରେ ଫସଲ କରୁଛି । ମୋ ନିଜ ଜମିରେ କାମ କରନ୍ତି, କେମିତି ଫସଲ ହୁଅନ୍ତା !!

କିନ୍ତୁ ତା'ର ସ୍ୱପ୍ନ ଭାଙ୍ଗିଯାଏ । ସେଇ ଲକ୍ଷ୍ୟ ବାସ୍ତବତା—ମାଲିକର ଗାଳିଆଣି—ତୁ ଠିକ କାମ କରୁନାହୁଁ, ଠକୁଚୁ, ଜାଣିଛୁ ? ତୋତେ ଏ ଗାଁଆରୁ ଉଠାଇଦେବି ? ଦେଖିବି, କେଉଁ ବାପ ତୋ ପିଠିରେ ପଡ଼ିବ ?

ହାୟ, ଦୀନବନ୍ଧୁ, ତୁମେପରା ଗରିବସେବକ । ତୁମେ ପରା ପତିତପାବନ ? କ'ଣ ଆମ ଡାକ ଶୁଣିବନାହିଁ । ଏତିକିବେଳେ ଶୁଣାଯାଏ, କଳାହାଣ୍ଡି ଜିଲ୍ଲାରେ ଘରନଥିବା ଲୋକଙ୍କ ପାଇଁ ଘରତିଆରି ହେବ । ବସ୍ତି ବସିବ । ଗ୍ରାମସେବକ ଗାଁଆଁ ଗାଁଆଁ ବୁଲି ଘର ନଥିବା ଲୋକଙ୍କ ତାଲିକା କଲେ । ଜିଲ୍ଲାରେ ପ୍ରାୟ ୨୭ ହଜାର ପରିବାରଙ୍କ

ଘରନାହିଁ ଅବା ଘର ନାଁରେ କୁଡ଼ିଆଟିଏ ଅଛି । ତେଣୁ, ସରକାର ସ୍ଥିରକଲେ—ଆଗାମୀ ୫ବର୍ଷ ଭିତରେ ଅନ୍ତତଃ ୨୦ ହଜାର ଲୋକଙ୍କୁ ବାସଗୃହ ଯୋଗାଇ ଦିଆଯିବ । ସରକାରୀ ଜମିରେ ୨୦।୩୦ଟି ପରିବାର ରହିବା ପରି ଛୋଟିଏ ଛୋଟିଏ ବସ୍ତିରେ କରାଯିବ । ସେମାନଙ୍କର ଅତି ଦରକାରୀ କେତେକ ସୁବିଧା ଦିଆଯିବ । ଯଥା— ରାସ୍ତା, କୂଅ, ସଭାଘର ଇତ୍ୟାଦି ହେବ । ଘର ପାଖରେ ଅଳ୍ପ ଜମିଥିବ । ଯେଉଁଠାରେ ସୁବିଧା ହେବ—ବସ୍ତିରେ ରହିବା ଲୋକଙ୍କୁ ଚାଷ ଜମି ଦିଆଯିବ । ସେମାନଙ୍କୁ ସ୍ୱାବଲମ୍ବୀ କରାଯିବ । ସ୍ୱାଧୀନ କରାଯିବ । ଯାହାର କେହି ନାହିଁ କିଛିନାହିଁ, ତା, ପାଇଁ କାମ କରିବାକୁ ହେବ ।

କାମଠଣା ଗାଁରେ ପରିକ୍ରମାବାବୁ ଗ୍ରାମ ସେବକଙ୍କ ଏହି ଭାଷଣ ମିଶ୍ରିତପ୍ରତିକ୍ରିୟା ସୃଷ୍ଟିକଲା । ହଜଦିଆ ହରିଜନ ତା ମାଆକୁ ରାତିରେ ଧୀର ସ୍ୱରରେ କହିଲା—"ମାଆରେ ! ଆମ ଡାକ ଦେବତା ଶୁଣିବେ । ମାଆ ମାଣିକେଶ୍ୱରୀଲେ; ମାଆ ସମଲେଇ; ଆମକୁ ଘରଖଣ୍ଡିଏ ମିଳୁ—ଆମେ ଅନାଥ ଲୋକ । ମାଲିକଙ୍କ ଦାନ ପାଖରେ ଆଉ ରହିହେବ ନାହିଁ" । ହଜଦିଆର ମାଆ କହିଲା—"ବାପାରେ ତୋ ବାପ ସେମିତି ଭାବୁଥିଲା । ଆମର ଘରହେବ, ହେଲେ ଏଇ ଓଳିତଳେ ବର୍ଷା ମାସରେ ପାଣି କାଦୁଅରେ ରହି ରହି ଜରହେଲା । ବୁଢ଼ା ନଅଦିନ ଜର ଭୋଗି ଭୋଗି ଚାଲିଗଲା । ଏବେ କଣ ହେଉଛି ଦେଖ ।"

କିନ୍ତୁ ପୁଅ ସେଇ ରାତି ଅନ୍ଧାରରେ ଦେଖୁଥାଏ ତା'ର ଛୋଟିଏ ଘର ହୋଇଯାଉଛି । ସେ ନିଜେ କାଦୁଅ ଚକଟି ଇଟା ତିଆରି କରୁଛି । ଆଉ ତାର ମାଆକୁ କହୁଛି—ମାଆ ଦେଖ, ଏଇ ଆମର ଘର ।

ସତକୁ ସତ ଗତ ସେପ୍ଟେମ୍ବର ମାସରୁ ଘର ତିଆରି ଆରମ୍ଭ ହୋଇଗଲା । ଜିଲ୍ଲାର ବିଭିନ୍ନସ୍ଥାନରେ ବସ୍ତିପାଇଁ ଜମି ଠିକ୍ କରାଗଲା । ପ୍ରଥମ ପର୍ଯ୍ୟାୟରେ ୭୫୦ଟି ଘର ତିଆରି ହେବ । ସେଥିପାଇଁ ସରକାର ୭ ଲକ୍ଷ ୬୦ ହଜାର ଟଙ୍କା ମଞ୍ଜୁର କଲେ । ଘର ପାଇଁ ଆବଶ୍ୟକ କାଠ ଓ ବାଉଁଶ ଜଙ୍ଗଲବିଭାଗପକ୍ଷରୁ ବିନା ପଇସାରେ ଯୋଗାଇ ଦିଆଗଲା । ପ୍ରତ୍ୟେକ ଘରପାଇଁ ଏକ ହଜାର ଟଙ୍କା ଖର୍ଚ୍ଚ କରାଗଲା । ଗୋଟିଏ ବଡ କୋଠରୀ, ଗୋଟିଏ ରୋଷେଇ ଘର ଓ ତା ପାଖକୁ ଲାଗି ଆଉ ଗୋଟିଏ ଛୋଟ କୋଠରୀ । ଆଗରେ ୫ଫୁଟ ଚଉଡାର ବାରଣ୍ଡାଟିଏ, ଜଣେ ସାଧାରଣ ଲୋକର ରହିବା ପାଇଁ ଯାହା ଦରକାର, ସେତିକି କରାଗଲା । ବସ୍ତିରେ ଗୋଟିଏ ଗୋଟିଏ କୂଅ ମଧ୍ୟ ଖୋଳାଗଲା । ମୁଖ୍ୟ ରାସ୍ତାଠାରୁ ବସ୍ତିକୁ ରାସ୍ତା ତିଆରି କରାଗଲା । ଘର ପଛକୁ ଖୋଲା ଜାଗା ରଖାଗଲା । କେତେ ସ୍ଥାନରେ ଚିତ୍ତବିନୋଦନକେନ୍ଦ୍ର ନିର୍ମାଣ କରାଗଲା । ଏପରି ନୂଆ ବସ୍ତି କାମଠଣା, କଲମପୁର, ଡୁମେର ବାହାର, ପାଣ୍ଡିଗୁଡ଼ି ଲଣ୍ଡ ଇତ୍ୟାଦି ଗ୍ରାମରେ ଗଢିଉଠିଛି, ଖୁବ୍ ଅଳ୍ପଦିନ ମଧ୍ୟରେ ବସ୍ତି ତିଆରି ପୂର୍ବରୁ କେତେକ ସ୍ଥାନରେ ଜମି ସମତଳ କରାଯାଉଛି । ଇଟା ତିଆରି ହୋଇଛି । ଜଙ୍ଗଲରୁ କାଠ ବାଉଁଶ ବୁହାହୋଇଛି । ଏ କାମରେ ସ୍ଥାନୀୟ ଲୋକେ ମଧ୍ୟ ସହଯୋଗ କରିଛନ୍ତି । କଳାହାଣ୍ଡି କଲେଜର ଜାତୀୟ ସେବା ସଂସ୍ଥା ଛାତ୍ରମାନେମଧ୍ୟ କେତେଗୁଡ଼ିଏ ରାସ୍ତା ତିଆରି କରିଛନ୍ତି ଏହି ବସ୍ତିରେ । କାମଠଣା ଯକ୍ଷ୍ମା ନିବାସର କର୍ମଚାରୀମାନେ ମଧ୍ୟ ଶ୍ରମଦାନ କରିଛନ୍ତି ସେଠାକାର ନୂଆ ବସ୍ତିରେ ।

ଜାନୁଆରୀ ୨୬ ତାରିଖ ଦିନ ରାଜ୍ୟ ଖଣି ଭୂତତ୍ତ୍ୱ ପରିବହନ ଓ ବାଣିଜ୍ୟ ବିଭାଗ ରାଷ୍ଟ୍ରମନ୍ତ୍ରୀ ଡାଃ-କୃପାସିନ୍ଧୁ ଭୋଇ ଏଥିଭିତରୁ ୨ଟି ବସ୍ତି ଉଦ୍‌ଘାଟନ କଲେ । ଭବାନୀପାଟଣା ସବ୍‌ଡିଭିଜନରେ କାମଠଣାରେ ଓ ଧର୍ମଗଡ ସବ୍‌ଡିଭିଜନର ଡୁମେରବାହାରରେ ତାଙ୍କର ହାତରୁ ବାସହୀନ ଲୋକମାନଙ୍କୁ ଘର ହୋଇଥିବା ଜମିର ପଟ୍ଟା ଓ ଘରର ରହିବାଅଧିକାର କାଗଜ ଦେଇଥିଲେ । ଜାନୁଆରୀ ଶେଷସୁଦ୍ଧା ୩ଶହ ଘର ତିଆରି ସରିଛି ଓ ଆଉ ଅଳ୍ପଦିନରେ ଅନ୍ୟଗୁଡ଼ିକର କାମ ସରିଯିବ । ହଜଦିଆ ହରିଜନ ମଧ୍ୟ ଖଣ୍ଡେ ଘରପାଇଛି । ତା' ମାଆ ବୁଢ଼ୀକୁ ଆଉ ମାଲିକ ଘର ଗୁହାଳପାଖେ ରହିବାକୁ ହେଉନାହିଁ । ହଜଦିଆ ସେଦିନ ସଭାରେ କହିଲା—ମୋତେ ଘର ମିଳିଲା, ଆମ ଗରିବ ଭାଇମାନଙ୍କୁ ଘରମିଳିଲା, ଯିଏ ଆମକୁ ଘରକରି ଦେଲା—ଭଗବାନ ତା'ର ମଙ୍ଗଳ କରନ୍ତୁ, ସବୁ ଗରିବ ଲୋକଙ୍କ ଡାକ ସେ ଶୁଣୁ ।

ହଜଦିଆର ମାଆ ଖାଲି କାନ୍ଦୁଥିଲା ଆଉ ଆକାଶକୁ ଚାହାଁଉଥିଲା, କେଉଁ ଦେବତାର ଦୟାହେଲା ନା ହଜଦିଆର ଘରହେଲା ।

ଘଟଣା ପ୍ରବାହ

ଡ଼ିସେମ୍ବର ୧୯୭୫

୧-୧୨-୭୫ .. ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରୀ ମଣ୍ଡଳରୁ ରାଷ୍ଟ୍ରମନ୍ତ୍ରୀ ଶ୍ରୀ କେ. ଆର. ଗଣେଶ, ଶ୍ରୀ ଆର. କେ. ଖାଡ଼ିଲକର, ଏବଂ କେବିନେଟ୍ ପାହ୍ୟାମନ୍ତ୍ରୀ ଶ୍ରୀ ଉମାଶଙ୍କର ଦୀକ୍ଷିତ, ସର୍ଦ୍ଦାର ସ୍ୱରଣସିଂହ ବିଦାୟ ନେଲେ। ଜି. ଏସ୍. ଧିଲନ୍, ହରିୟାନାର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ବଂଶୀଲାଲ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀଭାବେ ଏବଂ ଶ୍ରୀ ଏଚ. କେ. ଏଲ୍. ଭଗତ ଓ ଶ୍ରୀ ରାମସେବକ ରାଷ୍ଟ୍ରମନ୍ତ୍ରୀ ଭାବେ କେନ୍ଦ୍ର ମନ୍ତ୍ରୀ ମଣ୍ଡଳରେ ଯୋଗଦେଲେ ।

୩-୧୨-୭୫ .. ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ନୂଆଦିଲ୍ଲୀଠାରେ ଓଡ଼ିଶା ଲଳିତକଳା ଏକାଡେମୀ ଦ୍ୱାରା ଆୟୋଜିତ ଲଳିତକଳା ପ୍ରଦର୍ଶନୀ ଉଦ୍‌ଘାଟନ କଲେ ।

୪-୧୨-୭୫ .. ଦେଶର ଆଭ୍ୟନ୍ତରୀଣ ବଜାରରେ ପିଆଜର ଦରବୃଦ୍ଧି ହେତୁ କେନ୍ଦ୍ର ସରକାର ପିଆଜ ରପ୍ତାନୀ ଉପରେ ନିଷେଧାଜ୍ଞା ଜାରି କଲେ ।

ଓଡ଼ିଶା ବିଧାନସଭା ସଦସ୍ୟ ଶ୍ରୀ ଶରତଚନ୍ଦ୍ର ସିଂହଦେଓଙ୍କ ପରଲୋକ ।

୭-୧୨-୭୫ .. ନବମ ଶିଖଗୁରୁ ସ୍ୱର୍ଗତଃ ତେଗ ବାହାଦୁରଙ୍କ ଆବିର୍ଭାବର ତିନିଶହବର୍ଷ ପୂର୍ତ୍ତି ଉତ୍ସବ ଓଡ଼ିଶାରେ ପାଳିତ ହେଲା ।

୮-୧୨-୭୫ .. ଖବରକାଗଜ ସମ୍ପର୍କରେ ଭାରତ ସରକାର-ଆପତ୍ତିଜନକ ଲେଖା ପ୍ରକାଶ ନିଷେଧ ପାଇଁ, ପାର୍ଲାମେଣ୍ଟ ବିବରଣୀ ପ୍ରକାଶ ପାଇଁ ଦିଆଯାଇଥିବା ସ୍ୱତନ୍ତ୍ର ସୁବିଧା ପ୍ରତ୍ୟାହାର ଘର୍ଗ ଓ ପ୍ରେସ୍‌କାଉନସିଲ୍ ଆଇନ୍ ଉଠାଇ ଦେଇ ପ୍ରେସ୍‌କାଉନସିଲ୍ ଭାଙ୍ଗି ଦେବାପାଇଁ ଅଧ୍ୟାଦେଶ ଜାରିକଲେ ।

୯-୧୨-୭୫ .. ଓଡ଼ିଶା ଓ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଗୋଦାବରୀ ନଦୀର ଜଳ ବିବାଦ ସମ୍ପର୍କରେ ଓ ତତ୍‌ସଂଶ୍ଳିଷ୍ଟ ବିଭିନ୍ନ ନଦୀବନ୍ଧ ଯୋଜନା ନିର୍ମାଣସଙ୍ଗେ ଏକ ଦ୍ୱିପାକ୍ଷିକ ରାଜିନାମା ସ୍ୱାକ୍ଷର କଲେ ।

ରାଉରକେଲା ଇସ୍ପାତ୍ କାରଖାନାକୁ ବର୍ଦ୍ଧିତ ହାରରେ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦେଇ ଓଡ଼ିଶା ବର୍ଷକୁ ଅଧିକ ତିନିକୋଟି ଟଙ୍କା ବିଦ୍ୟୁତ୍ ଶୁଳ୍କ ଆୟ କରିବ ।

୧୧-୧୨-୭୫ .. ଗୋଷ୍ଠୀ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗର ନାମ ପରିବର୍ତ୍ତନ କରି "ଗୋଷ୍ଠୀ ଉନ୍ନୟନ ଓ ସମାଜ କଲ୍ୟାଣ ବିଭାଗ" ରଖାଗଲା ।

୧୨-୧୨-୭୫ .. ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ଭୁବନେଶ୍ୱରଠାରେ ଏଗାରଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଆଞ୍ଚଳିକ ଭବିଷ୍ୟନିଧି କମିଶନରଙ୍କ (ପ୍ରୋଭିଡେଣ୍ଟ ଫଣ୍ଡ) କାର୍ଯ୍ୟାଳୟ ଗୃହ ଉଦ୍‌ଘାଟନ କଲେ ।

କେନ୍ଦ୍ର ଶ୍ରମମନ୍ତ୍ରୀ ଶ୍ରୀ କେ. ଭି. ରଘୁନାଥ ରେଡ୍ଡିଙ୍କ ଓଡ଼ିଶା ପରିଦର୍ଶନ ।

ରାଜ୍ୟର କ୍ଷେତ ମଜୁରିଆଙ୍କ ପାଇଁ ଦୈନିକ ମଜୁରୀ ପୁନିର୍ଦ୍ଧାରଣ କରିବା ଲାଗି ଓଡ଼ିଶା ମନ୍ତ୍ରୀମଣ୍ଡଳ ନିଷ୍ପତ୍ତି କଲେ ।

୧୩-୧୨-୭୫ .. କୋରାପୁଟ ଜିଲ୍ଲା, ବୌଦ୍ଧ କନ୍ଧମାଳ ଜିଲ୍ଲାର କବୀଶଙ୍କ ଜମାନ ସବଡ଼ିଭିଜନ, ଗଞ୍ଜାମ ଜିଲ୍ଲାର ମାଳ ଅଞ୍ଚଳ, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାର ଯେଉଁ ସବୁ ଅଞ୍ଚଳରେ ଆଦିବାସୀ ବେଶୀ ସଂଖ୍ୟାରେ ରହିଛନ୍ତି ସେସବୁ ଅଞ୍ଚଳପାଇଁ ଓଡ଼ିଶା ମହାଜନୀ କାରବାର ଆଇନ୍ ପରିବର୍ତ୍ତନ କରିବା ସକାଶେ ରାଜ୍ୟ ମନ୍ତ୍ରୀ ପରିଷଦ ନିଷ୍ପତ୍ତି କଲେ ।

୧୪-୧୨-୭୫ .. ଗରିବ ଜନସାଧାରଣଙ୍କୁ ଆଇନ୍ ସମ୍ପର୍କରେ ସାହାଯ୍ୟ ଯୋଗାଇବାଲାଗି ରାଜ୍ୟ ମନ୍ତ୍ରୀମଣ୍ଡଳ ଏକ ଯୋଜନା ଅନୁମୋଦନ କଲେ ।

୧୬-୧୨-୭୫ .. ୧୯୭୪ ଜୁନ ପହିଲା ତାରିଖରୁ ସରକାରୀ ପ୍ରାଥମିକ ସ୍କୁଲ ଶିକ୍ଷକଙ୍କ ସହ ସମାନ ହାରରେ ବେସରକାରୀ ପ୍ରାଥମିକ ସ୍କୁଲ ଶିକ୍ଷକମାନଙ୍କୁ ମହଙ୍ଗାଭତ୍ତା ଦେବାପାଇଁ ଓଡ଼ିଶା ସରକାର ନିଷ୍ପତ୍ତି କଲେ ।

୧୭-୧୨-୭୫ .. କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ବ୍ରହ୍ମାନନ୍ଦ ରେଡ୍ଡି କୋରାପୁଟ ଜିଲ୍ଲାର ଜୟପୁରଠାରେ ଏକ ସମନ୍ୱିତ ଆଦିବାସୀ ଯୋଜନାର ଶୁଭ ଦେଲେ ।

ରାଜ୍ୟର ସରକାରୀ ସାହାଯ୍ୟପ୍ରାପ୍ତ ମଧ୍ୟଇଂରାଜୀ ବିଦ୍ୟାଳୟ, ଉଚ୍ଚଇଂରାଜୀ ବିଦ୍ୟାଳୟ ଏବଂ କଲେଜଗୁଡ଼ିକର ଶିକ୍ଷକମାନଙ୍କୁ ମହଙ୍ଗାଭତ୍ତା ସରକାରୀ ଶିକ୍ଷକମାନଙ୍କ ମହଙ୍ଗାଭତ୍ତା ହାରରେ ଦେବା ପାଇଁ ଓଡ଼ିଶା ସରକାର ନିଷ୍ପତ୍ତି କଲେ ।

୧୮-୧୨-୭୫ .. ଓଡ଼ିଶାର ଉଠା ଜଳସେଚନ ଯୋଜନା ପାଇଁ ଭାରତ ସରକାରଙ୍କ କୃଷି ପୁନଃ ଅର୍ଥଯୋଗାଣ କର୍ପୋରେସନ ୬କୋଟି ୩୬ ଲକ୍ଷ ଟଙ୍କା ଋଣ ମଂଜୁର କଲେ ।

ଅଣ ଆଦିବାସୀବ୍ୟକ୍ତିଙ୍କୁ ଆଦିବାସୀମାନଙ୍କ ଜମିରୁ ଉଚ୍ଛେଦ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ତଫସିଲଭୁକ୍ତ ଅଞ୍ଚଳ (ଆଦିବାସୀଙ୍କ ଦ୍ୱାରା) ସ୍ଥାବର ସମ୍ପତ୍ତି ହସ୍ତାନ୍ତର ସଂଶୋଧନ ନିୟମାବଳୀ ୧୯୭୫, ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଲା ।

୧୯-୧୨-୭୫ .. ମହାରାଷ୍ଟ୍ର, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀମାନେ ଗୋଦାବରୀ ନଦୀର ଜଳ ବଣ୍ଟନ ସମାଧାନ ରାଜିନାମାରେ ସ୍ୱାକ୍ଷର କଲେ ।

୨୦-୧-୭୫ .. ଓଡ଼ିଶା ମହାଜନୀ କାରବାର (ସଂଶୋଧନ) ବିଲ୍ ୧୯୭୫, ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଲା ।

୨୨-୧୨-୭୫ .. ଓଡ଼ିଶା ସରକାର, ସର୍ବୋଦୟ ନେତା ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଉପରୁ ଅଟକ ଆଦେଶ ଉଠାଇନେବା ଲାଗି ନିଷ୍ପତ୍ତି କଲେ ।

୨୪-୧୨-୭୫ .. ଶ୍ରୀ ଜି. ଏ. ସୟଦ ମହମ୍ମଦ ଓ ଶ୍ରୀ ଜି. ଏନ୍. ଗାଡ଼ଗିଲ ରାଷ୍ଟ୍ରମନ୍ତ୍ରୀ ଭାବେ ଏବଂ ଶ୍ରୀ ପ୍ରକାଶ ଚନ୍ଦ୍ର ସେଠୀ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀରୂପେ କେନ୍ଦ୍ର ମନ୍ତ୍ରୀ ପରିଷଦରେ ଯୋଗଦେଲେ ।

୨୬-୧୨-୭୫ .. ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ କେନ୍ଦୁଝର ସହରରେ ଏକ ଚକ୍ଷୁ ଚିକିତ୍ସା ଶିବିର ଉଦ୍‌ଘାଟନ କଲେ ।

୨୭-୧୨-୭୫ .. ବିହାରର ଚାସନଲା କୋଇଲାଖଣିରେ ଦୁର୍ଘଟଣା ଘଟି ୩୭୨ ଜଣ ଶ୍ରମିକଙ୍କ ପ୍ରାଣହାନୀ ଘଟିଲା ।

୨୮-୧୨-୭୫ .. ଓଡ଼ିଶାର ଢେଙ୍କାନାଳଠାରେ ରାଜ୍ୟ ସ୍ତରୀୟ ଗ୍ରାମ୍ୟ କ୍ରୀଡ଼ା ଓ ଫୁଟବଲ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହେଲା ।

୨୯-୧୨-୭୫ .. ଚଣ୍ଡିଗଡ଼ ସହରର କୋମାଗଟା ମାରୁ ନଗରଠାରେ ନିଖିଳଭାରତ କଂଗ୍ରେସ କମିଟିର ୭୫ତମ ଅଧିବେଶନ ଅନୁଷ୍ଠିତ ହୋଇଥିଲା ।

୩୦-୧୨-୭୫ – ଭୁବନେଶ୍ୱରଠାରେ ନିଖିଳଭାରତ ଅର୍ଥନୈତିକ ସମ୍ମିଳନୀ ଅନୁଷ୍ଠିତ ହେଲା ।

୩୧-୧୨-୭୫ .. ଓଡ଼ିଶାର ୩୧,୧୦୦ ବ୍ୟକ୍ତି ଓ ଅନୁଷ୍ଠାନ ଠାରୁ ୧୬କୋଟି ୪୫ଲକ୍ଷ ଟଙ୍କାର ଆୟ ଓ ସମ୍ପତ୍ତି ସ୍ୱେଚ୍ଛାକୃତ ଭାବେ ଘୋଷଣା କରାଗଲା।

ଅତ୍ୟାବଶ୍ୟକୀୟ ଦ୍ରବ୍ୟ (ଓଡ଼ିଶା ସଂଶୋଧନ) ଅଧ୍ୟାଦେଶ ବଳରେ ଲେଭି ଆଦାୟ ପାଇଁ ରାଜ୍ୟ ସରକାର କ୍ଷମତା ଲାଭ କଲେ।

ଜାନୁଆରୀ ୧୯୭୬

୧-୧-୭୬ .. ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ଉତ୍ପାଦନ କରୁଥିବା ତଥା ସଞ୍ଚିତ ରଖିଥିବା ଯେକୌଣସି ବ୍ୟକ୍ତିଙ୍କଠାରୁ ସରକାର ତାହା ଲେଭି ଜରିଆରେ ସଂଗ୍ରହ କରିପାରିବେ ବୋଲି ଓଡ଼ିଶା ରାଜ୍ୟପାଳ ଏକ ଅଧ୍ୟାଦେଶ (ଅର୍ଡିନାନ୍ସ) ଜାରିକଲେ।

୨-୧-୭୬ .. ବିହାରର ଚାସନାଳା କୋଇଲାଖଣି ଦୁର୍ଘଟଣାରେ ନିହତ ବ୍ୟକ୍ତିଙ୍କ ପରିବାରବର୍ଗଙ୍କ ସାହାଯ୍ୟାର୍ଥ ଓଡ଼ିଶା ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ଏକଲକ୍ଷ ଟଙ୍କା ପ୍ରଦାନ କଲେ।

କେନ୍ଦ୍ର ଆଇନ୍ ଓ କମ୍ପାନୀ ବ୍ୟାପାର ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ସରୋଜିନୀ ମାହିଷି ମନ୍ତ୍ରୀ ପଦରୁ ଇସ୍ତଫା ଦେଲେ।

୩-୧-୭୬ .. ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଜଗନ୍ନାଥ ରଥଙ୍କ ପରଲୋକ।

୪-୧-୭୬ .. ଓଡ଼ିଶାର ରାଜ୍ୟପାଳ ଶ୍ରୀ ଆକବର ଅଲ୍ଲି ଖାଁ। ଖୋର୍ଦ୍ଧା ରେଳବାଇ ଡାକ୍ତରଖାନାରେ ଏକ ହୃଦରୋଗ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟନ କଲେ।

୭-୧-୭୬ .. କୋରାପୁଟ ଜିଲ୍ଲାର ନବରଙ୍ଗପୁରଠାରେ ରାଜ୍ୟ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ମନ୍ତ୍ରୀ ଶ୍ରୀ ରାମଚନ୍ଦ୍ର ଉଲକା ଏକ ସମନ୍ୱିତ ଆଦିବାସୀ ଉନ୍ନୟନ ଯୋଜନା ଉଦ୍‌ଘାଟନ କଲେ।

୮-୧-୭୬ .. ଜରୁରିକାଳୀନ ପରିସ୍ଥିତି ଦେଶରେ ଲାଗିରହିଥିବା ପର୍ଯ୍ୟନ୍ତ ସମ୍ବିଧାନରେ ବର୍ଣ୍ଣିତ ୧୯ ଧାରାର ଅଧିକାର ସାବ୍ୟସ୍ତ କରିବା ପାଇଁ କୌଣସି ନାଗରିକ ଅଦାଲତରେ ଆଶ୍ରୟ ନେଇ ପାରିବେନାହିଁ ବୋଲି ରାଷ୍ଟ୍ରପତି ନିଷେଧାଜ୍ଞା ଜାରିକଲେ।

୧୨-୧-୭୬ .. ବେଠି ଓ ଗୋତିପ୍ରଥାର ଉଚ୍ଛେଦକରି ପାର୍ଲାମେଣ୍ଟରେ ଏକ ବିଲ୍ ଗୃହୀତ ହେଲା।

ପୁରୁଷ ଓ ମହିଳା ଶ୍ରମିକମାନଙ୍କ ପାଇଁ ଏକା ପ୍ରକାରର ମଜୁରୀହାର ପ୍ରବର୍ତ୍ତନ ଲାଗି ପାର୍ଲାମେଣ୍ଟରେ "ସମାନ ମଜୁରୀ ବିଲ୍ ୧୯୭୬" ଗୃହୀତ ହେଲା।

୧୫-୧-୭୬ .. ଓଡ଼ିଶା ସରକାର, ଉଚ୍ଚପ୍ରାଥମିକ ସ୍କୁଲକୁ ମଧ୍ୟଇଂରାଜୀ ସ୍କୁଲରେ ପରିଣତ କରିଥିବା ୧୬୨୫ଟି ସ୍କୁଲର ଶିକ୍ଷକ-ମାନଙ୍କୁ ସିଧାସଳଖ ଦରମା ଦେବାପାଇଁ ନିଷ୍ପତ୍ତି କଲେ।

ବାଲେଶ୍ୱର ଜିଲ୍ଲାର ଧାମରା ବନ୍ଦରକୁ ୯୨ଲକ୍ଷ ୨୨ହଜାର ଟଙ୍କା ବ୍ୟୟରେ ଏକ ମାଛଧରା ବନ୍ଦରରେ ପରିଣତ କରିବା ପାଇଁ ଭାରତ ସରକାର ସ୍ୱୀକୃତି ଦେଲେ।

୧୭-୧-୭୬ .. ଓଡ଼ିଶା ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ଓ ବିହାର ମୁଖ୍ୟମନ୍ତ୍ରୀ ଡଃ ଜଗନ୍ନାଥ ମିଶ୍ରଙ୍କ ମଧ୍ୟରେ ୧୧୨କୋଟି ୫୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଥିବା ସୁବର୍ଣ୍ଣରେଖା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଏକ ରାଜିନାମା ସ୍ୱାକ୍ଷରିତ ହେଲା।

ଯୌତୁକ ନିଷେଧ (ଓଡ଼ିଶା ସଂଶୋଧନ) ବିଲ୍ ୧୯୭୫, ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭକଲା।

୨୦-୧-୭୬ .. ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନଦ୍ୱାରା ପରିଚାଳିତ ପୁରୀ ସଦାଶିବ ସଂସ୍କୃତ କଲେଜର ଶାସ୍ତ୍ରୀ ଏବଂ ଆଚାର୍ଯ୍ୟ ଡିଗ୍ରୀକୁ ବି. ଏ. ଏବଂ ଏମ୍. ଏ. ଡିଗ୍ରୀ ସହିତ ସମାନ ପାହ୍ୟା ଦିଆଯିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି କଲେ।

ବୈଦେଶିକମୁଦ୍ରା ଚୋରାରେ ସଙ୍ଗ୍ରହ କରୁଥିବା ଓ ଚୋରାକାରବାରରେ ଲିପ୍ତରହି ବେଆଇନଭାବେ ଠୁଳ କରିଥିବା ସମ୍ପତ୍ତି ବାଜ୍ୟାପ୍ତ କରିବା ପାଇଁ ପାର୍ଲାମେଣ୍ଟରେ ଏକ ବିଲ୍ ଗୃହୀତ ହେଲା।

୨୧-୧-୭୬ .. **ଓଡ଼ିଶା ପାଇଁ ୧୯୭୬-୭୭ ମସିହା ଯୋଜନା ବାବଦ ୫ଶ୍ଚ ୧୨୪ କୋଟି ୬୭ଲକ୍ଷ ଟଙ୍କା ବ୍ୟୟ ଅନୁମୋଦନ କରାଗଲା ।**

ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ କାଂସବାହାଲଠାରେ ଶ୍ରମିକମାନଙ୍କପାଇଁ ୫୦-ଶଯ୍ୟା ବିଶିଷ୍ଟ ଏକ ଚିକିତ୍ସାଳୟ, ରାଉରକେଲାଠାରେ ଏକ ସୁପର ବଜାର ଓ ରାଉରକେଲା ନିକଟରେ ଏକ କ୍ଷୁଦ୍ର ଜଳସେଚନ ଯୋଜନା ଉଦ୍‌ଘାଟନ କଲେ ।

ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ଜରିଆରେ ଗ୍ରାମାଞ୍ଚଳର କାରିଗର, କ୍ଷୁଦ୍ର ବ୍ୟବସାୟୀ, ଛୋଟ ଓ ନାମ ମାତ୍ର ଚାଷୀମାନଙ୍କୁ ସୁବିଧାରେ ଋଣ ଯୋଗାଇ ଦେବାପାଇଁ ଏକ ବିଲ୍ ଲୋକସଭାରେ ଗୃହୀତ ହେଲା ।

ଶ୍ରୀ ନାରାୟଣ ଦତ୍ତ ତେୱାରୀ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ହେଲେ

୨୨-୧-୭୬ .. ୧୯୭୫-୭୬ ମସିହାରେ ପୁରସ୍କାରପାଇବା ପାଇଁ ୧୯ଜଣ ପ୍ରାଥମିକ ସ୍କୁଲ ଶିକ୍ଷକ ଓ ୧୭ଜଣ ମାଧ୍ୟମିକ ସ୍କୁଲ ଶିକ୍ଷକଙ୍କୁ ରାଜ୍ୟସରକାର ମନୋନୀତ କଲେ ।

୨୩-୧-୭୬ .. ଭୁବନେଶ୍ୱରଠାରେ ଦୁଇଦିନିଆ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ସମ୍ମିଳନୀ ଅନୁଷ୍ଠିତ ହେଲା ।

୨୪-୧-୭୬ – **ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ସଫଳ ନେତୃତ୍ୱର ଦଶବର୍ଷ ପୂର୍ଣ୍ଣ ହୋଇଥିବାରୁ ଦେଶର ସର୍ବତ୍ର ଉତ୍ସବ ପାଳିତ ହେଲା ।**

କେନ୍ଦ୍ର ଜଳସେଚନ ଓ କୃଷି ବିଭାଗ ମନ୍ତ୍ରୀ ଶ୍ରୀ ଜଗଜ୍ଜୀବନରାମଙ୍କ ଓଡ଼ିଶା ପରିଦର୍ଶନ ।

୨୬-୧-୭୬ .. ଭୁବନେଶ୍ୱର, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁରଠାରେ ଗୋଟିଏ ଗୋଟିଏ ନୂଆ ନଗର ବିକାଶ ସଂସ୍ଥା କାର୍ଯ୍ୟକାରୀ ହେଲା । (ଇମ୍ପ୍ରୁଭ୍‌ମେଣ୍ଟ ଟ୍ରଷ୍ଟ)

ଓଡ଼ିଶାରୁ ଶ୍ରୀ ବୈକୁଣ୍ଠନାଥ ମହାପାତ୍ରଙ୍କୁ ପଥର କଳାଦେଇ ପାଇଁ, ଶ୍ରୀ ନିମାଇଁ ଚରଣ ହରିଚନ୍ଦନଙ୍କୁ ସଙ୍ଗୀତ ପାଇଁ, ଶ୍ରୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କୁ ଐତିହାସିକଭାବେ ଓ ପ୍ରଫେସର ସୟଦ ଵସିଉଦ୍ଦିନଙ୍କୁ ବିଶିଷ୍ଟ ଶିକ୍ଷାବିତ୍‌ଭାବରେ "ପଦ୍ମଶ୍ରୀ" ଉପାଧି ଦିଆଗଲା ।

ସ୍ୱର୍ଗତଃ କୁମାରସ୍ୱାମୀ କାମରାଜଙ୍କୁ ମରଣୋତ୍ତର "ଭାରତରତ୍ନ" ଉପାଧି ଦ୍ୱାରା ସମ୍ମାନିତ କରାଗଲା ।

୨୭-୧-୭୬ .. ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ଭୁବନେଶ୍ୱରଠାରେ ପାଞ୍ଚଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଆକାଶବାଣୀର ଏକ ସହାୟକ ଷ୍ଟୁଡ଼ିଓ ଉଦ୍‌ଘାଟନ କଲେ ।

୨୮-୧-୭୬ .. ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ଭାରତର ଆଣବିକ ଶକ୍ତି କମିଶନର ଅଧ୍ୟକ୍ଷ ଡଃ ହୋମି ଏନ୍‌ ସେଠନା ଦୀକ୍ଷାନ୍ତ ଭାଷଣ ଦେଲେ ।

ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ଭୁବନେଶ୍ୱରଠାରେ ତୃତୀୟ ପୂର୍ବଭାରତୀୟ ସାଂସ୍କୃତିକ ସମ୍ମେଳନ ଓ ପ୍ରଦର୍ଶନୀ ଉଦ୍‌ଘାଟନ କଲେ ।

ଲୋକସଭାରେ ସହରାଞ୍ଚଳ ଜମି ସୀମା ନିର୍ଦ୍ଧାରଣ ବିଲ୍ ଆଗତ ହେଲା ।

୨୯-୧-୭୬ .. ଲୋକସଭାରେ ଖବରକାଗଜରେ ଆପତ୍ତିଜନକ ଲେଖା ପ୍ରକାଶ ନିଷେଧ ବିଲ ଗୃହୀତ ହେଲା ।

ଓଡ଼ିଶୀନୃତ୍ୟର ଗୁରୁ ଶ୍ରୀ କୃଷ୍ଣଚନ୍ଦ୍ର ନାୟକ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀର ନୃତ୍ୟଗୁରୁ ପୁରସ୍କାର ପାଇଲେ ।

୩୧-୧-୭୬ .. ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ମୟୂରଭଞ୍ଜ ଜିଲ୍ଲାରେ ସାତିକୋଟି ପଚିଶଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁଥିବା "ସୁନେଇ" ମଧ୍ୟମ ଜଳସେଚନ ଯୋଜନାର ଭିତ୍ତିସ୍ଥାପନ କଲେ ।

ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ମୟୂରଭଞ୍ଜ ଜିଲ୍ଲାର ବାରିପଦାଠାରେ "ଇନ୍ଦିରା ଗାନ୍ଧୀ ମହାବିଦ୍ୟାଳୟ" ଉଦ୍‌ଘାଟନ କଲେ ।

OGP—MP-II [Home (P.R.)] 159—8,000—6-3-1976

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ... ଜାନୁଆରୀ
୨୮ ତାରିଖ ଦିନ ଭୁବନେଶ୍ୱର ଠାରେ ... ଜାତୀୟ
ସାଂସ୍କୃତିକ ସମ୍ମିଳନ ଉଦ୍ଘାଟ...

ଓଡ଼ିଶାର ରାଜ୍ୟପାଳ ଶ୍ରୀ ଆକବର ଅଲି ଖାଁ ୧୯୭୬ ଜାନୁଆରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ୟାରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି ।

୧୯୭୪ ଡିସେମ୍ବର ୧୭ ତାରିଖ ଦିନ ...

Vol. XXXII, No. 7 UTKAL PRASANGA Regd. No. O-247
Licence No. C. R. N. P. 5—Licensed to post without Pre-Payment



କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ବ୍ରହ୍ମାନନ୍ଦ ରେଡ୍ଡି ୧୯୭୫ ଡିସେମ୍ବର ୧୭ ତାରିଖ ଦିନ କୋରାପୁଟ ଜିଲ୍ଲା ଜୟପୁରଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ଯୋଜନା ଉଦ୍‌ଘାଟନ ଉତ୍ସବରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଉଛନ୍ତି ।

ଶିକ୍ଷାମନ୍ତ୍ରୀ ଶ୍ରୀ ଯଦୁନାଥ ଦାସମହାପାତ୍ର ୧୯୭୫ ଡିସେମ୍ବର ୭ ତାରିଖ ଦିନ ବାଲେଶ୍ୱର ଜିଲ୍ଲାପୁରରେ ପାଠ୍ୟପୁସ୍ତକ ବ୍ୟାଙ୍କ ଉଦ୍‌ଘାଟନ କରି ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପୁସ୍ତକ ପ୍ରଦାନ କରୁଛନ୍ତି ।

ମୁଦ୍ରିତ : ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦